# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୩୧/୨୦୧୯ (୧୬ ପୃଷ୍ଠା) Bhubaneswar, Thursday, January 31/ 2019 ★★★★

୪୫ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଟପ୍ସରେ ପାରା-ଆଥ୍ଲେଟ୍ ଜୟନ୍ତୀ ବେହେରା**

ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ରେ ସାମିଲ ହୋଇଛନ୍ତି ଓଡ଼ିଆ ପାରା-ଆଥ୍ଲେଟ୍ ଜୟନ୍ତୀ ବେହେରା।

୧୫

୦୨

**ଧାରାବାହିକ ପ୍ରଯୋଜନା କରିବେ ସୌନ୍ଦର୍ଯ୍ୟା ରଜନୀକାନ୍ତ**

ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ସୌନ୍ଦର୍ଯ୍ୟା ଐତିହାସିକ ତାମିଲ ଉପନ୍ୟାସ 'ପନିୟିନ୍ ସେଲଭାନ'ର ଧାରାବାହିକ ନିର୍ମାଣ କରିବେ।



# ଖୋଳିଥିବା ଗାତରେ ନିରଞ୍ଜନ

**କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଗତ ୨୫ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିଲେ। ତାଙ୍କ ଗସ୍ତର ଠିକ୍ ୨୪ ଘଣ୍ଟା ପୂର୍ବରୁ ଘଟିଥିବା ଏକ ଖବର ରାଜ୍ୟ ରାଜନୀତିରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏକ ଠକେଇ ମାମଲାରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ସମନ୍ କରାଯାଇଥିଲା। ପୂର୍ବରୁ ଅନୈତିକ ଖଣିକାରବାର ପାଇଁ ଓଡ଼ିଶା ହାଇକୋର୍ଟ ନିରଞ୍ଜନଙ୍କୁ ଏକ ହାବିଚୁଆଲ ବ୍ରାଇବ ଗିଭର(ଅଭ୍ୟାସଗତ ଲାଞ୍ଚଦାତା) ଭାବେ ଆଖ୍ୟା ଦେଇଥିବା ହେତୁ, ତତ୍କାଳୀନ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରରୁ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ଅନ୍ୟ ଏକ ପ୍ରଚ୍ଛଦପଟରେ ଦିଲ୍ଲୀ ପୋଲିସର ଇଓଡବ୍ଲ୍ୟୁ ଯେଉଁ ମାମଲା ପାଇଁ ଉଭୟ ବାପ-ପୁଅଙ୍କୁ ସମନ୍ କରିଛି, ସେ ନେଇ କିଛି ତଥ୍ୟ ଆମ୍ଭର ହସ୍ତଗତ ହୋଇଛି, ଯାହାକୁ ନେଇ ନିମ୍ନୋକ୍ତ ରିପୋର୍ଟଟି ପରିବେଷଣ କରାଯାଇଛି।**

ନୃସିଂହ ମହାନ୍ତି

ଭୁବନେଶ୍ୱର,୩୦।୧

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁତ୍ର ନିଜ ଦ୍ୱାରା ୨୦୦୬ ମସିହାରେ ବିଛାଇଥିବା ଜାଲରେ ଫସିବାକୁ ଯାଉଛନ୍ତି। ନିରଞ୍ଜନ ଭାବାସୀ ଟେଲିଜେନ୍ସ ପ୍ରାଇଭେଟ୍ ଲିଃର ଅଧ୍ୟକ୍ଷ ହୋଇଥିବା ବେଳେ ତାଙ୍କ ପୁତ୍ର ସେହି କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ।

ଏହି କମ୍ପାନୀକୁ ଦିଲ୍ଲୀର ଦମ୍ପତି ଫରିଦ୍ ଅରିଫୁଦ୍ଦିନ ଏବଂ ଗାର୍ଗୀ ଫରିଦଙ୍କ ଦ୍ୱାରା ପ୍ରଥମେ ଆରମ୍ଭ କରାଯାଇଥିଲା। ଅଭିଯୋଗ ଅନୁଯାୟୀ କମ୍ପାନୀ ସହ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିବିଶେଷ ମିଥ୍ୟା ଦଲିଲ ପ୍ରସ୍ତୁତ କରିଥିଲେ। ଏମିତି କି ମିଥ୍ୟା ଦଲିଲ ପ୍ରସ୍ତୁତ କରାଯାଇ ବ୍ୟାଙ୍କ୍ ଅଫ୍ ଚାଇନାରୁ ଭାବାସୀ କମ୍ପାନୀ ପାଇଁ ୧୭,୦୦୦ କୋଟି ଟଙ୍କାର ଅର୍ଥ ଅନୁମୋଦନ କରାଯାଇଥିବା ଦର୍ଶାଯାଇଛି। ଏହି ମିଥ୍ୟା ଦଲିଲକୁ ଆୟୁଧ କରି ଓଡ଼ିଶାର ଅନ୍ୟତମ ଖଣି ବ୍ୟବସାୟୀ କମଲଜିତ୍ ସିଂ ଆଲୁୱାଲିଆଙ୍କୁ ଭାବାସୀ କମ୍ପାନୀରେ ୩୨ କୋଟି ଟଙ୍କା ନିବେଶ କରିବାକୁ ନିରଞ୍ଜନ ପ୍ରବର୍ତ୍ତାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସହ ଧୋକା ହୋଇଥିବା ଅନୁଭବ କରି ଆଲୁୱାଲିଆ ଦିଲ୍ଲୀ ପୋଲିସର ସହାୟତା ନେଇଥିଲେ। ବର୍ତ୍ତମାନ ଏହି ମାମଲାର ଯାଞ୍ଚ ଦିଲ୍ଲୀ ପୋଲିସର ଇଓଡବ୍ଲ୍ୟୁ କରୁଛି, ତେଣୁ ପଟ୍ଟନାୟକ ବାପ-ପୁଅ ବିବାଦକୁ ଟାଣି ହୋଇଯାଇଛନ୍ତି। ବର୍ତ୍ତମାନ ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅନ୍ୟ ଦଳଗୁଡିକୁ ଦୁର୍ନୀତି ପ୍ରସଙ୍ଗରେ କଡ଼ା ସମାଲୋଚନା କରୁଛନ୍ତି। ଅପରପକ୍ଷରେ ପ୍ରଦେଶ କଂଗ୍ରେସର ସଭାପତି ନିରଞ୍ଜନ ଏବଂ ତାଙ୍କ ପୁଅ ନବଜ୍ୟୋତି ସାଂଘାତିକ ଠକେଇରେ ଫସି ଯାଇଛନ୍ତି। କୋର୍ଟରୁ ନିର୍ଦ୍ଦେଶ ପାଇ ଦିଲ୍ଲୀ ପୋଲିସ ଇଓଡବ୍ଲ୍ୟୁ ଏହି ଆର୍ଥିକ ଜାଲିଆତିର ତଦନ୍ତ କରୁଛି, ଯାହାର ପ୍ରଚ୍ଛଦପଟରେ ନିକଟ ଅତୀତରେ ନିରଞ୍ଜନ ଏବଂ ନବଜ୍ୟୋତିଙ୍କୁ ଇଓଡବ୍ଲ୍ୟୁ ପକ୍ଷରୁ ସମନ କରାଯାଇଥିଲା।



ନିରଞ୍ଜନ ପଟ୍ଟନାୟକ



ନବଜ୍ୟୋତି ପଟ୍ଟନାୟକ

ଧରିତ୍ରୀର ହସ୍ତଗତ ହୋଇଥିବା କେତେକ ଦଲିଲ୍ ଅନୁଯାୟୀ, ଆଲୁୱାଲିଆ କରିଥିବା ମାମଲାର ମୁଖ୍ୟ ଅଭିଯୁକ୍ତ ଫରିଦ୍ ଅରିଫୁଦ୍ଦିନ୍ଙ୍କ କହିବା ହେଲା ଯେ, ୨୦୦୬ରେ ନିରଞ୍ଜନ ପଟ୍ଟନାୟକ ତାଙ୍କୁ ଖଣି ବ୍ୟବସାୟୀ କେଜେଏସ୍ ଆଲୁୱାଲିଆଙ୍କ ସହ ପରିଚୟ କରାଇଥିଲେ। ଏଥିସହିତ ତାଙ୍କୁ ନିବେଶ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ସେଥିପାଇଁ ବର୍ତ୍ତମାନ କମ୍ପାନୀ ଏବଂ ଏହାର ମାଲିକମାନେ ଅଦାଲତର ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ଅପରପକ୍ଷରେ ନବଜ୍ୟୋତି ପଟ୍ଟନାୟକ ଜାଲିଆତି କରି କମ୍ପାନୀରୁ ୬ କୋଟି ଟଙ୍କା ନେଇଯାଇଥିଲେ ବୋଲି ଫରିଦ୍ ପାଲଟା ଅଭିଯୋଗ କରିଛନ୍ତି। ଯେଉଁ କାରଣରୁ କନିଷ୍ଠ ପଟ୍ଟନାୟକଙ୍କୁ ଦିଲ୍ଲୀ ପୋଲିସ ପଚରାଉଚରା ଆରମ୍ଭ କରିଛି। ବର୍ତ୍ତମାନ ପଟ୍ଟନାୟକ ପିତାପୁତ୍ର ୨୦୦୯ରୁ କମ୍ପାନୀକୁ ପରିତ୍ୟାଗ କରିସାରିଥିବା ମତ ଦେଉଛନ୍ତି। ହେଲେ କମ୍ପାନୀ ଦ୍ୱାରା ହୋଇଥିବା ଆର୍ଥିକ ଜାଲିଆତି ସେହି ସମୟରେ ହୋଇଥିଲା, ଯେବେ ନିରଞ୍ଜନ ଭାବାସୀର ଅଧ୍ୟକ୍ଷ ଏବଂ ନବଜ୍ୟୋତି ଏହାର ଅନ୍ୟତମ ପ୍ରମୁଖ ନିର୍ଦ୍ଦେଶକ ରହିଥିଲେ। ☞ପୃଷ୍ଠା-୪

| ମସିହା | ଘଟଣାବଳୀ |
|---|---|
| ୨୩.୯.୨୦୦୬ | କମ୍ପାନୀ ପାଇଁ ସଂସ୍ଥା ଏବଂ ନିବେଶକଙ୍କ ମଧ୍ୟରେ ଚୁକ୍ତି |
| ୧୭.୩.୨୦୦୮ | ସିକ୍ୟୁରିଟି ବାବଦକୁ ଅସ୍ୱନ ଚୁକ୍ତି ସ୍ୱାକ୍ଷରିତ, ନିବେଶକଙ୍କୁ ୧୩୦ କୋଟି ଟଙ୍କାର ଚେକ୍ ପ୍ରଦାନ |
| ୨୦୦୬ରୁ ୨୦୦୯ | ନବଜ୍ୟୋତି ପଟ୍ଟନାୟକଙ୍କ ଦ୍ୱାରା ବେଆଇନ ଭାବେ କମ୍ପାନୀରୁ ଏହି ସମୟରେ ୬ କୋଟି ଟଙ୍କା ଉଠାଣ |
| ୨୩.୩.୨୦୦୯ | କମ୍ପାନୀର ନିର୍ଦ୍ଦେଶକ ପଦରୁ ନବଜ୍ୟୋତିଙ୍କ ଇସ୍ତଫା |
| ୨୧.୭.୨୦୧୨ | ନିବେଶକଙ୍କ ଦ୍ୱାରା ସଂସ୍ଥାର ପ୍ରତିଷ୍ଠାତା ତଥା ଅଭିଯୋଗକୁ ଲିଗାଲ ନୋଟିସ |
| ୨୭.୭.୨୦୧୨ | ଅଭିଯୁକ୍ତଙ୍କ ଦ୍ୱାରା ପଟ୍ଟନାୟକ ପିତାପୁତ୍ର ଏବଂ ସାମ୍ ପିତ୍ରୋଡାଙ୍କ ନାଁ ପ୍ରକାଶ |
| ୧୪.୧୧.୨୦୧୪ | ଦିଲ୍ଲୀ ପୋଲିସରେ ନିବେଶକଙ୍କ ଦ୍ୱାରା ମାମଲା ଦାୟର |
| ୨୨.୧୨.୨୦୧୪ | ମାମଲାର ସ୍ୱତନ୍ତ୍ର ଅନୁସନ୍ଧାନ ପାଇଁ ଇଓଡବ୍ଲ୍ୟୁକୁ ଦିଲ୍ଲୀ ପୋଲିସର ନିର୍ଦ୍ଦେଶ |
| ୨୭.୨.୨୦୧୫ | ଆକ୍ସନ ଟେକେନ୍ ରିପୋର୍ଟରେ ଇଓଡବ୍ଲ୍ୟୁ ଦ୍ୱାରା ନିରଞ୍ଜନ ଏବଂ ତାଙ୍କ ପୁତ୍ରଙ୍କ ନାଁ ପ୍ରକାଶ |
| ୪.୧.୨୦୧୭ | ସାକେତ କୋର୍ଟ ଦ୍ୱାରା ଇଓଡବ୍ଲ୍ୟୁକୁ ଏଫ୍ଆଇଆର ଦାୟର ପାଇଁ ନିର୍ଦ୍ଦେଶ |
| ୨୫.୧.୨୦୧୭ | ଇଓଡବ୍ଲ୍ୟୁ ଦ୍ୱାରା ଏଫ୍ଆଇଆର ରେଜିଷ୍ଟର |
| ୪.୧୨.୨୦୧୮ | ୬୦ ଦିନ ମଧ୍ୟରେ ତଦନ୍ତ ସାରିବାକୁ ଇଓଡବ୍ଲ୍ୟୁ ସାକେତ କୋର୍ଟର ନିର୍ଦ୍ଦେଶ |

■ ଜଷ୍ଟିସ ଶ୍ରୀକ୍ରିଷ୍ଣା କମିଟି ରିପୋର୍ଟ ପ୍ରଦାନ

## ବ୍ୟାଙ୍କର ଆଚାର ସଂହିତା ଭାଙ୍ଗିଛନ୍ତି ଚନ୍ଦା କୋଚ୍ଚର



ଚନ୍ଦା କୋଚ୍ଚର

ମୁମ୍ବାଇ,୩୦।୧

ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚ୍ଚରଙ୍କ ବିରୋଧରେ ତଦନ୍ତ କରୁଥିବା ଜଷ୍ଟିସ ବି.ଏନ୍.ଶ୍ରୀକ୍ରିଷ୍ଣା କମିଟି ତାଙ୍କର ରିପୋର୍ଟ ବୁଧବାର ବ୍ୟାଙ୍କ ବୋର୍ଡକୁ ପ୍ରଦାନ କରିଛନ୍ତି। ଏଥିରେ ଚନ୍ଦା ବ୍ୟକ୍ତିଗତ ସ୍ୱାର୍ଥସାଧନ ଲାଗି ବ୍ୟାଙ୍କର ଆଚାର ସଂହିତା ଉଲ୍ଲଂଘନ କରିଛନ୍ତି ବୋଲି ଦର୍ଶାଯାଇଛି। ଏହାକୁ ଆଧାରକରି ଆଇସିଆଇସିଆଇ ବ୍ୟାଙ୍କ ଚନ୍ଦାଙ୍କ ଇସ୍ତଫାକୁ ବହିଷ୍କାର ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ବ୍ୟାଙ୍କର ଆଭ୍ୟନ୍ତରୀଣ ନୀତି ଅନୁଯାୟୀ, ୨୦୦୯ ଏପ୍ରିଲରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ତାଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ଭତ୍ତା, ବୋନସ, ଆର୍ଥିକ ଫାଇଦା ଆଦିକୁ ଫେରସ୍ତ ନିଆଯିବ। ଏହାଛଡ଼ା ତାଙ୍କୁ ଭବିଷ୍ୟତରେ ମିଳିବାକୁ ଥିବା ସମସ୍ତ ଫାଇଦାକୁ ମଧ୍ୟ ରୋକାଯିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶର ଆଇନ, ବ୍ୟାଙ୍କର ସମସ୍ତ ପ୍ରକାର ନିୟମକୁ ଉଲ୍ଲଂଘନ କରି ଚନ୍ଦା ବ୍ୟକ୍ତିଗତ ସ୍ୱାର୍ଥସାଧନ ଲାଗି କାର୍ଯ୍ୟ କରିଥିଲେ। ବାର୍ଷିକ ଫଳାଫଳ ଘୋଷଣା ବେଳେ ସେ ଉଚିତ୍ ମାର୍ଗ ଆପଣାଇ ନ ଥିଲେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଜଷ୍ଟିସ ଶ୍ରୀକ୍ରିଷ୍ଣାଙ୍କୁ ତଦନ୍ତରେ ଏକ ଆଇନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପିମ୍ପୁଡ଼ିଙ୍କ ବିଶ୍ୱ**

**ଆଜିର ମନ୍ତବ୍ୟ**

"ଝୁଲା ପାର୍ଲାମେଣ୍ଟ ଏକ ବ୍ୟାଧି, ଯାହା ୩ ଦଶନ୍ଧି ଧରି ଦେଶର ବିକାଶକୁ ରୋକି ଦେଇଥିଲା।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ(ଆଇପିପିବି) ଶୁଭାରମ୍ଭ ପରଠାରୁ ଗତ ପାଞ୍ଚ ମାସ ମଧ୍ୟରେ ୧.୨୬ ଲକ୍ଷ ଟଚ୍ ପଏଣ୍ଟରେ ସେବା ପ୍ରଦାନ କରୁଛି।

- ଡାକ ବିଭାଗ

■ ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ବାରିପଦାରେ ହେବ ରିଂରୋଡ୍

ବାରିପଦା ଅଫିସ,୩୦।୧

ବାରିପଦା ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୪ଟି ବଡ଼ ଘୋଷଣା କରିଛନ୍ତି। ସେଥିମଧ୍ୟରେ ରହିଛି ରିଂରୋଡ୍। ବନ୍ୟାରୁ ରକ୍ଷାକରିବା ପାଇଁ ବାରିପଦା ସହରର ଚତୁଃପାର୍ଶ୍ୱରେ ନିର୍ମାଣ ହେବ ଉକ୍ତ ରିଂରୋଡ୍। ସେହିପରି ବିଶ୍ୱ ଦରବାରରେ ମୟୂରଭଞ୍ଜ ଜିଲାକୁ ପରିଚୟ ଦେଇଛି ଛଉନୃତ୍ୟ। ଏହାର ବିକାଶ ପାଇଁ ବାରିପଦାଠାରେ ପ୍ରତିଷ୍ଠା ହେବ ଛଉନୃତ୍ୟ ଗବେଷଣା ପ୍ରତିଷ୍ଠାନ। ଅନ୍ୟ ଦୁଇ ଘୋଷଣା ହେଲା ବାରିପଦାସ୍ଥିତ ଅର୍ବାନ୍ କୋଅପରେଟିଭ ବ୍ୟାଙ୍କର ପୁନରୁଦ୍ଧାର ଏବଂ ମୟୂରଭଞ୍ଜ ଆୟୁର୍ବେଦିକ କଲେଜକୁ ସରକାରୀ କଲେଜ ଭାବେ ପରିଣତ କରିବା। ଅର୍ବାନ୍ କୋଅପରେଟିଭ ବ୍ୟାଙ୍କ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଏହାର ବ୍ୟାଙ୍କିଙ୍ଗ୍ ଲାଇସେନ୍ସ ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ। ବାରିପଦା ଛଉ ପଡିଆରେ ଆୟୋଜିତ ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ଏଭଳି ଘୋଷଣା କରିବା ସହ ୧୫୦ କୋଟି ଟଙ୍କାର ୧୧ଟି ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏଥିସହ ମୟୂରଭଞ୍ଜ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହାସଂଘଗୁଡିକୁ ମୋଟ ୪୯ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ।

ବୁଧବାର ମଧ୍ୟାହ୍ନ ୧୨ଟା ୧୦ରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ବାରିପଦା ରିଜର୍ଭ ପୋଲିସ ପଡିଆରେ ପହଞ୍ଚି ସମାବେଶସ୍ଥଳକୁ ଆସିଥିଲେ। ଉଦ୍‌ଘାଟିତ ୧୧ ପ୍ରକଳ୍ପ ମଧ୍ୟରେ ଉଦଳା ବ୍ଲକର ରାଜ୍ୟ ☞ପୃଷ୍ଠା-୪



ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରୁଛନ୍ତି।

■ ପ୍ରତିଷ୍ଠା ହେବ ଛଉ ଗବେଷଣା ପ୍ରତିଷ୍ଠାନ

■ ଅର୍ବାନ୍ କୋଅପେରଟିଭ ବ୍ୟାଙ୍କର ପୁନରୁଦ୍ଧାର ହେବ

■ ୧୫୦ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

# ଦାରିଙ୍ଗବାଡ଼ିରେ ପୁଣି ତୁଷାରପାତ

■ **ଗୋଟିଏ ଦିନରେ ୭ ଡିଗ୍ରୀ ଖସିଲା ପାରଦ, ଅସହ୍ୟ ଶୀତ**

ଦାରିଙ୍ଗବାଡି,୩୦।୧(ଡି.ଏନ.ଏ.)

ଓଡ଼ିଶାର କଶ୍ମୀର କନ୍ଧମାଳ ଜିଲା ଦାରିଙ୍ଗବାଡିରେ ପୁଣି ଶୀତ ବୃଦ୍ଧି ପାଇବା ସହ ବୁଧବାର ତୁଷାରପାତ ହୋଇଛି। ଗତ ୩ଦିନ ହେଲା ଅଞ୍ଚଳରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗିରହିଥିଲା। ମଙ୍ଗଳବାର ପାଗରେ ପରିବର୍ତ୍ତନ ଆସିବା ସହ ସନ୍ଧ୍ୟାରେ ଶୀତ ବୃଦ୍ଧି ପାଇଥିଲା। ଦାରିଙ୍ଗବାଡ଼ିରେ ମଙ୍ଗଳବାରର ତାପମାତ୍ରା ୧୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ବୁଧବାର ଏହା କମି ୪ ଡିଗ୍ରୀରେ ପହଞ୍ଚିଛି। ଗୋଟିଏ ଦିନରେ ୭ଡିଗ୍ରୀ ପାରଦ ଖସିବା ଚଳିତ ବର୍ଷ ପାଇଁ ପ୍ରଥମ ଘଟଣା।

ହଠାତ୍ ତୁଷାରପାତ ଯୋଗୁ ଶୀତ ବୃଦ୍ଧି ପାଇବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଦାରିଙ୍ଗବାଡିର ବି.ଡକେବାଡି ଅଞ୍ଚଳ ସମେତ ବିଦ୍ୟୁତ୍ କାର୍ଯ୍ୟାଳୟ, କଫିବଗିଚା, କିଲାବାଡି ପ୍ଲିହେରୀ, ସିମନବାଡି, ସିଆଙ୍ଗବାଲି, ଭ୍ରମରବାଡି, ଗ୍ରୀନବାଡି, ଦନେକବାଡି ଆଦି ଅଞ୍ଚଳରେ ଅଧିକ ତୁଷାରପାତ ହୋଇଛି। ଦାରିଙ୍ଗବାଡିକୁ ଆସିଥିବା ପର୍ଯ୍ୟଟକ ତୁଷାରପାତର ମଜା ନେଇଥିଲେ। ଏଭଳି ତୁଷାରପାତ ପ୍ରଥମଥର ପାଇଁ ଦେଖୁଥିବା କହିଛନ୍ତି ପଶ୍ଚିମବଙ୍ଗ ପର୍ଯ୍ୟଟକ ଦେବାଚାର୍ଯ୍ୟ ବୋଷ। ପର୍ଯ୍ୟଟକ ଶୀତ ଓ ତୁଷାରପାତର ମଜା ନେଉଥିବା ବେଳେ ସ୍ଥାନୀୟ ଲୋକେ ବିଶେଷ କରି ବୃଦ୍ଧାବୃଦ୍ଧ ବେଶ୍ ହଇରାଣ ହେଉଛନ୍ତି।

ସୂଚନାଯୋଗ୍ୟ, ଡିସେମ୍ବର ୩୦ ଏବଂ ୩୧ରେ ଦାରିଙ୍ଗବାଡିରେ ପାରଦ ୩ ଡିଗ୍ରୀ ତଳକୁ ଖସିବା ସହ ଜିଲାର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିଲା।



ଦାରିଙ୍ଗବାଡିର ବି.ଡକେବାଡି ଅଞ୍ଚଳରେ ତୁଷାରପାତ।

■ ଆଜିଠାରୁ ପାର୍ଲାମେଣ୍ଟ ଅଧିବେଶନ

# ଶୁକ୍ରବାର ବଜେଟ ଉପସ୍ଥାପନ

■ **ରାଫାଲ୍, କୃଷି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ସଜବାଜ**

ନୂଆଦିଲ୍ଲୀ,୩୦।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଗୁରୁବାର ଆରମ୍ଭ ହେଉଛି। ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କର ଶେଷ ବଜେଟ ହୋଇଥିବାରୁ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ଲୋକାଭିମୁଖୀ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ରାଫାଲ ଯୁଦ୍ଧବିମାନ ଚୁକ୍ତିନାମା ଏବଂ କୃଷକମାନଙ୍କ ପ୍ରତି ଅବହେଳା ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବା ଲାଗି ରଣନୀତି ପ୍ରସ୍ତୁତ କରିଛି। ବର୍ତ୍ତମାନ ସରକାରଙ୍କର ଏହି ଶେଷ ଅଧିବେଶନ ଫେବୃୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ପୂର୍ବାହ୍ନ ୧୧ଟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଉଭୟ ଗୃହର ମିଳିତ ଅଧିବେଶନରେ ଅଭିଭାଷଣ ରଖିବେ। ଶୁକ୍ରବାର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ଏପ୍ରିଲ-ମେ'ରେ ଲୋକ ସଭା ☞ପୃଷ୍ଠା-୪



■ ଏସ୍‌ସିବିରେ ସି-ଆର୍ମ ମେଶିନ ଅଚଳ

# ଚିକିତ୍ସା ପାଇଁ ଘରଡିହ ବନ୍ଧା ପକାଇଲେ ନୃସିଂହ

■ **ଜମି ବିକିବାକୁ ଗ୍ରାହକ ଖୋଜୁଛନ୍ତି ସୁଦାମ**

■ **ସରକାରଙ୍କ ମାଗଣା ଚିକିତ୍ସାକୁ ନେଇ ଉଠିଲା ପ୍ରଶ୍ନ**

■ **ଘରୋଇ ହସ୍ପିଟାଲ, ଏସ୍‌ସିବି ଡାକ୍ତର ମାଲାମାଲ**

କଟକ ଅଫିସ, ୩୦।୧

ଏସ୍‌ସିବି ମେଡିକାଲର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ଥିବା ଗୁରୁତ୍ୱପୂର୍ଣ୍ଣ ସି-ଆର୍ମ ମେଶିନ ଅଚଳ ହୋଇପଡ଼ିଛି। ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡିଥିବା ଏହି ମେଶିନ କେବେ ସଜଡ଼ା ଯାଇ ଓ ଚିକିତ୍ସା ସେବାରେ ଲଗାଯିବ ସେ ସମ୍ପର୍କରେ ଡାକ୍ତର କିମ୍ବା ମେଡିକାଲ ପ୍ରଶାସନ ଠିକ୍ ତଥ୍ୟ ଦେଇପାରୁ ନାହାନ୍ତି। ଫଳରେ ଗୁରୁତର ରୋଗୀମାନଙ୍କୁ ଏଠାରୁ ଡିସ୍‌ଚାର୍ଜ କରାଯାଉଛି। ଏହି ରୋଗୀଙ୍କ ମଧ୍ୟରୁ କେତେଜଣ ଏବେ ଜୀବନ ବଞ୍ଚାଇବା ପାଇଁ ସି-ଆର୍ମ ମେଶିନ ଥିବା ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମାତ୍ର ସେଠାରେ ବ୍ୟୟବହୁଳ ଚିକିତ୍ସା ପାଇଁ କିଏ ଘରଡିହ ବନ୍ଧା ପକାଇଛି ତ ଆଉ କିଏ ନିଜ ଚାଷଜମି ବିକ୍ରି କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ଘରୋଇ ମେଡିକାଲ ଏହି ଚିକିତ୍ସା କରୁଛି ସେଠାକୁ ଏସ୍‌ସିବିର ଡାକ୍ତରମାନେ ହିଁ ଯାଉଛନ୍ତି। ତେଣୁ ନିର୍ଦ୍ଦିଷ୍ଟ କେତେକ ଘରୋଇ ହସ୍ପିଟାଲର ଲାଭ ପାଇଁ ଜାଣିଶୁଣି ଏସ୍‌ସିବି ମେଡିକାଲର ଉକ୍ତ ମେଶିନକୁ ଅଚଳ କରାଯାଇଥିବା ବା ଏଥିପାଇଁ ଷଡ଼ଯନ୍ତ୍ର ରଚାଯାଇଥିବା କେତେଜଣ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଜଗତପୁର ଅଞ୍ଚଳର ସୁଦାମ ପଣ୍ଡା ଜଣ୍ଡିସରେ ଆକ୍ରାନ୍ତ ହୋଇ ଏସ୍‌ସିବିକୁ ଆସିଥିଲେ। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ତାଙ୍କୁ ଗତ ଜାନୁୟାରୀ ୧୮ରେ ଭର୍ତ୍ତି କରାଯାଇଥିଲା। ସୁଦାମଙ୍କ କ୍ଷେତ୍ରରେ ଇଆର୍‌ସିପି (ଏଣ୍ଡୋସ୍କୋପିକ୍ ରେଟ୍ରୋଗ୍ରେଡ୍ କୋଲାନ୍‌ଜିଓ ପାନକ୍ରିଆଟୋଗ୍ରାଫି) ଚିକିତ୍ସା ଆବଶ୍ୟକ ପଡ଼ିଥିଲା। ଏହି ଚିକିତ୍ସା ସି-ଆର୍ମ ମେଶିନ ମାଧ୍ୟମରେ କରାଯାଇଥାଏ। ଏହି ଚିକିତ୍ସା ପାଇଁ ସୁଦାମ ସେଠାରେ ୭ଦିନ ହେବ ଅପେକ୍ଷା କରି ପଡ଼ିରହିଥିଲେ। ମାତ୍ର ସି-ଆର୍ମ ମେଶିନ ଅଚଳ ଥିବାରୁ ଚିକିତ୍ସା ସମ୍ଭବ ନୁହେଁ ବୋଲି ବିଭାଗୀୟ ଡାକ୍ତର ତାଙ୍କୁ କହିଥିଲେ। ଅନ୍ୟପଟେ ସୁଦାମଙ୍କ ଅବସ୍ଥା କ୍ରମଶଃ ସଙ୍କଟାପନ୍ନ ହେବାରୁ ଡାକ୍ତରମାନେ ତାଙ୍କୁ ୨୫ ତାରିଖରେ ଡିସ୍‌ଚାର୍ଜ କରିଦେଇଛନ୍ତି। ☞ପୃଷ୍ଠା-୪


SUDHAKAR PIPES AND FITTINGS

PIONEER IN PIPING SOLUTIONS

WANTED DEALERS

CONTACT US

94370 38192

94370 17191

sales@sudhakarpipes.com

NECC NATIONAL EGG CO-ORDINATION COMMITTEE 30.01.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 86 | 140 | 150 |
| DKL | 86 | 140 | 150 |
| BDK | 88 | 142 | 152 |
| BLS | 89 | 144 | 154 |
| ANG | 86 | 140 | 150 |

*Conditions Apply

Eggs Retail Price- 51/-Dozen

Issued in the Interest of Consumers



ଯେଉଁ ଅସହିଷ୍ଣୁତା ଯୋଗୁ ଗାନ୍ଧିଜୀଙ୍କୁ ହତ୍ୟା କରାଯାଇଥିଲା, ତାହା ଆଜି ଅଧିକ ଉଗ୍ର ହୋଇ ପ୍ରକାଶ ପାଉଛି।
- ଏସ୍. ସୁଧାକର ରେଡ୍ଡୀ, ସିପିଆଇ ସାଧାରଣ ସମ୍ପାଦକ

# ମୁହଁରେ ଲଗାମ ନାହିଁ

ସାଧାରଣ ନିର୍ବାଚନର ତାରିଖ ଘୋଷଣା ହୋଇନାହିଁ ହେଲେ ବାକ୍‌ଯୁଦ୍ଧକୁ ନେଇ ଅନୁଭୂତ ହେଉଛି ରାଜନୈତିକ ଉଷ୍ମତା । ଭୋଟ ଯେତିକି ପାଖେଇ ଆସୁଛି ଶାସକ–ବିରୋଧୀଙ୍କ ମଧ୍ୟରେ ବଢୁଛି ସେତିକି ଆରୋପ–ପ୍ରତ୍ୟାରୋପ ଓ କାଦୁଅଫିଙ୍ଗା ପର୍ବ। କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ଚକ୍ରବ୍ୟୂହରେ ଛନ୍ଦି 'ପାରିକର ବାଣ' ମାରିଛନ୍ତି। ଭାଜପା 'ଚାଣକ୍ୟ' ଅମିତ୍ ଶାହ ବିରୋଧୀଙ୍କ ମହାମେଣ୍ଟକୁ ତାଚ୍ଛଲ୍ୟ କରି 'ତୁମର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ' ବୋଲି ପଚାରିଛନ୍ତି। ସେପଟେ କେନ୍ଦ୍ରମନ୍ତ୍ରୀ ଅନନ୍ତ ହେଗ୍‌ଡେ ରାହୁଲଙ୍କୁ 'ହାଇବ୍ରିଡ୍ ନମୁନା' କହି ତାଙ୍କର ଜାତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି ୟୁପିର ଭାଜପା ବିଧାୟକ ସୁରେନ୍ଦ୍ର ସିଂ ରାହୁଲଙ୍କୁ ରାବଣ ଓ ପ୍ରିୟଙ୍କାଙ୍କୁ ସୂର୍ପଣଖା ଭାବେ ଅଭିହିତ କରି ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଏସବୁ ଜାତୀୟ ରାଜନୀତିକୁ ସରଗରମ କରିବାରେ ଲାଗିଛି। ନେତାଙ୍କ ମନ୍ତବ୍ୟରୁ ମନେହେଉଛି ସତେଯେମିତି କାହା ମୁହଁରେ ଲଗାମ ନାହିଁ।

## ସଂକ୍ଷେପରେ

### ଲୋକପାଳ ଦାବିରେ ଆନ୍ନାଙ୍କ ଅନଶନ



ରାଲେଗାଓଁ ସିଦ୍ଧି,୩୦।୧(ପି.ଟି.): କେନ୍ଦ୍ର ସରକାର ଲୋକପାଳ ନିଯୁକ୍ତି ପ୍ରତିଶ୍ରୁତି ପୂରଣ ନ କରିବା ଏବଂ ମହାରାଷ୍ଟ୍ର ସରକାର ରାଜ୍ୟରେ ଲୋକାୟୁକ୍ତ ଆଇନ ପ୍ରଣୟନ ନ କରିବା ପ୍ରତିବାଦରେ ସାମାଜିକ କର୍ମୀ ଆନ୍ନା ହାଜାରେ ବୁଧବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ମହାରାଷ୍ଟ୍ର ଅହମଦନଗର ଜିଲାର ନିଜ ଗ୍ରାମ ରାଲେଗାଓଁ ସିଦ୍ଧିରେ ଥିବା ପଦ୍ମାବତୀ ମନ୍ଦିରରେ ସକାଳେ ପ୍ରାର୍ଥନା କରିବା ପରେ ଆନ୍ନା ଯୁବଛାତ୍ର ଏବଂ କୃଷକମାନଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ଯାଦବବାବା ମନ୍ଦିର ନିକଟରେ ଅନଶନରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲୋକାୟୁକ୍ତ ପରିସରଭୁକ୍ତ କରିବା ଲାଗି ମହାରାଷ୍ଟ୍ର କ୍ୟାବିନେଟ ନିଷ୍ପତ୍ତି ନେଇଥିବାରୁ ଆନ୍ନା ଏହାକୁ ସ୍ୱାଗତ କରିଛନ୍ତି।

### 'ଟ୍ରମ୍ପ୍ ଦେଇଛନ୍ତି ମୋ ହତ୍ୟା ନିର୍ଦ୍ଦେଶ'



ମସ୍କୋ,୩୦।୧: ଭେନିଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ତାଙ୍କ ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଟ୍ରମ୍ପ୍ ତାଙ୍କୁ ହତ୍ୟା କରିବାକୁ ଚାହାନ୍ତି ଏଥିପାଇଁ ସେ ପଡ଼ୋଶୀ କଲମ୍ବିଆ ସରକାର ଓ ମାଫିଆମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ କିଛି ହେଲେ ସେଥିପାଇଁ ଟ୍ରମ୍ପ୍ ଓ କଲମ୍ବିଆ ରାଷ୍ଟ୍ରପତି ଇଭାନ ଡ୍ୟୁକ୍ ଦାୟୀ ରହିବେ। କିନ୍ତୁ ଆମେରିକା ନେତୃତ୍ୱ ଓ ଅନ୍ତଃ ଶତ୍ରୁଙ୍କ ସହ ଆଲୋଚନା ଲାଗି ସେ ପ୍ରସ୍ତୁତ ବୋଲି ନିକୋଲାସ୍ କହିଛନ୍ତି। ନିଜ ୬ ବର୍ଷ ଶାସନରେ ସବୁଠୁ ବଡ଼ ଚ୍ୟାଲେଞ୍ଜକୁ ସାମ୍ନା କରୁଥିବା ୫୬ ବର୍ଷୀୟ ନିକୋଲାସ୍ ଭେନିଜୁଏଲାରେ ଲାଗିରହିଥିବା ରାଜନୈତିକ ସଙ୍କଟକୁ ନେଇ ରୁଷିଆର ଆର୍‌ଆଇଏ ଏଜେନ୍ସିକୁ ସାକ୍ଷାତ୍‌କାର ଦେଇ ଏହା କହିଛନ୍ତି।

## ■ ମହାମେଣ୍ଟ କ୍ଷମତାକୁ ଆସିଲେ
# ଦିନକୁ ଜଣେ ପ୍ରଧାନମନ୍ତ୍ରୀ:ଶାହ

କାନପୁର,୩୦।୧(ପି.ଟି.)



ବିରୋଧୀଙ୍କ ପ୍ରସ୍ତାବିତ ମହାମେଣ୍ଟ କ୍ଷମତାକୁ ଆସିଲେ ଦିନକୁ ଜଣେ ଲେଖାଏ ନେତା ପ୍ରଧାନମନ୍ତ୍ରୀ ହେବେ। ସପ୍ତାହର ୬ ଦିନରେ ଜଣେ ଜଣେ ନୂଆ ନେତା ପ୍ରଧାନମନ୍ତ୍ରୀ ଆସନରେ ବସିବେ ଏବଂ ରବିବାର ଦେଶ ଶୋଇପଡ଼ିବ ବୋଲି ବୁଧବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ସମାଲୋଚନା କରିଛନ୍ତି।

ଗତ ୧୯ରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବାହକତ୍ୱରେ କୋଲକାତାରେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ମୋଦି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଥିଲେ। ସେପଟେ ଶାହଙ୍କ ପଶ୍ଚିମବଙ୍ଗରେ ପ୍ରଚାରକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ବିରୋଧ କରୁଥିବାରୁ ଭାଜପା କର୍ମୀ ଓ ନେତା ମନଇଚ୍ଛା ମନ୍ତବ୍ୟ ଦେବାରେ ଲାଗିଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶର କାନପୁର ଭାଜପାର ବୁଥ୍ ସ୍ତରୀୟ କର୍ମୀଙ୍କୁ ସମ୍ବୋଧିତ କରି ଶାହ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ସ୍ପଷ୍ଟକରିବା ଉଚିତ ଯେ ସେମାନଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ। ଯଦି ମହାମେଣ୍ଟ ସରକାର ଗଢ଼େ ତେବେ ମାୟାବତୀ ସୋମବାର, ଅଖିଳେଶ ଯାଦବ ମଙ୍ଗଳବାର, ମମତା ବୁଧବାର, ଶରଦ ପାୱାର ଗୁରୁବାର, ଏଚ୍.ଡି. ଦେବେଗୌଡ଼ା ଶୁକ୍ରବାର ଏବଂ ଏମ୍.କେ. ଷ୍ଟାଲିନ୍ ଶନିବାର ପ୍ରଧାନମନ୍ତ୍ରୀ ହେବେ। ରବିବାର ଛୁଟିଦିନ ଥିବାରୁ ଦେଶ ଶୋଇଯିବ। ସେମାନେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ହେଲେ ସେମାନଙ୍କ ପାଖରେ ଜଣେ ସର୍ବସମ୍ମତ ନେତା ନାହାନ୍ତି। ସବୁଠୁ ବଡ଼ ନିଯୁକ୍ତି ପାଇଁ ଅନେକ ପ୍ରାର୍ଥୀ ଥିବାରୁ ବିଭ୍ରାନ୍ତି ସୃଷ୍ଟି ହେଲାଣି। ହେଲେ ଏନ୍‌ଡିଏର ଏକମାତ୍ର ପସନ୍ଦ ନରେନ୍ଦ୍ର ମୋଦି ବୋଲି ଶାହ କହିଛନ୍ତି।

## 'ବାୟୁସେନାକୁ ବିକି ଦେଇଛନ୍ତି ମୋଦି'



ନୂଆଦିଲ୍ଲୀ,୩୦।୧(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ବାୟୁସେନାକୁ ବିକ୍ରି କରିଦେଇଛନ୍ତି। ଏହାସହ ସେ ନିଜ ବନ୍ଧୁ ତଥା ବ୍ୟବସାୟୀ ଅନିଲ ଅମ୍ବାନୀଙ୍କୁ ୩୦,୦୦୦ କୋଟି ଟଙ୍କା ଦେଇ ଯୁବପିଢ଼ିଙ୍କ ସୁଯୋଗ ଚୋରି କରିଛନ୍ତି ବୋଲି ବୁଧବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

ପଣଜୀରେ ଗୋଆ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ମନୋହର ପାରିକରଙ୍କୁ ଭେଟିବାର ଦିନକ ପରେ ରାହୁଲ ପୁଣିଥରେ ରାଫାଲ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ଯୁବ କ୍ରାନ୍ତି ଯାତ୍ରାର ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ରାହୁଲ କହିଛନ୍ତି, ମୋଦି କର୍ନାଟକ ଓ ଓଡ଼ିଶାର ଯୁବତୀ ଯୁବକମାନଙ୍କ ସୁଯୋଗକୁ ଚୋରି କରି ୩୦ ହଜାର କୋଟି ଟଙ୍କା ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି ବୋଲି ସାରା ଦେଶ ଜାଣିଛି। ରାଫାଲ ସମ୍ପର୍କିତ ସତକୁ ମୋଦି ଚପାଇ ଦେଇପାରିବେ ନାହିଁ। ସେ ରାତିରେ ଶୋଇ ପାରିବେ ନାହିଁ। ମୋଦି ଯେତେବେଳେ ଶୋଇବାକୁ ଯିବେ, ତାଙ୍କ ସାମ୍ନାକୁ ରାଫାଲ ଯୁଦ୍ଧବିମାନର ଚିତ୍ର ଓ ବାୟୁସେନାର ଶହୀଦଙ୍କ ଛବି ଆସିବ ବୋଲି ରାହୁଲ କହିଛନ୍ତି। ରାହୁଲ ଆହୁରି କହିଛନ୍ତି, ସେ ବୁଧବାର ପାରିକରଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧବିମାନ କିଣା ଚୁକ୍ତିରେ ପରିବର୍ତ୍ତନ ଆଣିବାବେଳେ ତାଙ୍କର ପରାମର୍ଶ ନେଇ ନ ଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ ପାରିକର କହିଛନ୍ତି ବୋଲି ରାହୁଲ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ପାରିକର ନିନ୍ଦା କରିଛନ୍ତି। ରାହୁଲ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଉଭୟଙ୍କ ମଧ୍ୟରେ ହୋଇଥିବା ୫ ମିନିଟର ସାକ୍ଷାତ ବେଳେ ରାଫାଲ ପ୍ରସଙ୍ଗରେ କିଛି ଆଲୋଚନା ହୋଇନାହିଁ ବୋଲି ପାରିକର ସ୍ପଷ୍ଟ କରିଛନ୍ତି। ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ଭେଟି ରାଜନୈତିକ ଫାଇଦା ହାସଲ କରିବା ଅନୁଚିତ ବୋଲି ରାହୁଲଙ୍କ ଉଦ୍ଦେଶ୍ୟରେ ପାରିକର ଏକ ପତ୍ର ଲେଖିଛନ୍ତି।

## 'ପ୍ରିୟଙ୍କା ସୂର୍ପଣଖା'

ବାଲିଆ,୩୦।୧(ପି.ଟି.)



ସୁରେନ୍ଦ୍ର ସିଂ

ଉତ୍ତରପ୍ରଦେଶସ୍ଥିତ ବାଲିଆର ଭାଜପା ବିଧାୟକ ସୁରେନ୍ଦ୍ର ସିଂ ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ। ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭଉଣୀ ତଥା ଏଆଇସିସିର ନବନିଯୁକ୍ତ ସାଧାରଣ ସମ୍ପାଦକ (ପୂର୍ବ ୟୁପି ପ୍ରଭାରୀ) ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସୂର୍ପଣଖାଙ୍କ ସହ ତୁଳନା କରିଛନ୍ତି। ବିଧାୟକ ସୁରେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ରାମାୟଣର ରାମ। ରାହୁଲ ରାବଣ ଓ ତାଙ୍କ ଭଉଣୀ ପ୍ରିୟଙ୍କା ହେଲେ ସୂର୍ପଣଖା। ରାମଙ୍କ ବିରୋଧରେ ସୂର୍ପଣଖାଙ୍କୁ ରାବଣ ଲଢ଼ାଉଛନ୍ତି। ରାମ ଲଙ୍କା ଜୟ କରିବା ନିଶ୍ଚିତ ବୋଲି ସୁରେନ୍ଦ୍ର ସମାଲୋଚନା କରିଛନ୍ତି।

## 'ରାହୁଲ ହାଇବ୍ରିଡ୍ ନମୁନା'

ନୂଆଦିଲ୍ଲୀ,୩୦।୧: ଅନନ୍ତ କୁମାର ହେଗ୍‌ଡେ। ଜଣେ କେନ୍ଦ୍ରମନ୍ତ୍ରୀ ଭାବେ ଯେତିକି ପରିଚିତ ନୁହନ୍ତି, ବାରମ୍ବାର ବିବାଦୀୟ ମନ୍ତବ୍ୟକୁ ନେଇ ତା'ଠୁ ବେଶି ଚର୍ଚ୍ଚିତ। ହିନ୍ଦୁ ମହିଳାଙ୍କୁ ଛୁଇଁଲେ ହାତ କାଟି ଦିଆଯିବ ବୋଲି ମନ୍ତବ୍ୟ ଦେବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି ହେଗ୍‌ଡେ। ସେ କହିଛନ୍ତି, ରାହୁଲଙ୍କ ଧର୍ମକୁ ନେଇ କିଛି ସୂଚନା ନାହିଁ। ତାଙ୍କ ବାପା ଜଣେ ମୁସଲମାନ ଓ ମା' ଖ୍ରୀଷ୍ଟିୟାନ। ହେଲେ କଂଗ୍ରେସ ନେତାମାନେ ରାହୁଲଙ୍କୁ ପଇତାଧାରୀ ବ୍ରାହ୍ମଣ ବୋଲି ମିଛ କହୁଛନ୍ତି। ପ୍ରକୃତରେ ରାହୁଲ ଏକ ହାଇବ୍ରିଡ୍ ନମୁନା। ଏଭଳି ପ୍ରସଙ୍ଗଗୁଡ଼ିକୁ ଆମେ ବୁଝିପାରୁଛୁ। କିନ୍ତୁ ସେହି ଖାଲି-ମସ୍ତିଷ୍କଧାରୀ ମଣିଷ କିଛି ଜାଣି ପାରୁନାହାନ୍ତି। ଏଭଳି ହାଇବ୍ରିଡ୍ ନମୁନା ସାରା ବିଶ୍ୱର କୌଣସି ଲାବରେଟୋରିରେ ଦେଖିବାକୁ ମିଳନ୍ତି ନାହିଁ। ବାପ-ପୁଅ ଭିନ୍ନ ଭିନ୍ନ ପ୍ରକାର। ଏପରି କେବଳ କଂଗ୍ରେସର ପ୍ରୟୋଗଶାଳାରେ ତୁମେ ଦେଖିବାକୁ ପାଇବ ବୋଲି ହେଗ୍‌ଡେ ସମାଲୋଚନା କରିଛନ୍ତି।



ଅନନ୍ତ କୁମାର ହେଗ୍‌ଡେ



ନୂଆଦିଲ୍ଲୀର ରାଜଘାଟସ୍ଥିତ ଗାନ୍ଧିଜୀଙ୍କ ସମାଧିପୀଠରେ ବୁଧବାର ୭୧ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

## ■ ଏସ୍‌ସି/ଏସ୍‌ଟି ଆଇନରେ ସଂଶୋଧନ
# ସ୍ଥଗିତାଦେଶକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୩୦।୧(ପି.ଟି.)

ଅନୁସୂଚିତ ଜାତି (ଏସ୍‌ସି)/ଅନୁସୂଚିତ ଜନଜାତି (ଏସ୍‌ଟି) ଅଧିନିୟମର ସଂଶୋଧନ ଉପରେ ସ୍ଥଗିତାଦେଶ ଦେବାକୁ ସୁପ୍ରିମକୋର୍ଟ ବୁଧବାର ପୁଣିଥରେ ମନା କରିଦେଇଛନ୍ତି। ଉକ୍ତ ଅଧିନିୟମର ସଂଶୋଧନରେ ଅନ୍ତରୀଣ ଜାମିନ ବ୍ୟବସ୍ଥା ନାହିଁ। କୋର୍ଟ ଏହି ସଂଶୋଧନକୁ କାଏମ ରଖିବା ସହ କେନ୍ଦ୍ର ସରକାରଙ୍କ ରିଭ୍ୟୁ ପିଟିଶନ୍ ସମେତ ଅନ୍ୟାନ୍ୟ ଆବେଦନର ଶୁଣାଣି ଫେବୃୟାରୀ ୧୯ରେ କରିବାକୁ ଧାର୍ଯ୍ୟ କରିଛନ୍ତି। ଏହି ପ୍ରସଙ୍ଗରେ ସବିଶେଷ ଶୁଣାଣି ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ୟୁ.ୟୁ. ଲଳିତ କହିଛନ୍ତି। ଏସ୍‌ସି/ଏସ୍‌ଟି ଅଧିନିୟମରେ ସଂଶୋଧନକୁ ଚ୍ୟାଲେଞ୍ଜ କରିଥିବା ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିକାଶ ସିଂ କୋର୍ଟରେ ଉପସ୍ଥିତ ହୋଇ ତୁରନ୍ତ ଏହା ଉପରେ ସ୍ଥଗିତାଦେଶ ଲାଗି ଦାବି କରିଥିଲେ। କୋର୍ଟ ପୂର୍ବରୁ ମଧ୍ୟ ଏହି ମାମଲା ଉପଯୁକ୍ତ ଖଣ୍ଡପୀଠରେ ଶୁଣାଣି ନ ହେବା ପର୍ଯ୍ୟନ୍ତ ଏହା ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଥିଲେ। ଏଥିସହିତ ପିଟିଶନ୍ ଉପରେ ସରକାରଙ୍କୁ ଜବାବ ମାଗିଥିଲେ।

ଏସ୍‌ସି/ଏସ୍‌ଟି ଅଧିନିୟମର ଅପବ୍ୟବହାର ରୋକିବା ଲାଗି ସର୍ବୋଚ୍ଚ ଅଦାଲତ ଏହି ଆଇନରେ ଗିରଫ ଉପରେ ଗତବର୍ଷ ମାର୍ଚ୍ଚ ୨୦ରେ କଟକଣା ଆଣିଥିଲେ। କୌଣସି ଅଭିଯୋଗ ଉପରେ ହଠାତ୍ କାହାକୁ ଗିରଫ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଥିଲେ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅଗଷ୍ଟ ୯ରେ ସରକାର ପାର୍ଲାମେଣ୍ଟରେ ଏକ ବିଲ୍ ଗୃହୀତ କରାଇଥିଲେ ଯେଉଁଥିରେ ଅନ୍ତରୀଣ ଜାମିନ ବ୍ୟବସ୍ଥାକୁ ହଟାଇ ଦିଆଯାଇଥିଲା।

## ■ ୨୦୦୮ ଆସାମ ବିସ୍ଫୋରଣ ମାମଲା
# ୧୦ ଜଣଙ୍କୁ ଆଜୀବନ ଜେଲ

ଗୁଆହାଟି,୩୦।୧(ପି.ଟି.)



ରଞ୍ଜନ ଦୈମାରୀ

୨୦୦୮ ଆସାମ ସିରିଏଲ ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଜାତୀୟ ବୋଡୋଲାଣ୍ଡ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏଫବି) ମୁଖ୍ୟ ରଞ୍ଜନ ଦୈମାରୀଙ୍କ ସମେତ ୧୦ ଜଣଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ବୁଧବାର କଡ଼ା ସୁରକ୍ଷା ମଧ୍ୟରେ ସ୍ୱତନ୍ତ୍ର ସିବିଆଇ ବିଚାରପତି ଅପରେଶ ଚକ୍ରବର୍ତ୍ତୀ ଦଣ୍ଡ ଘୋଷଣା କରିଥିଲେ। ଅନ୍ୟ ଯେଉଁମାନେ ଆଜୀବନ ଜେଲ୍‌ଦଣ୍ଡ ପାଇଛନ୍ତି ସେମାନେ ହେଲେ, ଜର୍ଜ ବୋଡୋ, ବି. ଥରାଇ, ରାଜୁ ସର୍କାର, ଅଞ୍ଚାଇ ବୋଡୋ, ଇନ୍ଦ୍ର ବ୍ରହ୍ମା, ଲୋକୋ ବାସୁମତାରୀ, ଖର୍ଗେଶ୍ୱର ବାସୁମତାରୀ, ଅଜୟ ବାସୁମତାରୀ ଏବଂ ରାଜେନ ଗୋୟାରୀ। ଅନ୍ୟ ୩ ଅପରାଧୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିବାବେଳେ ଜେଲ୍‌ଦଣ୍ଡ ଭୋଗି ସାରିଥିବା ୨ ଜଣଙ୍କୁ ମୁକ୍ତ କରି ଦିଆଯାଇଛି। ୨୦୦୮ ଅକ୍ଟୋବର ୩୦ରେ ଆସାମର ବିଭିନ୍ନ ସ୍ଥାନରେ ୯ଟି ବିସ୍ଫୋରଣରେ ୮୮ ନିହତ ହୋଇଥିଲେ।

## ଇତିହାସର ଆଇନାରେ
### ଜାନୁୟାରୀ ୩୧ର ପ୍ରମୁଖ ଘଟଣା

୧୯୬୬ ଜାନୁୟାରୀ ୩୧ରେ ଦକ୍ଷିଣ କାଜାକ୍‌ସ୍ତାନର ବୈକାନୁର କସ୍‌ମୋଡ୍ରମ ଅନ୍ତରୀକ୍ଷ ତଟରୁ ଲୁନା-୯ ମହାକାଶଯାନ ଚନ୍ଦ୍ରକୁ ଛଡ଼ାଯାଇଥିଲା। ୨.୭ମିଟର ଲମ୍ବ, ୧୫୩୮ କେଜି ଓଜନର ଏହି ମହାକାଶଯାନ ପ୍ରଥମଥର ଚନ୍ଦ୍ର ପୃଷ୍ଠର ଫଟୋଗ୍ରାଫିକ୍ ତଥ୍ୟ ପୃଥିବୀକୁ ପଠାଇବାରେ ସଫଳ ହୋଇଥିଲା।

୧୯୯୬ ଜାନୁୟାରୀ ୩୧ରେ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋସ୍ଥିତ ସେଣ୍ଟ୍ରାଲ୍ ବ୍ୟାଙ୍କରେ ଆତ୍ମଘାତୀ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୫୩ଜଣଙ୍କ ମୃତ୍ୟୁ ଘଟିଥିଲା। ୧,୪୦୦ ଆହତ ହୋଇଥିଲେ। ବ୍ୟାଙ୍କ୍‌କୁ ଟାର୍ଗେଟ୍‌ରେ ରଖି ବିସ୍ଫୋରକ ସାମଗ୍ରୀର ଏକ ଟ୍ରକ ଜରିଆରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ତାମିଲ ଟାଇଗରଙ୍କ ଦ୍ୱାରା ଏହି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା।

## ଫୁର୍‌ସତ

# ରାହତ୍ ଫତେ ଅଲି ଖାନଙ୍କୁ ଇଡି ନୋଟିସ



ନୂଆଦିଲ୍ଲୀ: ବିଦେଶୀ ମୁଦ୍ରା ନିୟମ ଉଲ୍ଲଂଘନ ନେଇ ପାକିସ୍ତାନୀ ଗାୟକ ରାହତ ଫତେ ଅଲି ଖାନ ଏବଂ ତାଙ୍କ ମ୍ୟାନେଜର ମାରୁଫ୍ ଅଲିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନୋଟିସ ଜାରି କରିଛି। ୨୦୧୧ରେ ଦିଲ୍ଲୀ ବିମାନବନ୍ଦରରୁ ସେମାନଙ୍କ ନିକଟରୁ ୧.୨୪ ଲକ୍ଷ ୟୁଏସ୍ ଡଲାର ଜବତ ହୋଇଥିଲା। ସେହିପରି ଖାନ ଭାରତରେ ବିଭିନ୍ନ ବେଆଇନ ଉତ୍ସରୁ ଇଭେଣ୍ଟ ମ୍ୟାନେଜରଙ୍କ ସହାୟତାରେ ୩୪୦,୦୦୦ ଡଲାର ଗ୍ରହଣ କରିଥିବାବେଳେ ମ୍ୟାନେଜର ମାରୁଫ୍‌ଙ୍କ ଜରିଆରେ ୨୨୫,୦୦୦ ଡଲାର ଭାରତ ବାହାରକୁ ନେଇଯିବାରେ ସକ୍ଷମ ହୋଇଥିଲେ। ଏହି ବିଦେଶୀ ମୁଦ୍ରା ଚୋରା କାରବାରକୁ ଆଧାର କରି ପାକିସ୍ତାନୀ ନାଗରିକ ଖାନ୍ ଏବଂ ତାଙ୍କ ମ୍ୟାନେଜର ମାରୁଫ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଥିବା ଇଡିର ଅଧିକାରୀ ଜଣାଇଛନ୍ତି। ଖାନ୍ ପ୍ରାୟ ୨.୬୧ କୋଟିର ବେହିସାବ ବିଦେଶୀ ମୁଦ୍ରା ଅନୈତିକ ଉପାୟରେ ଠୁଳ କରିଥିବା ଛାନ୍‌ଭିନରୁ ଜଣାପଡ଼ିଛି। ଖାନ୍ ଇଭେଣ୍ଟ କାର୍ଯ୍ୟକ୍ରମର ଅଧିକାଂଶ ପେ'ମେଣ୍ଟ କ୍ୟାସ୍ (ନଗଦ ଟଙ୍କା) ଆକାରରେ ଗ୍ରହଣ କରିଥିଲା ବେଳେ ବିଭିନ୍ନ ଉତ୍ସ ମାଧ୍ୟମରେ ଉକ୍ତ ଟଙ୍କା ୟୁଏସ୍ ଡଲାରରେ ପରିବର୍ତ୍ତନ କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଏପରି ସ୍ଥଳେ ବିଦେଶୀ ମୁଦ୍ରା ପ୍ରବନ୍ଧନ ଅଧିନିୟମ (ଫିମା) ଆକ୍ଟ ଅଧୀନ ପାକିସ୍ତାନରେ ରହୁଥିବା ବଲିଉଡ୍‌ର ପ୍ଲେବ୍ୟାକ୍ ସିଙ୍ଗର୍ ଖାନ୍ ଏବଂ ତାଙ୍କ ମ୍ୟାନେଜର ମାରୁଫ୍‌ଙ୍କ ବିରୋଧରେ ଇଡି ପକ୍ଷରୁ ମାମଲା ରୁଜୁ ହୋଇଥିବା କୁହାଯାଇଛି।

# ଧାରାବାହିକ ନିର୍ମାଣ କରିବେ ରଜନୀକାନ୍ତଙ୍କ ଝିଅ

ମୁମ୍ବାଇ: ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ସୌନ୍ଦର୍ଯ୍ୟା ଐତିହାସିକ ତାମିଲ ଉପନ୍ୟାସ 'ପନିୟିନ୍ ସେଲଭାନ'ର ଧାରାବାହିକ ନିର୍ମାଣ କରିବେ। ଷ୍ଟ୍ରିମିଙ୍ଗ୍ ପ୍ଲାଟଫର୍ମ ଏମ୍‌ଏକ୍ସ ପ୍ଲେୟାରର ସହଭାଗିତାରେ ସୌନ୍ଦର୍ଯ୍ୟା ତାଙ୍କର ମେ' ୬ ଏଣ୍ଟରଟେନ୍‌ମେଣ୍ଟ ସହଯୋଗରେ ଏହି ମେଗା ଧାରାବାହିକ ପ୍ରସ୍ତୁତ କରିବାକୁ ଯାଉଥିବା ଜଣାଇଛନ୍ତି। ଭାରତ ଇତିହାସରେ ଚୋଳ ରାଜବଂଶର ଲମ୍ବା ରାଜୁତି ସମୟର ସାମାଜିକ ଏବଂ ରାଜନୈତିକ ପୃଷ୍ଠଭୂମି ଉପରେ ଆଧାରିତ ତାମିଲ ସାହିତ୍ୟର ସର୍ବାଧିକ ଲୋକପ୍ରିୟ ଉପନ୍ୟାସ 'ପନିୟିନ୍ ସେଲଭାନ'ର ଡିଜିଟାଲ ମେଗା ଧାରାବାହିକ ଡ୍ରାମା ଦର୍ଶକଙ୍କୁ ନିଶ୍ଚିତ ଆନ୍ଦୋଳିତ କରିବ ବୋଲି ସୌନ୍ଦର୍ଯ୍ୟା କହିଛନ୍ତି।



ସୌନ୍ଦର୍ଯ୍ୟା ରଜନୀକାନ୍ତ






ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ସକାଳେ କୁହୁଡିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୪ | ୯.୬ |
| ଚାନ୍ଦବାଲି | ୨୫.୬ | ୧୩.୦ |
| କଟକ | ୨୭.୦ | ୧୦.୫ |
| ପାରାଦ୍ୱୀପ | ୨୪.୭ | ୧୫.୨ |
| ଭୁବନେଶ୍ୱର | ୨୬.୮ | ୧୦.୮ |
| ଗୋପାଳପୁର | ୨୭.୦ | ୧୫.୦ |
| ପୁରୀ | ୨୬.୦ | ୧୫.୦ |
| ଅନୁଗୋଳ | ୨୫.୯ | ୬.୬ |
| ବାରିପଦା | ୨୪.୬ | ୯.୫ |
| ଝାରସୁଗୁଡ଼ା | ୨୫.୧ | ୭.୬ |
| କେନ୍ଦୁଝର | ୨୩.୮ | ୭.୪ |
| ସମ୍ବଲପୁର | ୨୬.୫ | ୭.୮ |
| ସୁନ୍ଦରଗଡ଼ | --- | ୧୨.୦ |
| ହୀରାକୁଦ | ୨୫.୦ | ୧୦.୧ |
| ତାଳଚେର | --- | ୧୦.୩ |
| ଭବାନୀପାଟଣା | ୨୫.୦ | ୮.୫ |
| ବଲାଙ୍ଗୀର | ୨୫.୭ | ୧୩.୦ |
| କୋରାପୁଟ | ୨୫.୦ | ୮.୬ |
| ଫୁଲବାଣୀ | --- | ୬.୩ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୨୯.୬ | ୮.୫ |
| ସୋନପୁର | ୨୫.୮ | ୭.୬ |
| ଦାରିଙ୍ଗିବାଡ଼ି | ୨୩.୦ | ୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

TRADEMARK & COPYRIGHT CAUTION NOTICE

Baazar Kolkata — LADIESWEAR MENSWEAR KIDSWEAR ACCESSORIES
बाजार कोलकाता — LADIESWEAR MENSWEAR KIDSWEAR ACCESSORIES
ବଜାର କୋଲକାତା — LADIESWEAR MENSWEAR KIDSWEAR ACCESSORIES

Our Client, M/s. Baazar Retail Limited of 493B G.T. Road, Ware House No. M-7, Bengal Jute Mill Industries Compound, Howrah – 711102, West Bengal, India, brings to the Notice of members of the public and trade including distributors, dealers and retailers of Menswear, Ladieswear, Kidswear, Readymade Garments, Apparel and Accessories and Household Products, that they are the sole and exclusive owner and proprietor of the trademark BAAZAR KOLKATA, in respect of Ladieswear, Menswear, Kidswear, Readymade Garments, Apparel, Accessories, Household Products and Retail Stores and other allied and cognate goods and services. The said Trademark and Copyright has acquired reputation and goodwill by virtue of unmatchable quality of goods and service and use since 2002.

Our client has taken steps and obtained trademark registration for its trademarks and labels as represented above under the Trade Marks Act, 1999 and thus the marks are protected under the statute.

Our client has noticed some unscrupulous concerns and persons using our client's well-known trademark to wrongfully project to the consumers, their association with our client's trademarks and copyrights.

All concerned are hereby asked to take note that our client will take strict civil and criminal action against any person or entity found to use the aforesaid trademark or copyright or any other mark, label or domain name deceptively similar thereto.

**The consumers, media, merchant bankers and service providers are hereby alerted against such misrepresentation and are requested to bring to the Notice of our client instances of such illegal acts. This would enable our client to institute appropriate action against such firms/companies/entities who are not only causing loss and damage to our client, but are acting to the prejudice of the public as well.**

GOLDFINN TECHNOLOGIES
International Trademark, Copyright & Patent Attorneys
38/4, Nabapally, P.O. : Joka, Near Ranjannagar, Kolkata - 700104
E-mail : legal@goldfinn.com; legal@baazarkolkata.com | Ph : 09874710123

## ସଂକ୍ଷେପରେ

### ମେ' ୧୨ରେ ଓଜେଇଇ

**ଭୁବନେଶ୍ୱର,୩୦।୧(ବ୍ୟୁରୋ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଆସନ୍ତା ମେ' ୧୨ରେ ଅନୁଷ୍ଠିତ ହେବ। ଏମ୍‌ବିଏ, ଏମ୍‌ସିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ସିଏ, ଏମ୍ ଟେକ୍, ଏମ୍ ଟେକ୍(ପାର୍ଟଟାଇମ୍), ଏମ୍ ପ୍ଲାନ୍, ଏମ୍ ଆର୍କ, ଏମ୍ ଫାର୍ମା, ବି ଫାର୍ମା, ଲାଟେରାଲ ଏଣ୍ଟ୍ରି ବି ଟେକ୍ ଆଦି ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଜାନୁୟାରୀ ୩୦ରୁ ମାର୍ଚ୍ଚ ୨୦ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ଓଜେଇଇ ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିପାରିବେ। ମାର୍ଚ୍ଚ ୨୫ ମଧ୍ୟରେ ଫି' ଦାଖଲ କରିବାର ଶେଷ ତାରିଖ ରହିଥିବା ବେଳେ ଏପ୍ରିଲ ୨୦ରୁ ଛାତ୍ରୀଛାତ୍ରମାନେ ନିଜ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଚଳିତବର୍ଷ ମଧ୍ୟ ଏମ୍‌ବିଏ, ଏମ୍‌ସିଏ, ଏମ୍ ଟେକ୍, ଏମ୍ ପ୍ଲାନ୍, ଏମ୍ ଆର୍କ, ଏମ୍ ଫାର୍ମା ଭଳି ସମସ୍ତ ମାଷ୍ଟର ଡିଗ୍ରୀ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ମୋଡ୍‌ରେ ପରୀକ୍ଷା ହେବ। ସେହିଭଳି ଇଣ୍ଟିଗ୍ରେଟେଡ୍ ଏବଂ ଲାଟେରାଲ ଏଣ୍ଟ୍ରି ପାଠ୍ୟକ୍ରମ ପାଇଁ 'ପେନ୍ ଆଣ୍ଡ୍ ପେପର' ମୋଡ୍‌ରେ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ ରହିବ ଏବଂ ରାଜ୍ୟ ବାହାରର ଛାତ୍ରୀଛାତ୍ରମାନେ କେବଳ ଘରୋଇ କଲେଜ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାର ସୁଯୋଗ ପାଇପାରିବେ।

### ନାବାଳିକା ଗଣବଳାତ୍କାର ଘଟଣା
### ଗଞ୍ଜାମ ଏସ୍‌ପିଙ୍କୁ ଜବାବ ତଲବ

**କଟକ ଅଫିସ, ୩୦।୧:** ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନାବାଳିକା ଗଣବଳାତ୍କାର ଘଟଣାରେ ଗଞ୍ଜାମ ଏସ୍‌ପିଙ୍କୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଜବାବ ତଲବ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ନିମନ୍ତେ କମିଶନଙ୍କ ପକ୍ଷରୁ ନୋଟିସ ଜାରି ହୋଇଛି। ସୂଚନାଥାଉକି, କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଜଣେ ୮ ବର୍ଷର ନାବାଳିକା ଗଣବଳାତ୍କାରର ଶିକାର ହୋଇଥିଲେ। ପୀଡ଼ିତା ପରିବାରକୁ କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ମାନବାଧିକାର କମିଶନରେ ମାମଲା ରୁଜୁ ହୋଇଥିଲା।




### ଆବାସିକ ସ୍କୁଲରେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା
# ଏନ୍‌ସିପିସିଆର୍‌ଙ୍କ ଉଦ୍‌ବେଗ

**ମାସକ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ**

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଆବାସିକ ବିଦ୍ୟାଳୟଗୁଡ଼ିକରେ ନାବାଳିକା ସୁରକ୍ଷିତ ନାହାନ୍ତି। ସେମାନଙ୍କ ଉପରେ ଯୌନ ଅତ୍ୟାଚାର ବଢି ଚାଲିଛି। ଗୋଟିଏ ପରେ ଗୋଟିଏ ଖବର ପ୍ରକାଶ ପାଇବାରେ ଲାଗିଛି। ଏହାକୁ ନେଇ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନସିପିସିଆର) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକର ତଦନ୍ତ କରି ଆସନ୍ତା ମାସକ ମଧ୍ୟରେ ରିପୋର୍ଟ ଦେବାକୁ କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କନ୍ଧମାଳ, କଳାହାଣ୍ଡି, ଢେଙ୍କାନାଳ ଏବଂ ଯାଜପୁର ଜିଲାରେ ଥିବା ଆବାସିକ ସ୍କୁଲରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଖବର ଜାନୁୟାରୀ ଆରମ୍ଭରୁ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଏହାକୁ ଆଧାର କରି ଏନସିପିସିଆର ସମସ୍ତ ଆଦିବାସୀ ଛାତ୍ରୀ ନିବାସଗୁଡ଼ିକର ତଦନ୍ତ କରି ମାସକ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଏନସିପିସିଆର ଗଭୀର ଚିନ୍ତା ପ୍ରକଟ କରିବା ସହ ଯଦି ଏଭଳି ଘଟଣା ବାରମ୍ବାର ଘଟିବ ତେବେ ଆବାସିକ ବିଦ୍ୟାଳୟଗୁଡ଼ିକ ଉପରୁ ଛାତ୍ରୀମାନଙ୍କର ପରିବାର ସଦସ୍ୟଙ୍କ ଭରସା ତୁଟିଯିବ । ବିଶେଷ କରି ଗ୍ରାମାଞ୍ଚଳ ଏବଂ ଆଦିବାସୀ ବହୁଳ ଅଞ୍ଚଳରେ ପିଲାମାନେ, ମାତାପିତା, ଶିକ୍ଷକ, ପୋଲିସ ଏବଂ ପିଲାମାନଙ୍କ ସହ ରହୁଥିବା କର୍ମଚାରୀମାନଙ୍କୁ ସଚେତନ କରିବା ଏବଂ ଯୌନ ନିର୍ଯାତନାରୁ ଶିଶୁମାନଙ୍କୁ ସୁରକ୍ଷା ଦେବା (ପୋକସୋ) ଆଇନ ବିଷୟରେ ଜଣାଇବା ପାଇଁ ସଚେତନତା ସୃଷ୍ଟି କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କନ୍ଧମାଳ, କୋରାପୁଟ ଜିଲାରେ ନାବାଳିକାଙ୍କ ଉପରେ ଯୌନ ନିର୍ଯାତନା ଘଟଣା ସାମ୍ନାକୁ ଆସିଛି।

# ରାଜକୋଷକୁ ଡୁବାଇବ ନୂଆ ଘୋଷଣା

- ରଣଭାର ଟପିବ ୯୦ ହଜାର କୋଟି
- ମିଳୁନି କେନ୍ଦ୍ର ସହାୟତା
- ବଢୁଛି ଖୋଲା ବଜାର ରଣ ଚାପ

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

ନିର୍ବାଚନକୁ ଆଖିରେ ରଖି ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, କାଳିଆ ଭଳି ଗୋଟିଏ ପରେ ଗୋଟିଏ ନୂଆ ଯୋଜନା ରାତ୍ରୀରେ ୫ ଟଙ୍କିଆ ଆହାର, ଅଙ୍ଗନୱାଡି କର୍ମୀଙ୍କ ପାଇଁ ସହାୟତା ରାଶି ବୃଦ୍ଧି, ବୃଦ୍ଧା ବୃଦ୍ଧଙ୍କ ଭତ୍ତା ବୃଦ୍ଧି, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ଆର୍ଥିକ ସହାୟତା ଆଦି ଘୋଷଣା କରି ଚାଲିଛନ୍ତି। ଏଥିସହିତ ସରକାରୀ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ଦେବା ନେଇ ରାଜକୋଷ ଉପରେ ଆର୍ଥିକ ବୋଝ ବଢ଼ି ଚାଲିଛି। ଏହାକୁ ଭରଣା କରିବାକୁ ରାଜସ୍ୱ ଆୟ କୁଳୋଉ ନ ଥିବାରୁ ସରକାର ଋଣ ଉପରେ ଅଧିକ ନିର୍ଭରଶୀଳ ହୋଇଛନ୍ତି। ଏଥିଯୋଗୁ ରାଜ୍ୟର ଋଣ ଭାର ମଧ୍ୟ ତୀବ୍ର ଗତିରେ ଉପରମୁହାଁ ହେବାରେ ଲାଗିଛି। ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷ ଶେଷବେଳକୁ ରାଜ୍ୟର ଋଣଭାର ୯୧ ହଜାର ୯୫୦କୋଟିକୁ ଟପିଯିବ। ଯାହାକି ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦର (ଜିଏସଡିପି)୨୧ ପ୍ରତିଶତ। ପ୍ରାଥମିକ ଆକଳନ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଜିଏସଡିପି ୪.୪୫ ଲକ୍ଷ କୋଟି ଛୁଇଁବ ବୋଲି ଅନୁମାନ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ୨୦୧୭-୧୮ରେ ରାଜ୍ୟର ଋଣ ଭାର ୭୬,୪୮୩.୬୮ କୋଟି ଥିଲା। ସେହି ବର୍ଷ ରାଜ୍ୟ ସରକାର ୧୪,୩୪୮.୨୨ କୋଟି ଟଙ୍କା ଋଣ କରିଥିଲେ। ସେଥିରୁ ଖୋଲାବଜାରରୁ ୮ ହଜାର କୋଟି ଟଙ୍କା ଅଣାଯାଇଥିଲା। ୧୯୯୯-୨୦୦୦ରେ ରାଜ୍ୟର ଋଣ ଭାର ୧୮,୧୦୦କୋଟି ଟଙ୍କା ଥିବାବେଳେ ୨୦୦୯-୧୦ରେ ୩୭ ହଜାର ୭୩୦ କୋଟି ଏବଂ ୨୦୧୪-୧୫ରେ ୪୩,୨୭୩ କୋଟି ଥିଲା। ୨୦୧୮-୧୯ରେ ବିତ୍ତୀୟ ନିଅଣ୍ଟ ଜିଏସଡିପିର ୩.୪ ପ୍ରତିଶତ ହେବ ବୋଲି ଅର୍ଥ ବିଭାଗ ଆକଳନ କରିଛି। ଚଳିତ ବର୍ଷ ୧୨ ହଜାର କୋଟି ଟଙ୍କା ଖୋଲା ମାର୍କେଟରୁ ଉଠାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। କେନ୍ଦ୍ର ସରକାର କେନ୍ଦ୍ରୀୟ ଯୋଜନା ଗୋଟିଏ ପରେ ଗୋଟିଏ ବନ୍ଦ କରିଚାଲିଥିବାବେଳେ ଅନୁଦାନ ଲଗାତର ହ୍ରାସ କରି ଚାଲିଛନ୍ତି। ଅନ୍ୟ ପଟେ କେନ୍ଦ୍ର ସରକାର ରାଜ୍ୟକୁ ଋଣ ଯୋଗାଇବା ନେଇ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। କେନ୍ଦ୍ର ସରକାରଙ୍କ ନିକଟରୁ ସହାୟତା ନ ପାଇ ରାଜ୍ୟ ସରକାର ଏବେ ଖୋଲା ବଜାରରୁ ଋଣ ଆଣିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଅଧିକ ସୁଧରେ ଖୋଲା ବଜାରରୁ ଅଧିକ ଋଣ ଉଠାଣ ରାଜ୍ୟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର, ଷ୍ଟେଟ ପ୍ରୋଭିଡେଣ୍ଟ ଫଣ୍ଡ(ଏସପିଏଫ), ନ୍ୟାଶନାଲ ସ୍ମଲ ସେଭିଂ ସ୍କିମ ଫଣ୍ଡ (ଏନଏସଏସଏସଏଫ) ଋଣ ଯୋଗାଣ ହ୍ରାସ ପାଇ ଚାଲିଛି। ୧୯୯୫-୯୬ରୁ ୨୦୧୮ ମାର୍ଚ୍ଚ ୩୧ ମଧ୍ୟରେ ବଜାରରୁ ଋଣ ଉଠାଣ ୧୦ ଗୁଣାରୁ ଅଧିକ ହୋଇଛି। ୧୯୯୫-୯୬ରେ ଖୋଲା ବଜାରରୁ ରାଜ୍ୟ ସରକାର ୨୩୮୦ କୋଟି ଟଙ୍କା ଉଠାଇଥିବା ବେଳେ ଏହି ପରିମାଣ ଏବେ ୨୪ ହଜାର କୋଟିରେ ପହଞ୍ଚିଲାଣି। କେନ୍ଦ୍ରରେ ଭାଜପା ପରିଚାଳିତ ଏନଡିଏ ସରକାର କ୍ଷମତାସୀନ ହେବା ପରଠାରୁ ଅର୍ଥାତ୍ ୨୦୧୪-୧୫ରୁ କେନ୍ଦ୍ରୀୟ ଅନୁଦାନ ଲଗାତର ହ୍ରାସ ପାଇ ଚାଲିଛି। ୮ଟି କେନ୍ଦ୍ରୀୟ ଯୋଜନା ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାବେଳେ ୨୯ରୁ ଊର୍ଦ୍ଧ୍ୱ ଯୋଜନାରେ କେନ୍ଦ୍ର ଅଂଶଧନ ୩୦ରୁ ୪୦ ପ୍ରତିଶତ ହ୍ରାସ ପାଇଛି। ରାଜ୍ୟ ସରକାର ଯେତେସବୁ ଋଣ କରୁଛନ୍ତି ସେଥିରୁ ୭୫ ପ୍ରତିଶତ ଖୋଲା ବଜାରରୁ ଆହରଣ କରୁଛନ୍ତି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ନିକଟରୁ ରାଜ୍ୟକୁ ୮ହଜାର କୋଟିରୁ କମ ଋଣ ସହାୟତା ମିଳୁଥିବାବେଳେ ଖୋଲା ବଜାରରୁ ୪ ଗୁଣା ଅଧିକ ଉଠାଇବାକୁ ରାଜ୍ୟ ସରକାର ବାଧ୍ୟ ହେଉଛନ୍ତି। ଏସପିଏଫରୁ ରାଜ୍ୟ ସରକାର ୨୧ ହଜାର ୭୦୦ କୋଟି ଟଙ୍କା ଋଣ ଉଠାଇଛନ୍ତି। ସେଥିରେ କର୍ମଚାରୀମାନଙ୍କ ଅବଦାନ କମ୍ ରହୁଥିବାରୁ ଏହି ଋଣ ହ୍ରାସ ପାଇବାରେ ଲାଗିଛି। ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ(ଜିପିଏଫ) ପରିମାଣ ମଧ୍ୟ କମି ଚାଲିଛି। କାରଣ ନୂତନ ନିଯୁକ୍ତି ପାଉଥିବା କର୍ମଚାରୀମାନଙ୍କର ଜମାରାଶି ଜିପିଏଫରେ କଟୁ ନାହିଁ। ସେହି କର୍ମଚାରୀମାନେ ଜାତୀୟ ପେନ୍‌ସନ ଯୋଜନା(ଏନପିଏସ)ରେ ସାମିଲ ହୋଇଛନ୍ତି। ଏଥିପାଇଁ ଏସପିଏଫ ଜମା କମିବାରେ ଲାଗିଛି। ଏନଏସଏସ୍‌ଏଫ ରାଜ୍ୟ ସରକାରଙ୍କର ଅନ୍ୟ ଏକ ମୁଖ୍ୟ ଋଣ ଆହରଣ ଉତ୍ସ ହୋଇଥିଲେ ମଧ୍ୟ ସେଥିପାଇଁ ରାଜ୍ୟ ସରକାରଙ୍କୁ ଅଧିକ ସୁଧ ଦେବାକୁ ପଡ଼ିଥାଏ। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଏନଏସଏସଏଫରୁ ୧୧ ହଜାର କୋଟି ଟଙ୍କା ଋଣ ଉଠାଇଛନ୍ତି। ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ୨୮,୫୫୦ କୋଟି ନିଜସ୍ୱ ଟିକସରୁ ଏବଂ ଅଣ ଟିକସରୁ ୧୦ ହଜାର ୩୦୦ କୋଟି ଟଙ୍କା ପାଇବେ ବୋଲି ଆକଳନ କରିଛନ୍ତି। ଦ୍ରବ୍ୟ ଓ ସେବା ଟିକସ(ଜିଏସଟି) କ୍ଷତିପୂରଣ ବାବଦରେ ଏ ପର୍ଯ୍ୟନ୍ତ ୧୩୨୬ କୋଟି ଟଙ୍କା ପାଇଥିବା ବେଳେ ୨୦୧୯ ମାର୍ଚ୍ଚ ଶେଷ ଆଡ଼କୁ ୩୫୦ କୋଟି ଟଙ୍କା ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

ଫିସକାଲ ରେସପନସିବିଲିଟି ଆଣ୍ଡ ବଜେଟ ମ୍ୟାନେଜମେଣ୍ଟ(ଏଫଆରବିଏମ) ଆକ୍ଟ ଅନୁଯାୟୀ ରାଜ୍ୟ ସରକାର ଜିଏସଡିପିର ୩.୫ ପ୍ରତିଶତ ଋଣ କରି ପାରିବେ। ଏଫଆରବିଏମ ନର୍ମ ଅନୁଯାୟୀ ରାଜ୍ୟର ଋଣ ସୀମା ଅତିକ୍ରମ କରି ନାହିଁ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୁମନ
ପରିବାରବର୍ଗ


ମୁଗ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡ଼ି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-65528

One acre converted land with boundary wall 30 ft. road side at Athagarh. 9437284700. D-10789

70,000/- booking ଦେଇ Xavier University ପାଖରେ (1200 sqft.) plotର ମାଲିକ ହୁଅନ୍ତୁ। 6371481421. D-65458

Plot on lowest budget Brahmanajharilo, 9km. from BBSR, 16km. from Cuttack 250/- sqft. 7809525452. D-65808

### GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329




1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10803




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Improving your health, skin care through expert therapist, excellent offer. 9668374480. D-65544

Herbal full body massage by smart/ expert therapist. Contact: 8338067247. D-65546

New opening ayurvedic body massage smart therapist, Shree herbal. 7750020754. D-65545

Herbal fullbody massage with refreshment by well trained therapist. 7381239385. D-65540

Experience full body massage with us by experts. 06742597822, 7377048581. D-65541

Ayurvedic full body massage ladies/ gents experts therapist. 8338097451 . D-65802

### LOST

A plastic bag missed at Gundicha Temple, Puri on 24.01.2019, in this bag I lost also my SBI original Passbook & a ROR bearing Khata No.- 655, Plot No.- 2352, Mouza Jaleswarpada under Kakatpur Tahasil area. If anybody found this bag please contact Jyoti Sankar Samantraya. Ph. No.: 9437667562. D-10826

ମୁଁ ଶ୍ରୀମତୀ ସରୋଜ ସରାଓ୍ୱଗି, ବୟସ ୫୧ବର୍ଷ, ସ୍ୱା: କେ.କେ. ସରାଓ୍ୱଗି, ସା: ଷ୍ଟେସନ ବଜାର, ଥା: ଟାଉନ, ଜିଲ୍ଲା: ଢେଙ୍କାନାଳ ସର୍ବସାଧାରଣଙ୍କ, ଅବଗତି ନିମନ୍ତେ ଜଣେଇଦେଉଅଛି କି, ମୁଁ ଶ୍ରୀନିବାସ ସାହୁ (ମୃତ)ଙ୍କ ଠାରୁ କୋରିଆଁ ମୌଜା ସ୍ଥିତ ହାଲ ଖାତା ୨୪୦, ପ୍ଲଟ ନଂ ୩୪୦ ରେ ଥିବା ଏ.୦.୪୧ଡେ ଜମିକୁ ରେଜିଷ୍ଟ୍ରି ଦଲିଲ ନଂ ୩୯୫୧ ତା:୨୨।୧୦।୨୦୦୨ରିଖ ଦିନ କିଣି ମିଉଟେସନ ଖାତା ନଂ ୩୪୧/୩୧୮ରେ ମୋ ନାମରେ ରେକର୍ଡ କରାଇ ନିର୍ଦ୍ୱନ୍ଦ୍ୱରେ ଭୋଗ ଦଖଲ କରୁଅଛି। ଉକ୍ତ ପ୍ଲଟକୁ ଘରବାରି କିସମରେ ବଦଳାଇବାକୁ ତହସିଲ ଅଫିସ ଯାଇଥିବା ସମୟରେ ମୋର ରେଜିଷ୍ଟ୍ରି ଦଲିଲ (ନଂ ୩୯୫୧) କେଉଁଠାରେ ହଜିଯାଇଅଛି। ମୁଁ ଏ ବିଷୟରେ ଥାନାରେ ଏତଲା ଦେଇଛି, ଯାହା ଏସ.ଡି.ଇ ନଂ ୦୬ ତା:୦୧।୧୨।୨୦୧୮ରିଖରେ ଦାଏର ହୋଇଛି। ଯଦି କେହି ବ୍ୟକ୍ତି ଏହି ଦଲିଲର ସନ୍ଧାନ ପାଆନ୍ତି ତେବେ ଥାନା ଜରିଆରେ ବା ମୋତେ ମୋ ଠିକଣାରେ ବା ଏହି ଫୋନ ନଂ ୭୩୮୧୧୮୮୮୮୮ରେ ଜଣାଇବାକୁ ଅନୁରୋଧ। ଧ-୧୦୮୨୭

### AFFIDAVIT

By virtue of affidavit before Executive Magistrate, Bhubaneswar, I, Aishwarya Behera has changed my surname from Behera to Misra after marriage with Srinit Misra, I shall be known as Aishwarya Misra for all purposes. D-10825

#### କମ୍ପ୍ୟୁଟର ସାଇନ୍ସରେ ଡକ୍ଟରେଟ୍ ଲାଭ



ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (Deemed to be University) ଅଧୀନସ୍ଥ ଆଇ.ଟି.ଇ.ଆର୍. (ITER) ଇଂଜିନିୟରିଂ କଲେଜର **ସୁଶ୍ରୀ ଝୁମ ସ୍ୱାଇଁ** କମ୍ପ୍ୟୁଟର ସାଇନ୍ସ ଓ ଇଂଜିନିୟରିଂରେ ପିଏଚ୍.ଡି (Ph.D.) ଡିଗ୍ରୀ ଲାଭ କରିଛନ୍ତି। (Vide memo No. Ex/668/38/2019) ସେ ଉପରୋକ୍ତ କଲେଜର କମ୍ପ୍ୟୁଟର ସାଇନ୍ସ ଓ ଇଂଜିନିୟରିଂ ବିଭାଗର ପ୍ରଫେସର ବିନୋଦ କୁମାର ପଟ୍ଟନାୟକ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ପ୍ରଫେସର ବିଭୁଧେନ୍ଦୁ ପତିଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ରଚିତ ସନ୍ଦର୍ଭ- "Resolution of security issues in mobile AD HOC networks" ମରିସିୟସର ବିଶ୍ୱବିଦ୍ୟାଳୟ ଓ ଟେକ୍ନୋଲୋଜିର ପ୍ରଫେସର ନଓ୍ୱାଜ ମହମ୍ମଦଅଲି ଏବଂ ମହୀଶୂରର ସରକାରୀ ଇଂଜିନିୟରିଂ କଲେଜ ଚମରାଜନଗର, କର୍ଣ୍ଣାଟକର କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ପ୍ରଫେସର ନାଗପ୍ପା ୟୁ ଭଜନ୍ତ୍ରିଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉକ୍ତ ପ୍ରଶଂସିତ ହୋଇଛି। ଏହି ସଫଳତା ପାଇଁ ସେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର (Deemed to be University) ପ୍ରତିଷ୍ଠାତା ପ୍ରଫେସର ମନୋଜ ରଞ୍ଜନ ନାୟକ ଓ କୁଳପତି ପ୍ରଫେସର ଅମିତ ବାନାର୍ଜୀ, ଡିନ୍ (ରିସର୍ଚ୍ଚ) ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ, ଡିନ୍ ପ୍ରଫେସର ପି.କେ.ସାହୁ ଓ କମ୍ପ୍ୟୁଟର ପ୍ରୟୋଗ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ରଙ୍କୁ ଶ୍ରେୟ ଦେଇଛନ୍ତି। ସୁଶ୍ରୀ ଝୁମ୍ ସ୍ୱାଇଁ ନୟାଗଡ଼ ଜିଲ୍ଲା ମଶାବାରୀ (ଓଡ଼ଗାଁ) ନିବାସୀ ଇଂଜିନିୟର ବାଇଧର ସ୍ୱାଇଁ ଓ ଶ୍ରୀମତୀ ସରୋଜିନୀ ସ୍ୱାଇଁଙ୍କ ଜ୍ୟେଷ୍ଠା କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂର୍ଣ୍ଣ କୃତଜ୍ଞତା ଜଣାଇବା ସହିତ ବାପା, ମାଆ, ଭାଇ, ପରିବାରବର୍ଗ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ ଓ ସହକର୍ମୀମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଧ-୧୦୮୩୧

## ନିରୁଦ୍ଦିଷ୍ଟ



**ଜିତେନ୍ଦ୍ର ବେହେରା**, (ଡାକ ନାମ-ଲିକୁନ୍), ପିତା: ଗୁଣନିଧି ବେହେରା, ଗ୍ରାମ: ମାଟିଆପଡ଼ା, ପୋ: ସିଉଳା, ଜିଲ୍ଲା-ପୁରୀ, ରଙ୍ଗ- କଳା, ମଧ୍ୟମ ଧରଣର ଚେହେରା, ସେ ଗତ ତା-୧୫.୦୭.୨୦୧୫ ରିଖଠାରୁ କେଉଁଆଡେ ଚାଲିଯାଇଛନ୍ତି। ସେ ଘରୁ ଗଲାବେଳେ ହଳଦିଆ ରଙ୍ଗର ଫୁଲ ଗଞ୍ଜି ଓ ଧଳା ହାଫ୍ ପ୍ୟାଣ୍ଟ ପିନ୍ଧିଥିଲେ। ଯଦି କୌଣସି ସହୃଦୟବ୍ୟକ୍ତି ଜିତେନ୍ଦ୍ରଙ୍କର ସନ୍ଧାନ ପାଆନ୍ତି, ତେବେ ମୋବାଇଲ ନଂ-୭୭୫୧୮୯୨୨୮୧, ୭୯୭୮୦୫୭୧୮୨ରେ ଯୋଗାଯୋଗ କରିବାକୁ ଅନୁରୋଧ। ଜିତେନ୍ଦ୍ରଙ୍କର ସନ୍ଧାନ ଦେଇଥିବା ଲୋକକୁ ୩୦,୦୦୦ଟଙ୍କାର ପୁରସ୍କାର ଦିଆଯିବ। ଧ-୧୦୮୩୨

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବ୍ୟାଙ୍କର ଆଚାର ...

ବିଶେଷଜ୍ଞ କମ୍ପାନୀ ଓ ଫୋରେନ୍ସିକ ତଥା ତଦନ୍ତକାରୀ ସେବା ଯୋଗାଣକାରୀଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ତେବେ ଏହି ତଦନ୍ତ ରିପୋର୍ଟର ପ୍ରଭାବ ପୂର୍ବରୁ ପ୍ରକାଶିତ ବ୍ୟାଙ୍କର ଫଳାଫଳ ଉପରେ ପଡିବ ନାହିଁ ବୋଲି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଗତ ସପ୍ତାହରେ ଉକ୍ତ ଋଣ ମାମଲାର ତଦନ୍ତ କରୁଥିବା ସିବିଆଇ ପକ୍ଷରୁ ଚନ୍ଦା, ତାଙ୍କ ସ୍ୱାମୀ ଦୀପକ କୋଚର, ଭିଡିଓକନ ଗ୍ରୁପ୍ ମାଲିକ ବେଣୁଗୋପାଳ ଧୂତ୍ ଏବଂ ଅନ୍ୟମାନଙ୍କ ବିରୋଧରେ ଏତଲା ଦାଏର କରାଯାଇଥିଲା।

### ପ୍ରଥମ ପୃଷ୍ଠାରୁ...

## ଖୋଳିଥିବା ଗାତରେ...

କେତେଜଣ ଆଇନ ବିଶାରଦଙ୍କ ମତ ଅନୁଯାୟୀ, ଦିଲ୍ଲୀସ୍ଥିତ ସାକେତ କୋର୍ଟଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ ଜାରି ରହିଛି। କମ୍ପାନୀର ବିବାଦପୂର୍ଣ୍ଣ ସମୟରେ ହିଁ ନିରଞ୍ଜନ ଏବଂ ନବଜ୍ୟୋତିଙ୍କର ପ୍ରତ୍ୟକ୍ଷ ସମ୍ପର୍କ ରହିଥିଲା। ୨୦୦୬ରେ ଫରିଦ ଅରିଫୁଦ୍ଦିନ ଏବଂ ତାଙ୍କ ସ୍ତ୍ରୀ ଗାର୍ଗୀ ଫରିଦଙ୍କ ଦ୍ୱାରା କମ୍ପାନୀ ଆରମ୍ଭ ହୋଇଥିଲା। ଏହି ସମୟରେ ହିଁ ନିରଞ୍ଜନ ଏବଂ ନବଜ୍ୟୋତି ଯଥାକ୍ରମେ ଅଧ୍ୟକ୍ଷ ଏବଂ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ଥିଲେ। ଆଲୁୱାଲିଆ ୧୪ ଏପ୍ରିଲ ୨୦୦୭ରୁ ୨୯ ଜାନୁୟାରୀ, ୨୦୦୯ ମଧ୍ୟରେ ୧୯ଟି ଚେକ୍ ମାଧ୍ୟମରେ ୩୨ କୋଟି ଟଙ୍କା ନିବେଶ କରିଛନ୍ତି। ପରବର୍ତ୍ତୀ ସମୟରେ ତାଙ୍କୁ ପ୍ରଦାନ କରାଯାଇଥିବା ସିକ୍ୟୁରିଟି ଡିପୋଜିଟ୍ ଚେକ୍ ବ୍ୟାଙ୍କରେ ବାଉନ୍ସ ହୋଇଯାଇଥିଲା। ଯେଉଁଥିପାଇଁ ଆଲୁୱାଲିଆ ଦିଲ୍ଲୀ ପୋଲିସ ଏବଂ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ସହ ଭାବାସୀ କମ୍ପାନୀ ଏବଂ ଏହାର ମାଲିକମାନେ ଠକେଇ କରିଥିବା ଆଲୁୱାଲିଆ ଅଭିଯୋଗ କରିଥିଲେ।

୪ ଜାନୁୟାରୀ, ୨୦୧୭ରେ ଦିଲ୍ଲୀ ସ୍ଥିତ ସାକେତ କୋର୍ଟ ଇଓଡବ୍ଲ୍ୟୁକୁ ଆଇପିସି ଦଫା ୪୨୦ ଅନୁଯାୟୀ ଜାଲିଆତି ମାମଲା ରୁଜୁ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଦ୍ୱାରା ୪ ଡିସେମ୍ବର, ୨୦୧୮ରେ ଇଓଡବ୍ଲ୍ୟୁକୁ ଆହୁରି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ, ୬୦ ଦିନ ଅର୍ଥାତ ଫେବୃୟାରୀ ପ୍ରଥମ ସପ୍ତାହ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କର। ଏଥିସହିତ ଆସନ୍ତା ୬ ଫେବୃୟାରୀ ୨୦୧୯ ସୁଦ୍ଧା ମାମଲା ସମ୍ପର୍କିତ ଏକ ରିପୋର୍ଟ ଅଦାଲତ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆଶ୍ଚର୍ଯ୍ୟଜନକ ଭାବେ ଏହି ମାମଲାରେ କେବଳ ନିରଞ୍ଜନ ଏବଂ ନବଜ୍ୟୋତି ନୁହଁନ୍ତି, ଜଣାଶୁଣା ଟେକ୍ନୋକ୍ରାଟ ସାମ୍ ପିତ୍ରୋଡା ବେଆଇନ ଭାବେ କମ୍ପାନୀରୁ ୯ କୋଟି ଟଙ୍କା ଉଠାଇ ନେଇଥିଲେ ବୋଲି ଫରିଦ୍ ଅଭିଯୋଗ କରିଛନ୍ତି। ସେହି କାରବାର କମ୍ପାନୀ ଏବଂ ନିବେଶକାରୀମାନଙ୍କ ମଧ୍ୟରେ ଥିବା ନିୟମାବଳୀର ବିରୁଦ୍ଧାଚରଣ କରୁଛି। ଫରିଦ୍‌ଙ୍କୁ ଉଭୟ ପଟ୍ଟନାୟକ ପିତାପୁତ୍ର ଏବଂ ସାମ୍ ପିତ୍ରୋଡା ଠକିଛନ୍ତି ବୋଲି ସେ କହିଛନ୍ତି। ଅଭିଯୁକ୍ତ ଫରିଦ୍ ଅଦାଲତରେ ଦେଇଥିବା ବୟାନ ଅନୁଯାୟୀ ନିବେଶକ ପୂର୍ବ ପ୍ରତିଶ୍ରୁତିରୁ ଓହରିଯାଇଥିବା ଦର୍ଶାଇଛନ୍ତି। ଏଥିସହିତ ପଟ୍ଟନାୟକ ପିତା-ପୁତ୍ର ଏବଂ ସାମ୍ ପିତ୍ରୋଡାଙ୍କୁ ଠକେଇ ଅଭିଯୋଗ ପରିସରଭୁକ୍ତ କରିଛନ୍ତି। ନିବେଶକ(ଆଲୁୱାଲିଆ)ଙ୍କୁ ଆଇନତଃ ୨୭ ଜୁଲାଇ, ୨୦୧୭ରେ ଦେଇଥିବା ଏକ ଉତ୍ତରରେ ଫରିଦ୍ କହିଛନ୍ତି ଯେ, ପ୍ରାଥମିକ ଭାବେ କମ୍ପାନୀରେ ୪୫ କୋଟି ଟଙ୍କାର ନିବେଶ କରାଯିବାର ଥିଲା। ହେଲେ ତନ୍ମଧ୍ୟରୁ ୯.୦୨ କୋଟି ଟଙ୍କା ସିଧାସଳଖ ନିବେଶକଙ୍କ ଆକାଉଣ୍ଟରୁ ସାମ୍ ପିତ୍ରୋଡାଙ୍କ ନିକଟକୁ ଯାଇଛି। ପ୍ରିଟୋଡା ଜଣେ ଭାରତୀୟ, ଯିଏକି ଯୁକ୍ତରାଷ୍ଟ୍ର ଆମେରିକାରେ ରହୁଛନ୍ତି, ଯାହାଙ୍କର ଭାବାସୀ କମ୍ପାନୀ ସହ କୌଣସି ଆନୁଷ୍ଠାନିକ ସମ୍ବନ୍ଧ ନାହିଁ। ଫରିଦ୍ ଆହୁରି କହିଛନ୍ତି ଯେ, ୨୦୦୫ରୁ ୨୦୦୯ ମଧ୍ୟରେ କମ୍ପାନୀ ନିର୍ଦ୍ଦେଶକ ନବଜ୍ୟୋତିଙ୍କ ଦ୍ୱାରା ହିଁ ୬ କୋଟି ଟଙ୍କା ଉଠାଣ ହୋଇଛି, ଯେଉଁ ନିବେଶ ମୂଳତଃ ନିରଞ୍ଜନ ପଟ୍ଟନାୟକଙ୍କ ପାଇଁ କରାଯାଇଥିଲା।

ଅପରପକ୍ଷରେ ଇଡି ଦ୍ୱାରା ୫ ମେ, ୨୦୧୫ରେ ପ୍ରସ୍ତୁତ କରାଯାଇଥିବା ଆକ୍ସନ ଟେକେନ୍ ରିପୋର୍ଟ ଅନୁଯାୟୀ କମ୍ପାନୀ ସହ ନିବେଶକାରୀ ଆଲୁୱାଲିଆଙ୍କୁ ନିରଞ୍ଜନ ହିଁ ପରିଚିତ କରାଇଥିଲେ। ପରବର୍ତ୍ତୀ ସମୟରେ ଆଲୁୱାଲିଆ ନିରଞ୍ଜନ ଏବଂ ନବଜ୍ୟୋତିଙ୍କ ପକ୍ଷରୁ କମ୍ପାନୀରେ ନିବେଶ କରିଛନ୍ତି। ହେଲେ ନିରଞ୍ଜନଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ, ଯାଞ୍ଚ ଟିମ୍ ଅଭିଯୋଗକାରୀଙ୍କ କଥାକୁ ଆଖିବୁଜି ବିଶ୍ୱାସ କରିଯାଇଥିଲେ। ଏଥି ସହିତ ତଦନ୍ତ ମଧ୍ୟ ନିରପେକ୍ଷ ଭାବେ ହୋଇନାହିଁ।

ଭାବାସୀ କମ୍ପାନୀରେ ପ୍ରମୁଖ ନିବେଶକାରୀ କେଜେଏସ୍ ଆଲୁୱାଲିଆ ଓଡ଼ିଶାର ଜଣେ ପ୍ରମୁଖ ଖଣି ବ୍ୟବସାୟୀ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ସିଧାସଳଖ ଭାବେ ଇନ୍ଦ୍ରାଣୀ ପଟ୍ଟନାୟକଙ୍କ ଖଣି କମ୍ପାନୀ ସହ ସଂପୃକ୍ତ। ପଟ୍ଟନାୟକମାନଙ୍କର ଖଣି କମ୍ପାନୀଗୁଡ଼ିକରେ ନିକଟରେ ଆୟକର ଠକେଇ ଅଭିଯୋଗରେ ଆଇଟି ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା। ଉଭୟ ପଟ୍ଟନାୟକ ଏବଂ ଆଲୁୱାଲିଆ ଓଡ଼ିଶାର ପ୍ରମୁଖ ଏବଂ ବଡ଼ ବଡ଼ ଖଣିର ମାଲିକାନା ହାସଲ କରିଛନ୍ତି।

## ବାରିପଦାରେ ହେବ ...

ରାଜପଥ-୧୯ରେ ଚମ୍ପାନଦୀ ଉପରେ ହାଇଲେଭଲ ସେତୁ, ଉଦଳା ଉପଖଣ୍ଡ ଚିକିତ୍ସାଳୟର ୫୦ ଶଯ୍ୟା ବିଶିଷ୍ଟ ନବନିର୍ମିତ ମାତୃ ଓ ଶିଶୁ ଚିକିତ୍ସାକେନ୍ଦ୍ର, ବାରିପଦା ମହିଳା ମହାବିଦ୍ୟାଳୟ ଏବଂ ଏମପିସି ଜୁନିୟର କଲେଜର ୩୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ, ତକତପୁରଠାରେ ଏମପିସି ସ୍ୱୟଂଶାସିତ କଲେଜର ୪୦୦ ସିଟ ବିଶିଷ୍ଟ ଛାତ୍ରୀନିବାସ ରହିଛି। ଏହାବ୍ୟତୀତ ମୋରଡା ବ୍ଲକର ଗଡିଆ-କେନ୍ଦୁଡିହ ରାସ୍ତାର ଜମ୍ବିରା ନାଳ ଉପରେ ହାଇଲେଭଲ ସେତୁ, ଉଦଳା ବ୍ଲକ ସୋନନଦୀ ଉପରେ ହାଇଲେଭଲ ସେତୁ, ବଡସାହି ବ୍ଲକର ବର୍ତ୍ତନା-ନିଶ୍ଚିନ୍ତପୁର ରାସ୍ତାରେ ବୁଢ଼ାବଳଙ୍ଗ ନଦୀ ଉପରେ ହାଇଲେଭଲ ସେତୁ, ଶୁଳିଆପଦା ବ୍ଲକର ଫଣିଆ, ମୋରଡା ବ୍ଲକର ଜୁଆଳିଭଙ୍ଗା ଓ ଶାମାଖୁଣ୍ଟା ବ୍ଲକର ଜ୍ୟୋତିପୁରଠାରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ଏବଂ ବାରିପଦା ବ୍ଲକର ଜିଲା ପଞ୍ଚାୟତ ସମ୍ବଳ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ସମାବେଶସ୍ଥଳରୁ ଉଦ୍‌ଘାଟନ କରିଥିଲେ।

ମୁଖ୍ୟମନ୍ତ୍ରୀ ଆଉ ୬ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେଗୁଡ଼ିକ ହେଲା ବଡସାହି -ବାରିପଦା ବ୍ଲକର ବୁଢ଼ାବଳଙ୍ଗ ନଦୀ ଉପରେ ହାଇଲେଭଲ ସେତୁ, ବାରିପଦା-ପ୍ରତାପପୁର-ବଡସାହି-ମାଣଡ୍ରୀ ରାସ୍ତାରେ ଉରା ନାଳ ଉପରେ ହାଇଲେଭଲ ସେତୁ, କପ୍ତିପଦା ବ୍ଲକର ବଡଗୁଡୁଗୁଡିଆ ଏବଂ ଶୁଳିଆପଦା ବ୍ଲକର ଧାତିକାଠାରେ ପାଇପ ଜଳ ଯୋଗାଣ ପ୍ରକଳ୍ପ, ଶାମାଖୁଣ୍ଟା ବ୍ଲକର ବାଲଡିହା ଜଳସେଚନ ପ୍ରକଳ୍ପର ଉନ୍ନତିକରଣ କାର୍ଯ୍ୟ ଏବଂ ରାସଗୋବିନ୍ଦପୁର ବ୍ଲକର ରାହିଡିହା-କୁଶଡିହା ମଧ୍ୟରେ ଜମ୍ବିରା ନଦୀର ଉଭୟ ପାର୍ଶ୍ୱ ତଟ ସୁରକ୍ଷା ବନ୍ଧ। ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ପରେ ମିଶନ ୨୦ ହଜାର ୨୯୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏ ସିଡ୍ ମନି ସହାୟତା ଦିଆଯାଇଥିଲା। ସେହିପରି ୨୬ଟି ବ୍ଲକସ୍ତରୀୟ ମହାସଂଘକୁ ମୁଖ୍ୟମନ୍ତ୍ରୀ ୨୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହାପରେ ଡିଜିଟାଲ ସଶକ୍ତୀକରଣ ନିମନ୍ତେ ୩୯,୪୧୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଇଥିଲା। ଏହି ଅବସରରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ବିଷ୍ଣୁପ୍ରିୟା ଦାସ ଓ ଉମାରାଣୀ ଦତ୍ତ ନିଜକୁ ଆତ୍ମନିର୍ଭରଶୀଳ କରିବାର କାହାଣୀ କହିଥିଲେ। ମିଶନ ଶକ୍ତି ନିର୍ଦ୍ଦେଶିକା ତଥା କମିଶନର ସୁଜାତା କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇ ମିଶନ ଶକ୍ତିର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ମହିଳା ସମବାୟ ବିକାଶ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଶୁକ୍ରବାର ବଜେଟ ...

ନିର୍ବାଚନ ଥିବାରୁ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ଖୁସିକରିବା ଲାଗି ସରକାର ଅନେକ ଜନକଲ୍ୟାଣ ଯୋଜନା ଘୋଷଣା କରିପାରନ୍ତି। ଏହା ବ୍ୟତୀତ ବିବାଦୀୟ ନାଗରିକତ୍ୱ ସଂଶୋଧନ ବିଲ୍ ଏବଂ ତିନି ତଲାକ୍ ବିଲ୍ ଗୃହୀତ କରାଇବା ଲାଗି ସରକାର ଉଦ୍ୟମ କରିବେ। ବିରୋଧୀ ଦଳଗୁଡିକ ଏହି ବିଲ୍‌କୁ ବିରୋଧ କରିଆସୁଥିବାବେଳେ ଜେଡିୟୁ ଭଳି କେତେକ ଏନଡିଏ ସହଯୋଗୀ ଦଳ ମଧ୍ୟ ବିଲ୍ ଉପରେ ଭିନ୍ନମତ ରଖିଛନ୍ତି। ଏହା ବ୍ୟତୀତ ପ୍ରବାସୀ ଭାରତୀୟ (ଏନଆରଆଇ)ଙ୍କୁ ପ୍ରକ୍ସି ମାଧ୍ୟମରେ ଭାରତରେ ମତଦାନ ଲାଗି ଅନୁମତି ଦେବା ନିମନ୍ତେ ଉଦ୍ଦିଷ୍ଟ ଜନପ୍ରତିନିଧି ଆଇନ(ସଂଶୋଧନ) ବିଲ୍, ୨୦୧୭ ଏବଂ ଜାତୀୟ ମେଡିକାଲ କାଉନସିଲ ବିଲ୍ ମଧ୍ୟ ସରକାରଙ୍କ କାର୍ଯ୍ୟସୂଚୀରେ ରହିଛି। ରାଜ୍ୟ ସଭାରେ ସରକାରଙ୍କ ସଂଖ୍ୟାଗରିଷ୍ଠତା ନ ଥିବାରୁ ଏହିସବୁ ବିଲ୍ ଅଟକି ରହିଛି। ଗତ ଶୀତ ଅଧିବେଶନରେ ନାଗରିକତ୍ୱ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ଏହାକୁ ଚୟନ କମିଟିକୁ ପଠାଇବା ପାଇଁ ରାଜ୍ୟ ସଭାରେ ବିରୋଧୀ ଦାବି କରିଥିଲେ। ଭାରତର ନାଗରିକତା ପାଇଁ ଆବେଦନ ନିମନ୍ତେ ଯୋଗ୍ୟ ଶରଣାର୍ଥୀ ଦେଶ ତାଲିକାରୁ ବାଂଲାଦେଶକୁ ବାଦ୍ ଦେବା ସେମାନଙ୍କର ଦାବି ଥିଲା। କେନ୍ଦ୍ର ସରକାର ଅଯୋଧ୍ୟାସ୍ଥିତ ନିର୍ବିବାଦୀୟ ଜମିକୁ ହିନ୍ଦୁ ଟ୍ରଷ୍ଟ ଓ ଅନ୍ୟ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଛନ୍ତି। ସରକାରଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏଭଳି ଲୋକପ୍ରିୟ ଘୋଷଣା କରିପାରିବେ ନାହିଁ ବୋଲି ବିରୋଧୀ କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଗୃହରେ ବିରୋଧୀ ସରକାରଙ୍କୁ ଅଡୁଆରେ ପକାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଅଧିବେଶନ ପୂର୍ବରୁ ବୁଧବାର ସଂଧ୍ୟାରେ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ସର୍ବଦଳୀୟ ବୈଠକ ଡାକିଥିଲେ। ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବାରେ ସହଯୋଗ କରିବା ଲାଗି ସେ ସବୁ ଦଳର ନେତାଙ୍କୁ ଅନୁରୋଧ କରିଛନ୍ତି।

## ମନେ ପଡ଼ନ୍ତି

### ୧୧ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଦୁର୍ଗାପ୍ରସନ୍ନ ପଟ୍ଟନାୟକ**
ଦିବଂଗତ ଆଡଭୋକେଟ
ଲୁଇସ୍ ରୋଡ, ଭୁବନେଶ୍ୱର
ପୂର୍ବତନ ଚେୟାରମ୍ୟାନ ରାଜ୍ୟ ବାର୍ କାଉନସିଲ
ପୂର୍ବତନ ଚେୟାରମ୍ୟାନ ଭୁବନେଶ୍ୱର ମ୍ୟୁନିସିପାଲିଟି
ଆବିର୍ଭାବ: ୧୯୨୭ ମସିହା ଦୁର୍ଗାଷ୍ଟମୀ
(ଜନ୍ମସ୍ଥାନ- ଗ୍ରାମଣ୍ଡିହ, ଚନ୍ଦକା, ଖୋର୍ଦ୍ଧା)
ତିରୋଧାନ: ୨୦୦୮ ମସିହା (ଏକାଦଶୀତିଥି)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ। ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୫୮୦୩୫

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ଭୀମସେନ ମହାନ୍ତି**
ଆବିର୍ଭାବ: ୨୪।୦୨।୧୯୪୧
ତିରୋଧାନ: ୨୨।୦୧।୨୦୧୯
ବାପା, ତୁମ୍ଭର ଅକାଳ ବିୟୋଗ ଆମ୍ଭମାନଙ୍କୁ ଗଭୀର ଦୁଃଖ ଦେଇଚାଲିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ ନିକଟରେ ତୁମ୍ଭର ଅନ୍ତର ଆତ୍ମାର ସଦ୍‌ଗତି କାମନା କରୁଅଛୁ। ତୁମ୍ଭର ଅଭାଗା ଶୋକସନ୍ତପ୍ତ ପରିବାର ଏବଂ ବନ୍ଧୁବର୍ଗ। ଧ-୬୫୮୦୭

## ଚିକିତ୍ସା ପାଇଁ ...

କଟକର ଏକ ଘରୋଇ ହସ୍ପିଟାଲରେ ଏହି ଚିକିତ୍ସା ମିଳୁଥିବା ନେଇ ସୁଦାମ ଜଗତ୍‌ସିଂହପୁର ଅଞ୍ଚଳର ନୃସିଂହ ଚରଣ ବେହେରା ନାମକ ରୋଗୀଙ୍କଠାରୁ ଜାଣିବାକୁ ପାଇଥିଲେ। ନୃସିଂହ ସମାନ ରୋଗରେ ଆକ୍ରାନ୍ତ ହୋଇ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ଭର୍ତ୍ତି ହୋଇଥିଲେ। ଇଆର୍‌ସିପି ଚିକିତ୍ସା ପାଇଁ ତାଙ୍କୁ ୧୫ ଦିନ କାଳ ଅପେକ୍ଷା କରିବାକୁ ପଡ଼ିଥିଲା। ଶେଷରେ ନିରାଶ ହୋଇ ସେ କଟକର ଏକ ଘରୋଇ ହସ୍ପିଟାଲକୁ ଏହି ଚିକିତ୍ସା ନିମନ୍ତେ ଯାଇଥିଲେ। ସେଠାରେ ଇଆର୍‌ସିପି ଚିକିତ୍ସା ପାଇଁ ତାଙ୍କୁ ୮୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ନିଜ ଘରଡିହ ବନ୍ଧାପକାଇ ଉକ୍ତ ଟଙ୍କାରେ ଚିକିତ୍ସିତ ହୋଇଥିବା ନୃସିଂହ କହିଛନ୍ତି। ନୃସିଂହଙ୍କଠାରୁ ଏକଥା ଶୁଣିବା ପରେ ଏବେ ସୁଦାମ ମଧ୍ୟ ଉକ୍ତ ହସ୍ପିଟାଲ ସହିତ ଯୋଗାଯୋଗ କରିଛନ୍ତି। ସୁଦାମଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ନିଜ ଜମି ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ତାଙ୍କ ଜ୍ୱାଇଁ ବେଣୁଧର ପଣ୍ଡା କହିଛନ୍ତି।

ସୂଚନା ଥାଉକି, ସି-ଆର୍ମ ମେଶିନ ମାଧ୍ୟମରେ ରୋଗୀଙ୍କ ପେଟରେ ଥିବା ରୋଗ ଚିହ୍ନଟ କରାଯାଇଥାଏ। ପେଟରେ ପଥର ଜମିଥିଲେ କିମ୍ବା କ୍ୟାନ୍ସର ହୋଇଥିଲେ ଏହି ମେଶିନ ମାଧ୍ୟମରେ ଡାକ୍ତର ଚିକିତ୍ସା ଆରମ୍ଭ କରିଥାନ୍ତି। ଏଥିସହ ଜଟିଳ ସ୍ଥିତିରେ ଥିବା ଜଣ୍ଡିସ ଆକ୍ରାନ୍ତଙ୍କ ପେଟରେ ସି-ଆର୍ମ ମେଶିନ ମାଧ୍ୟମରେ ଏକ ପାଇପ ଲଗାଯାଇ ଚିକିତ୍ସା କରାଯାଇଥାଏ। ଏସ୍‌ସିବିରେ ଏହି ଗୁରୁତ୍ୱପୂର୍ଣ୍ଣ ମେଶିନଟି ଅଚଳ ହୋଇପଡ଼ିବା ଦ୍ୱାରା କେବଳ ନୃସିଂହ କି ସୁଦାମ ନୁହନ୍ତି, ବହୁ ରୋଗୀ ମେଡିକାଲରୁ ଫେରୁଥିବା ଜଣାପଡ଼ିଛି। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ଜଣେ ଡାକ୍ତର କୁହନ୍ତି, ମେଶିନଟି ସଜାଡ଼ିବା ନିମନ୍ତେ ୫୦ ହଜାର ଟଙ୍କା ଆବଶ୍ୟକ। ଏ ସମ୍ପର୍କରେ ମେଡିକାଲ ପ୍ରଶାସନକୁ ଅବଗତ କରାଯାଇଛି। ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ପଚାରିବାରୁ ଏହା ତାଙ୍କ ନଜରକୁ ଆସି ନ ଥିବା କହିଛନ୍ତି। ସାମାଜିକ କର୍ମୀ ଅଚ୍ୟୁତ ସାହୁ କୁହନ୍ତି, ରାଜ୍ୟ ସରକାର ରାଜ୍ୟର ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେଉଥିବା କହି ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବତା କ'ଣ ସୁଦାମ ଓ ନୃସିଂହଙ୍କ ପରି ରୋଗୀମାନେ ହିଁ ଅନୁଭବ କରୁଛନ୍ତି। ଯେଉଁଠି ଚିକିତ୍ସା ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରାଯାଉଛି ସେଠି ମାତ୍ର ୫୦ହଜାର ଟଙ୍କା ଲାଗି ସି-ଆର୍ମ ମେଶିନ ଅଚଳ ହୋଇପଡିବା ନିଶ୍ଚିତ ଆଶ୍ଚର୍ଯ୍ୟର ବିଷୟ। ଏହା ପଛରେ ଏସ୍‌ସିବି ଡାକ୍ତରମାନଙ୍କ ପ୍ରଚ୍ଛନ୍ନ ହାତ ଥିବା ସାହୁ ଅଭିଯୋଗ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଗ୍ରହଚକ୍ରର ଉତ୍ତରାର୍ଦ୍ଧରେ ଆଠୋଟି ଗ୍ରହ ଅବସ୍ଥାନ କରି ଆପଣଙ୍କ ପାଇଁ ଶୁଭଫଳ ଅପରାହ୍ନରେ ପ୍ରଦାନ କରିବେ। ବୁଧ ନିଜ ଭାବରୁ ଷଷ୍ଠସ୍ଥ ହେତୁ ନିକଟ ସମ୍ପର୍କୀୟମାନଙ୍କ ଅନାଦର ଭାବ ମନକୁ ବ୍ୟଥିତ କରିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କଠିନ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ**
ସାଧାରଣ କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନତୁବା ହଜିଯିବାର ଆଶଙ୍କା ରହିଛି।

**ମିଥୁନ**
କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇପାରିବ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଫଳରେ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହୋଇପାରନ୍ତି।

**କର୍କଟ**
ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ଅଫିସ୍‌ରେ ବାଧବାଧକତାରେ କେତେକ କାମ କରିବାକୁ ପଡିବ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

**ସିଂହ**
ପାରିବାରିକ ସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, ଯାହାକି କାର୍ଯ୍ୟର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବ। ତଥାପି ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ପରିବାର ସହମତି ବିନା ବନ୍ଧୁଙ୍କ ପରାମର୍ଶରେ କୌଣସି କାମ କରିବା ଲାଗି ମନ ବଳାଇପାରନ୍ତି। କିନ୍ତୁ କୌଣସି ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କଲେ ହଇରାଣ ହେବାକୁ ପଡିପାରେ। ମାଲିମକଦ୍ଦମା, ତର୍କ ବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବାର ସୂଚନା ରହିଛି।

**ତୁଳା**
ବନ୍ଧୁଙ୍କ ସହ ଆଲୋଚନା ପ୍ରସଙ୍ଗରେ ବିଭିନ୍ନ ପ୍ରକାର କଥା କହିବା କାରଣରୁ ବିବାଦ ବଢ଼ିପାରେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବ୍ୟଥିତ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**
ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ। ରାଜନୀତି, ପ୍ରଶାସନ, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାଖପଡ଼ୋଶୀ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଦୋଷଯୁକ୍ତ ମନ୍ତବ୍ୟ ଦେବେ। ଦିନଟିରେ ଯାନ ବାହନରେ ସତର୍କତା ରକ୍ଷା କରନ୍ତୁ। ବାକି ଥିବା ଟଙ୍କା ପାଇବାରେ ଆଜି କୌଣସି ପ୍ରକାର ଅସୁବିଧା ହେବନାହିଁ।

**ମକର**
ମାନସିକ ଅଶାନ୍ତି ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ଶାନ୍ତି ଫେରି ଆସିବ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ।

**ମୀନ**
ଆଜି ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ମାଘ କୃଷ୍ଣପକ୍ଷର ଷଟ୍‌ତିଳା ଏକାଦଶୀ ଗୁରୁବାର, ଓଳାଶୁଣୀ ଯାତ୍ରା, ଜାନୁୟାରୀ ୩୧ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୨୬ମି. ଗତେ ଘ୭।୫୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୫୬ମି. ଗତେ ଘ୧।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୩ମି. ଗତେ ଘ୨।୪୭ମି. ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## କନ୍ୟାଶ୍ରମରେ ଛାତ୍ରୀଙ୍କ ମୃତ୍ୟୁ, ଜଣେ ଗୁରୁତର

**ସୋର, ୩୦।୧(ଡି.ଏନ୍.ଏ.):** ସୋର ଅଞ୍ଚଳରେ ଥିବା ଏକ କନ୍ୟାଶ୍ରମରେ ଜଣେ ଛାତ୍ରୀଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ କମରପୁର ଗ୍ରାମର ଲାଲ ହାଁସଦାଙ୍କର ୮ବର୍ଷର ଝିଅ ହେମାଜନୀ ହାଁସଦା। ସେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ କନ୍ୟାଶ୍ରମ ତରଫରୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ଛାତ୍ରୀ ସରସ୍ୱତୀ ମଳିକ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ କେତେକ ଅନ୍ତେବାସିନୀ କହିଛନ୍ତି ଯେ, ମଙ୍ଗଳବାର ଜଣେ ଅନ୍ତେବାସୀଙ୍କର ପରିବାର ଲୋକେ ବରକୋଳି ଆଣିଥିଲେ। ସେହି ବରକୋଳିକୁ କେତେଜଣ ମିଶି ଖାଇଥିଲେ। ଏହାପରେ ଏହି ଘଟଣା ଘଟିଥିବା କୁହାଯାଉଛି। ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସୋର ଡାକ୍ତରଖାନାରେ ପ୍ରବଳ ଭିଡ଼ ହୋଇଥିଲା। ସୋର ପୋଲିସ, ତହସିଲଦାର ଦେବୀପ୍ରସନ୍ନ ଦାସ ପହଞ୍ଚି ତଦନ୍ତ କରିଛନ୍ତି। ବାଲେଶ୍ୱର ଶିଶୁ ମଙ୍ଗଳ କମିଟି ଘଟଣାସ୍ଥଳରେ ପହଞ୍ଚିଥିଲା। ସୋର ପୋଲିସ ଶବ ଜବତ କରି ଥାନାରେ ମାମଲା (ନଂ. ୭/୧୯) ରୁଜୁ କରିଛି।

■ ଜବାବ ମାଗୁଛି ଓଡ଼ିଶା ସମାବେଶ

# ‘୧୯ବର୍ଷର ସରକାରକୁ ୧୯ରେ ସଫା କରିବାକୁ ହେବ’

**ପୁରୀ ଅଫିସ,୩୦।୧**


ଛଇତନା ମେଳଣ ପଡ଼ିଆରେ ଅନୁଷ୍ଠିତ ‘ଜବାବ ମାଗୁଛି ଓଡ଼ିଶା’ ସମାବେଶରେ ମଞ୍ଚାସୀନ ଭାଜପା ନେତୃମଣ୍ଡଳୀ।

ପୁରୀ ହେଉଛି ପବିତ୍ର ମାଟି। ଏହି ମାଟିରେ ଦିନେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଏବଂ ଚାଖି ଖୁଣ୍ଟିଆଙ୍କ ପରି ସୁଯୋଗ୍ୟ ସନ୍ତାନ ଜନ୍ମ ନେଇଥିଲେ। ଏହି ମାଟି ପ୍ରତି ସଦାସର୍ବଦା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ତେଣୁ ଏହି ମାଟିରୁ ଆମେ ସଂକଳ୍ପ ନେବା। ୧୯ ବର୍ଷର ଭ୍ରଷ୍ଟାଚାରୀ, ଦୁର୍ନୀତିଖୋର, ଅପାରଗ, ସ୍ଥାଣୁ ଓ ମିଛୁଆ ସରକାରକୁ ୧୯ରେ ସଫା କରିବା ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପୁରୀ ସଦର ନିର୍ବାଚନମଣ୍ଡଳୀ ଛଇତନା ମେଳଣ ପଡ଼ିଆରେ ବୁଧବାର ଆୟୋଜିତ ଜବାବ ମାଗୁଛି ଓଡ଼ିଶା ସମାବେଶରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ବିଶ୍ୱ ପ୍ରସିଦ୍ଧ କୋଣାର୍କ, ଶ୍ରୀମନ୍ଦିର, ବିଶୁ ମହାରଣାର କାହାଣୀ, ଧର୍ମପଦର ବଳିଦାନର ସ୍ୱାକ୍ଷର ବହନ କରୁଥିବା ଏହି ଜିଲା ଆଜି ସବୁକ୍ଷେତ୍ରରେ ଅବହେଳିତ। ଅର୍ଦ୍ଧାଧିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ସବୁ ଘରକୁ ପାଇପ ଯୋଗେ ପିଇବା ପାଣିର ବ୍ୟବସ୍ଥା ନାହିଁ, ଲୋକଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ମିଳୁନି। ଜଳସେଚନ ବ୍ୟବସ୍ଥା ତଦ୍ରୂପ। ଯେତିକି ପାଣି ସମୁଦ୍ରକୁ ବହିଯାଉଛି ତାକୁ ଯଦି ରଖିବାର ବ୍ୟବସ୍ଥା ହୁଅନ୍ତା ତେବେ ଏ ଜିଲାର ଚାଷୀ ସମଗ୍ର ଭାରତବର୍ଷକୁ ପନିପରିବା ଯୋଗାଇପାରନ୍ତା। କୁମ୍ଭକର୍ଣ୍ଣ ନିଦରେ ଶୋଇଥିବା ନବୀନ ପଟ୍ଟନାୟକଙ୍କ ସରକାରକୁ ଆଜି ଜବାବ ମାଗିବାର ବେଳ ଆସିଛି ବୋଲି କହିଥିଲେ ଧର୍ମେନ୍ଦ୍ର। ଏଠି ଶିକ୍ଷକଙ୍କୁ ଦରମା ଦେବା ପାଇଁ ସରକାରଙ୍କ ପାଖରେ ପଇସା ନାହିଁ। କିନ୍ତୁ ମୁମ୍ବାଇରୁ ଶାହାରୁଖ୍ ଖାଁ ଏବଂ ସଲମାନ ଖାନ୍‌ଙ୍କୁ ଆଣି ନଚାଇ ଓଡ଼ିଆ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି।

■ ଓଡ଼ିଶାରେ ଯୁବକମାନଙ୍କ ପାଇଁ ସୁଯୋଗ ନାହିଁ

■ ପୁରୀ ଜିଲାର ଚାଷୀ ଭାରତକୁ ପନିପରିବା ଯୋଗାଇପାରିବେ

■ ଜାତୀୟ ରାଜପଥ ତିଆରିରେ ରାଜ୍ୟ ସରକାର ଅସହଯୋଗ କରୁଛନ୍ତି

ମୋଦି ସରକାର ବିଭିନ୍ନ ପ୍ରକଳ୍ପ ପାଇଁ ଓଡ଼ିଶାକୁ ୫ଲକ୍ଷ ୧୩ ହଜାର କୋଟି ଟଙ୍କା ଦେଇଛନ୍ତି। ଏଥିସହ କେନ୍ଦ୍ର ସରକାର ଘରେ ଘରେ ପାଇଖାନା ନିର୍ମାଣ ପାଇଁ ଅର୍ଥ ଦେଉଛନ୍ତି। ହେଲେ ହିତାଧିକାରଙ୍କ ଠାରୁ ୨ ହଜାର ଟଙ୍କା ପିସି ଆଦାୟ କରାଯାଉଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଦେଢଲକ୍ଷ ଟଙ୍କା ଲେଖାଏଁ ଦେଇଛନ୍ତି। ମାତ୍ର ଓଡ଼ିଶାର ୪୦ ଭାଗ ଲୋକଙ୍କର ଘର ତିଆରି ହୋଇପାରି ନାହିଁ। ଟଙ୍କିକିଆ ଚାଉଳ ହିତାଧିକାରୀ ତାଲିକାରେ ବଡ଼ବଡ଼ିଆଙ୍କ ନାଁ ରହିଥିବା କହିଥିଲେ ଧର୍ମେନ୍ଦ୍ର। ଓଡ଼ିଶାରେ ଜାତୀୟ ରାଜପଥ ଅଧିକ ଯୋଡ଼ା ଯାଇଛି। କିନ୍ତୁ ରାଜ୍ୟ ସରକାର ଏହି ରାସ୍ତା ତିଆରି କରାଇବାରେ ସହଯୋଗ କରୁନାହାନ୍ତି। ସେହିପରି କେନ୍ଦ୍ର ସରକାର ଓଡ଼ିଶା ଉପକୂଳ ରାଜପଥର ପରିକଳ୍ପନା କରିଛନ୍ତି। ୪୧୫ କିମି ଉପକୂଳ ରାଜପଥ ହେଲେ ଓଡ଼ିଶା ଅର୍ଥନୀତିରେ ବଡ଼ ପରିବର୍ତ୍ତନ ହେବ। ଏହାର ଏକ ବଡ଼ ଭାଗ ପୁରୀ ଜିଲା ଦେଇ ଯିବ। ଏହି ଜିଲାର ଜନପ୍ରତିନିଧି ମାନେ କେନ୍ଦ୍ର ସରକାରଙ୍କ ଏହି ପ୍ରକଳ୍ପକୁ ଭଣ୍ଡୁର କରିବା ଲାଗି ଚେଷ୍ଟା ଜାରି ରଖିଛନ୍ତି।

ଓଡ଼ିଶାରେ ଖଣିଜ ସମ୍ପଦ ଭରପୂର ଥିଲେ ମଧ୍ୟ ଯୁବକମାନଙ୍କ ପାଇଁ ସୁଯୋଗ ନାହିଁ। ଯେଉଁଥିପାଇଁ କାକଟପୁର ସମୁଦ୍ରକୂଳିଆ ଅଞ୍ଚଳର ଶିକ୍ଷିତ ଯୁବକ ଆଜି ରାଜସ୍ଥାନର ହୋଟେଲରେ କାମ କରୁଛନ୍ତି। ଏହା ହେଉଛି ନବୀନ ସରକାରଙ୍କ ବାସ୍ତବ ଚିତ୍ର ବୋଲି ଧର୍ମେନ୍ଦ୍ର କହିବା ସହ ନୂଆ ଓଡ଼ିଶା ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ କୃଷ୍ଣଚନ୍ଦ୍ର ଜଗଦ୍ଦେବ, କୃଷ୍ଣଚନ୍ଦ୍ର ପଣ୍ଡା, ରମାରଞ୍ଜନ ବଳିୟାରସିଂ, ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ଦଳୀୟ ନେତୃବୃନ୍ଦ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

# ଚଳନ୍ତା ବାଇକ୍ ଉପରକୁ ଗୁଳିମାଡ଼, ଯୁବକ ଗୁରୁତର

■ ଗ୍ରାମରେ ଉତ୍ତେଜନା, ଭଙ୍ଗାରୁଜା

**ବାଲେଶ୍ୱର ଅଫିସ, ୩୦।୧**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଫୁଲାଡ଼ି ଛକସ୍ଥିତ ବଳଙ୍ଗନଦୀ ଲୁହା ପୋଲ ନିକଟରେ ବୁଧବାର ରାତି ପ୍ରାୟ ସାଢ଼େ ୭ଟାରେ ଏକ ଚଳନ୍ତା ବାଇକ ଉପରକୁ ଗୁଳିମାଡ ହୋଇଛି। ଘଟଣାସ୍ଥଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏହି ଘଟଣା ପରେ ଗୁଳିମାଡର ଶିକାର ହୋଇଥିବା ଯୁବକଙ୍କ ପରିବାର ଓ ଗ୍ରାମବାସୀ ସାନଦହପଡ଼ା ଗାଁରେ ପଶି ଭଙ୍ଗାରୁଜା କରିଛନ୍ତି।

ଦହପଡ଼ା ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ବିରଞ୍ଚି ଦାସ (୩୨) ଫୁଲାଡ଼ି ଛକରୁ ଏକ ବୁଲେଟ୍‌ରେ ଘରକୁ ଫେରୁଥିଲେ। ସେ ଲୁହା ପୋଲ ପାରି ହେବା ପରେ ପଛପଟୁ ୨ ଜଣ ଦୁର୍ବୃତ୍ତ ଅନ୍ୟ ଏକ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ। ବିରଞ୍ଚିଙ୍କ ପିଠିରେ ଗୁଳି ବାଜିବାରୁ ସେ ଘଟଣାସ୍ଥଳରେ ପଡ଼ି ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଟାଉନ୍ ଭିତରକୁ ପଶିଯାଇ ଫେରାର୍ ହୋଇଯାଇଥିଲେ। ବିରଞ୍ଚିଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଜୀବନ ସଙ୍କଟାପନ୍ନ ରହିଛି। ଏହାକୁ କେନ୍ଦ୍ର କରି ବିରଞ୍ଚିଙ୍କ ପରିବାର ଓ ୫୦ରୁ ଊର୍ଦ୍ଧ୍ୱ ସମର୍ଥକ ଉକ୍ତ ପଞ୍ଚାୟତ ସାନଦହପଡ଼ା ଗାଁରେ ପଶି ଜଗନ୍ନାଥ ପ୍ରଧାନଙ୍କ ଘର ଉପରେ ଆକ୍ରମଣ କରିଛନ୍ତି। ଘରର ଫାଟକ ଭାଙ୍ଗି ଭିତରକୁ ପଶିବା ସହ ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ କରି ଦେଇଛନ୍ତି। ପାଖରେ ଥିବା ଏକ ବାଇକ୍‌କୁ ମଧ୍ୟ ସେମାନେ ଭାଙ୍ଗି ଦେଇଥିବାର ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗ୍ରାମରେ ପାଟ୍ରୋଲିଂ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାର ଜଣାପଡ଼ିଛି।

ଜଗିଙ୍କୁ ସ୍ୱାଧିକାର କମିଟିକୁ ଡକାଇବାକୁ ବିରୋଧ

# ବିଧାନସଭା ସ୍ୱାଧିକାର କମିଟିରୁ ଇସ୍ତଫା ଦେଲେ କନକ ବର୍ଦ୍ଧନ ସିଂଦେଓ

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

ବିଧାନସଭା ଖବର ପ୍ରସାରଣକୁ ନେଇ ବିଧାନସଭା ସ୍ୱାଧିକାର କମିଟି ଓଟିଭି ନିର୍ଦ୍ଦେଶିକା ଜଗି ମଙ୍ଗତ ପଣ୍ଡାଙ୍କୁ ସମନ କରିଥିଲା। ଜଗି ଜାନୁୟାରୀ ୨୮ ତାରିଖରେ କମିଟି ନିକଟରେ ବ୍ୟକ୍ତିଗତ ହାଜର ହୋଇ ପକ୍ଷ ରଖିଥିଲେ। ଏହାକୁ ବିରୋଧ କରି ସ୍ୱାଧିକାର କମିଟିର ସଦସ୍ୟ ତଥା ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ କମିଟିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ବୁଧବାର ବିଧାନସଭା ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କୁ ପ୍ରଦାନ କରିଛନ୍ତି। କେ.ଭି ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓଟିଭି ଦ୍ୱାରା ପ୍ରସାରଣ କରାଯାଇଥିବା ଏକ ଖବରକୁ ନେଇ ୨୦୧୮ ନଭେମ୍ବର ୨୦ ତାରିଖରେ ବିଧାନସଭାରେ ଏକ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ଏହାକୁ ବିରୋଧ କରି ବାଚସ୍ପତିଙ୍କ ଦ୍ୱାରା ୨୦୧୮-୧୯ ପାଇଁ ଗଠନ କରାଯାଇଥିବା ସ୍ୱାଧିକାର କମିଟିର ସଦସ୍ୟ ପଦବୀରୁ ଇସ୍ତଫା ଦେଉଥିବା ଉଲ୍ଲେଖ କରିଛନ୍ତି। ଓଟିଭି ଖବର ପ୍ରସାରଣ କରି ବିଧାନସଭାର ମର୍ଯ୍ୟାଦାହାନି କରିଥିବା ବାହିନୀପତି ଦର୍ଶାଇଥିଲେ। ତେବେ ଏଥିରେ ସେ ଉକ୍ତ ଚ୍ୟାନେଲର ପରିଚାଳନା ନିର୍ଦ୍ଦେଶିକାଙ୍କୁ କମିଟି ସମ୍ମୁଖରେ ହାଜର କରାଇବାକୁ ଉଲ୍ଲେଖ କରି ନ ଥିଲେ। ଗଣମାଧ୍ୟମ ମାଲିକଙ୍କୁ ଡକାଇବାର ବ୍ୟବସ୍ଥା ନାହିଁ। ସ୍ୱାଧିକାର କମିଟିକୁ ସମ୍ପାଦକ କିମ୍ବା ଖବରଦାତାଙ୍କୁ ଡକାଯାଇ ଥାଏ। ସେହିପରି ଚ୍ୟାନେଲର ସମ୍ପାଦକ କିମ୍ବା ରିପୋର୍ଟରଙ୍କୁ ଡକାଯାଇ ପାରିଥାଆନ୍ତା। ଏହା ନ କରି ଉକ୍ତ ଚ୍ୟାନେଲର ନିର୍ଦ୍ଦେଶିକାଙ୍କୁ ଡକାଯାଇଛି। ଜଗି ଓଡ଼ିଶାର ଜଣେ ଖ୍ୟାତନାମା ମହିଳା ଉଦ୍ୟୋଗୀ। ତାଙ୍କୁ ସର୍ବସାଧାରଣରେ ଅପମାନିତ କରାଯାଇଛି। ମହିଳା ବିରୋଧୀ ଏବଂ ରାଜନୈତିକ ବିଦ୍ୱେଷ ଭାବ ରଖି ଏଭଳି କରାଯାଇଛି ବୋଲି କେ.ଭି ବାଚସ୍ପତିଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଉକ୍ତ କାରଣ ଦର୍ଶାଇବା ସହ କମିଟିର ସଦସ୍ୟ ହୋଇଥିଲେ ମଧ୍ୟ ତାଙ୍କ ପ୍ରତି ଅନ୍ୟାୟ କରାଯିବା ସହ ଏହା ସ୍ୱାଧୀନ ଭାବେ କାର୍ଯ୍ୟ କରୁ ନାହିଁ ଅଭିଯୋଗ ଆଣି ଇସ୍ତଫା ଦେଇଥିବା କେ.ଭି ଉଲ୍ଲେଖ କରିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ କମିଟିରେ ହାଜର ହୋଇ ଫେରିବା ପରେ ଜାଣିଶୁଣି ତାଙ୍କୁ ତାଙ୍କ ଟିଭି ଚ୍ୟାନେଲକୁ ହଇରାଣ ଓ ବଦନାମ କରିବାକୁ ଉଦ୍ୟମ କରାଯାଉଥିବା ଜଗି ଅଭିଯୋଗ କରିଥିଲେ। ତାରା ମଧ୍ୟ କମିଟିକୁ ଡକାଯିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ କହିଥିଲେ ଯେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବକୁ ଉଠେଇ ନେବାକୁ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହା ସତ୍ତ୍ୱେ ପୁଣି ଡକାଯିବାକୁ ନେଇ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

ରଘୁନାଥପାଲି ବିଧାୟକଙ୍କ ବିରୋଧରେ ନିର୍ବାଚନୀ ମାମଲା

## ନିଷ୍ପତ୍ତି ନେବେ ନିର୍ବାଚନ କମିଶନର

**କଟକ ଅଫିସ, ୩୦।୧:** ସୁନ୍ଦରଗଡ଼ ଜିଲା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ବିରୋଧରେ ନିର୍ବାଚନୀ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ନିୟମାନୁଯାୟୀ ଯଦି ନିର୍ବାଚନକୁ ନେଇ କୌଣସି ମାମଲା ଚାଲିଥାଏ ତେବେ ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ସ୍ୱତନ୍ତ୍ର ଭାବେ ସଂରକ୍ଷିତ କରି ରଖାଯାଇଥାଏ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ସୁନ୍ଦରଗଡ଼ ଜିଲାପାଳ ରଘୁନାଥପାଲି ନିର୍ବାଚନମଣ୍ଡଳୀର ୨୦୧୪ ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ସଂରକ୍ଷଣ ମୁକ୍ତ କରି ସେଗୁଡ଼ିକୁ ନେବା ନିମନ୍ତେ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନର ଶୁଣାଣି କରି ବିଚାରପତି ବି.ଆର୍. ଷଡଙ୍ଗୀ ଏହି ନିଷ୍ପତ୍ତି ନିର୍ବାଚନ କମିଶନର ନେବେ ବୋଲି ଆଦେଶ ଦେଇଛନ୍ତି। ସୂଚନାଥାଉକି, ବିଧାୟକ ସୁବ୍ରତ ତରାଇ ୨୦୧୪ରେ ଭୋଟରଙ୍କୁ ଅର୍ଥ ଦେଇ ନିର୍ବାଚନ ଜିତିଥିବା ନେଇ ହାଇକୋର୍ଟରେ ମାମଲା ହୋଇଥିଲା। ଅସାଧୁ ଉପାୟରେ ବିଧାୟକ ନିର୍ବାଚନ ଜିତିଥିବାରୁ ତାଙ୍କ ସଭ୍ୟପଦ ରଦ୍ଦ କରିବାକୁ ଜଗବନ୍ଧୁ ବେହେରା ନାମକ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଘର ମାଲିକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ଖୋର୍ଦ୍ଧା ଅଫିସ,୩୦।୧**

ଖୋର୍ଦ୍ଧା ଆଦର୍ଶ ଥାନା ବାଘମାରୀ ଫାଣ୍ଡି ସିମୋର ଛକରେ ଘଟିଛି ବୀଭତ୍ସ ହତ୍ୟାକାଣ୍ଡ। ଏକନିର୍ମାଣାଧୀନ କୋଠାଘରେ ଘରର ମାଲିକ କଣ୍ଟାମଳିମ ଗାଁର ସତ୍ୟବ୍ରତ ପାତ୍ର ଓରଫ ତପୁ (୨୫)ଙ୍କୁ ମଙ୍ଗଳବାର ରାତିରେ ହତ୍ୟା କରାଯାଇଛି। ହତ୍ୟା କରାଯାଇଥିବା ଘରର କାନ୍ଥରେ ହତ୍ୟାର କାରଣ ଲେଖି ବାହାରପଟ କବାଟରେ ତାଲାମାରି ହତ୍ୟାକାରୀ ଫେରାର ହୋଇଯାଇଛନ୍ତି। ଘରର କେୟାର୍‌ଟେକର ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ମୃତକଙ୍କ ବାପା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୨୮/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ରକ୍ତଭିଜା ଟାଙ୍ଗିଆକୁ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ନେଇ ପୋଲିସ ସନ୍ଦେହ କରୁଛି।

କଣ୍ଟାମଳିମ ଗାଁର ସତ୍ୟବ୍ରତଙ୍କର ସିମୋର ଛକ ନୂଆ ଘରେ ନରେନ୍ଦ୍ର ବୋଲି ଜଣେ ଯୁବକ କେୟାର୍‌ଟେକର ଭାବେ କାର୍ଯ୍ୟ କରନ୍ତି। ନରେନ୍ଦ୍ର ସବୁବେଳେ ମଦ ପିଅନ୍ତି। ନରେନ୍ଦ୍ରଙ୍କ ମଦ ପିଇବାକୁ ସତ୍ୟବ୍ରତ ବାରମ୍ବାର ବାରଣ କରୁଥିଲେ। ମଦ ପିଇବାକୁ ବାରଣ କରିବାରୁ ନରେନ୍ଦ୍ର ସତ୍ୟବ୍ରତଙ୍କୁ ହତ୍ୟା କରିଥିବା କୁହାଯାଉଛି। ମଙ୍ଗଳବାର ରାତିରେ ନରେନ୍ଦ୍ର ମଦ ପିଇ ଆସିଥିଲେ। ମଦ ପିଇବା ଘଟଣାକୁ ନେଇ ନରେନ୍ଦ୍ର ଓ ସତ୍ୟବ୍ରତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା।



■ ହତ୍ୟାର କାରଣ କାନ୍ଥରେ ଲେଖି ହତ୍ୟାକାରୀ ଫେରାର

■ କେୟାର୍‌ଟେକରଙ୍କ ସମ୍ପୃକ୍ତି ଅଭିଯୋଗ

■ ରକ୍ତଭିଜା ଟାଙ୍ଗିଆ ଜବତ

ଏଥିରେ ସେ ଉତ୍ତକ୍ଷିପ୍ତ ହୋଇ ସତ୍ୟବ୍ରତଙ୍କୁ ଟାଙ୍ଗିଆରେ ବେକକୁ ହାଣି ଦେଇଥିବା ସନ୍ଦେହ କରାଯାଉଛି। ଏଥିରେ ତାଙ୍କ ବେକ ପ୍ରାୟ ୭୦ ପ୍ରତିଶତ କଟି ଯାଇଛି। ସବୁଠାରୁ ବଡକଥା ଘର ନିର୍ମାଣ ଶେଷ ହୋଇଥିଲେ ସତ୍ୟବ୍ରତଙ୍କ ବିବାହ ହୋଇଥାନ୍ତା। ତାଙ୍କ ନିର୍ବନ୍ଧ ଜଟଣୀ କୁସୁମାଟି ଗାଁରେ ଶେଷ ହୋଇସାରିଛି। ଏଭଳିସ୍ଥଳେ ହତ୍ୟାକାରୀ କାନ୍ଥରେ ଅଙ୍ଗାରରେ ଲେଖିଛନ୍ତି ମୁଁ ତାଙ୍କୁ ଏତିକି କହିଥିଲି। ମୁଁ ଯଦି ମଦ ଖାଇଲି ତୁମେ ବେଶ୍ୟା ବାଡିକି ଯାଉଛ। ବାବା ଟିକେ ଦୟାକରି ଶୁଣନ୍ତୁ ଆପଣଙ୍କ ପୁଅ ମୋ ପ୍ରତି ଅନ୍ୟାୟ କରିଛି। ମୁଁ କିଛି ନେଇନି କେବଳ ମୁଦିଟି ନେଇଛି ବୋଲି ଲେଖା ରହିଛି। ଏ ନେଇ ମୃତକଙ୍କ ବାପା ଗୋପାଳ କୁହନ୍ତି, ପୁଅ ସତ୍ୟବ୍ରତ ଭୁବନେଶ୍ୱରରୁ ଅଟୋରେ ରଙ୍ଗ ପଠାଇ ମଙ୍ଗଳବାର ସନ୍ଧ୍ୟାରେ ଘରକୁ ଫେରିଥିଲେ। ଘରେ ଖାଇପିଇ ଶୋଇଥିଲେ। ଘରେ ଥିବା ନରେନ୍ଦ୍ର ପୁଅ ସତ୍ୟବ୍ରତ ଏକାଠି ଥିଲେ। ଘରର ୩ଟି ଚାବି ସତ୍ୟବ୍ରତ, ନରେନ୍ଦ୍ର ଓ ତାଙ୍କ ପାଖରେ ଥିଲା। ମଦ ପିଇବାକୁ ନେଇ ସତ୍ୟବ୍ରତ ବିଭିନ୍ନ ସମୟରେ ନରେନ୍ଦ୍ରଙ୍କୁ ବାରଣ କରୁଥିଲେ। ଘରର କାର୍ଯ୍ୟ ଶେଷ କରି ବୁଧବାର ପୂର୍ବାହ୍ନରେ ନୂଆ ଘରକୁ ବାଇକ୍ ଯୋଗେ ଯାଉଥିବାବେଳେ ତରତୁଆ ନିକଟରେ ନରେନ୍ଦ୍ରଙ୍କୁ ଚାଲିକରି ଯିବାର ଦେଖିବାକୁ ପାଇଥିଲି। ଘରର ରଙ୍ଗ ହେବାକୁ ଥିବାବେଳେ କୁଆଡେ ଯାଉଛୁ ପଚାରିବାରୁ ମିସ୍ତ୍ରିଙ୍କୁ ଟଙ୍କା ଦେବାକୁ ଯାଉଛି କହି ନରେନ୍ଦ୍ର ଚାଲି ଯାଇଥିଲେ। ପୁଅଙ୍କୁ ନ ପାଇ ଘରର ତାଲା ଭାଙ୍ଗି ଦେଖିଲା ବେଳକୁ ଘରେ ସତ୍ୟବ୍ରତଙ୍କ ମୃତଦେହ ପଡି ରହିଥିଲା ବୋଲି ଗୋପାଳ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଟ୍‌ଫଣ୍ଡ ଭୂତ ଘାରିଛି: ଲେଖାଶ୍ରୀ

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ବାରିପଦା ଛଉ ପଡିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନିଃସହାୟତା ବୁଧବାର ସାଢେ ୪କୋଟି ଓଡିଆ ଦେଖିଛନ୍ତି ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ଚିଟ୍‌ଫଣ୍ଡର ଭୂତ ଘାରିଛି। ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା ସରକାରୀ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହେଲେନାହିଁ। କାଳେ ଚିଟ୍‌ଫଣ୍ଡର କାଳିମା ଦେହରେ ଲାଗିବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସଭାରୁ ତାଙ୍କୁ ଦୂରରେ ରଖାଗଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବାରିପଦା ଆସିଥିଲେ। ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ମୟୂରଭଞ୍ଜ ଏମ୍‌ପି ପ୍ରଧାନମନ୍ତ୍ରୀଙ୍କ ସହ ମଞ୍ଚରେ ବସିଥିଲେ। ଜଣେ ଦୁର୍ନୀତିଗ୍ରସ୍ତଙ୍କୁ ଦୂରରେ ରଖିବା ଚିନ୍ତା ନା ଓଡିଶା ସରକାରଙ୍କ ପୃଷ୍ଠପୋଷକତାରେ ଲୋକଙ୍କ କଷ୍ଟ ଅର୍ଜିତ ଅର୍ଥକୁ ଲୁଟ କରିଥିବା ହାଁସଦାଙ୍କୁ ପାଖରେ ବସାଇଲେ କାଳେ ଜନବିରୋଧର ଶିକାର ହେବେ ସେଥିପାଇଁ ସାମ୍ବିଧାନିକ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରିବାକୁ ଯୋଜନା କରାଯାଇଥିଲା। ରାଜ୍ୟ ସରକାର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ମହିଳାମାନଙ୍କୁ ପଇସା ବାଣ୍ଟିବାକୁ ଯାଉଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।

# ସୁନା ଦୋକାନରୁ ୧୫ ଲକ୍ଷର ଗହଣା ଲୁଟ୍

**ରାଜନଗର,୩୦।୧(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳର ସବୁଠୁ ଜନଗହଳିପୂର୍ଣ୍ଣ ରାସ୍ତା ହଂସୁଆ ସେତୁ ଠାରୁ ମାତ୍ର ଶହେ ଫୁଟ ଦୂରରେ ଥିବା ଏକ ସୁନା ଦୋକାନରୁ ବୁଧବାର ପୂର୍ବାହ୍ନରେ ଦୁର୍ବୃତ୍ତମାନେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସିସି ଟିଭି ଫୁଟେଜକୁ ଆଧାର କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

ହଂସୁଆ ସେତୁ ନିକଟ ଗୁପ୍ତି ମୁଖ୍ୟରାସ୍ତାର ପାର୍ଶ୍ୱରେ ଶ୍ରୀମତୀ ଅଳଙ୍କାର ଓ କଂସାବାସନ ଦୋକାନ ରହିଛି। ସକାଳ ସାଢେ ୯ଟା ସମୟରେ ଏହି ଦୋକାନର ମାଲିକ ପଟ୍ଟାମୁଣ୍ଡାଇ ବ୍ଲକର ନାରାୟଣ କୁଣ୍ଡ ଦୋକାନ ଖୋଲି ଭିତରକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ମୋଟର ସାଇକେଲରେ ପିଛା କରୁଥିବା ଦୁଇଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଦୋକାନ ମଧ୍ୟକୁ ଯାଇଥିଲେ। ସେ ଭିତରେ ପଶି ବିଭିନ୍ନ ଅଳଙ୍କାର ଦେଖିଥିଲେ। ପରେ ରୁପାର ପାଉଁଜି ଦେଖାଇବାକୁ କହିଥିଲେ। ପ୍ରଥମ ଦୁର୍ବୃତ୍ତଙ୍କ ଇଙ୍ଗିତରେ ବାହାରେ ପ୍ରସ୍ତୁତ ରହିଥିବା ଅନ୍ୟ ଜଣକ ଦୋକାନ ମଧ୍ୟକୁ ପ୍ରବେଶ କରିବା ସହିତ ସୁନା ଅଳଙ୍କାର ଦେଖିଥିଲେ। ଏହି ସମୟରେ ନାରାୟଣ ରୁପାର ପାଉଁଜି କାଢିବା ବେଳେ ପ୍ରଥମ ଦୁର୍ବୃତ୍ତ ଦୋକାନରୁ ଚତୁରତାର ସହିତ ୪୨୦ ଗ୍ରାମର ସୁନା ଅଳଙ୍କାର ଥିବା ଡବାକୁ ଉଠାଇ ଆଣି ସହଯୋଗୀଙ୍କ ସହ ଚମ୍ପଟ ମାରିଥିଲେ। ନାରାୟଣ ନିଜର ଏକ ସୁନା ଅଳଙ୍କାର ଡବା ନ ପାଇ ବାହାରକୁ ଆସି ଚୋରି ହୋଇଥିବା କହି ପାଟି କରିଥିଲେ। ଚିତ୍କାର ଶୁଣି ପାଖ ଦୋକାନୀ ଓ ସାଧାରଣ ଲୋକେ ସେଠାରେ ପହଞ୍ଚି ଚୋରି ହେବା କଥା ଜାଣିବା ପରେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଅଳଙ୍କାର ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରିଥିଲେ। ଏଥିରେ ଦୁଇଜଣ ଦୁର୍ବୃତ୍ତଙ୍କ ଚେହେରା ଦେଖିବାକୁ ମିଳିଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କ ପତ୍ତା ମିଳିନାହିଁ। ରାଜନଗର ଆଇଆଇସି ସୁକାନ୍ତ କୁମାର ପାତ୍ର ପଟ୍ଟାମୁଣ୍ଡାଇ, ମହାକାଳପଡା, କେନ୍ଦ୍ରାପଡା ହେଡକ୍ୱାର୍ଟରକୁ ଏ ନେଇ ସୂଚନା ଦେବା ସହ ରାସ୍ତା ସିଲ୍ କରିଥିଲେ। ଗତ ୨୧ ତାରିଖରେ ରାଜନଗର ବ୍ଲକର କଣ୍ଡିରାରେ ଘଟିଥିବା ଗୁଳିକାଣ୍ଡ ଓ ପୋଲିସ ଏନକାଉଣ୍ଟର ଭୟ ସାଧାରଣ ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଆଜି ଦିବାଲୋକରେ ରାଜନଗର ବଜାରରୁ ଚୋରିହେବା ଘଟଣା ନେଇ ଆତଙ୍କ ଖେଳିଯାଇଛି।

# ଡାହାଣୀ ସନ୍ଦେହ ଉଜାଡ଼ି ଦେଲା ସଂସାର

■ ୧୪ ବର୍ଷ ପରେ ବି ସ୍ୱାଭାବିକ ହୋଇନି ସାମାଜିକ ଜୀବନ

**ବସନ୍ତ ଧଳ**
**ରାଉରକେଲା ଅଫିସ,୩୦।୧**

ଭୁଲ ଥିଲା ଏତିକି, ଘରେ ଠାକୁରଙ୍କ ଫଟୋ ରଖି ସେ ଭକ୍ତିର ସହ ପୂଜାପାଠ କରୁଥିଲେ। ସଞ୍ଜ ସକାଳେ ଧୂପ ଦୀପ ଦେଇ ପରିବାର ଓ ଆତ୍ମୀୟଙ୍କ ମଙ୍ଗଳ କାମନା କରୁଥିଲେ। ହେଲେ ଏହି ପୂଜାପାଠ ଦିନେ ତାଙ୍କ ପାଇଁ କାଳ ହେବ ସେ ସ୍ୱପ୍ନରେ ବି ଭାବି ନ ଥିଲେ। ଡାହାଣୀ ରୂପ ଦେଇ ଗାଁ ଲୋକେ ତାଙ୍କୁ ରାତି ସାରା ଖୋଲା ଆକାଶ ତଳେ ବାନ୍ଧି ରଖିଲେ। ଅମାନୁଷିକ ଭାବେ ମାଡ଼ ମାରିଲେ। ସର୍ବ ସମ୍ମୁଖରେ ଉଲଗ୍ନ କଲେ। ବିଷ୍ଠା ଖୁଆଇଲେ। ତଥାପି ମନ ବୁଝିଲାନି, ଶାନ୍ତ ପଡିଲେନି ସେମାନେ। ନଈପାର କରି ଗାଁରୁ ତଡ଼ି ଦେଲେ।

ଏହା କେଉଁ ବହିର ଗପ ନୁହେଁ କି ସିନେମାର କାହାଣୀ। ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଟାଇଁସର ପଞ୍ଚାୟତ ଅନ୍ତର୍ଗତ ପାତ୍ରାଟୋଲା ଗାଁର ଡାହାରୁ ଏକାଙ୍କ ସ୍ତ୍ରୀ ନୁନି(୫୦)ଙ୍କ ଅଙ୍ଗେନିଭା କଥା। ଆଜିକୁ ୧୪ ବର୍ଷ ତଳେ ଘଟିଥିବା ଏହି ଘଟଣା ବର୍ଣ୍ଣନା କଲାବେଳେ ତାଙ୍କ ଆଖି ଛଳ ଛଳ ହୋଇ ଉଠିଥିଲା। ନୁନିଙ୍କୁ ସେତେବେଳେ ୩୯ବର୍ଷ ବୟସ। ତାଙ୍କ ଜୀବନରେ ଆସିଥିଲା ଏମିତି ଏକ ଝଡ଼। ଯାହା ତାଙ୍କୁ ନିଃସଙ୍ଗ କରି ଛାଡି ଯାଇଛି। ନା ଅଛି ସ୍ୱାମୀଙ୍କ ଭଲ ପାଇବା ନା ପରିବାର କିମ୍ବା ଆତ୍ମୀୟ ସ୍ୱଜନ, ସମସ୍ତେ ପାଲଟି ଯାଇଛନ୍ତି ତାଙ୍କ ପାଇଁ ଶତ୍ରୁ। ଏନେଇ ବୁଧବାର ସାମାଜିକ କର୍ମୀ ଶାନ୍ତନୁ କୁସୁମ ଓ ଡାହାଣୀ ସନ୍ଦେହ ହିଂସା ଉପରେ ଅନୁସନ୍ଧାନ କରୁଥିବା ଛାତ୍ରୀ ଇତିଶ୍ରୀ ସିଂ ରାଠୋର ନୁନିଙ୍କୁ ସାକ୍ଷାତ କରିବାକୁ ତାଙ୍କ ଗାଁ(ଟାଇଁସର)କୁ ଆସିଥିଲେ। ସେମାନଙ୍କୁ ଦେଖି ଭୋ ଭୋ ହୋଇ କାନ୍ଦି ଉଠିଥିଲେ ନୁନି। ସେଦିନର ଅଭାବନୀୟ ପରିସ୍ଥିତିକୁ ମନେ ପକାଇ କୋହ ସମ୍ଭାଳି ପାରି ନ ଥିଲେ ସେ। ୨୦୦୪ ମେ ୪ ତାରିଖ ସନ୍ଧ୍ୟାରେ ତାଙ୍କ ଜୀବନରେ ଘଟିଥିଲା ଏଭଳି ଅଭାବନୀୟ ଘଟଣା। ନିଜ ପିଲାଙ୍କୁ ଖୋଜିବାକୁ ନୁନି ଯାଇଥିଲେ ପଡୋଶୀଙ୍କ ଘରକୁ। ସେତିକି ବେଳେ ହଠାତ୍ ପଡୋଶୀଙ୍କ ଝିଅ ଅସୁସ୍ଥ ହୋଇପଡିଥିଲା। ଆଉ ଆକ୍ରୋଶର ଶିକାର ହୋଇଥିଲେ ନୁନି। ଡାହାଣୀ ସନ୍ଦେହରେ ତାଙ୍କୁ ସେହି ଘରେ ବାନ୍ଧି ଦିଆଗଲା। ଭର୍ତ୍ସନା କରାଯିବା ସହ ନିଷ୍ଠୁର ମାଡ଼ ମରାଗଲା। ସର୍ବସମ୍ମୁଖରେ ଉଲଗ୍ନ କରି ବିଷ୍ଠା ଖୁଆଗଲା। ଶେଷରେ ବ୍ରାହ୍ମଣୀ ନଦୀ ପାର କରି ଦିଆଗଲା। ଗାଁକୁ ଫେରିଲେ ପରିସ୍ଥିତି ଭୟାବହ ହେବ ଏମିତି ଧମକ ଦିଆଗଲା। ଏପରି ଅବସ୍ଥାରେ କେହି ଜଣେ ହେଲେ ଆହା ପଦେ କହିଲେ ନାହିଁ। ବିଚାରି ନୁନି ଅସହାୟ ହୋଇ ଖାଲି ଭାଗ୍ୟକୁ ନିନ୍ଦିବା ଛଡା ପ୍ରତିକ୍ରିୟା ବି ପ୍ରକାଶ କରିବାକୁ ସୁଯୋଗ ପାଇ ନ ଥିଲେ।

ଏନେଇ ସେତେବେଳେ ନୁନି କାଲୁଙ୍ଗା ଫାଣ୍ଡିରେ ପହଞ୍ଚି ଥିଲେ। ସେତେବେଳେ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଗଲାନି। ଗଣମାଧ୍ୟମରେ ଘଟଣା ଚର୍ଚ୍ଚା ହେବା ପରେ କୋର୍ଟ ଏଥିରେ ହସ୍ତକ୍ଷେପ କଲେ। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଏକ ମାମଲା ରୁଜୁ କରିଥିଲା। ତତ୍କାଳୀନ ଜିଲାପାଳ, ମହିଳା କମିଶନଙ୍କ ଭଳି ବହୁ ଅଧିକାରୀ ନୁନିଙ୍କୁ ନ୍ୟାୟ ଦେବାକୁ ଭରସା ଦେଇଥିଲେ। ହେଲେ ପ୍ରଶାସନର ସବୁ ପ୍ରତିଶ୍ରୁତି ନିଷ୍ଫଳ ପ୍ରମାଣିତ ହୋଇଥିଲା। ଇତିମଧ୍ୟରେ ୧୪ ବର୍ଷ ବିତିଲାଣି। ସ୍ୱାଭାବିକ ହୋଇନି ତାଙ୍କ ଜୀବନ ଧାରା କି ସମ୍ପର୍କ। ଗ୍ରାମବାସୀ, ସମ୍ପର୍କୀୟ ଏପରିକି ନିଜ ପିଲାଙ୍କ ମନରୁ ଆଜି ଦୂର ହୋଇପାରୁନି ସନ୍ଦେହ। ଗାଁରୁ ନୁନିଙ୍କୁ ତଡି ଦିଆଯିବା ପରେ ନିଜର ୩ ପିଲା ଶିକ୍ଷାରୁ ବଞ୍ଚିତ ହେଲେ। ସ୍ୱାମୀ ମୁହଁ ଫେରାଇ ନେଲେ। ଗାଁ ଲୋକେ ଦୂରଦୂର କଲେ। ସନ୍ଦେହ କିପରି ଜଣେ ନିରୀହ ମହିଳାଙ୍କ ଜୀବନକୁ ଛାରଖାର କରିଦେଲା ତାର ନିଚ୍ଛକ ଉଦାହରଣ ହୋଇ ରହିଗଲେ ନୁନି। ସେଦିନର ପ୍ରଶାସନିକ ପ୍ରତିଶ୍ରୁତି, ଭରସା, ଆଶ୍ୱାସନା ତାଙ୍କ ଜୀବନରେ ଆଜି ବି ପରିବର୍ତ୍ତନ ଆଣି ପାରିନି। ଗୁମୁରି କାନ୍ଦୁଛି ତାଙ୍କ ଆତ୍ମା। ଜଡ ମଣିଷ ପରି ବଞ୍ଚିଛନ୍ତି ସେ। ଉପାୟ ନାହିଁ କହି ଲୁହ ନିଗାଡୁଛନ୍ତି ନୁନି। କେହି କାହା ଜୀବନକୁ ଏମିତି ମିଛ ଡାହାଣୀ ସଜେଇ ନାରଖାର ନ କରନ୍ତୁ ବୋଲି ସେ ଆଜି ବି ହାତ ଯୋଡ଼ି ଗୁହାରି କରିଛନ୍ତି।


ନିର୍ଯାତିତା ନୁନି ଏକାଙ୍କ ସହ ସାମାଜିକ କର୍ମୀ ସାନ୍ତନୁ କୁସୁମ ଓ ଇତିଶ୍ରୀ ସିଂ ରାଠୋର।

# ପିମ୍ପୁଡ଼ିଙ୍କ ବିଶ୍ୱ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଆମର ଭାଗ୍ୟ ଭଲ ଯେ, ଏ ଯାବତ୍ ଆବିଷ୍କୃତ ହୋଇଥିବା ସମସ୍ତ ୧୩,୦୦୦ ପ୍ରଜାତିର ପିମ୍ପୁଡ଼ି ଆକାରରେ କ୍ଷୁଦ୍ର। ଯଦି ବିରାଡ଼ି ଆକୃତିର ବି ହୋଇଥାନ୍ତେ, ତେବେ ସେମାନେ ହିଁ ଏ ପୃଥିବୀରେ ରାଜ୍ କରୁଥାନ୍ତେ। ମଙ୍ଗଳ ପୃଷ୍ଠରେ କେମିତି ପହଞ୍ଚି ହେବ, ତାହାର ବାଟ ସେମାନେ ବାହାର କରିସାରନ୍ତେଣି। ଚନ୍ଦ୍ରପୃଷ୍ଠରେ ବି ବସତି ସ୍ଥାପନ କରିସାରନ୍ତେଣି। ସେମାନେ ଯେକୌଣସି ଗାଣିତିକ ବା ମାଧ୍ୟାକର୍ଷଣଜନିତ ସମସ୍ୟାର ସମାଧାନ କରିବା ସହ ବିନା ଧାତୁରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାରେ ପାରଙ୍ଗମ ହେବାଟା ବି ବିଚିତ୍ର ନୁହଁ, ଯଦି ସେମାନେ ଅତି କମ୍‌ରେ ବିରାଡ଼ି ଆକୃତିର ବି ହୋଇଥାନ୍ତେ। ସେମାନେ ସମୁଦ୍ରରେ ଯାତ୍ରା କରି ଯଥାସମ୍ଭବ ଅନେକ ପ୍ରଜାତିକୁ ଧ୍ୱଂସ କରିସାରନ୍ତେଣି। ସେମାନେ ସବୁବେଳେ ଯୁଦ୍ଧରତ ରହୁଥାନ୍ତେ, କିନ୍ତୁ ସେମାନଙ୍କ ଯୁଦ୍ଧବିଗ୍ରହ ଯୋଗୁ ପ୍ରକୃତି ଓ ପରିବେଶର କିଛି କ୍ଷତି ହେଉ ନ ଥାନ୍ତା କିମ୍ବା ଜଳବାୟୁର ପ୍ରଦୂଷଣ ଘଟୁ ନ ଥାନ୍ତା।

ମୁଁ ପିମ୍ପୁଡ଼ିମାନଙ୍କୁ କ୍ଷୁଦ୍ରାକୃତି ମଣିଷ ବୋଲି ମନେକରେ। ପ୍ରତିଦିନ ମୁଁ ସେମାନଙ୍କ ବିଷୟରେ ନୂଆ ନୂଆ କଥା ଶିଖୁଛି। ମଣିଷଙ୍କ ପରି ପିମ୍ପୁଡ଼ିମାନେ ଖାଦ୍ୟ ଓ ବାସସ୍ଥାନ ପାଇଁ ଲଢ଼େଇ କରନ୍ତି। ସେମାନେ ପରସ୍ପର ଭିତରେ ବା ଦଳ ଦଳ ଭିତରେ ବା ଜାତି ଜାତି ଭିତରେ ମଣିଷ ଜନ୍ମର ବହୁ ପୂର୍ବରୁ ଲଢ଼େଇ କରିଆସୁଛନ୍ତି। କୀଟପତଙ୍ଗଙ୍କ ଜୀବାଶ୍ମ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ପ୍ରାୟ ୯୯ ନିୟୁତ ବର୍ଷ ତଳେ, ଯେତେବେଳେ ଡାଇନୋସର ଏ ପୃଥିବୀରେ ରାଜୁତି କରୁଥିଲେ, ତା' ପୂର୍ବରୁ ପିମ୍ପୁଡ଼ି ଅଛନ୍ତି। ଯୁଦ୍ଧ କରି ମରିଥିବା ପିମ୍ପୁଡ଼ିମାନଙ୍କୁ ପ୍ରାଚୀନ ବର୍ମିଜ ଅମ୍ବର (ଜୀବାଶ୍ମୀକୃତ ଉଦ୍ଭିଦ ରେଜିନ୍)ରେ ସାଇତି ରଖାଯାଇଛି। ମାର୍କ ମୋଫେଟ୍‌ଙ୍କ ପୁସ୍ତକ 'ଆଡ୍‌ଭେଞ୍ଚର୍ସ ଆମଙ୍ଗ୍ ଆଣ୍ଟସ୍'ରେ ସେ କାଲିଫର୍ନିଆରେ ଆର୍ଜେଣ୍ଟାଇନ୍ ପିମ୍ପୁଡ଼ିମାନଙ୍କର ଦୁଇଟି ବିଶାଳ କଲୋନୀ ମଧ୍ୟରେ ଅଞ୍ଚଳଗତ ଅଧିକାରକୁ ନେଇ ଯୁଦ୍ଧ ହେବା କଥା ଲେଖିଛନ୍ତି। ସମ୍ମୁଖ ଯୁଦ୍ଧରେ ପ୍ରତି ମାସରେ ନିୟୁତ ନିୟୁତ ପିମ୍ପୁଡ଼ି ମରନ୍ତି। ଏପରି କି ମଣିଷମାନଙ୍କ ପରି ପିମ୍ପୁଡ଼ିମାନଙ୍କ ଭିତରେ ବିବାଦ ଓ ଯୁଦ୍ଧ ହୁଏ ବୋଲି ବୈଜ୍ଞାନିକ ଚାର୍ଲସ ଡାରୱିନ୍ ଲେଖିଛନ୍ତି।

ମଣିଷ ଓ ପିମ୍ପୁଡ଼ିମାନଙ୍କ ଭିତରେ ଥିବା କିଛି ସାଦୃଶ୍ୟ ଏଠାରେ ଆଲୋଚନା କରୁଛି। * ଫ୍ଲୋରିଡ଼ା ପିମ୍ପୁଡ଼ି (ଫର୍ମିକା ଆର୍କବୋଲ୍‌ଡି) ନିଜ ବସାକୁ ତାଙ୍କ ଶତ୍ରୁ ଟ୍ରାପ୍ ଜଅ ଆଣ୍ଟଙ୍କ ଖପୁରିରେ ସଜାନ୍ତି। କିନ୍ତୁ ଟ୍ରାପ୍ ଜଅ ପିମ୍ପୁଡ଼ିମାନେ ଆକାରରେ ବଡ଼, ନାହୁଡ଼ ଅଛି ଏବଂ ସେମାନଙ୍କର ମୁହଁ ବିୟର-ଟ୍ରାପ୍ (ମୂଷାଧରା ଯନ୍ତା ବିଶେଷ) ପରି ବନ୍ଦ ହୁଏ। ଶତ୍ରୁ ଆକ୍ରମଣ ବେଳେ ସେମାନେ ବାଟୁଲିଖାଡ଼ାରୁ ବାଟୁଲି ନିକ୍ଷେପ ହେଲା ପରି ଦୂରକୁ କୁଦିପଡ଼ି ନିଜକୁ ରକ୍ଷା କରିପାରନ୍ତି। କିନ୍ତୁ ଆର୍କବୋଲ୍‌ଡି ପରି କ୍ଷୁଦ୍ରକାୟ ପିମ୍ପୁଡ଼ି କିପରି ସେମାନଙ୍କୁ ମାରିପାରନ୍ତି? ଇନ୍‌ସେକ୍ଟସ୍ ସୋସିଆକ୍ସ ନାମକ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ ଏହି ପିମ୍ପୁଡ଼ିମାନଙ୍କର ମେଶିନ୍ ଗନ୍ ଭଳି ଏକ ଏସିଡ୍ ସ୍ପ୍ରେ କରିବାର ନଳିକା ଅଛି। ଏମାନେ ଶତ୍ରୁ ଉପରକୁ ବିଷାକ୍ତ ଏସିଡ୍ ସ୍ପ୍ରେ କରନ୍ତି। ତା'ପରେ ସେମାନେ ଶତ୍ରୁର ମୁଣ୍ଡ କାଟି ଟ୍ରଫି ଭାବରେ ସାଙ୍ଗରେ ନେଇଯାନ୍ତି। କିନ୍ତୁ ସେମାନେ ପ୍ରଥମେ ଟ୍ରାପ୍‌ଜୋର ପିମ୍ପୁଡ଼ିମାନଙ୍କୁ ସୁହାଇଲା ଭଳି ଏକ ବାସ୍ନା ସ୍ପ୍ରେ କରି ଲୁଚି ରହନ୍ତି ଏବଂ ସୁଯୋଗ ଦେଖି ଆକ୍ରମଣ କରନ୍ତି। ପିମ୍ପୁଡ଼ିମାନଙ୍କର ଆଖି ଥିଲେ ମଧ୍ୟ ସେମାନେ ଶତ୍ରୁ ଓ ମିତ୍ରଙ୍କ ଭିତରେ ପ୍ରଭେଦ ବାରିବା ଏବଂ ଖାଦ୍ୟ ଅନ୍ୱେଷଣରେ ଯାଉଥିବା ସାଥୀ ପିମ୍ପୁଡ଼ିମାନଙ୍କୁ ଅନୁସରଣ କରିବା ଲାଗି ନିଜର ଘ୍ରାଣଶକ୍ତି ଉପରେ ଅଧିକ ନିର୍ଭର କରନ୍ତି।

* ତେବେ ଆର୍କବୋଲ୍‌ଡି ପିମ୍ପୁଡ଼ିମାନଙ୍କର କିଛି ନିଜସ୍ୱ ସମସ୍ୟା ଅଛି। ପଲିଏର୍ଗସ ପିମ୍ପୁଡ଼ିମାନେ ଏଫ୍. ଆର୍କବୋଲ୍‌ଡି ପିମ୍ପୁଡ଼ିମାନଙ୍କର ସମୂହ ବ୍ରେନ୍‌ୱାଶ୍ କରି ସେମାନଙ୍କୁ ଅପହରଣ କରି ନେଇଯାନ୍ତି। ବାସ୍ତବରେ ସେମାନେ ପାଇରେଟ୍/କିଡ୍‌ନାପର ପିମ୍ପୁଡ଼ି ଭାବେ ଜଣାଶୁଣା। ସେମାନଙ୍କ ରାଣୀ ପ୍ରଥମେ ଆର୍କବୋଲ୍‌ଡି ପିମ୍ପୁଡ଼ି କଲୋନିକୁ ଚିହ୍ନଟ କରେ। ତା'ପରେ ସେମାନଙ୍କ କଲୋନି ଭିତରେ ଗୁପ୍ତରେ ପ୍ରବେଶ କରି ତାଙ୍କ ରାଣୀକୁ ମାରି ତା' ରକ୍ତରେ ଗାଧୋଇପଡ଼େ। ସେ ସେଠାରେ ନିଜେ ରାଣୀ ଆସନରେ ବସି ମେଞ୍ଚାଏ ଅଣ୍ଡା ଦିଏ। ସେ ଅଣ୍ଡାରୁ ପଲିଏର୍ଗସ ପିମ୍ପୁଡ଼ିଙ୍କ ଶ୍ରମିକମାନେ ଜନ୍ମ ହୋଇ ଅବଶିଷ୍ଟ ଆର୍କବୋଲ୍‌ଡି ପିମ୍ପୁଡ଼ିଙ୍କୁ କରାୟତ୍ତ କରିନିଅନ୍ତି।

କାମ୍ବୋଡ଼ିଆର ଫୋମ୍ କୁଲେନ୍ ଜାତୀୟ ଉଦ୍ୟାନରେ ବିରାଟ ମିଲିପେଡ୍ (ବହୁପଦ କୀଟ ବିଶେଷ)କୁ ବ୍ଲୁଇଶ୍ ଲେପ୍ଟୋଜେନିସ୍ ପିମ୍ପୁଡ଼ିମାନେ ଏକ ଚେନ୍ ଆକାରରେ ଦଳବଦ୍ଧ ହୋଇ ଘୋଷାରି ଘୋଷାରି ନେବାର ଗବେଷକମାନେ ଦେଖିଛନ୍ତି। ପ୍ରତ୍ୟେକ ପିମ୍ପୁଡ଼ି ତା' ଆଗରେ ଥିବା ପିମ୍ପୁଡ଼ିର ପିଚାକୁ କାମୁଡ଼ି ଧରିଥାଏ। ପ୍ରଥମ ପିମ୍ପୁଡ଼ିଟି ମିଲିପେଡ୍‌ର ଆଣ୍ଟିନାକୁ ଖୁବ୍ ମଜଭୁତ କରି କାମୁଡ଼ି ଧରିଥାଏ। ଏହିପରି ସେମାନେ ମିଲିପେଡ୍‌କୁ ବୋହି ନିଅନ୍ତି। ୱିଭର ପିମ୍ପୁଡ଼ି ଓ ଆର୍ମି ପିମ୍ପୁଡ଼ି ମଧ୍ୟ ବସା ତିଆରି କରିବା ଓ ନାଳ ଆଦି ପାରି ହୋଇ ଯିବା ପାଇଁ ଏହିପରି ଚେନ୍ ତିଆରି କରନ୍ତି। କିନ୍ତୁ ଲେପ୍ଟୋଜେନିସ୍ ପିମ୍ପୁଡ଼ି ଶିକାରକୁ ବୋହି ନେବା ପାଇଁ ଚେନ୍ ତିଆରି କରିବାରେ ପ୍ରଥମ ପିମ୍ପୁଡ଼ି ଭାବେ ଜଣାଯାଇଛି। କେତେକ ପିମ୍ପୁଡ଼ି ରାସ୍ତା ସଫା କରିବା ପାଇଁ ଆଗେ ଆଗେ ଚାଲନ୍ତି।

* ବଡ଼ମୁଣ୍ଡିଆ ପିମ୍ପୁଡ଼ି (ଫିଡୋଲ ମେଗାସେଫାଲା)ଙ୍କ କଲୋନିରେ ସୈନିକ ପିମ୍ପୁଡ଼ି ଥାନ୍ତି। ଗଣ୍ଡି ତୁଳନାରେ ସେମାନଙ୍କ ମୁଣ୍ଡ ଓ ମାଢ଼ି ବହୁତ ବଡ଼। ଶତ୍ରୁକୁ ଆକ୍ରମଣ କରିବା ଓ ଶିକାରକୁ କାଟି ଖାଇବାରେ ସେମାନେ ଏହାକୁ ବ୍ୟବହାର କରନ୍ତି। ଲିନିଆନ୍ ସୋସାଇଟିର ବାୟୋଲୋଜିକାଲ ଜର୍ନାଲ ଅନୁସାରେ, ବଡ଼ମୁଣ୍ଡିଆ ପିମ୍ପୁଡ଼ି ସୈନିକମାନେ ସେମାନଙ୍କୁ ପ୍ରତିଆକ୍ରମଣ କରିବାର କୌଶଳ ଜାଣିଥିବା ଅନ୍ୟ ପିମ୍ପୁଡ଼ିଙ୍କ ସଂସ୍ପର୍ଶରେ ଆସିଲେ ନିଜ ଦେହକୁ ଆହୁରି ବଢ଼ାଇ ଦେଇପାରନ୍ତି। ବଡ଼ମୁଣ୍ଡିଆ ପିମ୍ପୁଡ଼ିମାନେ ହେଉଛନ୍ତି ବିଶ୍ୱ ପର୍ଯ୍ୟଟକ। ସେମାନେ ବିଭିନ୍ନ ସ୍ଥାନକୁ ଯାତ୍ରା କରନ୍ତି। ଗୋଟିଏ ଉଷ୍ମ ପରିବେଶରେ ସେମାନେ ପଦାର୍ପଣ କଲା ମାତ୍ରେ ସେ ସ୍ଥାନରେ ପୂର୍ବରୁ ରହୁଥିବା ଅନ୍ୟ ପିମ୍ପୁଡ଼ି, ବୁଢ଼ିଆଣୀ, ଗୋବର ପୋକ ଓ ଅନ୍ୟ ଅମେରୁଦଣ୍ଡୀ ପ୍ରାଣୀମାନଙ୍କ ବିପଦ ସମୟ ଆସିଗଲା ଜାଣ। ଏମାନେ ଅନେକ ବସା ତିଆରି କରି ଦଳ ଦଳ ହୋଇ ରହନ୍ତି। କିନ୍ତୁ ଏମାନେ ପ୍ରତିରକ୍ଷା, ବଂଶବୃଦ୍ଧି, ଅଞ୍ଚଳ ସମ୍ପ୍ରସାରଣ ଓ ଖାଦ୍ୟ ସଂଗ୍ରହରେ ପରସ୍ପରକୁ ସହଯୋଗ କରନ୍ତି। ଶିକାର ପ୍ରତିଆକ୍ରମଣାତ୍ମକ ନ ହେଲେ ଏମାନେ ନିଜର କଳେବର ବୃଦ୍ଧି କରନ୍ତି ନାହିଁ। କିନ୍ତୁ ଯଦି ସେମାନେ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ମୁଖୀନ ହୁଅନ୍ତି, ତେବେ ନିଜ ଶରୀରର ଆକାର ତିନିଗୁଣ ବୃଦ୍ଧି କରିପାରନ୍ତି।

* ବୋର୍ନିଓର କଲବୋପ୍ସିସ୍ ଏକ୍ସପ୍ଲୋଡେନ୍ସ ପିମ୍ପୁଡ଼ିମାନେ ଆତଙ୍କବାଦୀଙ୍କ ପରି ଆତ୍ମଘାତୀ ଆକ୍ରମଣ କରିଥାନ୍ତି ବୋଲି ଜୁକୀଜ୍ ନାମକ ପତ୍ରିକାରେ ପ୍ରକାଶିତ ଅନୁଧ୍ୟାନ ରିପୋର୍ଟରୁ ଜଣାପଡ଼ିଛି। ଶତ୍ରୁ ହାବୁଡ଼ରେ ପଡ଼ିଲେ ସେମାନେ ନିଜ ଦେହରେ ବିସ୍ଫୋରଣ ଘଟାନ୍ତି। ଦେହର ଆବରଣ ଭାଙ୍ଗିଯିବା ସହ ଦେହରୁ ବିଷାକ୍ତ ଉପାଦାନ ଛିଟିକି ଶତ୍ରୁ ଉପରେ ପଡ଼େ ଓ ଶତ୍ରୁ ଡରି ପଳାଇଯାଏ କିମ୍ବା ମରିଯାଏ। ଏ ଆତ୍ମଘାତୀ ଆକ୍ରମଣରେ ପାଖରେ ଥିବା କିଛି ଶ୍ରମିକ ପିମ୍ପୁଡ଼ି ମଧ୍ୟ ମରନ୍ତି।

* ଆର୍ମି ପିମ୍ପୁଡ଼ିମାନେ ଜଙ୍ଗଲ ସାରା ଖେଦି ବୁଲନ୍ତି। ଯଦି ସେମାନେ ବାଟରେ ଅନ୍ୟ ଆର୍ମି ପିମ୍ପୁଡ଼ି ଦଳଙ୍କୁ ଭେଟନ୍ତି, ତେବେ ତାଙ୍କୁ ଉପେକ୍ଷା କରି ନିଜ ବାଟରେ ଯାଇପାରନ୍ତି କିମ୍ବା ଉଭୟ ଦଳ ସେଇଠୁ ଫେରି ବିପରୀତ ଦିଗକୁ ଯାଇପାରନ୍ତି। କିନ୍ତୁ ଯଦି ସେମାନେ ଅନ୍ୟ ପ୍ରଜାତିର ପିମ୍ପୁଡ଼ିଙ୍କୁ ଭେଟନ୍ତି, ତେବେ ତାଙ୍କୁ ଆକ୍ରମଣ କରନ୍ତି। ସେମାନଙ୍କ ଭିତରେ ଦିନ ଦିନ ଧରି ଯୁଦ୍ଧ ଚାଲିପାରେ। ଶେଷରେ ସେମାନେ ଶତ୍ରୁ ଉପରେ ବିଜୟ ହାସଲ କରି ତାଙ୍କ ବସା ଦଖଲ କରନ୍ତି। ଆର୍ମି ପିମ୍ପୁଡ଼ି ଆସିବା ମାତ୍ରେ ପ୍ରେ ଆଣ୍ଟ ପିମ୍ପୁଡ଼ି ସେମାନଙ୍କୁ ପାରିବେ ନାହିଁ ଜାଣି ବସା ଛାଡ଼ି ଚାଲିଯାନ୍ତି।

ପିମ୍ପୁଡ଼ିମାନେ ସ୍ୱାର୍ଥପର ମଣିଷଙ୍କ ପରି ସାରା ବିଶ୍ୱକୁ ଦୁଇ ଭାଗରେ ବିଭକ୍ତ କରିବାକୁ ଚାହାନ୍ତି: ସେମାନଙ୍କ ବଂଶ ଏବଂ ଅବଶିଷ୍ଟ ବିଶ୍ୱ।

Email: gandhim@nic.in

# ପ୍ରାର୍ଥନା ମଞ୍ଜୁର ହେଉ



ସୁଧିରାଜ ରାଉତ

ପ୍ରତିବର୍ଷ ଶ୍ରୀଜଗନ୍ନାଥ ଗାଁ ଦାଣ୍ଡଦେଇ ଆମ ପଟ ମୁଣ୍ଡରୁ ଆସନ୍ତି ଠାକୁରାଣୀ ପଟ ମୁଣ୍ଡକୁ, ସାତ ଦିନ ରହନ୍ତି, 'ସପ୍ତା' ହୁଏ, ଭାଗବତ ପଢ଼ାହୁଏ। ସେତେବେଳେ ମୁଁ ଷଷ୍ଠରେ ପଢୁଥାଏ। କୌଣସି କାରଣରୁ ଗାଁର ଦୁଇମୁଣ୍ଡ ଭିତରେ ପାଟିତୁଣ୍ଡ ଯୋଗୁ ଆମ ପଟ ସପ୍ତା କାର୍ଯ୍ୟରେ ଭାଗ ନ ନେବାକୁ ସିଦ୍ଧାନ୍ତ ନେଇଥାଏ। ସବୁଠୁ ବଡ଼କଥା- ଠାକୁର ଦାଣ୍ଡଦେଇ ଯାଉଥାନ୍ତି ଅଥଚ ଦାଣ୍ଡରେ ଗୋବର ଲିପାହୋଇ ନ ଥାଏ, କାହାଘର କବାଟ ଖୋଲା ନ ଥାଏ। ଆଉ ଗାଁ ହେଡ଼ମାଷ୍ଟର, ଯିଏ ମୋ ବଡ଼ବାପା ତଥା ଗାଁର ମୁଖିଆ, ସେ ଆମକୁ ଟ୍ୟୁଶନ କରୁଥାନ୍ତି। ଯେମିତି ଝାଞ୍ଜି, ମୃଦଙ୍ଗ ବାଜିଲା, ହରିବୋଲ ହୁଳହୁଳି ଶୁଭିଲା ମୁଁ 'ଏକ' କହି ଝାଞ୍ଜିମୃଦଙ୍ଗ ସାଥିରେ ଠାକୁରଙ୍କ ସହ ସେ ଅପୂର୍ବ ଆନନ୍ଦରେ ହଜିଗଲି। ଠାକୁର ବସିଲେ, ଭାଗବତ ପଢ଼ାହେଲା। ମୋର ମନେପଡ଼ିଲା- ଟ୍ୟୁଶନରୁ 'ଏକ' କହି ଆସି ଦୁଇଘଣ୍ଟା ଅତିକ୍ରାନ୍ତ ହୋଇଗଲାଣି। ବଡ଼ବାପାଙ୍କ ନାଲିଆଖି ଆଉ ବେତ ମୋତେ ଦିଶିବାକୁ ଲାଗିଲା। ବସିପଡ଼ିଲି ଠାକୁରଙ୍କ ଆଗରେ, ମନେପଡୁନି ହାତ ଯୋଡ଼ିଥିଲି କି ନାହିଁ, ଆଖିରୁ କିନ୍ତୁ ଭୟ ଓ ଭକ୍ତିର କେଇବୁନ୍ଦା ଲୁହ ଗଡ଼ିପଡ଼ିଲା। ଫେରି ଦେଖିଲି ଟ୍ୟୁଶନ ଛୁଟି ହୋଇସାରିଛି, ବଡ଼ବାପା ବସିଛନ୍ତି, ମୋ ବହି ସେମିତି ଥୁଆ ହୋଇଛି। କେତେଜଣ ଦାଦା ଓ ଭାଇ ମୋତେ ଦେଖି ମନ୍ତବ୍ୟ ଦେଉଥାନ୍ତି- 'କୁଳାଙ୍ଗାର ଆସିଗଲା, ଆମ ବଂଶକୁ ମାଟିରେ ମିଶାଇ।'। ବଡ଼ବାପା ଉଠି ମୋତେ ଚାହିଁଲେ, ଅନ୍ୟ ସଭିଙ୍କୁ ଚାହିଁ କହିଲେ ''ପିଲାଠାରୁ କିଛି ଶିଖ ! ଠାକୁର ଦାଣ୍ଡ ଦେଇ ଗଲେ, ସପ୍ତା ଆରମ୍ଭ ହେଲା, ଅଥଚ... ଧିକ ଆମ ଜୀବନ !'' ଏ ଘଟଣା ପରେ ସମଗ୍ର ଗାଁ ଗୋଟିଏ ହୋଇ ଭାଗବତ ଭାବରସରେ ହଜିଗଲା। ଅନେକ ଥର ଭାବିଛି ଏ କଥା, ଅନେକ ଥର ପୁଲକିତ, ଶିହରିତ ହୋଇଛି ଏହାକୁ ମନେପକାଇ। କିଏ ଏହା କଲା ? ଉତ୍ତର ଯାହା ବି ହେଉ ମୁଁ ନିଶ୍ଚିତ- ହୃଦୟ ସହ ପ୍ରାର୍ଥନାର ଅସରନ୍ତି ଶକ୍ତି ରହିଛି।

ମୋ ସମଗ୍ର ଜୀବନ ଭିତରେ, ଆଜି ଏତେ ବଡ଼ ହେବା ପରେ ଅତୀତକୁ ଦେଖି ଏତିକି ଜାଣୁଛି, ହୃଦୟ ସହ ପ୍ରାର୍ଥନା କରି ଯାହା ମାଗିଛି, ଯାହା ଚାହିଁଛି ... ତାହା ପାଇଛି। କ'ଣ ପାଇଛି ଲେଖି ବସିଲେ ବହିଟିଏ ହେବ। ଆଜି ଭାବୁଛି ଏଇ ମାଗିବା ଆଉ ପାଇବା ହିଁ କ'ଣ 'ଜୀବନ' ! ଜୀବନର ସୂର୍ଯ୍ୟ ମଥାନ ତଳକୁ ଖସିଲେଣି ; ଏମିତି କ'ଣ ଜୀବନ-ସୂର୍ଯ୍ୟ ଅସ୍ତ ଯାଏ ମାଗିଚାଲିଥିବି?

ଥରେ କିଛି କୁନି ପିଲା ମୋତେ ପ୍ରାର୍ଥନା ଉପରେ ଗପଟିଏ କହିବାକୁ ଅନୁରୋଧ କଲେ, ତାହା ଏହିଭଳି- ଜଣେ ରାଜା ଥିଲେ। ରାଜ୍ୟର ବିଭିନ୍ନ ସମସ୍ୟାକୁ ନେଇ ସର୍ବଦା ଚିନ୍ତିତ ରହୁଥିଲେ। ବୃଦ୍ଧ ପ୍ରଧାନମନ୍ତ୍ରୀ ରାଜାଙ୍କୁ ସର୍ବଦା ଚିନ୍ତାରେ ରହୁଥିବା ଦେଖି କହିଲେ, ''ମହାରାଜ ! ଗୋଟିଏ ଉପାୟ କହିବି। ଆପଣ ଯାହା ସବୁ ସମସ୍ୟା ଅଛି, ତାକୁ ହୃଦୟର ସହ, ନିଷ୍ଠାର ସହ ଲେଖି ଈଶ୍ୱରଙ୍କୁ ପ୍ରାର୍ଥନାପୂର୍ବକ ଅର୍ପଣ କରନ୍ତୁ, ସମାଧାନ ମାଗନ୍ତୁ।'' ରାଜା ପ୍ରଧାନମନ୍ତ୍ରୀଙ୍କୁ ପିତୃତୁଲ୍ୟ ସମ୍ମାନ କରୁଥିଲେ, ତାଙ୍କ କଥାକୁ ନିଷ୍ଠା, ବିଶ୍ୱାସର ସହ ମାନୁଥିଲେ। ସେ ନିଜ ସଭାଗୃହରେ ପାରିଷଦ, ମନ୍ତ୍ରିବର୍ଗଙ୍କୁ କହିଲେ, ''ଯାହା ରାଜ୍ୟର ସମସ୍ୟା ସବୁ ଉପସ୍ଥାପନା, ଆଲୋଚନା କରିବା ପୂର୍ବରୁ ପ୍ରଥମେ ନିଷ୍ଠା, ବିଶ୍ୱାସର ସହ ଉକ୍ତ ସମସ୍ୟାକୁ ଲେଖି ସଭାଗୃହରେ ପ୍ରତିଷ୍ଠିତ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଆଗେ ଅର୍ପଣ କରନ୍ତୁ। ଏହା ପରେ ଯାଇ ଉକ୍ତ ବିଷୟରେ ଆଲୋଚନା କରିବା। ମନେରଖିବା ପ୍ରକୃତ ସମାଧାନ ସେ ହିଁ କହିବେ।'' ଏହି ଅଭିନବ ଉପାୟ ଦ୍ୱାରା ରାଜା, ମନ୍ତ୍ରୀ, ପାରିଷଦଙ୍କ ମଧ୍ୟରେ ସଙ୍ଗତି, ସକାରାତ୍ମକ ଚିନ୍ତନ ବୃଦ୍ଧି ପାଇଲା ; ସଭାରେ ଅପଯୁକ୍ତିର ପ୍ରଭାବ ଅନେକ କମିଗଲା। ରାଜ୍ୟରେ ଅଧିକ ସୁଶାସନ, ସମୃଦ୍ଧି ଦୃଶ୍ୟମାନ ହେଲା। ଥରେ ରାଜା ଅର୍ପିତ ପ୍ରାର୍ଥନାସବୁକୁ ନେଇ ବହିଟିଏ କରିବାକୁ ମନସ୍ଥ କଲେ। ଯେତେସବୁ ପ୍ରାର୍ଥନା ଅର୍ପଣ କରାହୋଇଛି ପ୍ରାର୍ଥନା ହୁଣ୍ଡିରେ ରାଜା ସେ ମଧ୍ୟରୁ ପ୍ରେରଣାପ୍ରଦ ପ୍ରାର୍ଥନାସବୁ ବାଛୁଥାଆନ୍ତି। ବାଛୁ ବାଛୁ ଦେଖିଲେ କିଛି ଲେଖାହୋଇ ନ ଥିବା ଅନେକ କାଗଜ ପଡ଼ିଛି। ରାଜା ଟିକେ ଦୁଃଖୀ ହେଲେ, ପୁଣି ଦୟା ଆସିଲା ତା'ଙ୍କ ମନରେ ଯେ, ସଭାଗୃହରେ ଏପରି ବ୍ୟକ୍ତି ଅଛନ୍ତି ଯିଏ ଈଶ୍ୱରଙ୍କୁ ଦୁଇଧାଡ଼ି ଭାବ କହିପାରନ୍ତି ନାହିଁ। ସଭାଗୃହରେ ଘୋଷଣା କଲେ- ଲେଖାବିହୀନ କାଗଜ ଯିଏ ପକାଉଛନ୍ତି, ଅନୁରୋଧ ମୋତେ ଏକାନ୍ତରେ ଭେଟିବାକୁ। କଥା ଦେଉଛି ମୁଁ ଉକ୍ତ ବ୍ୟକ୍ତିଙ୍କ ନାମ ଗୁପ୍ତ ରଖିବି ଏବଂ ଯଦି ସମ୍ଭବ ହୁଏ, ତାଙ୍କୁ ମୋ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କରିବି।

ପ୍ରଭାତରେ ବୃଦ୍ଧ ପ୍ରଧାନମନ୍ତ୍ରୀ ରାଜାଙ୍କୁ ଏକାନ୍ତରେ ଭେଟି କହିଲେ, ମହାରାଜ ! ମୁଁ ସେହି ବ୍ୟକ୍ତି ଯିଏ ଲେଖାବିହୀନ କାଗଜ ସବୁ ପକାଇଛି। ରାଜା ବୃଦ୍ଧଙ୍କୁ ଚାହିଁ କିଛି ସମୟ ନିର୍ବାକ୍ ହେଲେ ଓ ଆଶ୍ଚର୍ଯ୍ୟଚକିତ ହୋଇ କହିଲେ, ଆପଣ ହିଁ ଆମ ସଭିଙ୍କୁ ଏ ସ୍ୱର୍ଗୀୟ ଶିକ୍ଷା ଦେଇଛନ୍ତି, ଅଥଚ ଆପଣ ! ବୃଦ୍ଧ କହିଲେ- ମହାରାଜ, ଈଶ୍ୱରଙ୍କୁ ଜୀବନତମାମ ମାଗି ମାଗି, ଲେଖା ଜଣେଇ ଜଣେଇ ସବୁକିଛି ପାଇଛି, ଏବେ ମୋ ଜୀବନ ଅସ୍ତ ହେବା ନିକଟ ହେଲାଣି। ଦିନେ ଭାବିଲି ମାଗିବା ବହୁତ ହୋଇଗଲା। ସାଦା କାଗଜଟିଏ ତାଙ୍କ ପାଦତଳେ ଥୋଇ କହିଲି- ପ୍ରଭୁ ! ଆପଣ କ'ଣ ଚାହାନ୍ତି ଏଥର ଏଥିରେ ଲେଖନ୍ତୁ, ଆପଣ ଯାହା ଚାହାନ୍ତି ତାହା ମୁଁ ଦେବାକୁ ଓ ହେବାକୁ ଚାହେଁ। ମୁଁ ଏତିକି ନିଶ୍ଚିତ ଆପଣ ମୋଠାରୁ ଢେର୍ ଅଧିକ ଜାଣନ୍ତି ଠିକ୍ କ'ଣ ମୋ ଜୀବନ ପାଇଁ। ତେଣୁ ମୋର କିଛି କହିବାର ନାହିଁ, ଏବେ ଆଉ କିଛି ମାଗିବାର ନାହିଁ...।

ଆଜି ମୋ ହୃଦୟ କହୁଛି- ହେ ପ୍ରଭୁ! ସେହି ବୃଦ୍ଧ ପ୍ରଧାନମନ୍ତ୍ରୀଙ୍କ ପ୍ରାର୍ଥନା ମୋ ପାଇଁ ମଧ୍ୟ ପ୍ରଯୁଜ୍ୟ। ମୋର କେଉଁଥିରେ ଭଲ ହେବ, ମୁଁ ଜାଣିନି। ଆପଣଙ୍କ ଇଚ୍ଛା ହିଁ ମଙ୍ଗଳ। ଆପଣଙ୍କର ସେଇ ମଙ୍ଗଳ ଇଚ୍ଛା ମୋ ଭିତରେ ମୂର୍ତ୍ତ ହେଉ। ଏହି ପ୍ରାର୍ଥନା ମୋତେ ମଞ୍ଜୁର ହେଉ। **ମୋ- ୯୪୩୭୬୪୧୪୧୩**

## ଏଇ ଭାରତରେ

ପରୀକ୍ଷାରେ କପି କରିବା ପାଇଁ ଛାତ୍ରୀଛାତ୍ର କେତେ ପ୍ରକାର କୌଶଳ ଅବଲମ୍ବନ କରନ୍ତି। ତେବେ ଏକ ଅଭିନବ ଉପାୟରେ କପି କରିବା ପଦ୍ଧତି ସମସ୍ତଙ୍କୁ ଚକିତ କରିଛି। ଏହା ମଡିଫାଏଡ୍ ଫୋନ୍ ଡିଭାଇସ୍ ନାମରେ ପରିଚିତ। ଉତ୍ତରପ୍ରଦେଶରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ମଥୁରାର ଏକ ପରୀକ୍ଷା କେନ୍ଦ୍ରରେ ପୋଲିସ ନିଯୁକ୍ତି ଲାଗି ଲିଖିତ ପରୀକ୍ଷା ଚାଲିଥିବା ବେଳେ କେତେଜଣ ଛାତ୍ର ବେକରେ ପିନ୍ଧିଥିବା ତାବିଜରେ ଏକ ମଡିଫାଏଡ୍ ଫୋନ୍ ଡିଭାଇସ୍ ଦ୍ୱାରା କପି କରୁଥିବା ଜଣାପଡିଥିଲା। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ କାର୍ଯ୍ୟରେ ସମ୍ପୃକ୍ତ ର୍ୟାକେଟ୍‌କୁ ଧରିବା ପାଇଁ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି । ଏହି ପଦ୍ଧତି ଅନୁଯାୟୀ, ପରୀକ୍ଷାର୍ଥୀ ପ୍ରଶ୍ନପତ୍ରର ଫଟୋ ୱେବ୍ କ୍ୟାମେରାରେ ଉଠାଇ ଏହାକୁ ପରୀକ୍ଷା କେନ୍ଦ୍ର ବାହାରେ ଥିବା ମୋବାଇଲ୍ ଡିଭାଇସ୍‌କୁ ପଠାଇଥାନ୍ତି। ଏହାପରେ ତାଙ୍କ କାନରେ ଥିବା ବ୍ଲୁଟୁଥ୍ ଡିଭାଇସ୍ ମାଧ୍ୟମରେ ଉତ୍ତର ଡକାଯାଇଥାଏ। କପି କରିବାର ଏଭଳି ଉପାୟ ବେଶ୍ ଆଶ୍ଚର୍ଯ୍ୟଜନକ ବୋଲି ନୋଏଡା ୟୁନିଟ୍ ଡିଏସ୍‌ପି କହିଛନ୍ତି। ଦେଶର ବିଭିନ୍ନ ସହରରେ କାର୍ଯ୍ୟ କରୁଥିବା ଏହି ର୍ୟାକେଟର ସଦସ୍ୟଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଜାନୁୟାରୀ ୧୯୯୪**

- ଫିଲିପାଇନ୍ସରେ ମୁସଲମାନ ବିଚ୍ଛିନ୍ନତାବାଦୀ ଗେରିଲା ଏବଂ ସରକାରଙ୍କ ମଧ୍ୟରେ ଏକ ଯୁଦ୍ଧବିରତି ରାଜିନାମା ସ୍ୱାକ୍ଷରିତ।
- ମେକ୍ସିକୋର ନାରାଜୋଆ ସହର ନିକଟରେ ଏକ ବିମାନ ବସ ଉପରେ ଖସି ପଡିବା ଫଳରେ ୧୩ ଜଣଙ୍କ ମୃତ୍ୟୁ।
- ବିଶ୍ୱକପ କ୍ରିକେଟ ଚାମ୍ପିୟନ ଭାରତୀୟ କ୍ରିକେଟ ଦଳର ପୂର୍ବତନ କ୍ୟାପଟେନ୍ ତଥା ଅଲରାଉଣ୍ଡର କପିଲଦେବ ଟେଷ୍ଟ କ୍ରିକେଟରେ ୪୩୧ଟି ଉଇକେଟ ଅକ୍ତିଆର କରି ନ୍ୟୁଜିଲାଣ୍ଡର ରିଚାର୍ଡ ହାଡଲୀଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | E | 5 | | 0 | | | | | 1 | D | 4 | |
| 8 | 2 | | | 3 | | | | 5 | 4 | 9 | | | | 7 |
| | | | 8 | | 4 | | 1 | 6 | | | | | | 5 |
| | 0 | D | | C | | | E | | | | | | | |
| | | | 7 | D | | | | | | 5 | | | | E |
| C | | | 6 | | | | 7 | | 8 | | | B | | |
| | A | | | B | | 9 | | | | | | | | |
| 4 | | | C | | | | | E | | B | | A | | |
| 1 | | | | | D | 6 | | | | 7 | 0 | | | 2 |
| | | | | | 3 | | | | | | A | 6 | 7 | 4 |
| | 6 | | | | | 5 | B | | | 4 | | | 0 | |
| A | 4 | | B | 2 | | | D | | 3 | | 6 | 1 | | C |
| | B | 7 | | | | | | 3 | | | | | 9 | |
| 2 | 3 | 8 | | 0 | A | | C | | | | | | | |
| | | 5 | | 8 | C | | | A | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | C | 4 | 9 | 3 | 2 | B | 1 | D | 8 | 0 | E | 7 | 6 | 5 |
| 0 | 7 | 3 | 5 | B | A | C | 4 | 6 | D | 2 | 1 | 9 | 8 | E |
| D | 8 | 9 | 4 | 1 | C | 5 | E | 2 | A | 7 | 6 | B | 0 | 3 |
| E | B | 6 | 0 | 7 | D | 9 | 8 | A | 3 | 5 | C | 2 | 4 | 1 |
| 2 | 5 | 1 | 8 | 6 | E | 7 | 3 | 0 | 9 | 4 | B | C | D | A |
| 1 | 3 | 8 | D | A | B | 0 | 2 | 7 | 5 | C | 4 | E | 9 | 6 |
| 7 | E | C | 2 | 5 | 4 | 8 | 6 | B | 0 | 9 | A | 3 | 1 | D |
| 5 | A | D | 1 | 0 | 9 | 3 | C | E | 2 | 6 | 7 | 8 | B | 4 |
| 9 | 4 | B | 7 | E | 6 | D | A | 5 | 1 | 8 | 3 | 0 | 2 | C |
| 6 | 2 | 0 | 3 | C | 8 | 4 | 9 | 1 | B | E | D | 5 | A | 7 |
| 3 | 0 | A | C | 2 | 5 | E | B | 4 | 6 | D | 9 | 1 | 7 | 8 |
| B | 1 | 2 | A | 8 | 7 | 6 | D | 9 | C | 3 | 5 | 4 | E | 0 |
| 8 | D | E | 6 | 4 | 0 | 1 | 5 | C | 7 | B | 2 | A | 3 | 9 |
| 4 | 9 | 5 | B | D | 3 | A | 7 | 8 | E | 1 | 0 | 6 | C | 2 |
| C | 6 | 7 | E | 9 | 1 | 2 | 0 | 3 | 4 | A | 8 | D | 5 | B |

ଗତକାଲିର ଉତ୍ତର

# ଝିଅ ଯଦି କାଳୀ



ରୁଦ୍ର ପ୍ରସନ୍ନ ରଥ

ଆପଣଙ୍କ ଝିଅ ଭଲ ପାଠ ପଢ଼ିଛି, ଦେଖିବାକୁ ମନ୍ଦ ନୁହେଁ, ବ୍ୟବହାର ଭଲ, ବାହାଘର କରିବାରେ ପୁଅଘରର କିଛି ଆପତ୍ତି ନାହିଁ, ହେଲେ ସେ ତାଙ୍କ ପୁଅ ପାଇଁ ଟିକେ ସଫା ରଙ୍ଗର ଝିଅ ଖୋଜୁଛନ୍ତି। ଆପଣଙ୍କ ଝିଅର ରଙ୍ଗ ଟିକିଏ ସଫା ନୁହେଁ। ମଧ୍ୟସ୍ଥର ଏମିତି ଅଧାଖଣ୍ଡିଆ କେଇପଦ କଥାରେ ବାହାଘର ଭାଙ୍ଗି ଯାଉଥିବା ଆପଣ ଅନେକ ଥର ଶୁଣିଥିବେ। ପୁଅ ଘର ଭଦ୍ର ହୋଇଥିଲେ ନିଜେ ଏ କଥା କହିପାରନ୍ତି ନାହିଁ ସତ, କିନ୍ତୁ ମଧ୍ୟସ୍ଥ ହାତରେ ବାହାଘର ଭାଙ୍ଗିବା ଖବରଟା ବେଶ୍ ଚାଲାକିରେ ଜଣାଇ ଦେଇଥାନ୍ତି। ଆଉ ମଧ୍ୟସ୍ଥର ଅଧାଖଣ୍ଡିଆ କଥାରୁ କନ୍ୟାପିତାଙ୍କୁ ପୂରା ଘଟଣାଟି କ'ଣ ତାହା ଜାଣିବା ପାଇଁ ବିଶେଷ କଷ୍ଟ କରିବାକୁ ପଡ଼େ ନାହିଁ। ତାଙ୍କର ଅଲିଅଳି ସୁନାନାକୀ ଝିଅଟି ନିଜ ଅଜାଣତରେ ଦେଖିବାକୁ ଆସିଥିବା ଲୋକଙ୍କ ଆଖିରେ କାଳୀ ଝିଅ ପାଲଟି ଯାଇଥାଏ।

ଭାରତରେ ଝିଅ ଜନ୍ମକରି ଅନେକ ଲୋକ ପାରିବାରିକ ଆଉ ସାମାଜିକ ଚାପ ଭିତରେ ମୂଳରୁ ଥାଆନ୍ତି। ଝିଅ ଜନ୍ମହେବା ସଙ୍ଗେ ସଙ୍ଗେ ତାହାର ବାହାଘର ଚିନ୍ତା ମା'ବାପାଙ୍କୁ ଘାରିବାକୁ ଲାଗିଥାଏ। ସମୟ ବଢ଼ିବା ସହ ଝିଅର ରଙ୍ଗ କେମିତି ବଦଳୁଛି ତାହା ମଧ୍ୟ ଦେଖିବାକୁ ମାତାପିତା ଆଗ୍ରହର ସହ ଅପେକ୍ଷା କରିଥାନ୍ତି। ଯଦି ବୟସ ବଢ଼ିବା ସଙ୍ଗେ ସଙ୍ଗେ ଝିଅର ରଙ୍ଗ ନ ଫିଟୁଛି ତାକୁ ନେଇ ମା'ବାପା ବ୍ୟସ୍ତ ହୋଇ ପଡ଼ନ୍ତି। କଳା ରଙ୍ଗର ଝିଅ ଲୋକଙ୍କ ଆଖିରେ ବାପ ପାଇଁ ଗୋଟିଏ ବୋଝ ହୋଇ ରହିଥାଏ।

ସଫା ରଙ୍ଗ ବା ଗୋରା ରଙ୍ଗର ଝିଅ ପ୍ରତି ଆମ ସମାଜର ଏକ ଭିନ୍ନ ଧାରଣା ରହିଛି। ଆମେ ଆମ ସଂସ୍କୃତି ଆଉ ପରମ୍ପରାରେ ଗୋରା ରଙ୍ଗକୁ ବେଶ୍ ପ୍ରାଧାନ୍ୟ ଦେଇଆସିଛେ। ଆମ ପୁରାଣର ସବୁ ଦେବଦେବୀ ସଫା ରଙ୍ଗର। ଆମ ଫିଲ୍ମର ହିରୋଇନମାନେ ବି ଗୋରା। ଆମ ପାଇଁ ବିଜ୍ଞାପନରେ ଆସୁଥିବା ମଡେଲମାନେ ବି ଗୋରା। ଆମ ସମସ୍ତଙ୍କର ବୋଧହୁଏ ଗୋଟିଏ ଧାରଣା, ଗୋରା ରଙ୍ଗ ଗ୍ରହଣୀୟ, ଗୋରୀମାନେ ହିଁ ଆମ ଘରଣୀ ହେବାକୁ ଯୋଗ୍ୟ। ନିଜର ରଙ୍ଗ କଳା ଥିଲେ ବି ପୁରୁଷଟିଏ ଗୋରା ରଙ୍ଗର ସ୍ତ୍ରୀ ବାଛିବାରେ ବ୍ୟସ୍ତ ଥାଏ। ଆଉ ସବୁ ଡିଗ୍ରୀ, ଯୋଗ୍ୟତା ଏବଂ ବ୍ୟବହାର ଥାଇ ମଧ୍ୟ କାଳୀ ଝିଅଟି ଝିଅ ଦେଖାନ୍ତ ପର୍ବରେ ବାରବାର ପ୍ରତ୍ୟାଖ୍ୟାତ ହେଉଥାଏ।

କାଳୀଝିଅଙ୍କ ପ୍ରତି ବାଛବିଚାର କେବଳ ବାହାଘରରେ ସୀମିତ ନୁହେଁ, ବରଂ ସମାଜରେ ଆହୁରି ଅନେକ କ୍ଷେତ୍ରରେ ଏହା ବେଶ୍ ଶକ୍ତିଶାଳୀଭାବେ ପ୍ରତିଫଳିତ ହୋଇଥାଏ। ପାଠ ପଢ଼ିଲା ସମୟରେ କେତେବେଳେ ତାକୁ ପଛ ସିଟ୍‌ରେ ବସିବାକୁ ପଡୁଥିବା ବେଳେ କେତେବେଳେ କେବଳ କଳାରଙ୍ଗ ଯୋଗୁ ତାହାର ପ୍ରେମ ପ୍ରତ୍ୟାଖ୍ୟାତ ହୋଇଯାଏ। ଏପରିକି ବେସରକାରୀ କ୍ଷେତ୍ରରେ କଳା ରଙ୍ଗ ଅନେକ ସମୟରେ ତା'ର ଚାକିରି କ୍ଷେତ୍ରରେ ପ୍ରମୋଶନ ଦିଗରେ ବାଧକ ହୋଇ ଠିଆ ହୋଇଥାଏ। ଅନେକ କ୍ଷେତ୍ରରେ ବେସରକାରୀ ଚାକିରି ଯଥା ବସ୍‌ଙ୍କ ପିଏ, ଷ୍ଟେନୋ, ସେକ୍ରେଟାରି ଆଦି ହେବା ପାଇଁ ପ୍ରାର୍ଥିନୀର ରଙ୍ଗ ଗୋରା ହେବା ଆବଶ୍ୟକ ହୋଇଥାଏ। ଯଦିଓ ଏହାକୁ ସାର୍ବଜନୀନ କରାଯାଇ ନ ଥାଏ ତଥାପି ଗୋରା ରଙ୍ଗର ମହିଳାଙ୍କୁ ଏଥିପାଇଁ ପ୍ରାଥମିକତା ମିଳିଥାଏ।

ଏହି କାଳୀ ଝିଅ ପାଇଁ ହିଁ ବିଜ୍ଞାପନର ବଜାର ବେଶ୍ ଗରମ ଥାଏ। କେତେ ପାଉଡର, ସ୍ନୋ, ମଶ୍ଚରାଇଜର, ଫେସ୍‌କ୍ରିମ୍ ନିଜର ବେପାର ବଢ଼ାଇ ଚାଲିଥାଆନ୍ତି। ଏମାନେ ହିଁ ଆମର ବଦ୍ଧମୂଳ ଧାରଣାକୁ ଆହୁରି ଦୃଢ଼ୀଭୂତ କରିଥାଆନ୍ତି। କଳା ରଙ୍ଗ ଖରାପ। ଏହି ରଙ୍ଗ ଯୋଗୁ ପ୍ରତ୍ୟାଖ୍ୟାନ ହେବାର ଭୟ ସର୍ବାଧିକ। ଏହି ରଙ୍ଗକୁ ଘୃଣାକର। ବିଜ୍ଞାପିତ ହେଉଥିବା ଜିନିଷ ବ୍ୟବହାର କଲେ ଏକ ଘୃଣ୍ୟ ଏବଂ ଅଗ୍ରହଣୀୟ ବଳୟରୁ ବାହାରି ହେବ। ଆପଣ ଗୋରୀ ହେଲେ ହିଁ ଗ୍ରହଣୀୟ ହେବେ। ଏହି ବ୍ୟାବସାୟିକ ଉପପାଦ୍ୟକୁ ପ୍ରମାଣ କରିବାକୁ ବି କାଳୀ ଝିଅ ପ୍ରାଣପଣେ ଲାଗିଥାଏ। ମାସ ମଧ୍ୟରେ କ୍ରିମ୍ ଆଉ ଫେସ୍ ପ୍ୟାକରେ ନିଜର କ୍ଷମତା ଯାଏ ଖର୍ଚ୍ଚକରି ମଧ୍ୟ ସେ ଅନେକ ସମୟରେ କାଳୀ ହେବାର ବିଡ଼ମ୍ବନାରୁ ବାହାରିପାରେ ନାହିଁ।

ପ୍ରାଚୀନ ଭାରତବର୍ଷରେ ଯଦିଓ ଆମ ପୁରାଣଗୁଡ଼ିକରେ ଗୋରା କଳା ରଙ୍ଗ ବିଷୟରେ ବର୍ଣ୍ଣନା ଥିଲା, ତେବେ ଚର୍ମର ରଙ୍ଗକୁ ନେଇ ଆମ ଭିତରେ ଭେଦଭାବ ନ ଥିଲା। ମାତ୍ର ଭାରତକୁ ଇଂରେଜମାନେ ଶାସନ କରିବାକୁ ଆସିବା ପରେ ପରେ ହିଁ ଏହି ରଙ୍ଗଭେଦ ବଢ଼ିବାକୁ ଲାଗିଲା। ନିଜର ଧଳାରଙ୍ଗ ଯୋଗୁ ଇଂରେଜମାନେ ଭାରତୀୟମାନଙ୍କଠାରୁ ନିଜକୁ ଉଚ୍ଚତର ବୋଲି ଭାବୁଥିଲେ। ନିଜ ପାଇଁ ଭଲ ଭଲ ଚାକିରି ରଖି କୃଷ୍ଣକାୟ ଭାରତୀୟମାନଙ୍କୁ ନୀଚ ସ୍ତରର ବୋଲି ଭାବିଲେ। କାଳକ୍ରମେ ଭାରତୀୟ ସମାଜରେ ଗୋରାକଳା ଭେଦଭାବ ପ୍ରବେଶକଲା, ଆଉ ଇଂରେଜମାନେ ଭାରତ ଛାଡ଼ିବାର ୭୦ବର୍ଷ ପରେ ମଧ୍ୟ ଭାରତ ଏବେ ବି କଳା ଗୋରା ଭେଦଭାବରୁ ମୁକ୍ତ ହୋଇପାରୁନାହିଁ। କଳାପୁରୁଷ ସାମାଜିକ କ୍ଷେତ୍ରରେ ଗ୍ରହଣୀୟ ହେଉଥିଲା ବେଳେ କାଳୀ ଝିଅ ପାଇଁ ଆମେ ନିଜ ଅଜାଣତରେ ଅନେକ ପ୍ରାଚୀର ତିଆରି କରିଚାଲିଛେ। ସେ ପ୍ରାଚୀର ଡେଇଁ ମହିଳା ଜଣକ ଶିକ୍ଷାଗତ କିମ୍ବା ସମାନତା ଅଧିକାରକୁ ଉପଭୋଗ କରିପାରୁନାହିଁ। ଆଉ କେବଳ ଚର୍ମର ରଙ୍ଗ ଯୋଗୁ ମହିଳା ଜଣଙ୍କ ସୁଯୋଗରୁ ବଞ୍ଚିତ ହେଉଛି। ଅସହାୟ ହୋଇ କେତେବେଳେ ଚର୍ମର ରଙ୍ଗକୁ ନିନ୍ଦି ଘରକୋଣରେ ଲୁହ ଗଡ଼ାଉଛି ତ ଆଉ କେତେବେଳେ ହତାଶହୋଇ ଆତ୍ମହତ୍ୟା କରୁଛି।

ସମାଜର ଭୌତିକ ଅଗ୍ରଗତିକୁ ନେଇ ଆମେ ଡିଣ୍ଡିମ ପିଟୁଥିବା ବେଳେ ତଥାପି କାଳୀ-ଗୋରୀ ଭେଦଭାବ ଆମ ମନର କେଉଁ ଏକ ସନ୍ଧିରେ ବସାବାନ୍ଧି ରହିଛି। ଝିଅ କାହିଁକି, ମଣିଷର ଶିକ୍ଷାଗତ ଯୋଗ୍ୟତା, ବ୍ୟବହାର, ଆଉ ମାନବିକତା ତା'ର ସବୁଠାରୁ ବଡ଼ ପରିଚୟ ହେବା ଉଚିତ। ଜୀବନ ମଧ୍ୟରେ ଅନେକ ଥର ବଦଳୁଥିବା ଚର୍ମର ରଙ୍ଗ ଆମ ଆଖି ପରଦା ଉପରେ ପଟଳ ପକାଇବାରେ ସମର୍ଥ ନ ହେଉ। ମଣିଷ ମଣିଷକୁ ଭଲପାଇ ଶିଖୁ। ଝିଅକୁ କେବଳ ଝିଅ ରୂପେ ବିଚାର କରାଯାଉ, ଆଉ କାଳୀ ଝିଅ ଅପଶବ୍ଦ ଭାବେ ଗଣାଯାଉ।

ଧବଳଗିରି, ଯାଜପୁର ରୋଡ,
ମୋ- ୭୯୭୮୬୭୧୭୭୬

## ପାଠକ ଶ୍ରେଷ୍ଠ ବିଚାରକ

### ବାଆକୁ ବତା

ମହାଶୟ,

ଧରିତ୍ରୀ(୧୫।୧)ରେ ପ୍ରକାଶିତ ସିସିଟିଭିର ଫଟୋ ସହ ବ୍ୟଙ୍ଗଚିତ୍ର ବେଶ୍ ସମୟୋପଯୋଗୀ ହୋଇଛି। ଦାରିଙ୍ଗବାଡ଼ି ଆଶ୍ରମ ସ୍କୁଲରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ସନ୍ତାନ ପ୍ରସବ କାରଣରୁ ଏହି ସଂସ୍ଥାର ଦାୟିତ୍ୱରେ ଥିବା କେତେକ କର୍ମକର୍ତ୍ତାଙ୍କ ସହ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନର ଶିକାର ହେବାକୁ ପଡ଼ିଛି। ତେବେ ଗର୍ଭବତୀ ଛାତ୍ରୀ ବିଦ୍ୟାଳୟ ପରିସରରେ ରହୁଥିବା ବେଳେ କାହିଁକି ଏପରି ଘଟଣାକୁ ଏତେଦିନ ପର୍ଯ୍ୟନ୍ତ ଚପାଇ ରଖାଗଲା ତାହା ସଂଶୟ ସୃଷ୍ଟି କରିଛି। ଏଏନ୍‌ଏମ୍‌ଙ୍କ ଦ୍ୱାରା ପ୍ରତି ମାସ ସ୍ୱାସ୍ଥ୍ୟ ପରୀକ୍ଷା ହେଉଥିବା ବେଳେ ଏହା କିପରି ଅଜଣା ରହିଗଲା ? ତେବେ ଏଥିପାଇଁ କେବଳ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାୟୀ କରିବା ସମୀଚୀନ ନୁହେଁ, କାରଣ ପିଲାମାନେ ଘରକୁ ଯାଇ କିମ୍ବା ହଷ୍ଟେଲ ବାହାରେ ଦୁଷ୍କର୍ମରେ ଲିପ୍ତ ହୋଇ କୁମାରୀ ମାତୃତ୍ୱ ଲାଭ କରିପାରନ୍ତି। ପ୍ରତିକାର ସ୍ୱରୂପ ସବୁ ଆବାସିକ ସେବାଶ୍ରମରେ ସିସିଟିଭି ଲାଗିବ ବୋଲି ସରକାର ନିଷ୍ପତ୍ତି ନେବା ବାଆକୁ ବତା ସ୍ୱରୂପ ମନେହୁଏ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ସମ୍ମାନ ଓ ସମ୍ବର୍ଦ୍ଧନାରେ ପ୍ରତାରଣା

ଏବେ ସମ୍ମାନ ଓ ସମ୍ବର୍ଦ୍ଧନା ଦେବା ଏକ ବ୍ୟବସାୟରେ ପରିଣତ ହୋଇଗଲାଣି। ଲେଖକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ସାହିତ୍ୟ ସଂସଦ ଏବଂ ପାଠାଗାର ସମ୍ମାନ, ସମ୍ବର୍ଦ୍ଧନା ଏବଂ ଉପଢୌକନ ଦେଉଛନ୍ତି। ଲେଖକମାନଙ୍କୁ ଚୟନ କରି ସେମାନେ ଫୋନ୍ ଜରିଆରେ ଖବର ଦିଅନ୍ତି। ସେମାନଙ୍କୁ କିଭଳି ସମ୍ବର୍ଦ୍ଧିତ କରାଯିବ ସେ ବିଷୟରେ କହି ସେହି ସଂସ୍ଥାକୁ କିଛି ଆର୍ଥିକ ସାହାଯ୍ୟ ଦେବାକୁ ଅନୁରୋଧ କରନ୍ତି। କେତେକ ଆଶାୟୀ ଲେଖିକାଲେଖକ ସେମାନେ ଦେଇଥିବା ଠିକଣା ବା ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ପୈଠ କରନ୍ତି। ପରେ କେଉଁ ସଂସ୍ଥା ଲେଖକଙ୍କୁ ସମ୍ବର୍ଦ୍ଧିତ କରିଥାଏ, ଆଉ କିଏ ସେ ଅର୍ଥକୁ ଚଳୁ କରି ଚୁପଚାପ ରହିଯାଏ। ପୁଣି କେଉଁଠି ମୋଟେ ସେଭଳି ସଂସ୍ଥା ନ ଥାଇ ମଧ୍ୟ କେତେକ ଧୂର୍ତ୍ତ ଲୋକ ଏଭଳି କାର୍ଯ୍ୟ କରି ଅର୍ଥ ହଡପ କରୁଛନ୍ତି। ଯେଉଁ ସଂସ୍ଥା ବି ସମ୍ବର୍ଦ୍ଧିତ କରୁଛନ୍ତି, ସେମାନଙ୍କ ହାତରୁ କିଛି ଖର୍ଚ୍ଚ ହେଉନାହିଁ। କେବଳ ଉପରେ ଉପରେ ନାଁ ନେଉଛନ୍ତି। ଏହାଦ୍ୱାରା ଯୁବ ଲେଖକମାନେ ପ୍ରତାରିତ ହେଉଛନ୍ତି। କିନ୍ତୁ ଲୋକଲଜ୍ଜା ଭୟରେ କାହାକୁ କିଛି କହିପାରୁନାହାନ୍ତି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିଆଶାର ଦହନରେ
ଦଗଧ କରଇ ଯେହୁ ପ୍ରାଣ,
ନ ଜନମୁ ତାର ଲାଗି
ଅନ୍ତରେ ମୋ ତିଳେ ଅଭିମାନ।
ଇଚ୍ଛଇ ମରଣ ମୋର
ଅହରହ ଏ ଜଗତେ ଯେହୁ,
ତାହାରି ସେବାର ଲାଗି
ରକତ ନିଗାଡ଼ି ଦିଏଁ ଦେହୁଁ।

(ଆସ୍ତିକର ଆକୁତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୨ ଦିନିଆ ରିମାଣ୍ଡରେ ସାପ ଗ୍ୟାଙ୍ଗ୍‌ର ସିପୁନ

ରାଜନଗର, ୩୦।୧(ଡିଏନଏ): କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ କଣ୍ଡିରା ଗ୍ରାମରେ ଗତ ୨୧ ତାରିଖରେ ଘଟିଥିବା ଗୁଳିକାଣ୍ଡରେ ସଂପୃକ୍ତ ଥିବା ସିପୁନ ସ୍ୱାଇଁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପୋଲିସ ବୁଧବାର ସିପୁନଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣିଛି। ଜେରା କରାଯିବା ସମୟରେ ପୋଲିସ ତାଙ୍କ ଠାରୁ ଗୁଳିକାଣ୍ଡର ବହୁ ଲୁକାୟିତ ତଥ୍ୟ ଓ ଏହି ଘଟଣାରେ କେଉଁମାନଙ୍କର ସଂପୃକ୍ତି ରହିଛି ସେନେଇ ତଥ୍ୟ ସଂଗ୍ରହ କରୁଛି । ରିମାଣ୍ଡରେ ଅଣାଯାଇଥିବା ସିପୁନଙ୍କୁ କେନ୍ଦ୍ରାପଡା ପୋଲିସ ହେଡକ୍ୱାର୍ଟରରେ ରଖାଯାଇଛି। କଣ୍ଡିରା ଗୁଳିକାଣ୍ଡର ତଦନ୍ତକାରୀ ଅଫିସର ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେଙ୍କ ସମେତ ରାଜକନିକା ଇନ୍ସପେକ୍ଟର ବିଜୟ କୁମାର ମଲ୍ଲିକ, ରାଜନଗର ଇନ୍ସପେକ୍ଟର ସୁକାନ୍ତ କୁମାର ପାତ୍ର ପ୍ରମୁଖ ସିପୁନକୁ ଜେରା କରୁଛନ୍ତି । କଣ୍ଡିରା ଗାଁରେ ଘଟିଥିବା ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ନିରୀହ କିଶୋର ସେଠୀଙ୍କ ପ୍ରକୃତ ହତ୍ୟାକାରୀ କିଏ ତାର ପତ୍ତା ଏପର୍ଯ୍ୟନ୍ତ ପୋଲିସ ପାଇନାହିଁ। ବୁଧବାର ଜେରା ସମୟରେ ସିପୁନ ସାପଗ୍ୟାଙ୍ଗର କେତେଜଣ ଅପରାଧୀଙ୍କ ନାଁ ନେଇଥିବା ଜଣାପଡିଛି। ଏହି ଗ୍ୟାଙ୍ଗ୍ କେଉଁ କେଉଁ ସ୍ଥାନରେ ଅପରାଧ କରିଛି ଓ ଅପରାଧର ଚେର କେତେ ବାଟ ଲମ୍ବିଛି ସେ ନେଇ ପୋଲିସ ପଚରାଉଚରା କରୁଛି।

### ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା

ରାଜନଗର, ୩୦।୧(ଡିଏନଏ): ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ରିଘାଗଡ ଗାଁରେ ବୁଧବାର ଅପରାହ୍ନ ୩ ଟା ସମୟରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୮ ବଖରା ଭସ୍ମୀଭୂତ ହୋଇଯାଇଛି । କ୍ଷୟକ୍ଷତିର ପରିମାଣ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଇଛି । ବିଦ୍ୟୁତ୍ ଶର୍ଟସର୍କିଟରୁ ଗାଁର ମହେନ୍ଦ୍ର ମହାରଣାଙ୍କ ଘରେ ପ୍ରଥମେ ନିଆଁ ଲାଗିଥିଲା। ଏହି ସମୟରେ ତାଙ୍କ ଘରେ ଥିବା ଗ୍ୟାସଟାଙ୍କି ଫାଟିବାରୁ ନିଆଁ ଚାରିଆଡକୁ ବ୍ୟାପି ଯାଇଥିଲା। ଫଳରେ ମହେନ୍ଦ୍ରଙ୍କ ୫ ବଖରା ସମେତ ପଡୋଶୀ ସୁରେଶ ମହାରଣାଙ୍କ ୨ ବଖରା ଓ ସୁରେଶ ସୂତାରଙ୍କର ଗୋଟିଏ ବଖରା ପୋଡି ହୋଇଯାଇଛି। କୌଣସି ଆସବାସପତ୍ର ଉଦ୍ଧାର କରାଯାଇପାରିନାହିଁ। ଖବରପାଇ ରାଜନଗରରୁ ନିଆଁଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

### ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ କ୍ୟାମ୍ପ କୋର୍ଟ

ରାଜନଗର, ୩୦।୧(ଡିଏନଏ): ରାଜନଗର ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ ବୁଧବାର ରାଜନଗର ବ୍ଲକର ରଙ୍ଗଣୀ ପଞ୍ଚାୟତ କାର୍ଯ୍ୟାଳୟରେ କ୍ୟାମ୍ପକୋର୍ଟ କରାଯାଇ ବିଭିନ୍ନ ମାମଲାର ବିଚାର କରାଯାଇଛି । ଏହି କୋର୍ଟରେ ୬ଟି ମାମଲାର ବିଚାର କରାଯାଇଥିଲା। ସେଥିମଧ୍ୟରୁ ଦୁଇଟି ମାମଲାର ଆପୋଷ ସମାଧାନ କରାଯାଇଥିଲା। ରାଜନଗର ଗ୍ରାମ୍ୟ ନ୍ୟାୟାଳୟ ବିଚାରପତି କୃଷ୍ଣଚନ୍ଦ୍ର ନାୟକ ମାମଲାଗୁଡିକର ବିଚାର କରିଥିଲେ।

■ ବ୍ରାହ୍ମଣୀ ନଦୀ କୂଳରୁ ବେଆଇନ ବାଲି ଉଠାଣ ମାମଲା

# ବିଚାର ବିଭାଗୀୟ ତଦନ୍ତ କମିଶନ ଗଠିତ

ପଟ୍ଟାମୁଣ୍ଡାଇ, ୩୦।୧ (ସ୍ୱ.ପ୍ର)

କେନ୍ଦ୍ରାପଡା ଜିଲା ମଧ୍ୟ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳରୁ ବେଆଇନ ଭାବେ ବାଲି ଉଠାଣ ମାମଲାରେ ଏନଜିଟି ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରିଛନ୍ତି। ଝାଡଖଣ୍ଡ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଆର. କେ. ନିରାଥିଆଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଶନ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବ୍ରାହ୍ମଣୀ ନଦୀ କୂଳର ପଟ୍ଟାମୁଣ୍ଡାଇ ତହସିଲ ଅଧୀନରେ ଥିବା ଚରା ନରେନ୍ଦ୍ରପୁର ମୌଜା ଅଞ୍ଚଳରୁ ହାଇୱା ଯୋଗେ ଅହରହ ଚାଲିଥିବା ବେଆଇନ ବାଲିଉଠାଣକୁ ଚାଲେଞ୍ଜ କରି ସାମାଜିକ କର୍ମୀ ମନୋରଞ୍ଜନ ପ୍ରଧାନ ଓ ମିଟୁ ଦାଶଙ୍କ ଦ୍ୱାରା ଦାୟର ହୋଇଥିବା ମାମଲାର ବିଚାର କରି ଏନଜିଟି ଏହି ନିର୍ଦ୍ଦେଶ ଦେଇଛନ୍ତି ।

ସୋମବାର ଏହି ମାମଲାର ଶୁଣାଣି ହୋଇଥିବା ବେଳେ ଆବେଦନକାରୀ ମାନଙ୍କ ପକ୍ଷରୁ କେନ୍ଦ୍ରାପଡା ଜିଲାପାଳ ଓ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ଦ୍ୱାରା ଦାଖଲ ହୋଇଥିବା



ନଦୀପଠାରୁ ବେଆଇନ ବାଲି ଉଠାଣ ହେଉଛି।

ସତ୍ୟପାଠ ମିଥ୍ୟା ତଥା ଚଞ୍ଚକତାପୂର୍ଣ୍ଣ ରିପୋର୍ଟ ବୋଲି ଅଦାଲତଙ୍କୁ ଏ ନେଇ ଅବଗତ କରାଯାଇଛି । ଆବେଦନକାରୀମାନେ ଅଦାଲତ ଅବମାନନା ମାମଲା ଆଇଏ ନଂ-୪/୧୯ରେ ଦର୍ଶାଇଥିଲେ ଯେ, ଜିଲାପାଳ ଓ ତହସିଲଦାରଙ୍କ ଦ୍ୱାରା ଯେଉଁ ସତ୍ୟପାଠ ଓ ତତ୍‌ସଂଲଗ୍ନ ତଦନ୍ତ ରିପୋର୍ଟ ଦାଖଲ କରାଯାଇଛି ତାହା ସେମାନଙ୍କ ମିଛକୁ ପଦାରେ ପକାଇ ଦେଇଛି । ଜିଲାପାଳ ତାଙ୍କ ରିପୋର୍ଟରେ ବ୍ରାହ୍ମଣୀ ନଦୀ ଗର୍ଭରୁ ବାଲି ଖୋଳା ହୋଇଛି ବୋଲି ଦର୍ଶାଇଥିବା ବେଳେ କଥିତ ସ୍ଥାନରୁ ବାଲି ଆଦୌ ଖୋଳା ହୋଇନାହିଁ ବୋଲି ତହସିଲଦାର ରିପୋର୍ଟ ଦେଇଛନ୍ତି । ଉପରୋକ୍ତ ଘଟଣାକୁ ଗୁରୁତର ସହିତ ଗ୍ରହଣ କରି ଏନଜିଟିଙ୍କ ପ୍ରଧାନ ଖଣ୍ଡପୀଠ ବେଆଇନ ବାଲି ଉଠାଣ ଘଟଣାର ନିରପକ୍ଷ ତଦନ୍ତ ନିମନ୍ତେ ସ୍ୱତନ୍ତ୍ର ବିଚାର ବିଭାଗୀୟ କମିଶନ ଗଠନ କରିଛନ୍ତି । ଏହାର ସମସ୍ତ କାଗଜପତ୍ର କମିଶନଙ୍କ ନିକଟରେ ଦାଖଲ କରିବା ସହିତ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ରାଜ୍ୟ ସରକାରଙ୍କୁ ଏନଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ୨୦୧୮ ନଭେମ୍ବର ୧୨ତାରିଖରେ ଏନଜିଟି ଜିଲାପାଳ, ଏସପିଙ୍କୁ ବେଆଇନ ବାଲି ଉଠାଣ ସମ୍ପର୍କରେ ରିପୋର୍ଟ ଦେବା ଓ ବେଆଇନ ବାଲି ଉଠାଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏହା କରାଯାଇ ନ ଥିଲା । ଏହି ଘଟଣା ନେଇ ଏନଜିଟିଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ ଯେ ସମ୍ପୃକ୍ତ ତହସିଲଦାର ମିଥ୍ୟା ସତ୍ୟପାଠ ସହିତ ଜାଲିଆତି କରି ରାସ୍ତା ନିର୍ମାଣକାରୀ ସଂସ୍ଥା ଏନକେସି କମ୍ପାନୀର କାଗଜପତ୍ର ଦାଖଲ କରିଛନ୍ତି । ଏହି ଘଟଣାକୁ ଗମ୍ଭୀରତାର ସହିତ ଗ୍ରହଣ କରି ଏନଜିଟି କୋର୍ଟ ସମ୍ପୃକ୍ତ ସରକାରୀ ଅଧିକାରୀମାନଙ୍କୁ ଭର୍ତ୍ସନା କରିଛନ୍ତି । ଓଡିଶା ହାଇକୋର୍ଟର ଆଡଭୋକେଟ ଦେବାଶିଷ ତ୍ରିପାଠୀ ଏହି ମାମଲା ପରିଚାଳନା କରୁଥିବା ବେଳେ ଆଡଭୋକେଟ ରାକେଶ କୁମାର ଷଡଙ୍ଗୀ ଓ ମନୋଜ ପାଣିଗ୍ରାହୀ ତାଙ୍କୁ ସହଯୋଗ କରୁଛନ୍ତି ।

# କାଳିଆ ଯୋଜନା: ହିତାଧିକାରୀ ନାମ ତାଲିକାରେ ତ୍ରୁଟି

ଆଳି, ୩୦।୧ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା କାଳିଆ ଯୋଜନାରେ ସବୁ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ସହାୟତା ରାଶି ପଠାଯିବା ନିମନ୍ତେ ପଞ୍ଚାୟତସ୍ତରରେ ଚାଷୀମାନଙ୍କଠାରୁ ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଜମି ପଟ୍ଟା ଆଦି ନିଆଯାଇଥିଲା। ଫର୍ମ ଯୋଗେ ଆବେଦନ କରିଥିବା ଚାଷୀମାନଙ୍କ ନାମ ତାଲିକାରେ ପ୍ରକାଶ ପାଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଅଧୀନ ୩୪ ଟି ପଞ୍ଚାୟତର ଚାଷୀମାନଙ୍କ ନାମ ତାଲିକା ବ୍ଲକ ଅଫିସ୍‌ରେ ଲଗାଯିବା ପରେ ଅଧିକାଂଶ ଚାଷୀଙ୍କ ନାମ ତାଲିକାରେ ନଥିବା ବେଳେ କେତେଜଣଙ୍କର ପଞ୍ଚାୟତ ଓ ଗ୍ରାମର ନାଁ ଭୁଲ ଥିବା ଦେଖାଯାଇଛି। ବ୍ଲକ ଅଧୀନ ମେଣ୍ଢପୁର ପଞ୍ଚାୟତକୁ ଆସିଥିବା ତାଲିକାରେ ୯ଶହରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କ ବିଭିନ୍ନ ପ୍ରକାର ତ୍ରୁଟି ଦେଖିବାକୁ ମିଳିଛି। କେତେଜଣ ଚାଷୀଙ୍କ ନାମ ଠିକ୍ ଥିବା ବେଳେ ମେଣ୍ଢପୁର ପଞ୍ଚାୟତ ବଦଳରେ ଡିମିରିପାଳ ପଞ୍ଚାୟତ ଲେଖାଯାଇଛି। ଏହି ତ୍ରୁଟିପୂର୍ଣ୍ଣ ତାଲିକା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଲଗାଯିବା ପରେ ଚାଷୀମାନେ ଏହାକୁ ଦେଖି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଅପାରଗତା ଯୋଗୁ ଏଭଳି ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କେତେଜଣ ଚାଷୀ କହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଆଜି ବିଡିଓ ଜୟନ୍ତ କୁମାର ପୃଷ୍ଟି ଅନୁପସ୍ଥିତ ଥିବା ଯୋଗୁ ଏ ସମ୍ପର୍କରେ ତାଙ୍କର ମତାମତ ନିଆଯାଇପାରିନାହିଁ।

# ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଉତ୍ସବରେ ଉପସ୍ଥିତ ଅତିଥିମାନେ।

ମାର୍ଶାଘାଇ, ୩୦।୧(ଡିଏନଏ)

ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ମାର୍ଶାଘାଇ ମହାବିଦ୍ୟାଳୟ ପରିସରରେ ଗାନ୍ଧିଜୀଙ୍କର ୧୫୦ତମ ଜନ୍ମଜୟନ୍ତୀ ପାଳନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଯୋଗଦେଇ ଅତିଥିମାନେ ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆଜିର ଯୁବପିଢିଙ୍କୁ ଆହ୍ୱାନ ଦେଇଥିଲେ । ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କମିଟିର ରାଜ୍ୟ ଆବାହକ ତଥା ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅର୍ଥ,ଅବକାରୀ,କୃଷି ବିଭାଗ ମନ୍ତ୍ରୀ ଶଶୀଭୂଷଣ ବେହେରା ,ମୁଖ୍ୟବକ୍ତା ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ଅଭିରାମ ବିଶ୍ୱାଳ , ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଗାନ୍ଧୀ ବିଚାର ମଞ୍ଚର ସଭାପତି ପ୍ରହଲାଦ ସିଂ,କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ଯୋଗ ଦେଇଥିଲେ। ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷା କ୍ରିଷ୍ଣା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅମୀୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଲୋକସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ,କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତୁଳସୀ ମହିଳା ମହାବିଦ୍ୟାଳୟ, ମହାକାଳପଡା ମହାବିଦ୍ୟାଳୟ, ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ,ଆଖୁଆ ଓଡଙ୍ଗ ଚିତ୍ରୋତ୍ପଳା ମହାବିଦ୍ୟାଳୟ,ମା' ତାରିଣି ମହାବିଦ୍ୟାଳୟ ଜୟଚନ୍ଦ୍ରପୁରର ଅଧ୍ୟକ୍ଷମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ମହାକାଳପଡାର ନିପାଣିଆ ଡଙ୍ଗାବୁଡି ଘଟଣାରେ ଲୋକଙ୍କୁ ଉଦ୍ଧାର କରିଥିବା ଦୁଇ ଛାତ୍ରୀ ସବିତା ଗିରି ଓ ପୂର୍ଣ୍ଣିମା ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା , ମହାକାଳପଡା ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ , ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହଣ , ମାର୍ଶାଘାଇ ସରପଞ୍ଚ ସରିତା ପ୍ରଧାନ , ଜିଲା କୋର୍ଟର ସରକାରୀ ଓକିଲ ଭୀମସେନ ଭୂୟାଁ, ଜିଲା ଓକିଲ ସଂଘ ସଭାପତି ଦେବଦାସ ମହାନ୍ତି,ପରକୁଳା ସରପଞ୍ଚ ଉଷାରାଣୀ ଦାସ, ମଙ୍ଗରାଜପୁର ସରପଞ୍ଚ ପ୍ରଦୀପ ନାୟକ,ବେରୁହାଁ ସରପଞ୍ଚ ଲାବଣ୍ୟବତୀ ସେନାପତି, ଛାତ୍ରନେତା ରାକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ମୁଖ୍ୟଅତିଥି ବେହେରା ମହାବିଦ୍ୟାଳୟ ପରିସରରେ ନବନିର୍ମିତ ଗାନ୍ଧିମୂର୍ତ୍ତି ଓ ଗାନ୍ଧୀ ସ୍ମାରକୀ ମଣ୍ଡପ ଉଦ୍‌ଘାଟନ କରିଥିଲେ । ମାର୍ଶାଘାଇ ବ୍ଲକର ୧୭ଟି ପଞ୍ଚାୟତର ବିଜୁ ଯୁବ ବାହିନୀମାନଙ୍କୁ କ୍ରୀଡା ଉପକରଣମାନ ବଣ୍ଟନ କରାଯାଇଥିଲା। ଅଧ୍ୟାପକ ପ୍ରଭାତ କୁମାର ଲେଙ୍କା,ସୁକାନ୍ତ ପ୍ରଧାନ,ସୁବାସ ଚନ୍ଦ୍ର ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ସ୍ଥାନୀୟ କେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଗାନ୍ଧୀ ଦର୍ଶନ ଓ ବିଚାର ଉପରେ ଅଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଧିକାରୀ ରବି ନାରାୟଣ ଦାଶ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା, ସମ୍ମାନିତ ଅତିଥି ଭାବେ ଚାନ୍ଦୋଳ ମହାବିଦ୍ୟାଳୟର ଅଧ୍ୟକ୍ଷ ମଦନ ମୋହନ ଜେନା , ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ବନମାଳୀ କର ଏବଂ ଡ. ଅମୀୟ କୁମାର ଜେନା ଯୋଗ ଦେଇଥିଲେ । ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ ।

## ଖବରଦାତାଙ୍କୁ କଟୁରୀରେ ଆକ୍ରମଣ

ପଟ୍ଟାମୁଣ୍ଡାଇ,୩୦।୧(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଅଞ୍ଚଳର ଖବର ପରିବେଷଣ କରୁଥିବା ଏକ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତା କୁମାରେଶ ନାୟକଙ୍କୁ ବୁଧବାର ଅପରାହ୍ନ ୨ଟା ୪୦ ମିନିଟରେ ଏସ୍. ମଲିକ ନାମକ ଜଣେ ବ୍ୟକ୍ତି ଏକ ଧାରୁଆ କଟୁରୀରେ ଆକ୍ରମଣ କରିଛନ୍ତି । ସେ ନିଜ ଦୋକାନରେ ବସିଥିବା ବେଳେ ଆକ୍ରମଣ କରାଯାଇଥିଲା । କଟୁରୀ ଚୋଟରେ ନାୟକଙ୍କର ବାମ ଜଙ୍ଘରେ ଗଭୀର କ୍ଷତ ହୋଇଛି । ତାଙ୍କୁ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏଥିନେଇ ନାୟକଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦିଆଯାଇଛି । ପୋଲିସ ତଦନ୍ତ ଚଳାଇଥିବା ବେଳେ ଆକ୍ରମଣକାରୀ ଫେରାର ହୋଇ ଯାଇଛନ୍ତି । ଏକ ଖବର ପ୍ରକାଶକୁ ନେଇ ଏହି ଆକ୍ରମଣ ହୋଇଛି । ଖବରଦାତାମାନଙ୍କ ପକ୍ଷରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପଟ୍ଟାମୁଣ୍ଡାଇ ପୋଲିସକୁ ସନ୍ଧ୍ୟାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୭୨ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଖବରଦାତାମାନେ ଚେତାବନୀ ଦେଇଛନ୍ତି।

## ଗାନ୍ଧିଜୀ-ରଘୁ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷୟିତ୍ରୀଶିକ୍ଷକ ଓ ପିଲାମାନେ।

ରାଜକନିକା, ୩୦।୧ (ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀଙ୍କୁ ଗୁଳିକରି ଫେରାର ହୋଇଯିବାକୁ ଚେଷ୍ଟା କରୁଥିବା ବେଳେ ନାଥୁରାମ ଗଡସେକୁ କାବୁ କରିଥିବା ବିରଳାଭବନର ମାଳୀ ରଘୁ ନାୟକଙ୍କ ଅସୀମ ସାହସକୁ ମନେ ପକାଇବା ସହ ରାଜକନିକାବାସୀ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧସୁମନ ଅର୍ପଣ କରିଛନ୍ତି। ବୁଧବାର ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ରାଜକନିକା ବ୍ଲକ ଜାଗୁଲାଇପଡା ଗ୍ରାମସ୍ଥିତ ଜାଏମାଲବ ବିଦ୍ୟାଳୟ ନିକଟରେ ଥିବା ଗାନ୍ଧୀ-ରଘୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା । ନିଜ ଜନ୍ମମାଟିରେ ରଘୁଙ୍କ ବୀରତ୍ୱକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ୨୦୦୫ ଜାନୁୟାରୀ ୩୦ରେ ଜର୍ମାନର ଏକ ସଂସ୍ଥା ପକ୍ଷରୁ ଗାନ୍ଧୀ-ରଘୁଙ୍କ ଫାଇବର ନିର୍ମିତ ଏକ ସ୍ମୃତିଫଳକ ପ୍ରତିଷ୍ଠା କରାଯାଇଥିଲା। ପ୍ରତିବର୍ଷ ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ଏଠାରେ ଗାନ୍ଧିଜୀ ଓ ରଘୁନାୟକଙ୍କ ସ୍ମୃତିଚାରଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥାଏ। ଏହ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ଶେଫାଳୀ ନାୟକ, ସ୍ନିଗ୍ଧାମୟୀ ନାୟକ, ଦୀପାରାଣୀ ସେଠୀ, ମମତା ଦାସ ଓ ଶିକ୍ଷକ ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।


**ଏସ୍.ଇ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଟିଆଇବି-କିଟିଏସ୍-୧୮-୧୯, ତାରିଖ: ୨୮।୦୧।୨୦୧୯।**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ତରଫରୁ ସିନିୟର ଡିଏସ୍‌ଟିଇ (ସିଓ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖର ୧୫.୦୦ ଘଟିକା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ଏହା ୧୫.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନରେ ଘାଟଶିଳା, ଜଳେଶ୍ୱର ଏବଂ ସୋରୋ ଷ୍ଟେଶନଠାରେ ମଲ୍ଟି ଲାଇନ୍ (୨ ଲାଇନ୍) ଟ୍ରେନ୍ ସୂଚନା ପ୍ରଦର୍ଶନ ଫଳକ ଏବଂ ସ୍ୱଚାଳିତ ଘୋଷଣା ପ୍ରଣାଳୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ। **ଟେଣ୍ଡର ମୂଲ୍ୟ:** ₹୨୩,୬୩,୯୨୪.୩୫। **ଇଏମ୍‌ଡି:** ₹୪୭,୩୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୩,୦୦୦/-। **ସମାପ୍ତି ଅବଧି:** ୧୨୦ ଦିନ। **ଦାଖଲ ତାରିଖ:** ତା୦୧।୦୩।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। **ଖୋଲାଯିବା ତାରିଖ:** ତା୦୧।୦୩।୨୦୧୯ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-1079)


# ଅସହାୟ ଝୁମୁରୀ ନ୍ୟାୟ ଅପେକ୍ଷାରେ

■ମାସକ ତଳେ ସ୍ୱାମୀ ଫେରିଥିଲେ ଗାଁକୁ

ରାଜନଗର, ୩୦।୧(ଡିଏନଏ)

ଯେଉଁ ଗାଁର ପୁଅ ସିତୁ ମଲିକ ଗତ ସାଧାରଣତନ୍ତ୍ର ଦିବସ ଅବସରରେ ସାହାସିକତା ପାଇଁ ଜାତୀୟ ପୁରସ୍କାର ପାଇ ଗ୍ରାମବାସୀଙ୍କୁ ଗର୍ବିତ କରିଛନ୍ତି, ସେହି ଗାଁରେ ଗତ ୨୧ ତାରିଖ ସକାଳେ ଗୁଳି ଫୁଟି କିଶୋର ସେଠୀ(୪୦) ନାମକ ଜଣେ ନିରୀହ ବ୍ୟକ୍ତିଙ୍କ ଜୀବନ ଯିବା ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି । ନିଜର କର୍ମକ୍ଷେତ୍ରରୁ ମାସକ ତଳେ ରାଜନଗର ବ୍ଲକର କଣ୍ଡିରା ଗାଁକୁ ଫେରିଥିବା କିଶୋର ସାପ ଗ୍ୟାଙ୍ଗ ସଦସ୍ୟଙ୍କ ଗୁଳିମାଡରେ ସବୁଦିନ ପାଇଁ ଆଖି ବୁଜିଛନ୍ତି। ଏହି ଘଟଣା ପରେ ସାରା ଗାଁରେ ଆତଙ୍କର କଳାବାଦଲ ଢାଙ୍କି ରହିଛି। ସଞ୍ଜ ନଇଁ ଆସିଲେ ଲୋକମାନେ ବାହାରକୁ ବାହାରିବା ପାଇଁ ଭୟଭୀତ ହେଉଛନ୍ତି। ଅପରପକ୍ଷରେ ନୁଆଁଣିଆ ଝାଟିମାଟି ଘରେ ରହୁଥିବା ମୃତ କିଶୋରଙ୍କ ସ୍ତ୍ରୀ ଝୁମୁରୀ ସ୍ୱାମୀଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି । ସେ ଏବେ ୮ମାସର ଗର୍ଭବତୀ। ଆଉ ଦିନ କେଇଟା ପରେ ତାଙ୍କ କୋଳକୁ ଶିଶୁଟିଏ ଆସିବ। ସେ କେମିତି ମଣିଷ ହେବ ସେହି ଚିନ୍ତା ଏବେ ଠାରୁ ଘାରିଲାଣି । ପୁଣି ବଡହେଲେ ଯେତେବେଳେ ବାପକୁ ଖୋଜିବ, କଣ ଉତ୍ତର ଦେବ ଝୁମୁରୀ ।


ଝିଅ ସହ ଝୁମୁରୀ।

କିଶୋର ମରିବା ପରଠାରୁ ଘରେ ଚୁଲି ଜଳୁନି କହିଲେ ଚଳେ। ୫ ବର୍ଷର ମୂକ ବଧିର ଦିବ୍ୟାଙ୍ଗ ଝିଅ ପଦ୍ମାବତୀକୁ ନେଇ ତାର ଅଭାବୀ ତେଲ ଲୁଣର ସଂସାର । ସ୍ୱାମୀକୁ ହରାଇବା ଚିନ୍ତାରେ ଖିଆପିଆ ନାହିଁ। ସାହି ପଡିଶାଙ୍କ ସହଯୋଗରେ ଦିନ କାଟୁଛନ୍ତି ଝୁମୁରୀ । ନିକଟରେ ସେ ଏକ ଦରଖାସ୍ତ ଲେଖି ବ୍ଲକ ପ୍ରଶାସନକୁ ସରକାରୀ

**କଣ୍ଡିରା ଗୁଳିକାଣ୍ଡ**

ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ମଙ୍ଗଳବାର କଣ୍ଡିରା ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଦେଇଛନ୍ତି । ଝୁମୁରୀଙ୍କୁ ଘର ଓ ଅନ୍ୟାନ୍ୟ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି । ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ସ୍ତ୍ରୀ ଗର୍ଭବତୀ ଥିବାରୁ ହାଇଦ୍ରାବାଦରେ ଦାଦନ ଖଟୁଥିବା କିଶୋର କିଛି ଦିନ ତଳେ ଗାଁକୁ ଆସିଥିଲେ । ୨୧ ତାରିଖ ଦିନ ଗାଁରେ ପଟିଟ୍ରୁଷ୍ଟ ଶୁଣି ଘଟଣା କ'ଣ ବୁଝିବା ପାଇଁ ଘରୁ ବାହାରକୁ ଧାଇଁ ଆସିଥିଲେ କିଶୋର। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ସାପ ଗ୍ୟାଙ୍ଗର ସଦସ୍ୟମାନେ ଅନ୍ୟ ଜଣଙ୍କୁ ଲକ୍ଷ୍ୟ କରି ଗୁଳି ମାରିଥିବା ବେଳେ ତାହା କିଶୋର ଦେହରେ ବାଜିଥିଲା । ଫଳରେ ସେ ସବୁଦିନ ପାଇଁ ଆଖି ବୁଜି ଦେଇଥିଲେ। ନିପଟ ମଫସଲ ଗାଁରେ ପୋଲିସ ପ୍ରଶାସନର ଚରମ ଅବହେଳା ଯୋଗୁ ଗୁଳିକାଣ୍ଡ ଘଟିଥିବା ବେଳେ ଅସହାୟା ଝୁମୁରୀଙ୍କ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ଆଜିଯାଏଁ ସାହାଯ୍ୟ ନ ମିଳିବା ବିଡମ୍ବନା ବୋଲି ଆଲୋଚନା ହେଉଛି।

## ରାଜନଗର ହାଇସ୍କୁଲର ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

ରାଜନଗର, ୨୯।୧(ଡିଏନଏ): ରାଜନଗର ଅଞ୍ଚଳର ସର୍ବପୁରାତନ ରାଜନଗର ହାଇସ୍କୁଲର ୧୯୮୮ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି।







**ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)**
**(ଭାରତ ସରକାରଙ୍କ ଏକ ଉଦ୍ୟୋଗ)**
**ଭୁବନେଶ୍ୱର - ୭୫୧୦୧୪**
ସନ୍ଦର୍ଭ: ଏଚ୍‌କେଏ/ଏମ୍ଏମ୍ ଆଣ୍ଡ ଡି/ଇ-ଟେଣ୍ଡର/୧୯-୨୦ ତାରିଖ: ୨୯।୦୧।୨୦୧୯

**ଇ-ସଂଗ୍ରହ ବିଜ୍ଞପ୍ତି**

ଏକବର୍ଷ ଅବଧି ପାଇଁ ନିମ୍ନଲିଖିତ ସାମଗ୍ରୀଗୁଡ଼ିକର ଯୋଗାଣ ବାବଦରେ ଖ୍ୟାତନାମା ଏବଂ ଅଭିଜ୍ଞ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍ ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ହେଉଛି ତା୨୫।୦୨।୨୦୧୯ରିଖ (୧୫.୦୦ ଘଟିକା)। ବିଡରମାନଙ୍କ ପ୍ରାକ୍-ବିଡ୍ ବୈଠକ ତାରିଖ: ୦୬।୦୨।୨୦୧୯ରିଖ (୧୪.୦୦ରୁ ୧୬.୦୦ ଘଟିକା)

**୧- ବିବିଧ ସାମଗ୍ରୀ, ୨- ଖାଦ୍ୟ ସାମଗ୍ରୀ, ୩- ପନିପରିବା ଓ ଫଳମୂଳ, ୪- ମାଛ ଓ ଚିଙ୍ଗୁଡ଼ି, ୫- କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା, ୬- ଖାସି ମାଂସ, ୭- ମିଠା ଓ ପନିର, ୮- ଉଦ୍ୟାନକୃଷି ଓ ଉଦ୍ୟାନ ରକ୍ଷଣାବେକ୍ଷଣ, ୯- ଶ୍ରମବଳ।**

ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ www.theashokgroup.com, www.hotelkalingaashok.com, http://etenders.gov.in/eprocure/appରେ ଉପଲବ୍ଧ। ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।

**ସ୍ୱା./- ମହା ପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର**
**ଦୂରଭାଷ: ୦୬୭୪-୨୪୩୧୦୫୫/୫୬**



**ଇଣ୍ଡିଆ ଏସ୍ଏମ୍ଇ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଲିଃ** isarc
[ସିଆଇଏନ୍: ୟୁ୬୭୧୧୯୦ଏମ୍ଏଚ୍୨୦୦୮ପିଏଲ୍‌ସି୧୮୧୦୬୨]
୧୦୦୪, ନମନ ସେଣ୍ଟର (୧୦ମ ମହଲା), ପ୍ଲଟ୍ ନଂ. ସି-୩୧, ଜି-ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବାଇ - ୪୦୦ ୦୫୧। ଟେଲି: ୬୧୫୬୭୯୦୦, ଫାକ୍ସ: ୬୧୫୬୭୯୬୯ ଇମେଲ୍: isarc@isarc.in

**ଆପେଣ୍ଡିକ୍ସ-IV [(ନିୟମ-୮(୧)] ଦଖଲ ନୋଟିସ**

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆ ଏସ୍ଏମ୍ଇ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ ଆଇଏସ୍ଏଆର୍‌ସି-ଏଫ୍ଏ-୨୭-I/୨୦୧୨-୧୩ ଟ୍ରଷ୍ଟ (ଏତଦ୍‌ପଶ୍ଚାତ୍ "ଆଇଏସ୍ଏଆର୍‌ସି" ଭାବେ ଉଲ୍ଲିଖିତ)ର ଟ୍ରଷ୍ଟି କ୍ଷମତାରେ କାର୍ଯ୍ୟରତ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଏତଦ୍‌ପଶ୍ଚାତ୍ "ସରଫେସି ଆକ୍ଟ" ଭାବେ ଉଲ୍ଲିଖିତ)ର ଧାରା ୧୩ (୨) ଅଧୀନରେ **ତା୧୨।୦୨।୨୦୦୮ରିଖ** ଦିନ ଋଣଗ୍ରହୀତା/ଜାମିନଦାତା **ମେସର୍ସ ମେଡିରାଡ୍ ଟେକ୍ ଇଣ୍ଡିଆ ଲିଃ** ସ୍ଥାନ ଡି-୮୨, ସରିତା ବିହାର, ନୂଆଦିଲ୍ଲୀ-୧୧୦୦୪୪ ଏବଂ ନାଲକୋ ଛକ, ଭୁବନେଶ୍ୱର-୭୫୧୦୨୩ଙ୍କୁ ନୋଟିସରେ ଦର୍ଶିତ ଅର୍ଥରାଶି ଅର୍ଥାତ୍ **ତା୦୧।୦୨।୨୦୦୮ରିଖ** ସୁଦ୍ଧା ରହିଥିବା **ଟ.୨,୮୨,୧୦,୬୫୧.୦୦ (ଦୁଇକୋଟି ବୟାଅଶୀ ଲକ୍ଷ ଦଶହଜାର ଛଅଶହ ଏକାବନ ଟଙ୍କା ମାତ୍ର)** ସମେତ ପରିଶୋଧ ତାରିଖ ସୁଦ୍ଧା ଚୁକ୍ତିମୂଳକ ଦରରେ ପରବର୍ତ୍ତୀ ସୁଧ, କଥିତ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନୋଟିସ ଜାରି କରିଥିଲେ।

ତା୧୨।୧୨।୨୦୧୨ରିଖର ଆସାଇନ୍‌ମେଣ୍ଟ ରାଜିନାମା ଅନୁଯାୟୀ, ଆଇଏସ୍ଏଆର୍‌ସି ଆଇଏସ୍ଏଆର୍‌ସି-ଏଫ୍ଏ-୨୭-I/୨୦୧୨-୧୩ ଟ୍ରଷ୍ଟର କ୍ଷମତାରେ ସରଫେସି ଆକ୍ଟ, ୨୦୦୨ର ଧାରା ୫ର ବ୍ୟବସ୍ଥାପନ ଅନୁଯାୟୀ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ଋଣଗ୍ରହୀତାଙ୍କୁ ମଞ୍ଜୁର କରାଯାଇଥିବା ଆର୍ଥିକ ସହାୟତା ସମେତ ସମସ୍ତ ନିହିତ ବନ୍ଧକ ସୁଧ ତଥା ସେମାନଙ୍କର ସମସ୍ତ ଅଧିକାରର ଆସାଇନ୍‌ମେଣ୍ଟ ନେଇଥିଲେ। ଋଣଗ୍ରହୀତା/ଜାମିନଦାତା/ବନ୍ଧକଦାତା ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ବିଶେଷକରି ଋଣଗ୍ରହୀତା/ଜାମିନଦାତା/ବନ୍ଧକଦାତା ଏବଂ ସାଧାରଣ ଭାବେ ଜନସାଧାରଣଙ୍କୁ ଏତଦ୍ଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩ (୪) ସହିତ ପଠନପୂର୍ବକ କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **୨୯ ଜାନୁୟାରୀ, ୨୦୧୯** ଦିନ ନିଜ ଦଖଲକୁ ନେଇଛନ୍ତି।

ବିଶେଷକରି ଋଣଗ୍ରହୀତା/ଜାମିନଦାତା/ବନ୍ଧକଦାତା ଏବଂ ସାଧାରଣ ଭାବେ ଜନସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ କରିଦିଆଯାଉଛି ଯେ କଥିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କାରବାର କରାଗଲେ ଆଇଏସ୍ଏଆର୍‌ସି ଦ୍ୱାରା ତା୦୧।୦୨।୨୦୦୮ରିଖ ସୁଦ୍ଧା ରହିଥିବା କଥିତ ମୋଟ ଅର୍ଥରାଶି **ଟ.୨,୮୨,୧୦,୬୫୧.୦୦ (ଦୁଇକୋଟି ବୟାଅଶୀ ଲକ୍ଷ ଦଶହଜାର ଛଅଶହ ଏକାବନ ଟଙ୍କା ମାତ୍ର)** ଏବଂ ତା୨।୨।୨୦୦୮ଠାରୁ ତାହା ଉପରେ ଲାଗୁ ସୁଧ ଆଦାୟଯୋଗ୍ୟ ହେବ।

**"ଆକ୍ଟର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନ ଅନୁଯାୟୀ, ଉପଲବ୍ଧ ସମୟ ସଂକ୍ରାନ୍ତରେ, ବନ୍ଧକ ପରିସମ୍ପତ୍ତିଗୁଡ଼ିକୁ ମୁକୁଳାଇବା ପାଇଁ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।"**

*****ଅସ୍ଥାବର/ସ୍ଥାବର ସମ୍ପତ୍ତିଗୁଡ଼ିକର ବର୍ଣ୍ଣନା*****

୧. କମ୍ପାନୀ ନାମରେ ଅସ୍ଥାବର ପରିସମ୍ପତ୍ତିଗୁଡ଼ିକର ଦୃଷ୍ଟିବନ୍ଧକ।
୨. ଜିଲ୍ଲା- ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ଲଟ୍.ନଂ. ପି/୨୦ଠାରେ ଅବସ୍ଥିତ ଏବଂ ୨.୪୨୬ ଏକର କ୍ଷେତ୍ରର ପରିମାପର, ନକସା ନଂ. ବି-୯୮୩ (ବିଡିଏ) ଅନୁଯାୟୀ, ରାଜସ୍ୱ ପ୍ଲଟ୍ ନଂ.୧୨ (ଭାଗ) ଏବଂ ଜମି ୧୩(ଭାଗ), ଖାତା ନଂ.୧୪୨୭ (ଜିଏଡି), ମୌଜା- ଜୟଦେବ ବିହାର ଏବଂ ପ୍ଲଟ୍ ନଂ.୩୨୬ (ଭାଗ), ଖାତା ନଂ.୬୧୯ (ଜିଏଡି), ମୌଜା-ଚନ୍ଦ୍ରଶେଖରପୁର, ନ୍ୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାଠାରେ ଅବସ୍ଥିତ କମ୍ପାନୀର ସ୍ଥାବର ସମ୍ପତ୍ତିର ନ୍ୟାୟସଙ୍ଗତ ବନ୍ଧକ।

ପ୍ରାଧିକୃତ ଅଧିକାରୀ
ସ୍ଥାନ: ଭୁବନେଶ୍ୱର — ଇଣ୍ଡିଆ ଏସ୍ଏମ୍ଇ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଲିମିଟେଡ୍ (ଆଇଏସ୍ଏଆର୍‌ସି)
ତାରିଖ: ୨୯ ଜାନୁୟାରୀ, ୨୦୧୯ — ଆଇଏସ୍ଏଆର୍‌ସି-ଏଫ୍ଏ-୨୭-I/୨୦୧୨-୧୩ ଟ୍ରଷ୍ଟ ଭାବେ ନିଜର କ୍ଷମତାରେ କାର୍ଯ୍ୟରତ

## ସଂକ୍ଷେପରେ

### ସଞ୍ଜୟ ମହାନ୍ତି ହତ୍ୟା ମାମଲା
## ସଦାଶିବଙ୍କୁ ଆଜୀବନ କାରାଦଣ୍ଡାଦେଶ

**କେନ୍ଦ୍ରାପଡା ଅଫିସ,୩୦।୧-** ୨୦୧୨ ମସିହାର ବହୁ ଚର୍ଚ୍ଚିତ ରାଜନଗର ଥାନା ମହିଷାସୁର ଗ୍ରାମର ସଞ୍ଜୟ ମହାନ୍ତି ହତ୍ୟା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲା ଜଜ୍ ବାସୁଦେବ ପଣ୍ଡା ଅଭିଯୁକ୍ତ ସଦାଶିବ ଭୂୟାଁଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏସ୍‌ଟି କେସ ନଂ. ୮୬/୧୨ ଅନୁଯାୟୀ, ସଞ୍ଜୟ ଓ ସଦାଶିବଙ୍କ ମଧ୍ୟରେ ଗ୍ରାମରେ ଥିବା ଏକ ଅନାବାଦୀ ଜମିକୁ ନେଇ ଦୀର୍ଘଦିନ ଧରି ବିବାଦ ଚାଲିଥିଲା। ୨୦୧୨ ଡିସେମ୍ବର ୧୩ ତାରିଖ ରାତିରେ ସଞ୍ଜୟ ନିଜ ଘରୁ ଗ୍ରାମରେ ଥିବା ଦୋକାନକୁ ଯାଉଥିବା ବେଳେ ସଦାଶିବ ତାଙ୍କୁ ଏକ ଚାପଡରେ ହାଣି ଦେଇଥିଲେ। ଏହାକୁ ନେଇ ରାଜନଗର ଥାନାରେ ସଞ୍ଜୟଙ୍କ ପରିବାର ସଦସ୍ୟଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ସଦାଶିବଙ୍କୁ ଗିରଫ କରିଥିଲା। ଜିଲା ଜଜ୍ ପଣ୍ଡାଙ୍କ ରାୟ ଅନୁଯାୟୀ, ଆଇପିସି ଧାରା ୩୦୨ରେ ଆଜୀବନ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦାୟରେ ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ସେହିପରି ଆଇପିସି ଧାରା ୩୦୭ରେ ସଦାଶିବ ୭ ବର୍ଷ ଜେଲ ସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ ଅଛି। ଜରିମାନା ଅନାଦେୟରେ ଅଧିକ ୬ ମାସ ଜେଲରେ ରହିବେ ବୋଲି ରାୟ ପ୍ରକାଶ ପାଇଛି।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ରାଜନଗର,୩୦।୧(ଡିଏନଏ)-**ରାଜନଗର ବ୍ଲକ ସାନବଡଗୋପାଳପୁର ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗୋସିଗାଁ ଗର୍ଭେଶ୍ୱର ମହାଦେବ ପୀଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ନିରଞ୍ଜନ ରାଉତ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ରବିନ୍ଦ୍ର କୁମାର ସେଠୀ, ନରହରି ଜେନା, ଶୈଳେନ୍ଦ୍ର ସ୍ୱାଇଁ ଯୋଗଦେଇ ଯୁବ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।

### ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ପାଳିତ
# ଖଦଡ଼ ପୋଷାକ ପିନ୍ଧିବାକୁ ଆହ୍ୱାନ

**କେନ୍ଦ୍ରାପଡା ଅଫିସ୍, ୩୦।୧**

ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ସ୍ୱାଧୀନତା ସଂଗ୍ରାମୀ ଓ ଜିଲା ପ୍ରଶାସନ ପକ୍ଷରୁ ଗରାପୁର ଓ ବାରିମୂଳସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିସହ ସ୍ୱାଧୀନତା ସଂଗ୍ରାମର ଶହୀଦଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ଦାଶରଥି ଶତପଥୀ ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶ ଓ କର୍ମ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପ୍ରତି ଶୁକ୍ରବାର ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ଖଦଡ଼ ପୋଷାକ ପିନ୍ଧିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏଥିରେ ଏଡିଏମ୍ ବସନ୍ତ କୁମାର ରାଉତ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ସହ ଜିଲା କାର୍ଯ୍ୟାଳୟ କର୍ମଚାରୀ ସାମିଲ ହୋଇଥିଲେ।

ସେହିପରି ସ୍ୱାଧୀନତା ସଂଗ୍ରାମୀ ନକୁଳ ଚରଣ ଦାସ, କୁମାର ମିଶ୍ର ପ୍ରମୁଖ ଡେରାବିଶ ବ୍ଲକ ବାରିମୂଳ ଗାନ୍ଧୀ ପଡ଼ିଆରେ ଅନୁଷ୍ଠିତ ସର୍ବୋଦୟ ସଭାରେ ଯୋଗଦେଇ ଗାନ୍ଧିଜୀ ଓ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ମତ ରଖିଥିଲେ। ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ ଓ ବାପୁଜୀ ଯୁବକ ସଂଘର ସଭ୍ୟବୃନ୍ଦଙ୍କ ଦ୍ୱାରା ଏହି ସଭାର ଆୟୋଜନ କରାଯାଇଥିଲା। ମହାପ୍ରୟାଣ ଦିବସ ଉପଲକ୍ଷେ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଜିଲା କଂଗ୍ରେସ ପକ୍ଷରୁ କଜଳାସ୍ଥିତ କଂଗ୍ରେସ ଭବନଠାରେ ଏଥିପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କର୍ମୀ ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲାର ବହୁ ନେତା ଓ କର୍ମୀ ଯୋଗ ଦେଇ ଗାନ୍ଧିଜୀଙ୍କ ବିଚାରଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ସାମାଜିକ କର୍ମୀ ଅମରବର ବିଶ୍ୱାଳ ପ୍ରମୁଖ ଗାନ୍ଧିଜୀ ଓ ଦେଶର ଅନ୍ୟ ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ବିକାଶ ସାମୁଖ୍ୟ ପକ୍ଷରୁ ସହରର ଖଡିଅଙ୍ଗସ୍ଥ କାର୍ଯ୍ୟାଳୟ ପରିସରରେ ବାପୁଜୀଙ୍କ ତିରୋଧାନ ଦିବସ ପାଳନ କରାଯାଇଥିଲା। ଶିକ୍ଷାବିତ୍ ଅଜୟ ସାମଲ, ବୈଷ୍ଣବ ଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏରେଣ୍ଡା କେରେଣ୍ଡା କୋଳି**
**କଉଡ଼ି ନ ଦେଲେ ନ ଦେବି କାଳି**
**ଶାଶୁଘର ଦେବେ ଗାଳି।**

ସାଧାରଣତଃ ଦୋକାନୀମାନେ ନଗଦ ବେପାର ଉପରେ ଜୋର ଦେଇଥାନ୍ତି। କୌଣସି ଗରାଖ ଆସି ବାକି ମାଗିଲେ ମନା କରିଦେଇଥାନ୍ତି। ପଇସା ନ ଦେଲେ ଜିନିଷ ଦେବେନି ବୋଲି କହିଥାନ୍ତି। ବାକି ଦେଲେ ଶାଶୁଘର ଲୋକେ ଗାଳି ଦେବା ଭୟରେ ବୋହୂ କୋଳି ଭଳି ଅଳ୍ପ ମୂଲ୍ୟର ଜିନିଷ ମଧ୍ୟ ଦେବାକୁ ଅମଙ୍ଗ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଇ କଥାକୁ**
**ନାଆ ପେଲିଦେଲି କଲିକତାକୁ।**

କେତେକ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ ଏତେ ଚିନ୍ତା ବୋଲି କଲି ଫୁତ୍କାରରେ ଉଡେଇ ଦେଇଥାନ୍ତି। କଥାକୁ ଗୁରୁତର ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭିନୁ ମଙ୍କଡ଼ ଦିବାକର ଶର୍ମା କ୍ରିକେଟ ଟୁର୍ନାମେଣ୍ଟ: ବିଞ୍ଝାରପୁର ବିଜୟୀ

**ଆଳି, ୩୦।୧ (ଡି.ଏନ.ଏ.)**

ଆଳି ହାଇସ୍କୁଲ ମିନିଷ୍ଟଡିୟମ ପରିସରରେ ବୁଧବାର ପୂର୍ବାହ୍ନରେ ୪୦ ତମ ଭିନୁମଙ୍କଡ ଦିବାକର ଶର୍ମା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗାଳ୍ପିକ ବନମାଳୀ ସେନାପତି ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ ମଲ୍ଲିକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଘାଟନୀ ଦିବସରେ ବିଞ୍ଝାରପୁର କ୍ରିକେଟ କ୍ଲବ ଓ ଆଳି ବେତାର ପ୍ରଗତୀ ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିଞ୍ଝାରପୁର ପ୍ରଥମେ ବ୍ୟାଟିଙ୍ଗ କରି ୨୫ ଓଭରରେ ୧୫୫ ରନ୍ ସଂଗ୍ରହ କରିଥିଲା। ଜବାବରେ ପ୍ରଗତି ସ୍ପୋର୍ଟିଂ କ୍ଲବ ୨୫ ଓଭରରେ ୧୪୯ ରନ କରି ପରାଜିତ ହୋଇଥିଲା। ବିଞ୍ଝାରପୁର ଟିମର ସର୍ବାଧିକ ୬୫ ରନ କରିଥିବା ଆଜାର ଅଲ୍ଲୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା। ଅମ୍ପେୟାର ଭାବେରଞ୍ଜିତ ମିଶ୍ର ଓ ନିରଞ୍ଜନ ଷଡ଼ଙ୍ଗୀ ମ୍ୟାଚ୍ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ମଲିକ, ଜଗନ୍ନାଥ ଦାସ, ସେକ ଆରବ ଅଲ୍ଲୀ, ଶଙ୍କର୍ଷଣ ମଲିକ, ରବୀନ୍ଦ୍ରି ମହାନ୍ତ, ଭରତ ମଲିକ, ସଦାନନ୍ଦ ସିଂହ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି। ଗୁରୁବାର ରତ୍ନଗିରି କ୍ରିକେଟ କ୍ଲବ ଓ ସାଳନ୍ଦୀ ଟିମ ଭଦ୍ରକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ବାର୍ଷିକ କ୍ରୀଡ଼ା ଉତ୍ସବ

**ଡେରାବିଶ, ୩୦।୧ (ସ୍ୱ.ପ୍ର.)**

ଡେରାବିଶ ଶିକ୍ଷା ସର୍କଲ ଅଧୀନ ଚାନ୍ଦୋଳ ପଞ୍ଚାୟତସ୍ଥିତ ବାଙ୍କିମୁଣ୍ଡାଇ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ଜାନକୀ ନାୟକଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ନମିତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ସ୍ଥାନୀୟ ସରପଞ୍ଚ ଅନୁପମା ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାଦମ୍ବିନୀ ସେଠୀ ଓ ଗାୟତ୍ରୀ ବାରିକଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଉତ୍ସବକୁ ଶିକ୍ଷୟିତ୍ରୀ ଅନୁସ୍ମିତା ଦାଶ, ମୋନାଲିସା ଦାଶ, ଜଗଜିତା ମହାନ୍ତି, ଭାଗ୍ୟଶ୍ରୀ ନନ୍ଦ, ସୁପ୍ରିୟା ନାୟକ ଓ ଦେବଦର୍ଶିନୀ ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ମଲ୍ଲିକ ସଭା ପରିଚାଳନା କରିଥିଲେ।

# ୩ ଶହ କୁଇଣ୍ଟାଲ ଧାନ ଜଳିଗଲା


ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

**ମହାକାଳପଡ଼ା, ୩୦।୧ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ପେଟ୍‌ଛେଲା ପଞ୍ଚାୟତ ସରୁମୁହିଁ ଗ୍ରାମରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟି ୪ଜଣ ଚାଷୀଙ୍କର ୧୦ଟି ଧାନ ଗଦା (ପ୍ରାୟ ୩ଶହ କୁଇଣ୍ଟାଲ ଧାନ) ଜଳିଯାଇଛି। ଏଥିସହ ୨ ବଖରା ପୋଡ଼ି ଯାଇଥିବା ବେଳେ ସମସ୍ତ ଆସବାବପତ୍ର ପୋଡି ପଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବା ବେଳେ ଧାନଗଦା ନିକଟରେ ଥିବା ଏକ ଟ୍ରାକ୍ଟରର ବ୍ୟାଟେରି ସ୍ପାର୍କିଂ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

ପ୍ରକାଶ ଯେ, ପୂର୍ବାହ୍ନରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ସୁବାସ ରାଉତ ଓ ସୁଶାନ୍ତ ରାଉତଙ୍କ ୬ଟି ଧାନ ଗଦା ସମେତ ବିଚିତ୍ର ରାଉତ ଓ ବିଜୟ ରାଉତଙ୍କ ୪ଟି ଧାନ ଗଦା ଜଳିଯାଇଥିଲା। ଏଥିସହ ନିଆଁର ପ୍ରକୋପ ଏତେ ଥିଲା ଯେ ଧାନ ଗଦା ପାଖରେ ଥିବା ସୁବାସ ରାଉତଙ୍କ ଘରକୁ ନିଆଁ ବ୍ୟାପୀ ଯାଇଥିଲା। ଫଳରେ ତାଙ୍କର ଦୁଇ ବଖରା ପୋଡି ଯାଇଥିଲା। ଖବରପାଇ ମହାକାଳପଡ଼ା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପେଟ୍‌ଛେଲା ରାଜସ୍ୱ ନିରୀକ୍ଷକ କୈଳାସଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିବା ବେଳେ ସରକାରୀ ନିୟମାନୁସାରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ଗାନ୍ଧୀ ପୀଠରେ ଶହୀଦ ଦିବସ

**ଡେରାବିଶ, ୩୦।୧ (ସ୍ୱ.ପ୍ର.)**

ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ ଓ ବାପୁଜୀ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ଅଧୀନ ବାରିମୂଳ ପଡିଆସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ବୁଧବାର ଶହୀଦ ଦିବସ ଓ ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଫାଉଣ୍ଡେଶନ ସଭାପତି ଅଡଭୋକେଟ ପ୍ରତାପ ମହାପାତ୍ରଙ୍କ ପୌରୋହିତ୍ୟରେ ସର୍ବୋଦୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦାଶରଥି ଶତପଥୀ ମୁଖ୍ୟଅତିଥି, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଗାନ୍ଧୀବାଦୀ ପ୍ରାକ୍ତନ ଶିକ୍ଷକ କସ୍ତୁରୀ ଚରଣ ପାତ୍ର, ବରିଷ୍ଠ ଖବରଦାତା ପରିକ୍ଷିତି ପାତ୍ର, ସ୍ଥାନୀୟ ସରପଞ୍ଚ ଶୁଦ୍ଧଦେବ ବେହେରା, ଫାଉଣ୍ଡେଶନ ସଦସ୍ୟ ପ୍ରଣବ କୁମାର ଜେନା ଓ ପ୍ରାକ୍ତନ ସରପଞ୍ଚ ଆଇନଜୀବୀ ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀ ଦେଖାଇଥିବା ଅହିଂସା ମାର୍ଗକୁ ଯୁବ ସମାଜ ଗ୍ରହଣ କଲେ ଏକ ସୁସ୍ଥ ଓ ଭୟମୁକ୍ତ ସମାଜ ଏବଂ ସୁଦୃଢ଼ ଭାରତ ଗଠନ ହୋଇପାରନ୍ତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ ନକୁଳ ଚରଣ ଦାସ, ରାମଚନ୍ଦ୍ର ବେହେରା, ଫକୀରମୋହନ ଦାସ, ଈଶ୍ୱରଚନ୍ଦ୍ର ସାହୁ, ବିମ୍ବାଧର ମୁଦୁଲି, ଭିକାରୀ ସାହୁ, କ୍ଷେତ୍ରବାସୀ ସାହୁ ଓ ଗଜେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଭାତ ଫେରିରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଗାନ୍ଧୀ ପଡିଆରେ ପହଞ୍ଚିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୬ ଦଫା ଦାବିରେ କୃଷକ ସଂଘର ଗଣବିକ୍ଷୋଭ

**କେନ୍ଦ୍ରାପଡ଼ା ଅଫିସ,୩୦।୧**

୬ ଦଫା ଦାବି ଉପସ୍ଥାପନ କରି ଅଖିଳ ଭାରତ କୃଷକ ସଭା ଓ ମହାକାଳପଡାସ୍ଥିତ ରାମଚଣ୍ଡୀ କୃଷକ ସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗଣବିକ୍ଷୋଭ କରାଯାଇଥିଲା। ଏହି ଅବସରରେ କୃଷକ ନେତା ରମଣୀରଞ୍ଜନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷୀ ନେତା ବାବାଜୀ ମହାରଥି, ରବୀନ୍ଦ୍ରନାଥ ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ହରେକୃଷ୍ଣ ମାଝି, ବସନ୍ତ କୁମାର ଖଟେଇ ପ୍ରମୁଖ ଯୋଗଦେଇ ଜିଲାର କୃଷି ଓ କୃଷକଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ କନ୍ଧାଚାଷୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ବଟିଘର ଅଞ୍ଚଳର ୩୧୬୦ ଅପିଲ କେସ୍‌ର ତୁରନ୍ତ ଶୁଣାଣି, ଚାଷୀଙ୍କ ସୁରକ୍ଷା, କ୍ରୟ ସମୟରେ ଧାନ ମଣ୍ଡି ସବୁଦିନ ଖୋଲା ରଖିବା, ଶୀତଳଭଣ୍ଡାର ନିର୍ମାଣ ଓ ଋଣ ଛାଡ ଦାବି ଉପସ୍ଥାପନ କରିଥିଲେ। ଏଥିସହ ଏ ସମ୍ପର୍କିତ ଏକ ଲିଖିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଚାଷୀ ନେତା ପ୍ରମୋଦ ସ୍ୱାଇଁ, କୃତ୍ତିବାସ ସ୍ୱାଇଁ, ରାଜୀବ ଦଳାଇ, ଅନିରୁଦ୍ଧ ବେହେରା ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କୃଷକ ସଂଘର ବିକ୍ଷୋଭ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ୍ୟ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422, 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
25 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

**ସଂକ୍ଷେପରେ**

## ଫାଇଲେରିଆ ନିରାକରଣ ପାଇଁ ରକ୍ତ ପରୀକ୍ଷା



**ଏରସମା,୩୦।୧(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଓରନାଳ ଗ୍ରାମର ମକରଧ୍ୱଜ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ଫାଇଲେରିଆ ନିରାକରଣ ପାଇଁ ରକ୍ତ ପରୀକ୍ଷା କରାଯାଇଛି। ଏହି ପରୀକ୍ଷାରେ ୧ମ ଓ ୨ୟ ଶ୍ରେଣୀର ୧୨୮ଜଣଙ୍କ ମଧ୍ୟରୁ ୧୧୧ ଜଣ ଛାତ୍ରୀଛାତ୍ର ରକ୍ତ ପରୀକ୍ଷା କରିଥିଲେ। ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ପ୍ରଶାନ୍ତ କୁମାର ସାହୁ, ଲାବରୋଟେରୀ ଟେକ୍ନିସିଆନ ତାପସ କୁମାର ବେହେରା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ରଞ୍ଜନ ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ସସ୍ମିତା ମହାରଣା ପ୍ରମୁଖଙ୍କ ସହିତ ଶିକ୍ଷୟିତ୍ରୀ ତୃପ୍ତିମୟୀ ସ୍ୱାଇଁ, ସରୋଜିନୀ ପରିଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିରିଡ଼ିରେ ଜନଶୁଣାଣି ବୈଠକ

**ବିରିଡ଼ି,୨୯।୧(ଡି.ଏନ.ଏ.):** ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏମ୍‌ଜିଏନ୍‌ଆରଇଜିଏସ୍ ୨୦୧୭-୧୮ର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ବିଡିଓ ଜୀବନ ମଲ୍ଲିକ, ଏପିଡି ବୈଷୟିକ କୃଷ୍ଣଚନ୍ଦ୍ର ମହାନ୍ତି, ଏବିଡିଓ ଗିରିଜା ପ୍ରସାଦ ବାରିକ, ଏପିଓ ସନ୍ତୋଷ କୁମାର ନାୟକ, ବିଏସଏ ରୂପାଲି ଭୂୟାଁଙ୍କ ସହ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହି ଶୁଣାଣି କରିଥିଲେ। ଏହି ବ୍ଲକରେ ହୋଇଥିବା ୩୨୭ ପ୍ରକଳ୍ପରେ ମୋଟ୍ ୫୩,୫୦,୩୧୨ଟଙ୍କା ଖର୍ଚ୍ଚ ହୋଇଥିବା ଏଥିରେ କୁହାଯାଇଥିଲା। ୧୯,୭୧୨ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ଏପିଓ ନାୟକ କହିଥିଲେ। ପାଇଖାନା ନିର୍ମାଣ ବାବଦରେ ବହୁ ଜବକାର୍ଡଧାରୀ ଅର୍ଥ ପାଇ ନ ଥିବା ଅଭିଯୋଗ ହୋଇଥିଲା। ଦୈନିକ ମଜୁରୀ ୧୮୨ଟଙ୍କା ଥିବାବେଳେ ଏହାକୁ ବୃଦ୍ଧି କରିବା ପାଇଁ କେତେକ ଜବକାର୍ଡଧାରୀ ଦାବି କରିଥିଲେ।

## ଶହୀଦ ସ୍ମୃତି ମଣ୍ଡପ ଉଦ୍‌ଘାଟିତ



**କୁଜଙ୍ଗ,୩୦।୧(ସ୍ୱ.ପ୍ର.):** କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆସ୍ଥିତ ଐତିହାସିକ ବେଡ଼ି ମଠରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଶହୀଦ ଦିବସ ଦିବସ ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ୫ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ମଣ୍ଡପକୁ କଟକ କଳ୍ପତରୁ ଆଶ୍ରମର ମୁଖ୍ୟ ପରିଚାଳକ ଶ୍ରୀମଦ୍ ବାବା ବିପିନ ବିହାରୀ ଦାସ ମହାରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଜଙ୍ଗ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଅଂଶଗ୍ରହଣକରିଥିବା ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପବାଚସ୍ପତି ଓ କୁଜଙ୍ଗର ଗାନ୍ଧୀଭାବେ ପରିଚିତ ନାରାୟଣ ବୀରବର ସାମନ୍ତ, ସିଂହପୁର ଗ୍ରାମର ଦୁର୍ଯ୍ୟୋଧନ ପଟ୍ଟନାୟକ, ଚଟୁଆର ଜଗନ୍ନାଥ ଶତପଥୀ, ବୃନ୍ଦାବନ ପାତ୍ର ଓ ପାରାଦୀପର ମାଗୁଣୀ ରଥଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କବୟିତ୍ରୀ ତୁଳସୀ ଦାସ, ଉତ୍କଳ ସାହିତ୍ୟ ସମାଜ ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ, ବିଶ୍ୱନାଥ ରାଉତ, ହେମନ୍ତ ରାଉତ, ଡା.ବାଣୀ ସାମନ୍ତଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବେଡିମଠ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପରିଷଦ ସଭାପତି ପଞ୍ଚାନନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗାୟକ ଶେଖର ଜଗନ୍ନାଥ ବେହେରା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତିପରିଷଦ ସମ୍ପାଦକ ଡମ୍ବରୁଧର ସ୍ୱାଇଁ, ବିଜ୍ଞାନାନନ୍ଦଜୀ ମହାରାଜ, ମୁରଲୀଧର ମଲ୍ଲିକ୍, ଧ୍ରୁବ ଚରଣ ପାତ୍ର, କୁନି ପ୍ରତିଭା ସୁଭଶ୍ରୀ ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଡ୍‌ଭୋକେଟ୍ ପଦ୍ମ ଲୋଚନ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ବିଭୂରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ସ୍ମୃତି ସଂସଦ ପକ୍ଷରୁ ବାବା ବିପିନ ବିହାରୀ ଦାସ ମହାରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଶ୍ରୀମା ସରକାରୀ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ବଦଳି ଦାବିରେ ଧାରଣାବେଳେ ତୁମୁଳକାଣ୍ଡ

# ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧିଙ୍କୁ ପିଟିଲେ ସମର୍ଥକ

**ପାରାଦୀପ,୩୦।୧(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ପାରାଦୀପ ଗଡ଼ର ଶ୍ରୀମା ସରକାରୀ ହାଇସ୍କୁଲ ପରିସରରେ ବୁଧବାର ସନ୍ଧ୍ୟାରେ ତୁମୁଳକାଣ୍ଡ ଘଟିଛି। ଯେଉଁ ପ୍ରଧାନଶିକ୍ଷକଙ୍କ ଦଦଳି ଦାବିରେ ୩ ଦିନ ହେଲା ଧାରଣା ଚାଲିଥିଲା ତାଙ୍କ ସମର୍ଥକମାନେ ଧାରଣାରତ ଛାତ୍ରୀଛାତ୍ର ଓ ସେଠାକୁ ଖବର ସଂଗ୍ରହ କରିବାକୁ ଯାଇଥିବା କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗୋଡ଼ାଇ ପିଟିଥିଲେ। ଏହି ସମସ୍ତ ଘଟଣା ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଓ ଲକ୍‌ଥାନା ପୋଲିସ ଆଗରେ ଘଟିଥିଲା। ପରେ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକ, ଗଣମାଧ୍ୟମ ପ୍ରତିନିଧିମାନେ ଲକ୍ ଥାନା ଆଗରେ ଧାରଣା ଦେଇଥିଲେ। ଧାରଣାକୁ ପାରାଦୀପ ଭାଜପା ପକ୍ଷରୁ ସମର୍ଥନ କରି ଶତାଧିକ ଭାଜପା କର୍ମୀ ଘେରାଉରେ ସାମିଲ ହୋଇଥିଲେ। ଫଳରେ ପରିସ୍ଥିତି ଅଣାୟତ ହୋଇ ପଡିଥିଲା। ଶେଷରେ ପୋଲିସ ଜଣେ ଆକ୍ରମଣକାରୀଙ୍କୁ ଗିରଫ କରିବା ଏବଂ ଅନ୍ୟ ଆକ୍ରମଣକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହାପରେ ରାତି ୯ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ଧାରଣା ଦେଇଥିବା ଛାତ୍ରୀଛାତ୍ର ଓ ଅଭିଭାବକ।

ସୂଚନା ଅନୁସାରେ, ଶ୍ରୀମା ହାଇସ୍କୁଲର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସେଠୀଙ୍କୁ ବଦଳି କରିବା ଏବଂ ସହ ଶିକ୍ଷୟିତ୍ରୀ କିରଣବାଳା ସାହୁଙ୍କ ବଦଳି ବାତିଲ ଦାବିକରି ଛାତ୍ରୀଛାତ୍ର ଓ ଅଭିଭାବକ ସ୍କୁଲରେ ତାଲା ପକାଇ ଦେଇଥିଲେ। ଅପରାହ୍ନରେ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ସପନି କୁମାର ଜେନାଙ୍କ ସମେତ ଶିକ୍ଷା ବିଭାଗର ଅନ୍ୟ ଅଧିକାରୀ ଆସି ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ଅଭିଭାବକଙ୍କ ଦାବି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଡିପିସି ଜେନା ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିଶ୍ରୁତି ଲିଖିତ ଭାବେ ଦେବା ପାଇଁ ଦାବି କରି ପୁଣି କେତେଜଣ ଛାତ୍ରୀଛାତ୍ର ସ୍କୁଲ ଗେଟ୍ ଆଗରେ ଧାରଣା ଦେଇଥିଲେ। ଏହି ସମୟରେ ଗତ ସରପଞ୍ଚ ମିହିର ରଞ୍ଜନ

- ■ ପ୍ରତିବାଦରେ ଖବରଦାତା ଓ ଭାଜପା ପକ୍ଷରୁ ଥାନା ଘେରାଉ
- ■ ଜଣେ ଗିରଫ, ୨୪ ଘଣ୍ଟାରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି
- ■ ଆକ୍ରମଣକାରୀ ବିଜୁ ଯୁବବାହିନୀ ସଦସ୍ୟ ଅଭିଯୋଗ

ସାହୁ ଓ ତାଙ୍କ ସମର୍ଥକ ଆସି ଧାରଣାରତ ଛାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ସେଠାରେ ଥିବା ଗଣମାଧ୍ୟମର ପ୍ରତିନିଧିମାନେ ଉକ୍ତ ଘଟଣାର ଫଟୋ ଭିଡିଓ ଉତ୍ତୋଳନ କରିଥିଲେ। ଏକଥା ଦେଖିବାପରେ ସେମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ରମାକାନ୍ତ ନାୟକଙ୍କ କ୍ୟାମେରା ଭାଙ୍ଗିବା ସହ ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ଆକ୍ରମଣବେଳେ ସେଠାରେ ଉପସ୍ଥିତ ଥିବା ଲକ୍ ଥାନା ଆଇଆଇସି ଭରତ ବେହେରା ଓ ଅନ୍ୟ ପୋଲିସ ରମାକାନ୍ତଙ୍କୁ ଉଦ୍ଧାର କରିଥିଲେ। ଆକ୍ରମଣକାରୀ ବିଜୁ ଯୁବ ବାହିନୀର ସଦସ୍ୟ ବୋଲି ଭାଜପା ନେତା ସମ୍ପଦ ସ୍ୱାଇଁ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଖବରଦାତା ରମାକାନ୍ତ, ଜଣେ ଆହତ ଛାତ୍ରୀଙ୍କ ମା' ଓ ଭାଜପା ପକ୍ଷରୁ ଥାନାରେ ୩ଟି ଅଭିଯୋଗ ହୋଇଛି। ପୋଲିସ ଏ ନେଇ ୧୪/୧୯ରେ ଏକ ମାମଲା ରୁଜୁ କରିଛି। ଥାନାଧିକାରୀ ବେହେରା କହିଛନ୍ତି, ଏହି ଘଟଣାରେ ବିଶ୍ୱନାଥ ବେହେରା ନାମକ ଯୁବକଙ୍କୁ ଗିରଫ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସ୍ୱାଇଁ କହିଛନ୍ତି, ଯେଉଁଭଳି ବିଜୁ ଯୁବ ବାହିନୀ କର୍ମୀ ଗୁଣ୍ଡାରାଜ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନକୁ ତୀବ୍ର କରାଯିବ। ସରପଞ୍ଚ ସାହୁ କହିଛନ୍ତି, ଏହା ଏକ ଅକସ୍ମିକ ଘଟଣା। ଆକ୍ରମଣକାରୀ ବିଜୁ ଯୁବବାହିନୀ ସଦସ୍ୟ ନୁହନ୍ତି। ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ପାରାଦୀପ ପ୍ରେସ ମିଡିଆ ସଭାପତି ବସନ୍ତ ସାହୁଙ୍କ ସମେତ ଖବରଦାତାମାନେ ତୀବ୍ର ନିନ୍ଦା କରିଛନ୍ତି।



ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସରଳପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ

**ତିର୍ତ୍ତୋଲ,୩୦।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର(ଶ)ପଞ୍ଚାୟତ ଅଧୀନ ସରଳପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବାସୁଦେବ ହାଇସ୍କୁଲ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମହାନ୍ତି ଯୋଗଦେଇ ଶିକ୍ଷା ବିଦ୍ୟାର୍ଥୀଙ୍କ ସର୍ବାଙ୍ଗିଣ ଉନ୍ନତିପାଇଁ ପ୍ରୟୋଗ କରାଯିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତଅତିଥି ପରୁଣା-ପୋଷଲ କ୍ଲଷ୍ଟରର ସିଆରସିସି ଶ୍ରୀମନ୍ତ ସୂତାର, ପରୁଣା-ପୋଷଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରଥ ମଲ୍ଲ, ମୁଗୁରିଆ କ୍ଲଷ୍ଟରର ସିଆରସିସି ମହମ୍ମଦ ଓସାମା, ରଘୁନାଥପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିରୁପାକ୍ଷ ସେଠୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏସଏମସିର ସଭାପତି ଗୋପାଳ ଚରଣ ମଲ୍ଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ସୁନୀତା ମଲ୍ଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ସରିତା ଦାଶ ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ବହୁ ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## କୁଜଙ୍ଗ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ

**କୁଜଙ୍ଗ,୩୦।୧(ସ୍ୱ.ପ୍ର.)**

କୁଜଙ୍ଗ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ପାରାଦୀପ ନିର୍ବାଚନ ମଣ୍ଡଳୀର ବିଧାୟକ ଦାମୋଦର ରାଉତ, ଜଗତ୍‌ସିଂହପୁର ଏମ୍ପି ଡା. କୁଳମଣି ସାମଲ, ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, ଜିପିଓ ବିଶ୍ୱଜିତ୍ ସ୍ୱାଇଁ, ଉପାଧ୍ୟକ୍ଷା ପୁଷ୍ପଲତା ବେହେରା, ଯୋଗାଣ ଅଧିକାରୀ ବିବେକାନନ୍ଦ ମହାନ୍ତି ଓ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ୍ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଅଧିବେଶନରେ ୨୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବୈଠକରେ ମିଶନ ଶକ୍ତି ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫,୦୦୦ ଟଙ୍କା ଦିଆଯାଉଥିବା ବେଳେ ଅଫିସ୍ ଖର୍ଚ୍ଚ ନାମରେ ସେମାନଙ୍କଠାରୁ ଟଙ୍କା ଆଦାୟ କରଯାଉଥିବା ଅଭିଯୋଗ ହୋଇଥିଲା। ଆମ ଗାଁ ଆମ ବିକାଶ ପାଇଁ ବ୍ଲକକୁ ଆସୁଥିବା ଟଙ୍କା ଖର୍ଚ୍ଚ ହୋଇ ନ ପାରି ଫେରିଯାଉଥିବା ନେଇ କେତେଜଣ ସଭ୍ୟ ଅଭିଯୋଗ କରିଥିଲେ। ମହିଳା ଶିଶୁ ବିଭାଗ ଦ୍ୱାରା ଶିଶୁ ଓ ମା'ମାନଙ୍କ ପୁଷ୍ଟିହୀନତା ଓ ଛତୁଆର ମାନପରୀକ୍ଷା ପାଇଁ ଆଲୋଚନା ହୋଇଥିଲା। ମହାସାହୀ ସରପଞ୍ଚ ସୁଭାସିନୀ ବେହେରା ଡିଲର ସାମଗ୍ରୀ ବଣ୍ଟନ ନେଇ ଆପତ୍ତି ଉଠାଇଥିଲେ। ବୈଠକରେ କାଳିଆ ଯୋଜନା ସମ୍ପର୍କରେ ବିଷଦ ଭାବେ ଆଲୋଚନା ହୋଇଥିଲା।

## ୧୧ ପ୍ରକଳ୍ପର ଶିଳାନ୍ୟାସ

**ବାଲିକୁଦା,୩୦।୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅଧୀନ ନାଗପୁରୁ ପଞ୍ଚାୟତରେ ବୁଧବାର ଆମ ଗାଁ, ଆମ ବିକାଶ ଯୋଜନାରେ ୧୧ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ମୁଖ୍ୟଅତିଥିଭାବେ ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଏସବୁ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟା ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ସରପଞ୍ଚ ନିକୁଞ୍ଜ ବିଶ୍ୱାଳ, ସମିତିସଭ୍ୟା ବିଜୟ ଲକ୍ଷ୍ମୀ ରଥ, ଅରବିନ୍ଦ ରଥ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ପଞ୍ଚାୟତ ବିଜେଡି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରି ନାଗପୁର ସ୍ଥିତ ମା' ଜାଗୁଲାଇଙ୍କ ପୀଠରେ ଶେଷ ହୋଇଥିଲା। ପରେ ସେଠାରେ ଏକ ବିଶାଳ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ମୁଦୁଲି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହାକୁ ପ୍ରମୋଦ ବିଶ୍ୱାଳ, ବିଷ୍ଣୁ ମଲ୍ଲିକ, ଆଲୋକ ରଞ୍ଜନ ବିଶ୍ୱାଳ, ସନ୍ତୋଷ ଦାସ, ଦାମୋଦର ଦାସ, ଶୁକ ପ୍ରଧାନ, ଶରତ ପ୍ରଧାନ, ଶୁକ ଦାସ, ଗଜେନ୍ଦ୍ର ଦାସ, କାହ୍ନୁଚରଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ

**ଏରସମା,୩୦।୧(ସ୍ୱ.ପ୍ର.)**

ଏରସମା ବ୍ଲକ ସଦରମହକୁମାସ୍ଥିତ ଗାନ୍ଧୀ ଛକ କାଳୀମଣ୍ଡପ ସମ୍ମୁଖରେ ବୁଧବାର ସିପିଆଇ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି। ସିପିଆଇ ରାଜ୍ୟ କଂଟ୍ରୋଲ କମିଶନ ସଭ୍ୟ ଶଶିଭୂଷଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିପିଆଇ ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ ଯୋଗଦେଇ ଯେଉଁ ରାଜନୈତିକ ଦଳ ଗାନ୍ଧିବାଦକୁ କବର ଦେବା ପାଇଁ ସାମ୍ପ୍ରଦାୟିକ ଦଳ ସହିତ ଅଲିଖିତ ବୁଝାମଣା କରି ସାଧାରଣ ଜନତାଙ୍କୁ ଭୂଆଁ ବୁଲାଉଛନ୍ତି, ସେମାନଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ଉଚିତ ଜବାବ ଦେବାକୁ ଆହ୍ୱାନ ଦେଇଥିଲେ । କଂଗ୍ରେସ ରାଜ୍ୟ ପ୍ରଚାର କମିଟି ସଦସ୍ୟ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଗାନ୍ଧିଜୀଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ, ବଂଶୀଧର ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, ପୀତାମ୍ବର ଦାସ, ସିପିଆଇ ଜିଲା ପରିଷଦ ସଭ୍ୟ ବିଷ୍ଣୁ ଚରଣ ମୁଦୁଲି, ଦାମୋଦର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସିପିଆଇ କର୍ମୀ ଓ ଗାନ୍ଧୀ ପ୍ରେମୀ ଉପସ୍ଥିତ ଥିଲେ।




ଶହୀଦ ଦିବସ ପାଳନରେ ଉପସ୍ଥିତ ଅତିଥି।

## ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କ ବିୟୋଗରେ ଶୋକ

**କୁଜଙ୍ଗ,୩୦।୧(ସ୍ୱ.ପ୍ର):** ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ନାଡିସ୍‌ଙ୍କ ବିୟୋଗରେ ପୂର୍ବଭାରତ ତୈଳ ବିଶୋଧାନଗାର ଶ୍ରମିକ ସଂଘ ସଭାପତି ସନ୍ତୋଷ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ ପରିଛନ୍ତି। ଏକ ଶୋକ ବାର୍ତ୍ତାରେ ସେ କହିଛନ୍ତି, ଜର୍ଜ ଫର୍ନାଡିସ୍ ଭାରତୀୟ ରାଜନୀତିରେ ଅଜାତସତ୍ରୁ ଥିଲେ। ଐତିହାସିକ କାରଗିଲ ଯୁଦ୍ଧ ଓ ପୋଖରାନ ପରୀକ୍ଷଣ ପାଇଁ ଦେଶବାସୀ ତାଙ୍କୁ ସବୁଦିନ ମନେରଖିବେ।

### ୨ ଆଇନଜୀବୀଙ୍କ ମଧ୍ୟରେ ଗଣ୍ଡଗୋଳ

## ଥାନାରେ ପୃଥକ୍ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୩୦।୧**

ଜଗତ୍‌ସିଂହପୁର ଏସ୍‌ଡିଜେଏମ୍ କୋର୍ଟ କ୍ୟାମ୍ପସ୍‌ରେ ୨ ଆଇନଜୀବୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିସହ ଉଭୟ ପରସ୍ପରକୁ ଦୁର୍ବ୍ୟବହାର, ହତ୍ୟା ଆଦି ଧମକ ଦେଇଛନ୍ତି। ଏ ନେଇ ଉଭୟ ଥାନାରେ ଅଭିଯୋଗ କରିଛନ୍ତି। ହାଇକୋର୍ଟ ଆଇନୀଜୀବୀ ନିଶା ଚୌଧୁରୀଙ୍କ ଅଭିଯୋଗ କ୍ରମେ ଦଫା ୨୯୪/୫୦୯/୫୦୬/୧୦୯/୩୪ ଆଇପିସିରେ ମାମଲା ସଂଖ୍ୟା ୩୬/୨୦୧୯ ରୁଜୁ ହୋଇଛି। ଅନୁରୂପ ଭାବେ ଜଗତ୍‌ସିଂହପୁର କୋର୍ଟ ଆଇନଜୀବୀ ସୁଧୀର ଚନ୍ଦ୍ର ଖୁଣ୍ଟିଆଙ୍କ ପାଲଟା ଅଭିଯୋଗ ଉପରେ ଦଫା ୫୦୬/୪୫୧/୩୨୩/୨୯୪/୩୪ ଆଇପିସିରେ ମାମଲା ସଂଖ୍ୟା ୩୮/୨୦୧୯ ରୁଜୁ ହୋଇଥିବା ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଚୌଧୁରୀଙ୍କ ଅଭିଯୋଗ ଅନୁସାରେ ୨୯।୧।୧୯ ଅପରାହ୍ନ ପ୍ରାୟ ୨ଟା୩୦ରେ ତାଙ୍କ ସହଯୋଗୀ ଅକ୍ଷୟ କୁମାର ମଲ୍ଲିକ୍‌ଙ୍କ ସହ ସେ ଏସ୍‌ଡିଜେଏମ୍ କୋର୍ଟରେ ଉପସ୍ଥିତ ଥିଲେ। ଆଇନଜୀବୀ ବନ୍ଧୁ ନିତ୍ୟାନନ୍ଦ ପଣ୍ଡା ଯିଏକି ଏକ ମାମଲାର ୨ୟ ପକ୍ଷ ଥିଲେ, ବିଚାର ଚାଲୁଥିବା ବେଳେ ୧ମ ପକ୍ଷ ସୁଚିତ୍ରା ରଥ ତାଙ୍କୁ ଗାଳିଗୁଲଜ କରିଥିଲେ। ରଥଙ୍କ ଆଇନଜୀବୀ ସୁଧୀର କୁମାର ଖୁଣ୍ଟିଆ ଓ ମୋହରିର ଅଜିତ ରଥଙ୍କ ପ୍ରରୋଚନାରେ ସେ ଏଭଳି ଦୁର୍ବ୍ୟବହାର କରିଥିଲେ। ଏପରି କି ହତ୍ୟା ଧମକ ଦେଇଥିବା ଚୌଧୁରୀ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଆଡଭୋକେଟ୍ ସୁଧୀର ଖୁଣ୍ଟିଆ ମଧ୍ୟ ଚୌଧୁରୀଙ୍କ ଓ ଅନ୍ୟମାନଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସେ କରିଥିବା ଅଭିଯୋଗ ଅନୁଯାୟୀ, ପ୍ରଥମେ ଆଡଭୋକେଟ୍ ନିତ୍ୟାନନ୍ଦ ପଣ୍ଡା ମାମଲା ପ୍ରତ୍ୟାହାର ପାଇଁ ଧମକ ଦେବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ପଣ୍ଡା ଓ ତାଙ୍କ ଓକିଲ ଚୌଧୁରୀ ଫାଇଲ୍ ଛଡାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେ ପ୍ରତିବାଦ କରିଥିଲେ ସୁଦ୍ଧା ପଡି ଯାଇଥିଲେ। ଶେଷରେ ସେମାନେ ହତ୍ୟା ଧମକ ଦେଇଥିଲେ ବୋଲି ଖୁଣ୍ଟିଆ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଛି।

■ ଶାରଳା ମହୋତ୍ସବ ୨୦୧୯ ଉଦ୍‌ଯାପିତ

# ଶାରଳା ସାହିତ୍ୟ ସମାଜ ପାଇଁ ଦର୍ପଣ ସଦୃଶ

**ରଘୁନାଥପୁର, ୩୦ ।୧( ଡି.ଏନ.ଏ.)**

ଶାରଳା ସାହିତ୍ୟ ନୀତି ଆଦର୍ଶର କଥା କୁହେ। ଏହାର ପ୍ରତ୍ୟେକ ଫର୍ଦ୍ଦରେ ଭରି ରହିଛି ଦିଗଦର୍ଶନର ବାର୍ତ୍ତା। ଏହାକୁ ପାଥେୟ କରି ଜୀବନ ଅତିବାହିତ କରିବାର ସ୍ୱପ୍ନ ଦେଖାଇଛନ୍ତି ଶୂଦ୍ରମୁନି ଶାରଳା ଦାସ। ଶାରଳା ସାହିତ୍ୟ ସମାଜ ପାଇଁ ଦର୍ପଣ ସଦୃଶ ବୋଲି ରଘୁନାଥପୁର ବ୍ଲକ ପୁରଣଓଡପଡାସ୍ଥିତ ସଂକେତ ଆଇଟିଆଇ ପରିସରରେ ଅନୁଷ୍ଠିତ ଶାରଳା ମହୋତ୍ସବ ୨୦୧୯ ଉଦ୍‌ଯାପନୀ ଅବସରରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ଅତିଥି ଭାବେ ଗୁରୁ ନିମାକାନ୍ତ ରାଉତରାୟ, ସୌଦାମିନୀ ମହାନ୍ତି, ଶିବାନୀ ଭଟ୍ଟାଚାର୍ଯ୍ୟ, ଦୁର୍ଗେଶନନ୍ଦିନୀ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ହୋଇ ଶାରଳା ମାଟିର ମାହାତ୍ମ୍ୟ ତଥା ଶାରଳା ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ଶୂଦ୍ରମୁନି ସମ୍ମାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ପୁଷ୍ପିତା ମିଶ୍ର ଓ ଗୁରୁ ଅଶୋକ କୁମାର ଦାସଙ୍କୁ ଶାରଳା



ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ଶୂଦ୍ରମୁନି ପୁରସ୍କାର ପ୍ରଦାନ କରାଯାଉଛି।

ସମ୍ମାନରେ ଭୂଷିତ କରାଯାଇଥିଲା। ଦୁଇଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଗୁରୁ ସୁରେନ୍ଦ୍ର ତିପାଠୀ, ଗୁରୁ ମହେଶଚନ୍ଦ୍ର ସାହୁ, ସୁଶ୍ରୀ ପ୍ରଣତି ପାତ୍ରଙ୍କ ପକ୍ଷରୁ ଓଡ଼ିଶୀ କଣ୍ଠ ସଙ୍ଗୀତ, ଗୁରୁ ଦିବାକର ପରିଡା ଓ ପ୍ରତାପ ମିଶ୍ରଙ୍କ ଦ୍ୱାରା ମର୍ଦ୍ଦଳ, ବ୍ରଜକିଶୋର ମଲ୍ଲିକ, ରୋଜି ସ୍ୱାଇଁ, ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଏହାଛଡା ଜିଲାରେ ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଯୋଗୀଙ୍କୁ ନେଇ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହେବା ସହ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ନିର୍ଦ୍ଦେଶକ ବଦ୍ରିନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବାବେଳେ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିପିନ୍ ବିହାରୀ ଦାସମହାରାଜ ଓ ଏମ୍ପି ଡା. କୁଳମଣୀ ସାମଲ ଯୋଗ ଦେଇଥିଲେ। ଶେଷରେ ଭାଇସ ପ୍ରିନ୍ସପାଲ ଆଲୋକ ରଞ୍ଜନ ଦାଶ ଓ ସାଥୀଙ୍କ ତତ୍ତ୍ୱାବଧାନରେ ସଂକେତ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଏମ୍ଏସ୍‌ପି, ସ୍ୱତନ୍ତ୍ର ପାହ୍ୟା ଓ ମହିଳା ସ୍ଥାନ ସଂରକ୍ଷଣକୁ ବିଜେଡି ପ୍ରସଙ୍ଗ କରିବ

ନୂଆଦିଲ୍ଲୀ,୩୦।୧: ଷୋଡ଼ଶ ଲୋକ ସଭାର ଶେଷ ଅଧିବେଶନ ଗୁରୁବାର ଆରମ୍ଭ ହେଉଥିବାବେଳେ ବିଜୁ ଜନତା ଦଳ (ବିଜେଡି) ଏମ୍ଏସ୍‌ପି, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଏବଂ ମହିଳା ସ୍ଥାନ ସଂରକ୍ଷଣକୁ ପ୍ରସଙ୍ଗ କରିବ ବୋଲି କହିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) କ୍ୱିଣ୍ଟାଲ ପ୍ରତି ୨୯୩୦ ଟଙ୍କା କରିବା, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଦାବି ଦଳ ପକ୍ଷରୁ ଉଠାଯିବ ବୋଲି ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ କହିଛନ୍ତି। ଧାନ ଏମ୍ଏସ୍‌ପି ବୃଦ୍ଧି ଦାବିରେ ବିଜେଡି ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଅଧିବେଶନରେ ସେହି ପ୍ରସଙ୍ଗ ଉଠାଇବା ସହ ପ୍ରାକୃତିକ ବିପର୍ଯ୍ୟୟ ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ୍ ଦିଆଯାଇଛି ବୋଲି ଭର୍ତ୍ତୃହରି କହିଛନ୍ତି। ଗତ ଅଧିବେଶନରେ ଉକ୍ତ ପ୍ରସଙ୍ଗ ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ଆଲୋଚନା ହୋଇପାରି ନ ଥିଲା। ଏହା ବ୍ୟତୀତ ରାଜ୍ୟ ବିଧାନସଭା ଏବଂ ପାର୍ଲାମେଣ୍ଟରେ ମହିଳାଙ୍କ ଲାଗି ସ୍ଥାନ ସଂରକ୍ଷଣ ଏବଂ ପୋଲାଭରମ୍ ପ୍ରସଙ୍ଗ ମଧ୍ୟ ଉଠାଯିବ। ୧୩ ତାରିଖରେ ଶେଷ ହେବାକୁ ଥିବା ଏହି ଅଧିବେଶନରେ ମୋଟ ୧୦ଟି କାର୍ଯ୍ୟଦିବସ ରହିଛି। ତେଣୁ ଓଡ଼ିଶା ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗ ଉଠାଇବାକୁ ଉଦ୍ୟମ କରାଯିବ। କେନ୍ଦ୍ର ସରକାରଙ୍କ ପାଖରେ ୬୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅନୁଦାନ ବକେୟା ପଡିରହିଥିବାବେଳେ ସେଥିପାଇଁ ଚାପ ପକାଇବେ ବୋଲି ଭର୍ତ୍ତୃହରି କହିଛନ୍ତି।

■ ଆଇଆଇଟି ବମ୍ବେ ସହ ଉଚ୍ଚଶିକ୍ଷା ବିଭାଗର ବୁଝାମଣାପତ୍ର ସ୍ୱାକ୍ଷର

# ରାଜ୍ୟର ୧୦୦ ମହାବିଦ୍ୟାଳୟରେ 'ସ୍ପୋକେନ୍ ଟ୍ୟୁଟୋରିଆଲ'




ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ଭୁବନେଶ୍ୱର,୩୦।୧(ବ୍ୟୁରୋ) ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି, ଭର୍ଚୁଆଲ ଲ୍ୟାବ୍‌ସ ଢାଞ୍ଚାରେ ରାଜ୍ୟରେ ଆରମ୍ଭ ହେବ 'ସ୍ପୋକେନ୍ ଟ୍ୟୁଟୋରିଆଲ'। ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟର ୧୦୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୂଆ ପ୍ରକଳ୍ପର ଶୁଭାରମ୍ଭ କରାଯିବ। ଏଥିପାଇଁ ଆଇଆଇଟି ବମ୍ବେ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ। ଏହି ପ୍ରକଳ୍ପ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ କଲେଜର ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ସଫ୍ଟୱେର ଏବଂ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ବିଭିନ୍ନ ବିଷୟରେ ଶିକ୍ଷା ଗ୍ରହଣ କରିପାରିବେ। ଏ ନେଇ ବୁଧବାର ଇଡ୍‌କଲ ଅଡିଟୋରିୟମ୍‌ଠାରେ ଉଚ୍ଚଶିକ୍ଷା ବିଭାଗ ଏବଂ ଆଇଆଇଟି, ବମ୍ବେ ପରିଚାଳିତ ସ୍ପୋକେନ୍ ଟ୍ୟୁଟୋରିଆଲର ଜାତୀୟ ସଂଯୋଜକଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ଉପସ୍ଥିତିରେ ବିଭାଗ ତରଫରୁ ଅତିରିକ୍ତ ଶାସନ ସଚିବ ଡ. ପାର୍ଥସାରଥି ମିଶ୍ର ଏବଂ ସ୍ପୋକେନ୍ ଟ୍ୟୁଟୋରିଆଲ ତରଫରୁ ଶ୍ୟାମା ଆୟାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।

ଡିଜିଟାଲ ଯୁଗରେ ପଢ଼ିବା ଏବଂ ପଢ଼ାଇବା ଦୁଇଟି ଯାକର କନ୍‌ସେପ୍ଟ ବଦଳିଥିବା ବେଳେ କ୍ଲାସରୁମ୍ ଓ ବହିରୁ ବାହାରି ଶିକ୍ଷା କ୍ଷେତ୍ର ବ୍ୟାପକ ହୋଇଛି। ଇ-ଲର୍ନିଂ ଛାତ୍ରୀଛାତ୍ରଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିଛି। ଭିତ୍ତିଭୂମି ଓ ଅଧ୍ୟାପକ ଅଭାବ ଭାରତୀୟ ଶିକ୍ଷା ବ୍ୟବସ୍ଥାର ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଡିଜିଟାଲ ପ୍ଲାଟଫର୍ମ ଏହାର ସମାଧାନର ବାଟ ପାଲଟିଛି। ଏଭଳିସ୍ଥଳେ ରାଜ୍ୟ ସରକାର ଡିଜିଟାଲ ଟେକ୍ନୋଲୋଜି ସହାୟତାରେ ଉଚ୍ଚଶିକ୍ଷାରେ ସଂସ୍କାର ଆଣିବାର ପ୍ରଚେଷ୍ଟା କରିଛନ୍ତି। ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ବା ଇନ୍‌ଫରମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି (ଆଇସିଟି)ର ବ୍ୟବହାର କରି ଉଚ୍ଚ ଗୁଣବତ୍ତାଯୁକ୍ତ ଇ-ଲର୍ନିଂ କେଣ୍ଟେଣ୍ଟ ଉପଲବ୍ଧ କରିବାକୁ ସରକାର ଯୋଜନା କରିଛନ୍ତି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ମିଶନ ଅନ୍ ଏଜୁକେଶନ ଥ୍ରୋ ଆଇସିଟି(ଏନ୍ଏମ୍ଇଆଇସିଟି) ଦ୍ୱାରା ହୋଇଥିବା ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି, ଭର୍ଚୁଆଲ ଲ୍ୟାବ୍‌ସ, ଏନ୍‌ପିଟିଇଏଲ୍, ଜିଆଇଏଏନ୍ ଓ ସ୍ୱୟମ୍ ଭଳି ପ୍ରକଳ୍ପ ଢାଞ୍ଚାରେ ଏହି 'ସ୍ପୋକେନ୍ ଟ୍ୟୁଟୋରିଆଲ' ହେବ। ଆଇଆଇଟି ବମ୍ବେ ଦ୍ୱାରା ଏହାର ଡିଜାଇନ୍ ଏବଂ ବିକାଶ କରାଯିବ। ଉଭୟ ଅଡିଓ ଏବଂ ଭିଡିଓ ମାଧ୍ୟମରେ ଛାତ୍ରୀଛାତ୍ର ଏଠାରୁ ବିଭିନ୍ନ ବିଷୟରେ ଶିକ୍ଷା ଗ୍ରହଣ କରିପାରିବେ।

ବର୍ତ୍ତମାନ ଏହି ପ୍ରକଳ୍ପ ରାଜ୍ୟର ୧୦୦ଟି ଡିଗ୍ରୀ କଲେଜରେ ଲାଗୁ କରାଯିବ। ଛାତ୍ରୀଛାତ୍ରମାନେ ବିନା କୌଣସି ଦେୟରେ ଏହି ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରିପାରିବେ। ଏଥିଲାଗି ଆବଶ୍ୟକ ସମସ୍ତ ପାଠ୍ୟ ଉପକରଣ ଓଡ଼ିଆ ସମେତ ୨୨ଟି ଭାଷାରେ ଉପଲବ୍ଧ ହେବ। ଟ୍ରେନିଂ ଶେଷ ହେବା ପରେ ଅନ୍‌ଲାଇନ୍ ଟେଷ୍ଟ କରାଯାଇ ପ୍ରଶିକ୍ଷଣ ନେଇଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯିବ। ଏହା ପରବର୍ତ୍ତୀ ସମୟରେ ପିଲାମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ବିଶେଷ ସହାୟକ ହୋଇପାରିବ।

## ଖଟିରେ ଖଟିରେ...

### ସବୁ ବନ୍ଧା ହେବ

ଆରେ ହେଇ ମୁଁ ଶୁଣୁଛି କୁଆଡେ, ଏଥର ରାତିଯାକ ତୁମ ଉପର ମହଲା କୋଠରି ଖୋଲା ରହିବ। ଆଉ ତୁମମାନଙ୍କ କେଇଜଣ ହେଭିୱେଟ୍ ଭାଇ କୁଆଡେ ଏଥର ସେଇଠି ଯାଇ ଶୋଇବେ। ଆମ ରମାଦେବୀ କଲେଜ ସାମ୍ନାର ଚା ଖଟିରେ ଜଣେ ଗେରୁଆ ଦଳର ଭାଇ ଏମନ୍ତ ଢଙ୍ଗରେ ଶଙ୍ଖ ଦଳର ଜଣେ ମହାଶୟଙ୍କୁ ଇଙ୍ଗିତ କରୁଥାଆନ୍ତି। ଆଉ କହୁଥାଆନ୍ତି, ହଁ ମ, ଏଥିରେ ଖରାପ କ'ଣ? ଇଲେକ୍ସନ ପାଖଟା, ଏବେ ଲୋକେ ଶୁଆଇ ଦେଇ ନ ଥାଆନ୍ତେ, ଯଦି ଏତେ ଭଲ ସୁବିଧା ମିଳୁଛି ତେବେ ଖରାପଟା କ'ଣ। ଗେରୁଆ ବାବୁଙ୍କ ଏଇ କେଇପଦ କଥା ଶୁଣି ଶଙ୍ଖ ମହାଶୟ ରକ୍ତ ଚାଉଳ ଚୋବାଇବା ଭଳି ଦାନ୍ତ କଟମଟ କରୁଥାଆନ୍ତି। ଆଉ ରାଗି କହିଲେ, ଆମ ଭାଇମାନେ ସିନା ରକ୍ଷା ପାଇବାକୁ ଉପର ମହଲା ପଳାଇବେ। ହେଲେ ତୁମ ଗେରୁଆ ଭ୍ରାତାମାନେ କୋଉଠି ଶୋଇବେ ହୋ? ଜମା ଉତ୍ତର ନାହିଁ, ଆଗକୁ ଏମିତି ହବ ଯେ, ଗୋଟେ ପରେ ଗୋଟେ ସବୁ ବନ୍ଧା ହେବ। ତୁମେ ଯେତେ ଖେଳ କଲେ ବି ଏଥର ଶଙ୍ଖ ବାଜିବା ନିଶ୍ଚିତ।

### ବାଃ ବାଃରେ ରାଜନୀତି

ପାପୁଲି ଦଳର ହାଇକମାଣ୍ଡ ଓଡ଼ିଶା ବୁଲିଯିବା ପରେ କର୍ମୀ ଉତ୍ସାହିତ ଜଣାପଡୁଛନ୍ତି। ହେଲେ ସେହି ଉତ୍ସାହ କେତେ ଆସନ ଜିତାଇବ, ତାହା ଜଣା ପଡ଼ିନାହିଁ। ଏହିକଥା ବର୍ତ୍ତମାନ ଖଟିରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ମାଷ୍ଟରକ୍ୟାଣ୍ଟିନ ଚା ଖଟିରେ ରବିବାର ଏହି ସମ୍ପର୍କରେ ଆଲୋଚନା ଚାଲିଥାଏ। ଯାଜପୁରର ଜଣେ ବରିଷ୍ଠ କର୍ମୀ କହିଲେ, ଏଥର ୮୦ ଆସନ ସୁନିଶ୍ଚିତ। ଏକଥା ଶୁଣି ଅନ୍ୟ ସଦସ୍ୟଙ୍କ ହଜମ ହେଲା ନାହିଁ। ସେ ଛିଗୁଲେଇ ଯାଜପୁର ବ୍ୟକ୍ତିଙ୍କୁ କହିଲେ, ହାଇକମାଣ୍ଡ ପରା ଦେଶର ମୁଖିଆ ହେବେ। ତେଣୁ ତାଙ୍କର ଲୋକ ସଭା ଆସନ ଦରକାର। ଗଲା ଥରକ ତ ଖମ୍ୱଆଲୁ ପାଇଥିଲେ, ଏଥର କେତେ ସେ କଥା କୁହ। ଏକଥା ଶୁଣି ଯାଜପୁର ବ୍ୟକ୍ତିଙ୍କ ମୁଣ୍ଡ ଟିଣ। ସେ କହିଲେ, କାହିଁ ଆମକୁ ତ ସେ କଥା କୁହାଯାଇନି। ୮୦ ବିଧାୟକ ଜିତିଲେ ପାପୁଲି ରାଇଜ ମୁଖିଆ ରାଇଜ ମୁଖ୍ୟ ହେବେ। ଲୋକ ସଭାରୁ କ'ଣ ମିଳିବ। ଏକଥା ଶୁଣି ଅନ୍ୟ ବ୍ୟକ୍ତିଜଣକ କହିଲେ, ତା ମାନେ ପ୍ରଚାର କରିବେ ହାଇକମାଣ୍ଡ, ଫଳ ପାଇବେ ଖଣି ମାନ୍ୟବର। ବାଃ ବାଃରେ ରାଜନୀତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**SOUTHERN CIRCLE RURAL WORKS, SUNABEDA**
**NATIONAL COMPETITIVE BIDDING THROUGH e-Procurement**

e-mail - serwsbd2003@yahoo.com

No.363 Dt.22.01.2019

1 Name of the work : Construction / upgradation of roads under PMGSY & their Maintenance or 5 years under PMGSY.
2 Total No. of packages : 67 Nos. (Percentage Rate Tender).
3 Estimated Cost : Varies from Rs.52.11 Lakhs to Rs 1461.03 Lakhs.
4 Class of contractor : "B" Class, "A" Class, Special Class and super Class (as per annexure).
5 Period of Completion : Three to Six Calendar months
6 Cost of Tender Paper : Rs. 10,000.00 per set (Non Refundable) only in shape of DD in favour of OSRRA payable at Bhubaneswar.
7 EMD Required : 2% of estimated cost of the package duly pledged in favour of Executive Engineer of the concerned Rural Works Division.
8 Original Bid Cost, EMD, Affidavit regarding correctness of documents, along with other relevant documents submission on or before **26.02.2019 up to 5.00PM.**
9. Period of availability of tenders on-line / Date & time of bidding on-line / last date of seeking clarification / Date of opening of tender papers. : The details are as follows.

| Procurement Officer | Bid identification No. | Availability of tender on line for bidding | | Last Date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD -Online- 22/2018-19 | 01.02.2019 at 11.00AM | 21.02.2019 up to 5.00 P.M. | 20.02.2019 up to 2.00 P.M. | 22.02.2019 at 11.00 AM | 28.02.2019 at 11.00 AM |

1. Further details can be seen from the e-procurement portal **http://pmgsytenders.gov.in**
2. Any Corrigendum / Addendum will be displayed in the above e-tender web site.

No.1460-O

25045/11/0027/1819 **Sd./- Superintending Engineer, Southern Circle RW, Sunabeda**



**STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA**
ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା

No. 570/ Dt. 29.01.2019

**TENDER FOR HIRING OF MANPOWER ON OUTSOURCING BASIS**

No. 107-KK: Sealed tenders are invited from reputed Manpower Agencies / Service Providers having related experience for providing Manpower service on outsourcing basis for the day to day official work of SCTE & VT, Odisha. The Tender document can be downloaded from the Council website - http://sctevtodisha.nic.in/en/ w.e.f. 29.01.2019.

For details please visit the Council website.

44002/11/0016/1819 **Sd./- Vice Chairman**



**QUOTATION CALL NOTICE**

No.106-KK: Sealed quotations are invited for disposal of old Answer Books and Drawing Sheets and other unusable forms lying in the Store Room of this Council. The last date for submission of quotation is 07.02.2019 upto 2.00 P.M. and the Quotation will be opened on the same day at 4.00 P.M. for further details, visit the website- **"http://sctevtodisha.nic.in"**.

44002/11/0015/1819 **Sd./- Vice-Chairman**



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH**

**CORRIGENDUM**

**REQUEST FOR PROPOSAL FOR SUPPLY & INSTALLATION OF CCTV CAMERA/OTHER ACCESSORIES RELATED TO CCTV & MAINTENANCE OF CCTV CAMERA**

(ସି.ସି.ଟିଭି କ୍ୟାମେରା ଯୋଗାଣ ଏବଂ ସ୍ଥାପନୀକରଣ ଓ ଅନ୍ୟାନ୍ୟ ସାମଗ୍ରୀ ସମ୍ବନ୍ଧେ ବିଜ୍ଞାପନ)

**No.: 287/DHH/SNG** **Date: 29.01.2019**

No.: 826-E: The interested Agency/Firms are requested to submit RFP for **Supply & Installation of CCTV Camera/other accessories related to CCTV & Maintenance of CCTV Camera**. The Agency/Firms must be a registered licence for above work/valid GST/TAN/PAN/Experience of working in the related field for minimum of three years/local CP Plus authorized firm/agency/dealer will be given preference. The proposal will be sent through Speed Post/Regd. Post in the address of CDM & PHO CUM DISTRICT MISSION DIRECTOR, SUNDARGARH which is to be submitted on or before Dt.08.02.2019. The RFP must be subscribed in the envelope as **"Application for Supply & Installation of CCTV Camera/ other accessories related to CCTV & maintenance of CCTV Camera at DHH, Sundargarh"**. The details may be obtained from the district website **www.sundargarh.nic.in**. The authority reserves right for cancellation/ modifications of the selection without assigning any reason thereof.

**Sd./- Chief District Medical & Public Health Officer, Sundargarh**

**10100/11/0076/1819**



**OFFICE OF THE EXECUTIVE ENGINEER KENDRAPARA (R&B) DIVISION, KENDRAPARA**

E-mail ID: eernbkdp@gmail.com
Tel. (06727)- 220268, Fax No.(06727) - 220862

**GOVERNMENT OF OSISHA**

**"e" procurement Notice**

**e-procurement Notice for Building works**

**Bid Identification No. E.E., R & B KDP-37/2018-19**

| | | | |
|---|---|---|---|
| 1. | No. of work | :- | 01 No. (Building) |
| 2. | Estimated cost | :- | Rs. 73,13,622.00 |
| 3. | Period of completion | :- | 08 (Eight) calendar months |
| 4. | Date & time of sale & receipt of bid document | :- | From 10.00 AM of 30.01.2019 to 5 PM of 13.02.2019 |
| 5. | Last date / time of receipt of bids | :- | 5 PM of 13.02.2019 |
| 6. | Date & time of opening of bids | :- | 11.00 AM of 14.02.2019 |
| 7. | Name and address of the Officer Inviting Bid | :- | Executive Engineer, Kendrapara (R&B) Division, Kendrapara |

Further details with any addendum, corrigendum, cancellation can be seen from the State Govt. portal **"https://tendersorissa.gov.in"**.

**Sd./- (Er. P.K. Mohanty) Executive Engineer, Kendrapara (R&B) Division**

No.1186-B

34097/11/0022/1819



**ODISHA LIFT IRRIGATION CORPORATION LTD.**
**(A Government of Odisha Undertaking)**
**OFFICE OF THE EXECUTIVE ENGINEER, L. I. DIVISION, ROURKELA**
**e-mail I.D. : eeolicrourkela@gmail.com**

ଜାତୀୟ ଇଲେକ୍ଟ୍ରୋନିକ ମାଧ୍ୟମ ଦ୍ୱାରା ସଂଗ୍ରହ ପ୍ରତିଯୋଗିତାମୂଳକ ନିଲାମ

**National Competitive Bidding Through e-Procurement**
**Identification No. EEOLICRKL-15/18-19, Dt. 28.01.2019**

ନିର୍ବାହୀ ଯନ୍ତ୍ରୀ, ଉଠାଜଳସେଚନ ବିଭାଗ, ରାଉରକେଲାଙ୍କ ନିଲାମ ଡାକ ଚିହ୍ନଟ ବିଜ୍ଞପ୍ତି ସଂଖ୍ୟା ୧୫/୧୮-୧୯ ତାରିଖ : ୨୮.୦୧.୨୦୧୯

No. CAD-1334

| | | | |
|---|---|---|---|
| 01 | Name of Work | : | i) Installation of New L.I. Ps-6 Nos. in Lathikata block under DMF-2018-19 grant. |
| 02 | Estimated Cost | : | Rs. 49.13 Lakhs to Rs. 61.18 lakhs |
| 03 | Period of completion | : | 120 days |
| 04 | Date & Time of availability of bid document in the portal | : | From 10.30 Hrs. of 08.02.2019 to 17.00 Hrs. of 20.02.2019 |
| 05 | Last date/ time of submission of bids in office | : | 17.00 Hrs. of 22.02.2019 |
| 06 | Date & Time of opening of bids | : | 11.00 Hrs. of 23.02.2019 (Cover-I for Technical Bid) |
| 07 | Name and Address of the Officer inviting bid | : | Executive Engineer, L.I. Division, Rourkela |

Further details can be seen from the website www.tendersorissa.gov.in

**Sd./- Executive Engineer, L. I. Division, Rourkela**

32138/11/0007/1819



**GOVT.OF ODISHA**
**OFFICE OF THE DIVISIONAL FOREST OFFICER**
**BALLIGUDA FOREST DIVISION,**
**BALLIGUDA, KANDHAMAL-762103**
Tel: - 06846-243249, Fax:-06846-243066
e-mail:- dfo_balliguda@yahoo.co.in

**TENDER NOTICE FOR PURCHASE OF FIRE FIGHTING EQUIPMENTS**

**Notification Dated.**

No.152-MM: Sealed tenders are hereby invited by the undersigned from the Registered firms/authorised dealers/DGS&D rate contract holders having GST registration number for supply of the following Uniform Articles so as to reach this office on or before 15 February, 2019 by 3.00 P.M. by Registered Post/Speed Post only superscribed as "Tender for Fire Fighting Equipments" on the top of the Envelope which will be opened on the same day at 5.00 P.M. The price of each article should be specifically mentioned inclusive of all taxes and the delivery of the articles should be at Division Office Balliguda at their own cost. The tender must submitted registration certificate and VAT/ST/GST Clearance for the year 2017-18. The undersigned reserves the right to accept or reject any or all tenders without assigning any reason thereof.

**List of Articles**

| | |
|---|---|
| 01 | Fire Shoes |
| 02 | Mask (to be used during fire extinguishing) |
| 03 | Eye glasses (to be used during fire extinguishing) |

**Sd./- Divisional Forest Officer, Balliguda Forest Division**

08047/11/0005/1819



**ନିଲାମ ଇସ୍ତାହାର**

No.: 151-MM: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ବ୍ରହ୍ମପୁର ବନଖଣ୍ଡ ଅଧୀନସ୍ଥ ବିଭିନ୍ନ ଜଙ୍ଗଲ (Lot) ରେ ଥିବା ନିମ୍ନଲିଖିତ କାଜୁ ଜଙ୍ଗଲ (Lot)ରେ କାଜୁ ମଞ୍ଜି (Cashew nut) ସଂଗ୍ରହ ନିମନ୍ତେ ପୁନର୍ବାର ଆସନ୍ତା ତା୧୨।୦୨।୨୦୧୯ରିଖ ଦିନ ପୂର୍ବାହ୍ଣ ଘ.୧୧.୦୦ ସମୟରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ କୋର୍ଟପେଟାସ୍ଥିତ କାର୍ଯ୍ୟାଳୟରେ ପ୍ରକାଶ୍ୟ ନିଲାମ କରାଯିବ। ଯଦି ଉପରୋକ୍ତ ତାରିଖରେ କୌଣସି କାଜୁ ଜଙ୍ଗଲ (Lot) ନିଲାମ ନ ହୋଇ ରହିଯାଏ, ତାହା ପୁନର୍ବାର ତା୧୬।୦୨।୨୦୧୯ରିଖ ଦିନ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ନିଲାମ କରାଯିବ। କାଜୁ ଜଙ୍ଗଲର ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ଦିବସରେ ମିଳିପାରିବ।

୧. ବୁଢ଼ିଘାଟୀ କାଜୁ ଜଙ୍ଗଲ
୨. ଭାଲ୍ଲେରୀ କାଜୁ ଜଙ୍ଗଲ
୩. ଡୁମନଗିରି କାଜୁ ଜଙ୍ଗଲ
୪. କେଶପୁର କାଜୁ ଜଙ୍ଗଲ

**ବନଖଣ୍ଡ ଅଧିକାରୀ, ବ୍ରହ୍ମପୁର ବନଖଣ୍ଡ**

08038/11/0004/1819



**OFFICE OF THE SUPERINTENDING ENGINEER RURAL WORKS CIRCLE, BERHAMPUR**
**(At:- Ambapua, PO:- Engineering School Near Income Tax Office, Berhampur-760011)**
E-Mail:- serwbpr2004@yahoo.com Tel/FAX:- 0680-2404287
E-Mail / E-Despatch

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**

**NATIONAL COMPETITIVE BIDDING THROUGH "e"-Procurement**

**Bid identification No. Online Tender/37-2018-19/PMGSY/BPR**

No.1506-O: **The Superintending Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids **(EXCLUSIVE OF GST)** in electronic tendering system for construction of Road Works under Pradhan Mantri Gram Sadak Yojana in the districts of Boudh, Gajapati, Ganjam & Kandhamal for 87 (Eighty Seven) number of packages with estimated cost totalling to **Rs 232.53 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. **01.02.2019**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at **Three places i.e. O/O Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Berhampur // Executive Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 21.02.2019 upto 5.00 P.M**

For further details and corrigendum (if any) please log on to **www.pmgsytenders.gov.in**.

**Sd./- Superintending Engineer R.W.Circle, Berhampur**

25071/11/0054/1819



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS CIRCLE: SUNDARGARH**

**E-Procurement Notice, Online –PMGSY / RWSESNG-09 of 2018-19, Ltr. No. 174/Dtd.28.01.2019**
E-mail address-serw_sundargarh@yahoo.com

1521-O

1. Type of the Work : Road Works
2. Total No. of Packages : 26 Nos. of Packages (Percentage Rate Tender)
3. Estimated cost : Varies from Rs.70.90 Lakh to Rs.641.49 Lakh
4. Class of Contractor : "B" Class,"A" Class, "Special" Class & "Super" Class
5. Period of completion : Varies from 06 Calendar Months to 11 Calendar Months.
6. Cost of tender paper : Rs. 10,000/- per set (Non-refundable) only in shape of D.D in favour of OSRRA payable at Bhubaneswar.
7. EMD required : 2% of estimated cost of the package in form of Fixed Deposit receipt of a Scheduled Commercial Bank issued in favour of Executive Engineer of the concerned R.W. Division.
8. APS : Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST : Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Receiving of original documents (EMD, Paper Cost, Original affidavit of authenticity) from 23.02.2019 (11.00 AM) to 26.02.2019 (5.00 PM)
11. Other details :

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | PMGSY/RWSESNG-09 of 2018-19 | 01.02.2019 11.00AM | 21.02.2019 5.00PM | 20.02.2019 5.00PM | 22.02.2019 11.00AM | 28.02.2019 11.00AM |

Further details can be seen from the website www.pmgsytenders.gov.in

25133/11/0043/1819 ***Sd./- Superintending Engineer, Rural Works Circle, Sundargarh***



**GOVERNMENT OF ODISHA**
**OFFICE OF THE DEPUTY DIRECTOR OF FISHERIES (GANJAM ZONE), BERHAMPUR**
**Phone No: 0680-2401666, E mail: ID: ddfgzbam2016@gmail.com**
**INVITATION FOR BID**

**No.73-M:-** **Tender Call Notice No. 52 / 2019-20 Dt. 25.01.2019**

1. The Dy. Director of Fisheries, (GZ), Berhampur on behalf of the Government of Odisha invites Bid on in double cover system for supply of quality floating pellet fish feed for cage culture of fish programme in Harabhangi reservoir- Gajapati District and Salia reservoir in Ganjam District of Odisha. The registered manufacturer/ Supplier having experience in carrying out such assignment on production of definite proof in support of supply executed. He must have technical personnel to facilitate the assignment having adequate experience in his/her profession.
2. The Bidder may submit bids for the followings.

| Sl. No. | Name of the item with description | Approximate Quantity required | Approximate Value | Name of the Concerned Office | EMD/ Bid Security (in Rs.) | Cost of Document (in Rs.) | Supply to be executed |
|---|---|---|---|---|---|---|---|
| 1. | Floating Pellet Fish Feed Size-2 mm, 4 mm | 50 MT | Rs. 20.00 lakhs | Dy. Director of Fisheries, (GZ), Berhampur | Rs. 20,000.00 in shape of Demand Draft/ TDR duly pledged | Cost of document Rs. 5000/- in shape of DD/ Cash. | 12 (Twelve) calendar months in phase manner |

3. The Bid document containing schedule of supply to be effected, set of terms and condition of supply and other necessary document can be seen in the office of the undersigned during office hours on working days except Sunday and Public holidays till last date and hour of issue and receipt of Tender Paper /Website of the Director of Fisheries, Odisha, Cuttack www.orissafisheries.com/ District Portal www.ganjam.nic.in. Interested bidders may obtain further information at the above address.
4. The issue and receipt of Bid document shall start from 0**4.02.2019 at 11 AM** and close on **12.02.19 at 2.00 PM** hour. Bid shall be received in the office of the undersigned.
5. Bid must be delivered in the tender box having Tender Call Notice No. **52 /DDF (GZ)** BAM dated **25.01.2019.**
6. Bid document will be made available in the office of the Dy. Director of Fisheries (GZ), Brahmapur **04.02.2019.**
7. The Cover 1 (Technical Bid) will be opened on **12.02.2019 at 3.30 PM** in the office of the undersigned in presence of the bidders or their authorized representatives, who wish to attend. If the office happens to be closed on the date of receipt/opening of the Bid as specified, then the bid will be received/opened on the next working day, same time and venue unless otherwise notified.
8. Price Bid of those bidders shall only be opened whose technical bid qualifies in the technical evaluation report.
9. Other details can be seen in the BID DOCUMENT.

**06045/11/0001/1819** **Sd./- S.P. Bhoi, Dy. Director of Fisheries, (GZ), Berhampur**



**See** Career Appointment
**on every** Wednesday & Saturday

## ପ୍ରାଇସ୍ ନାଟକ

ଆଲିୟା ଭଟ୍ଟଙ୍କ ଜିଦ୍‌କୁ ମାନିବାକୁ ପଡ଼ିବ। ନିକଟରେ ଏକ ଆପାର୍ଟମେଣ୍ଟ କିଣିବାକୁ ସେ ଯେଉଁ ନିଷ୍ପତ୍ତି ନେଲେ ତାକୁ ନେଇ ଚର୍ଚ୍ଚା। କିଛି ଦିନ ପୂର୍ବେ ସେ ବମ୍ବେର ଜୁହୁଠାରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି। ଏହାର ପ୍ରକୃତ ମୂଲ୍ୟ ୭.୮ କୋଟି ଥିବା ବେଳେ ତାହାକୁ କିଏ ଅଧିକ ପ୍ରାଇସ୍‌ରେ କିଣିବ ତାକୁ ନେଇ ଏକ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଶେଷରେ ଅଳ୍ପ ସମୟ ଭିତରେ ଏହି ପ୍ରାଇସ୍ ନାଟକର ଅବସାନ ଘଟାଇଥିଲେ ଆଲିୟା। ବାସ୍, ଏକାଥରେ ଏହାର ଡବଲ ପ୍ରାଇସ୍ ଦେବାକୁ ରାଜି ବୋଲି କହିବା ପରେ ତାହାକୁ ଆଉ କେହି ଚ୍ୟାଲେଞ୍ଜ କରି ନ ଥିଲେ। ସୂଚନାଯୋଗ୍ୟ, ଜୁହୁରେ ଏହା ହେଉଛି ଆଲିୟାଙ୍କର ତୃତୀୟ ଫ୍ଲାଟ୍।

## ସମୟ ହୋଇନାହିଁ

ପରିଣିତି କେବେ ବାହା ହେବେ–ଏହି ପ୍ରଶ୍ନର ଉତ୍ତର ପାଇବାକୁ ତାଙ୍କ ପ୍ରଶଂସକମାନେ ଚାହିଁ ବସିଛନ୍ତି। ଶୁଣିବାକୁ ମିଳୁଥିଲା ଯେ, ତାଙ୍କ ସମ୍ପର୍କୀୟା ଭଉଣୀ ପ୍ରିୟଙ୍କା ଚୋପ୍ରା ଘରସଂସାର କରିବା ପରେ ପରିଣିତି ଖୁବ୍‌ଶୀଘ୍ର ସତସତିକା ବୋହୂ ସାଜିବେ। ହେଲେ ନିକଟରେ ଏପରି କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି ସେ। 'ବର୍ତ୍ତମାନ ମ୍ୟାରେଜ କରିବା ଯୋଜନା ନାହିଁ। ଏ ବିଷୟରେ ମୁଁ ଚିନ୍ତା ମଧ୍ୟ କରିନାହିଁ। କିଏ କ'ଣ କହିଲା ତାକୁ ନେଇ ମୁଁ ଟେନ୍‌ସନ ନେବାକୁ ଚାହେଁନା। ଯେତେବେଳେ ମ୍ୟାରେଜ କରିବି ତାହାର ଯଥେଷ୍ଟ ପୂର୍ବରୁ ସମସ୍ତଙ୍କୁ ଜଣାଇ ଦେବି ବୋଲି କହିଛନ୍ତି ପରିଣିତି।'


ଆଲିୟା


ପରିଣିତି


ରିୟା

## ଜଣେ ନାୟିକା ଆଠ ନାୟକ

ଜଣେ ନାୟିକାକୁ ଆଠ ନାୟକ। ସମସ୍ତଙ୍କ ମନରେ ଇଚ୍ଛା କେମିତି ସେ ସୁନ୍ଦରୀକୁ ବାହା ହେବେ। ହେଲେ ସେହି ତରୁଣୀ ମନରେ ଆଉ ଜଣେ ପୂର୍ବରୁ ବସା ବାନ୍ଧି ସାରିଛନ୍ତି। ତେବେ ଏଭଳି ପ୍ରେମ ଯୁଦ୍ଧରେ କିଏ ଜିତୁଛି ? ନାୟିକା ଜଣକ କାହାକୁ ସ୍ୱାମୀ ଭାବରେ ଗ୍ରହଣ କରୁଛି? ସେଭଳି ଏକ ମଜାଦାର ପ୍ରେମ କାହାଣୀକୁ ନେଇ ପ୍ରଯୋଜକ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ ପ୍ରସ୍ତୁତ କରିଛନ୍ତି ଓଡିଆ ସିନେମା 'ପ୍ରେମ ପାଇଁ ମହାଭାରତ'। ହଁ, ସେ ନାୟିକା ଜଣକ ହେଲେ ରିୟା ଏବଂ ତାଙ୍କୁ ପ୍ରେମ ଫାସରେ ବାନ୍ଧିବାକୁ ଚାହୁଁଥିବା ଆଠଜଣ ନାୟକ ହେଲେ ସମ୍ବିତ, ଶ୍ରୀତମ, ବବି ମିଶ୍ର, ସମରେଶ, ପିଣ୍ଟୁ ନନ୍ଦ, ପୁପିନ୍ଦର, ବିଜୁ ବଡଜେନା ଏବଂ ଗୁଞ୍ଜୁ। 'ଏହି ଫିଲ୍ମରେ କମେଡିଆନ୍ ଗୁଞ୍ଜୁ ପ୍ରଥମ ଥର ପାଇଁ ଖଳନାୟକ ଭାବରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିଥିବା ବବି, ଶ୍ରୀତମ, ସମରେଶ, ପୁପିନ୍ଦର, ପିଣ୍ଟୁ ଏବଂ ବିଜୁ ଏଥିରେ ଦର୍ଶକଙ୍କୁ ହସେଇବାକୁ ପୂରା ଦମ୍‌ରେ ଉଦ୍ୟମ କରିବେ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଏଥିରେ ଦୃଶ୍ୟାୟିତ ଗୀତଗୁଡିକର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଚଳିତ ସରସ୍ୱତୀ ପୂଜାରେ ଏହି ଫିଲ୍ମଟି ପରଦା ଉପରକୁ ଆସିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ମଞ୍ଚ ମଣିଷ ଅମର ରହିବେ

ଓଡ଼ିଆ ଚଳଚ୍ଚିତ୍ର ଅପେକ୍ଷା ମଞ୍ଚ ଜଗତରେ ରାମଚନ୍ଦ୍ର ପ୍ରତିହାରୀ ଜଣେ ପ୍ରତିଭାଶାଳୀ ଅଭିନେତା। ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଯେଉଁ କେତେଜଣ କଳାକାର ଥିଲେ ତନ୍ମଧ୍ୟରେ ସେ ଜଣେ ଭିନ୍ନ ବ୍ୟକ୍ତିତ୍ୱ ଥିଲେ। ୧୦ ବର୍ଷ ତଳର କଥା। ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ କଳାକାରଙ୍କ ଦ୍ୱାରା ଭୁବନେଶ୍ୱର ମହାପାତ୍ରଙ୍କ ରଚିତ ନାଟକ


ରାମଚନ୍ଦ୍ର ପ୍ରତିହାରୀ

'ବାଉଁଅ ଝିଅ' ମଞ୍ଚସ୍ଥ କରାଯାଇଥିଲା। ସେହି ନାଟକରେ ରାମଚନ୍ଦ୍ର ପ୍ରତିହାରୀ ଏବଂ ଅଭିନେତା ନୃତ୍ୟଗୁରୁ ଗୋପୀକୃଷ୍ଣ ବେହେରା ଅଭିନୟ କରୁଥାଆନ୍ତି। ଉଭୟଙ୍କ ଅଭିନୟ ଦର୍ଶକମାନଙ୍କୁ ଏତେ ବିମୋହିତ କରିଥିଲା ଯେ, ଉପସ୍ଥିତ ଦର୍ଶକ ନାଟକ ଶେଷହେବା ପର୍ଯ୍ୟନ୍ତ (ରାତି ୧୧.୩୦) ତାହାକୁ ଉପଭୋଗ କରିଥିଲେ। ରାମଚନ୍ଦ୍ର ପ୍ରତିହାରୀଙ୍କ ପରି କଳାକାର ମିଳିବା ମୁସ୍କିଲ। ଚଳଚ୍ଚିତ୍ର ଜୀବନରେ ସେ ଜୀବନବ୍ୟାପୀ ସାଧନା ପାଇଁ ମର୍ଯ୍ୟାଦାଜନକ 'ଜୟଦେବ ପୁରସ୍କାର' ପାଇଥିଲେ। ଅଭିନେତା ରାମଚନ୍ଦ୍ର ପ୍ରତିହାରୀ ଯେତେବେଳେ ଅସୁସ୍ଥ ହୋଇପଡନ୍ତି ପ୍ରାୟ ମୋ ସହ ଫୋନ୍‌ରେ କଥା ହୁଅନ୍ତି। ସଂସ୍କୃତି ବିଭାଗ ପକ୍ଷରୁ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ବେଳେ ଅନେକ ସମୟରେ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କଳାକାର ଜୀବନ। ସ୍ୱାଭିମାନ ପାଇଁ ସେମାନେ ଦୁଃଖକଷ୍ଟକୁ ମନରେ ଚାପିରଖି ରହିଯାଆନ୍ତି। ସେ ସମୟରେ ଅନ୍ନପୂର୍ଣ୍ଣାର ନାଟକକୁ ନେଇ ବଞ୍ଚିବା ଦିଗରେ ଏହି କଳାକାରମାନେ ସଂଗ୍ରାମ କରୁଥିଲେ। ଭଲ ନାଟକ ହେଲେ ତାହା ମାସ ମାସ ଧରି ଚାଲୁଥିଲା। ରାମଚନ୍ଦ୍ର ବାବୁଙ୍କ କ୍ଷେତ୍ରରେ ଭିନ୍ନତା ଥିଲା ଯେ ସେ ଶ୍ରୀମନ୍ଦିର ସେବକ ଥିଲେ। ଅଭିନୟ ପେସା ସହ ମନ୍ଦିର ନିଶାରେ ସେ ସବୁକିଛି ଭୁଲି ଯାଉଥିଲେ। ବାର୍ଦ୍ଧକ୍ୟ ବେଳେ ପୂର୍ବ କଷ୍ଟ ଯୋଗୁ ତାଙ୍କ ଶରୀର ବେଳକୁ ବେଳ ବିଗିଡି ଯାଇଥିଲା। ସ୍ୱାସ୍ଥ୍ୟ ସହ ସଂଗ୍ରାମରେ ଆଜି ରାମଚନ୍ଦ୍ର ହାରିଗଲେ। ହେଲେ ତାଙ୍କର ଅଭିନୟକୁ ଯିଏ ଥରେ ଦେଖିଛି ସେ ତାଙ୍କୁ କେବେ ଭୁଲିପାରିବ ନାହିଁ। ମଞ୍ଚ ଜଗତରେ ରାମଚନ୍ଦ୍ର ପ୍ରତିହାରୀ ଅମର ହୋଇ ରହିବେ।

–ଦିଲୀପ ହାଲି, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଅପେରା ହାଲଚାଲ

## କଥା ୧୦ ବର୍ଷର

ଅପେରା ଜଗତର ଅନ୍ୟତମ ଚର୍ଚ୍ଚିତ ଯୋଡ଼ି ମୁନା–ନମିତା। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଏହି ଯୋଡ଼ି ଅଭିନୟ ସହ ଜଡିତ। ଭିନ୍ନ ଭିନ୍ନ ଭୂମିକାରେ ଦୁହେଁ ଅବତୀର୍ଣ୍ଣ ହୋଇ ଦର୍ଶକଙ୍କୁ ଯୋଗାଇଛନ୍ତି ମନୋରଞ୍ଜନର ଭରପୂର ଖୋରାକ। ବର୍ତ୍ତମାନ ଦୁହେଁ ଧଉଳି ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି। ୨୦୦୪ରୁ ଆରମ୍ଭ ହୁଏ ନମିତାଙ୍କ ଅଭିନୟ କ୍ୟାରିୟର। 'କାଖରେ କଳସୀ ମୁଣ୍ଡରେ ଗରା, ଫୁଲେଇ ଜହ୍ନ, ଧନରେ ଗେଲ କରିବାକୁ ମନ' ଆଦି ନାଟକ ତାଙ୍କୁ ଅଭିନୟକୁ କ୍ୟାରିୟର କରିବାକୁ ବେଶ୍ ଅନୁପ୍ରେରିତ କରିଥିଲା। ଅପରପକ୍ଷରେ ବାଘାଯତୀନ ଲୋକନାଟ୍ୟ ପରିବେଷିତ ନାଟକ 'ଧରମ ଭାଇ'ରୁ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ ମୁନା। ତା'ପରେ 'ଅଦେଖା ଲୁହ, ତୋ ଲାଗି ଗୋପଦାଣ୍ଡ ମନା, ଅଗ୍ନିପରୀକ୍ଷା, ଭାରତରେ ପୁଣି ମହାଭାରତ, ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ, ପରଦେଶୀ ମେଘ, ସଉତୁଣୀ' ପରି ନାଟକରେ ମୁନାଙ୍କ ନିଖୁଣ ଅଭିନୟ ସ୍ପଷ୍ଟ ବାରି ହୋଇପଡିଥାଏ। ପାର୍ବତୀ ଗଣନାଟ୍ୟର ନାଟକ 'କହିଲେ ତତେ ତୁ ଝୁରିବୁ ମୋତେ'ରେ ପ୍ରଥମ ଥର ପାଇଁ ମୁନା–ନମିତା ଯୋଡିକୁ ଦେଖିବାକୁ ମିଳିଥିଲା। ତା'ପରେ ସଉତୁଣୀ, ନାଁ ଦେବେ ଆପଣ, ବନ୍ଧୁ ପ୍ରେମେ ବନ୍ଧା ପଡିଛି ଏବଂ ବିଶ୍ୱ ରଙ୍ଗମହଲ ପରିବେଷିତ 'ସ୍ୱାମୀମାନେ ସାବଧାନ' ଆଦି ନାଟକ ଏହି ଯୋଡିକୁ ଆହୁରି ଲୋକପ୍ରିୟ କରାଇ ପାରିଥିଲା।

## ମାଧୁରୀଙ୍କ ଆଶା


ଅନିଲ–ମାଧୁରୀ

ଦିନ ଥିଲା, ମାଧୁରୀଙ୍କ ଆକ୍ଟିଂକୁ ନେଇ ବଲିଉଡ୍ ଉଠୁଥିଲା ପଡୁଥିଲା। କେବଳ ସେତିକି ନୁହେଁ, ନିଜ ଡ୍ୟାନ୍ସରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଖୁବ୍‌ଶୀଘ୍ର ସେ ପୁଣିଥରେ ବଡ ପରଦାରେ ତାଙ୍କର ଡ୍ୟାନ୍ସ କମାଲ ଦେଖାଇବାକୁ ଯାଉଛନ୍ତି। ଚଳଚ୍ଚିତ୍ରଟି ହେଲା 'ଟୋଟାଲ ଧମାଲ'। ଏଥିରେ ଦୃଶ୍ୟାୟିତ 'ପୈସା ଏ ପୈସା' ଗୀତରେ ତାଙ୍କର ନାଚ ଏବେଠାରୁ ଭାଇରାଲ ହୋଇସାରିଲାଣି। ଅନ୍ୟପକ୍ଷରେ ଏହି ଗୀତଟି ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ମାଧୁରୀ। ଖାସ୍ କଥା ହେଲା, ଦୀର୍ଘ ୧୯ ବର୍ଷ ପରେ ପୁଣିଥରେ ଅନିଲ କପୁର ଏବଂ ମାଧୁରୀ ଏକାଠି ଅଭିନୟ କରିଛନ୍ତି। ଇନ୍ଦ୍ର କୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତବର୍ଷ ଫେବୃୟାରୀ ୨୨ରେ ରିଲିଜ ହେବାର ଯୋଜନା ରହିଛି।

ନୂଆ ସିନେମା

## ବୋବାଲ ଟୋକା

ବୋବାଲ ଟୋକା। ଟାଇଟଲରୁ ଯାହା ଜଣାପଡୁଛି, ଏହାର କାହାଣୀରେ ରୋମାନ୍ସ, ଆକ୍ସନ, କମେଡି ନିଶ୍ଚୟ ଥିବ। କିନ୍ତୁ ଏହାକୁ ବେଶ୍ ଭିନ୍ନ ଢଙ୍ଗରେ ପରିବେଷଣ କରିବାକୁ ଚେଷ୍ଟା କରିଛନ୍ତି ନିର୍ଦ୍ଦେଶକ ସୁଧାକର ବସନ୍ତ। 'ଫିଲ୍ମର କାହାଣୀ ମୋତେ ପ୍ରଭାବିତ କରିଥିଲା, ତେଣୁ ତାହାକୁ ଫୁଲ୍ ଜଷ୍ଟିସ ଦେବାକୁ ପଛାଇ ନ ଥିଲି ବୋଲି କହନ୍ତି ସୁଧାକର।' ଅପରପକ୍ଷରେ ଏହାର ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ପ୍ରକାଶ ଶ୍ରୀଚନ୍ଦନ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ ମଧ୍ୟ କରିଛନ୍ତି। ଚିତ୍ରଟିର ନାୟକ ସାଜିଛନ୍ତି ପ୍ରଦୀପ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ତପସ୍ୟା। ଶାନ୍ତି ସୁଧାକର ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଉକ୍ତ ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ରଚନା କରିଛନ୍ତି ମନୋଜ ମହାନ୍ତି ଏବଂ ସେଗୁଡିକୁ ସ୍ୱର ଦେଇଛନ୍ତି ଗୌରୀ ଶଙ୍କର। କଣ୍ଠଦାନ କରିଛନ୍ତି ଆଶୁତୋଷ, ଗୌତମ ଗିରି, ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ, ତାରିକ ଅଜିଜ୍ ଏବଂ ଶ୍ୱେତା ମିଶ୍ର। ପ୍ରଦୀପ ଏବଂ ତପସ୍ୟାଙ୍କ ବ୍ୟତୀତ ପ୍ରଜ୍ଞା, ପ୍ରତିଭା ପଣ୍ଡା, ଜୀବନ ପଣ୍ଡା, ପପି ସନ୍ତୁକା ଏଥିରେ ଅଭିନୟ କରିଛନ୍ତି।


ଚଳଚ୍ଚିତ୍ର 'ବୋବାଲ ଟୋକା'ରେ ପ୍ରଦୀପ-ତପସ୍ୟା


ମୁନା-ନମିତା

| Dollar | Sensex | Nifty | Gold | Silver |
|---|---|---|---|---|
| 71.12 (.01) | 35,591.25 (1.25) | 10,651.80 (0.40) | 34,070.00 (₹320) | 41,330.00 (₹330) |



“ ଗବେଷଣା ଏବଂ ଉନ୍ନତୀକରଣ ଇକୋସିଷ୍ଟମକୁ ତ୍ୱରାନ୍ୱିତ କରିବା ଲାଗି ଜର୍ମାନୀରେ ନୂଆ କରି ଆର୍ ଆଣ୍ଡ ଡି ସେଣ୍ଟର ସ୍ଥାପନ କରାଯାଇଛି।

–ପଓ୍ୱନ ମୁଞ୍ଜାଲ, ଅଧ୍ୟକ୍ଷ, ହିରୋ ମୋଟୋକର୍ପ



“ ଅନ୍ତରୀଣ ବଜେଟରେ କର୍ପୋରେଟ ଟିକସରେ ହ୍ରାସ ଏବଂ ଆୟକର ଛାଡ଼ ସୀମାରେ ବୃଦ୍ଧି ହେବାର ଆବଶ୍ୟକତା ରହିଛି।

– ରାଜୀବ ତଲଓ୍ୱାର, ସଭାପତି, ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି

## ସଂକ୍ଷେପରେ

### ଗୃହଋଣ ସବ୍‌ସିଡି ସହାୟତା କରିବ ଆୟକର ବିଭାଗ

**ନୂଆଦିଲ୍ଲୀ,୩୦-୧:** ଲୋକ ସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏଓ୍ୱାଇ)ର ଲାଭ ଅଧିକରୁ ଅଧିକ ସଂଖ୍ୟାରେ ପହଞ୍ଚାଇବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନା ଅଧୀନରେ ଘର କିଣୁଥିବା ବ୍ୟକ୍ତିବିଶେଷଙ୍କୁ ଗୃହଋଣର ସୁଧ ଉପରେ ସବ୍‌ସିଡି ଦିଆଯାଏ। ଏହି ସବ୍‌ସିଡି ତଥା ଋଣ ପାଇବାରେ ଆୟକର ବିଭାଗ ସହାୟତା କରିବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଘର କିଣିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ ସବ୍‌ସିଡିଯୁକ୍ତ ଋଣ ଅନୁମୋଦନ ପାଇବା ଲାଗି ଅଧିକ ଦିନ ଅପେକ୍ଷା କରିବାକୁ ପଡିବ ନାହିଁ। ଆୟକର ତଥ୍ୟକୁ ବିଶ୍ଲେଷଣ କରି ସମ୍ଭାବ୍ୟ ଲାଭାର୍ଥୀଙ୍କୁ ସରକାର ନିଜେ ଚିହ୍ନଟ କରିବେ। ଚିହ୍ନଟ ହେବା ପରେ ଆୟକର ବିଭାଗ ପକ୍ଷରୁ ସେମାନଙ୍କୁ ଏକ ସାର୍ଟିଫିକେଟ ପ୍ରଦାନ କରାଯିବ। ଏହାକୁ ବ୍ୟବହାର କରି ପିଏମ୍‌ଏଓ୍ୱାଇ ଅନ୍ତର୍ଗତରେ ସବ୍‌ସିଡିଯୁକ୍ତ ଋଣ ମିଳିବା ସହଜ ହେବ। ସୂଚନାଥାଉ କି, ବାର୍ଷିକ ୧୮ ଲକ୍ଷ ଟଙ୍କା ଆୟକାରୀ ପ୍ରଥମ ଘର କିଣିବା ଲାଗି ପିଏମ୍ ଆବାସ ଯୋଜନାର ଲାଭ ନେଇପାରିବେ। ଆୟକାରୀ ନିଜେ ଘର ତିଆରି କରିବାକୁ ଚାହିଁଲେ ମଧ୍ୟ ଏହି ଫାଇଦା ପାଇବେ। ଋଣ ଆବେଦନକାରୀ ୨୦ ବର୍ଷର ଗୃହ ଋଣ ଉପରେ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ରେଡିଟ୍ ଲିଙ୍କ୍‌ଡ ସବ୍‌ସିଡି ପାଇବାକୁ ହକ୍‌ଦାର ହେବେ। ଋଣ ମିଳିବା କ୍ଷଣି ହିଁ ୨.୫ ଲକ୍ଷରୁ ୨.୭ ଲକ୍ଷ ଟଙ୍କା ସବ୍‌ସିଡି ମିଳିଯାଏ।

### ୟେସ୍ ବ୍ୟାଙ୍କରେ ନିଯୁକ୍ତ ହେବେ ଦୁଇ ନୂଆ ଡାଇରେକ୍ଟର

**ମୁମ୍ବାଇ,୩୦-୧:** ୟେସ୍ ବ୍ୟାଙ୍କର ଦୁଇ ପ୍ରମୋଟର ରାଣା କପୁର ଓ ମଧୁ କପୁର ଗ୍ରୁପ୍ ବୋର୍ଡରେ ନିଜର ସ୍ୱତନ୍ତ୍ର ଡାଇରେକ୍ଟର ନିଯୁକ୍ତ କରିବାକୁ ରାଜି ହୋଇଛନ୍ତି। ୟେସ୍ ବ୍ୟାଙ୍କର ଅନ୍ତରୀଣ ଏମ୍‌ଡି ତଥା ସିଇଓ ଭାବେ ଅଣ ଏକଜିକ୍ୟୁଟିଭ ତଥା ଅଣ ସ୍ୱାଧୀନ ଡାଇରେକ୍ଟର ଅଜୟ୍ କୁମାରଙ୍କ ନାମକୁ ମଧ ସେମାନେ ରିଜର୍ଭ ବ୍ୟାଙ୍କକୁ ସୁପାରିସ କରିଛନ୍ତି। ରବନୀତ ସିଂହ ଗିଲ୍ ଚଳିତ ବର୍ଷ ମାର୍ଚ୍ଚରେ ନୂତନ ସିଇଓ ଭାବେ ଦାୟିତ୍ୱ ଗ୍ରହଣ ପର୍ଯ୍ୟନ୍ତ ବୋର୍ଡର ସର୍ବବରିଷ୍ଠ ଡାଇରେକ୍ଟରଙ୍କୁ ଅନ୍ତରୀଣ ସିଇଓ ତଥା ଏମ୍‌ଡି ଭାବେ ନିଯୁକ୍ତ କରାଯାଇଥାଏ।

ଅନିବାର୍ଯ୍ୟ କାରଣବଶତଃ ନିୟମିତ ‘ଅର୍ଥର ଅର୍ଥ’ ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।

# ହାଇସ୍ପିଡ୍ ଟ୍ରେନ୍, ଆଧୁନିକୀକରଣ ଉପରେ ଫୋକସ୍

**ନୂଆଦିଲ୍ଲୀ,୩୦-୧**

### ରେଳ ବଜେଟ ୨୦୧୯




ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଫେବୃୟାରୀ ପହିଲାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଅନ୍ତରୀଣ ବଜେଟ ସହ ରେଳ ବଜେଟ ଏକାଠି ଉପସ୍ଥାପନ କରାଯିବ। ଚଳିତ ଥରର ରେଳ ବଜେଟରେ ହାଇସ୍ପିଡ୍ ଟ୍ରେନ୍, ରେଳର ଆଧୁନିକୀକରଣ ଓ ସୁରକ୍ଷା ଉପରେ ଫୋକସ୍ ରହିବ ବୋଲି ଜଣାପଡିଛି। ରେଲଓ୍ୱେକୁ ୭୦ରୁ ୭୫ ହଜାର କୋଟି ଟଙ୍କାର ବଜେଟ ସହାୟତା ମିଳିପାରେ। ଗତ ବର୍ଷ ଏହା ୫୫ ହଜାର କୋଟି ଟଙ୍କା ଥିଲା।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ରେଳମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ୨୦୧୯ ରେଳ ବଜେଟ ଉପସ୍ଥାପନ କରିବା ବେଳେ କୌଣସି ନୂଆ ଟ୍ରେନ ସମ୍ପର୍କରେ ଘୋଷଣା କରିବେ ନାହିଁ। ବରଂ ସେ ସ୍ଥାନରେ କେତେକ ଟ୍ରେନର ସ୍ପିଡ୍ ବଢ଼ାଇବା ସହିତ କେତେକ ସେମି ହାଇସ୍ପିଡ୍ ଟ୍ରେନ ସମ୍ପର୍କରେ ଘୋଷଣା କରିପାରନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଏହା ଅନ୍ତରୀଣ ବଜେଟ ହୋଇଥିବାରୁ ଚଳିତ ଥର ରେଲଓ୍ୱେର କେଉଁ ବିଭାଗକୁ କେତେ ଅର୍ଥ ମିଳିବ ସେ ସମ୍ପର୍କରେ ବିସ୍ତାରିତ ଘୋଷଣା ହୋଇ ନ ପାରେ। ଚଳିତ ବର୍ଷର ରେଳ ବଜେଟ ତିନୋଟି ମୁଖ୍ୟ ବିନ୍ଦୁ- ଅଧିକ ସୁରକ୍ଷା, ଦ୍ରୁତଗାମୀ ଓ ଅଧିକ ଉନ୍ନତ ରେଲଓ୍ୱେ ଉପରେ ପର୍ଯ୍ୟବସିତ ହେବ। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାନୁଯାୟୀ, ଆସନ୍ତା ରେଳ ବଜେଟରେ ଭାରତୀୟ ରେଳକୁ ଅଧିକ ସୁରକ୍ଷିତ ପରିବହନକାରୀ ଭାବେ ଦର୍ଶାଇବାକୁ ଉଦ୍ୟମ ହେବ। ଏହି କାରଣରୁ ଟ୍ରେନ ସୁରକ୍ଷା ଓ୍ୱାର୍ନିଂ ସିଷ୍ଟମ, ଜିପିଏସ୍ ଆଧାରିତ ଟ୍ରେନ ଟ୍ରାକ୍ ସିଷ୍ଟମ, ଅତ୍ୟାଧୁନିକ ଯନ୍ତ୍ରପାତି ମାଧ୍ୟମରେ ଟ୍ରାକ୍ ମେଣ୍ଟେନାନ୍ସ ଉପରେ ବଜେଟରେ ଗୁରୁତ୍ୱ ଦିଆଯିବ। ମଡର୍ନ ସିଗ୍‌ନାଲ ସିଷ୍ଟମ ଲଗାଇବା ଲାଗି ବଜେଟରେ ୧୨ ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇପାରେ। ଏହାଛଡ଼ା ଯାତ୍ରୀଙ୍କୁ ଅଧିକ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ବଡ଼ ରେଳଷ୍ଟେଶନରେ ଏସ୍କାଲେଟର, ଲିଫ୍ଟ, ଓ୍ୱାଇ-ଫାଇ ଯୋଗାଣ ଓ ସିସିଟିଭି କ୍ୟାମେରା ଲଗାଇବା ନେଇ ଘୋଷଣା ହୋଇପାରେ। ରାଏବରେଲି ଓ ଚେନ୍ନାଇ କୋଚ୍ ଫ୍ୟାକ୍ଟ୍ରି ପାଇଁ ଅତିରିକ୍ତ ବଜେଟ ସହାୟତା ମିଳିପାରେ। ଏହାବ୍ୟତୀତ ଦିବ୍ୟାଙ୍ଗ ସହାୟକ ଷ୍ଟେଶନ ନିର୍ମାଣ ଉପରେ ବଜେଟରେ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ଟ୍ରେନ୧୮ ଓ ଟ୍ରେନ ୨୦ ଯୋଜନାରେ ଅଧିକ ସହାୟତା ଘୋଷଣା ହୋଇପାରେ। ତା’ଛଡ଼ା ଟ୍ରେନ୧୮କୁ ଅଧିକ ଷ୍ଟେଶନରୁ ଚଳାଇବା ନେଇ ଘୋଷଣା କରାଯାଇପାରେ। ରେଳ ମନ୍ତ୍ରଣାଳୟ ପକ୍ଷରୁ ଅଧିକ ବଜେଟ ସହାୟତା ଦେବାକୁ ଅନୁରୋଧ କରାଯାଇଥିଲା।

### ଚଳିତବର୍ଷ ଉପସ୍ଥାପିତ ହେବନି ଅର୍ଥନୈତିକ ସର୍ଭେ ରିପୋର୍ଟ

କେନ୍ଦ୍ର ସରକାରଙ୍କ ଅନ୍ତିମ ତଥା ଅନ୍ତରୀଣ ବଜେଟ ଫେବୃୟାରୀ ପହିଲାରେ ଉପସ୍ଥାପିତ ହେବାକୁ ଯାଉଛି। ତେବେ ସଂସଦର ବଜେଟ ଅଧିବେଶନ ଚଳିତ ମାସ ୩୧ରୁ ଆରମ୍ଭ ହେବାକୁ ଯାଉଛି ଯାହା ଫେବୃୟାରୀ ୧୩ ଯାଏ ଚାଲିବ। ପରମ୍ପରା ଅନୁଯାୟୀ କେନ୍ଦ୍ର ବଜେଟ ଉପସ୍ଥାପନର ଦିନେ କିମ୍ବା ଦୁଇଦିନ ପୂର୍ବରୁ ସରକାର ଅର୍ଥନୈତିକ ସର୍ଭେ ରିପୋର୍ଟ ସଂସଦରେ ଉପସ୍ଥାପନ କରନ୍ତି। ବଜେଟ ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ଉଭୟ ସଦନକୁ ଉଦ୍‌ବୋଧନ ଦେବା ପରେ ହିଁ ସରକାର ୨୦୧୮ ବର୍ଷ ଲାଗି ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହା ଉଭୟ ହିନ୍ଦୀଓ ଇଂଲିଶ୍‌ରେ ଉପସ୍ଥାପିତ ହୋଇଥିଲା। ତେବେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ହୋଇଛି। ସରକାର ଅନ୍ତରୀଣ ବଜେଟ ଉପସ୍ଥାପନ କରୁଥିବାରୁ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସାଧାରଣତଃ ଦେଶର ଅର୍ଥନୀତିର ସ୍ଥିତି ଜଣାଇବା ଲାଗି ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯାଏ। କେଉଁ କ୍ଷେତ୍ରରେ ତ୍ରୁଟି ରହିଛି, କେଉଁ କ୍ଷେତ୍ରରେ ଅଧିକ ସୁଧାର ଆବଶ୍ୟକ ତାହାକୁ ରିପୋର୍ଟ ଜରିଆରେ ଜଣାଇ ଦିଆଯାଏ। ବଜେଟ କିପରି ହେବାକୁ ଯାଉଛି ଏହାର ଝଲକ ସର୍ଭେ ରିପୋର୍ଟରୁ ଜଣାପଡିଯାଏ। ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତାଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଅର୍ଥନୈତିକ ରିପୋର୍ଟରେ ଗତବର୍ଷର ଆର୍ଥିକ ସ୍ଥିତିକୁ ତର୍ଜମା କରିବା ପରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଏ।

### ଅନ୍ତରୀଣ ବଜେଟ ଆସିବ: ଅର୍ଥ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୩୦-୧:** କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଫେବୃୟାରୀ ପହିଲାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି ବୋଲି କେତେକ ମିଡିଆ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ଖଣ୍ଡନ କରି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସରକାର ପୂର୍ଣ୍ଣାଙ୍ଗ ନୁହେଁ ବରଂ ଅନ୍ତରୀଣ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଲୋକ ସଭା ନିର୍ବାଚନ ପାଖେଇ ଆସିଲେ ବିଦାୟୀ ସରକାର ପୂର୍ଣ୍ଣାଙ୍ଗ ବଜେଟ ବଦଳରେ ଅନ୍ତରୀଣ ବଜେଟ ଅଥବା ଲେଖାନୁଦାନ ଉପସ୍ଥାପନ କରନ୍ତି। ନୂଆ ସରକାର କ୍ଷମତାକୁ ଆସିବା ପରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ ହୁଏ, ଏହା ସଂସଦୀୟ ପରମ୍ପରା ରହିଛି।

# ମହିନ୍ଦ୍ରା ଆଣିଲା ନୂଆ ଟ୍ରକ୍




**ମୁମ୍ବାଇ,୩୦-୧**

ମହିନ୍ଦ୍ରା ଟ୍ରକ୍ ଆଣ୍ଡ ବସ୍ ଡିଜିଜନ (ଏମ୍‌ଟିବି) ପକ୍ଷରୁ ନୂଆ ଫ୍ୟୁରିଓ ଟ୍ରକ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ମଧ୍ୟମ ବାଣିଜ୍ୟିକ ଯାନ (ଆଇସିଭି) ବର୍ଗରେ ଏହା ଗ୍ରାହକଙ୍କୁ ଅଧିକ ଲାଭ ପ୍ରଦାନ କରିବ ବୋଲି କମ୍ପାନୀ ପ୍ରକାଶ କରିଛି। ଏହାର ଫ୍ୟୁରିଓ-୧୨ ୧୯ଫୁଟ ଏଚ୍‌ଏସ୍‌ଡି ଭାରିଆଣ୍ଟର ବଜାର ଦର ୧୭.୪୫ ଲକ୍ଷ ଟଙ୍କା ଥିବା ବେଳେ ଫ୍ୟୁରିଓ-୧୪ ୧୯ଫୁଟ ଏଚ୍‌ଏସ୍‌ଡି ଭାରିଆଣ୍ଟ ୧୮.୧୦ ଲକ୍ଷ ଟଙ୍କା ରହିଛି। ଗ୍ରାହକଙ୍କ ପ୍ରତି ରହିଥିବା ପ୍ରତିବଦ୍ଧତା ଆଧାରରେ ଏଭଳି ନୂଆ ରେଞ୍ଜର ଯାନକୁ ବଜାରକୁ ଛଡ଼ା ଯାଇଥିବା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ପଓ୍ୱନ ଗୋଏଙ୍କା କହିଛନ୍ତି। ଏହା ଗୁଣବତ୍ତାବିଶିଷ୍ଟ ସେବା ପ୍ରଦାନ ସହ ଗ୍ରାହକଙ୍କ ମନ ଜିଣିବାରେ ସହାୟକ ହେବ ବୋଲି କମ୍ପାନୀର ଅଟୋମୋଟିଭ ସେକ୍ଟର ସଭାପତି ରାଜନ ଓ୍ୱାଧେରା କହିଛନ୍ତି। ମଡେଲରେ ଗ୍ରାହକମାନେ ଟୋଟାଲ କଷ୍ଟ ଅଫ୍ ଓନରଶିପ, ଓ୍ୱାରେଣ୍ଟି, ମେଣ୍ଟେନାନ୍ସ ଖର୍ଚ୍ଚରେ ସ୍ୱଳ୍ପତା ପାଇବେ ବୋଲି କମ୍ପାନୀର ବସ୍ ଆଣ୍ଡ ଟ୍ରକ୍ ଡିଭିଜନ କନଷ୍ଟ୍ରକଶନ ଇକ୍ୟୁପମେଣ୍ଟ ଡିଭିଜନ ସିଇଓ ବିନୋଦ ସହାୟ କହିଛନ୍ତି।

# କ୍ରିସ୍ ଏଲ୍‌ଇଡିକୁ ଓ୍ୱାର୍ଲଡ ସିଗ୍‌ନେଚର ଆଓ୍ୱାର୍ଡ




**ଭୁବନେଶ୍ୱର,୩୦-୧**

ଗୁଣବତ୍ତା ସମ୍ପନ୍ନ ଏଲ୍‌ଇଡି ନିର୍ମାଣ କ୍ଷେତ୍ରରେ ଯୋଗଦାନ ଲାଗି ଚଳିତ ବର୍ଷ କ୍ରିସ୍ ଇଣ୍ଡିଜେନସ ଇକ୍ୱିପମେଣ୍ଟ ପ୍ରାଇଭେଟ ଲିମିଟେଡକୁ ‘ଓ୍ୱାର୍ଲଡ ସିଗ୍‌ନେଚର ଆଓ୍ୱାର୍ଡ’ ୨୦୧୯ ପ୍ରଦାନ କରାଯାଇଛି। କମ୍ପାନୀର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଇଂ ପ୍ରଶାନ୍ତ କୁମାର ମହାନ୍ତି ଗୋଆଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବଲିଉଡ ଅଭିନେତା ଗୋବିନ୍ଦାଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୨୦୧୪ରେ ରାଜ୍ୟରେ ଏହି କମ୍ପାନୀ ସ୍ଥାପନ ହୋଇଥିଲା। କ୍ରିସ୍ ଏଲ୍‌ଇଡି ବ୍ରାଣ୍ଡ ନାମରେ କମ୍ପାନୀ ଏହାର ପ୍ରଡକ୍ଟଗୁଡ଼ିକୁ ବଜାରରେ ଉପଲବ୍ଧ କରାଉଛି। ଉପଭୋକ୍ତାଙ୍କ ଆବଶ୍ୟକତା ଅନୁସାରେ ଆଲୋକ ବ୍ୟବସ୍ଥା ସମାଧାନ ପ୍ରଦାନ ଦିଗରେ ଉଦ୍ୟମ ଜାରି ରହିଥିବା ପ୍ରତିଷ୍ଠାତା ମହାନ୍ତି କହିଛନ୍ତି। ଗ୍ରାହକଙ୍କୁ ଅଭିନବ ଏବଂ ଗୁଣାତ୍ମକ ପ୍ରଡକ୍ଟ ଯୋଗାଣ ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

# କଟକରେ ହୋଣ୍ଡାର ସଡ଼କ ସଚେତନତା




କାର୍ଯ୍ୟକ୍ରମ ଅବସରରେ କମ୍ପାନୀ ଅଧିକାରୀଙ୍କ ସହ ଛାତ୍ରୀଛାତ୍ର।

**ଭୁବନେଶ୍ୱର,୩୦-୧**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ କଟକ ଜିଲାର ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜିଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବପିଢିଙ୍କ ମଧ୍ୟରେ ସଡ଼କ ସଚେତନତାକୁ ବଢାଇବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ପ୍ରତି ମାସରେ ୧୫,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବାକୁ କମ୍ପାନୀ ଯୋଜନା ରଖିଛି। କଟକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୫୦ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ହୋଣ୍ଡା ପାଇଁ ସୁରକ୍ଷା ସବୁଠାରୁ ବଡ ପ୍ରାଥମିକତା ବୋଲି କମ୍ପାନୀର ବ୍ରାଣ୍ଡ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି। ପିଲାମାନଙ୍କୁ ସାରା ପରିବାର ପାଇଁ ସୁରକ୍ଷା ଆମ୍ବାସାଡାର କରିବା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ ବୋଲି ସେ କହିଛନ୍ତି।

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.25/OMC Dtd.30.01.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and a play a catalytic role in the growth of industrialization, OMC caters to the requirements of mineral based industries & metal production of 8.87 Million Tons with an annual turnover of Rs.2853 crores during Financial Year 2017-18.

The Corporation invites application from dynamic & competent professionals in different discipline as follows.

**1. VACANCY**

| Sl. No. | Name of the Post & Grade | Scale of Pay | Category of Posts SC | ST | SEBC | UR | Total Posts |
|---|---|---|---|---|---|---|---|
| 1 | Dy. General Manager (Min.), E-5 Grade | Rs.78,800/- to 1,30,400/- | - | - | - | 03 | 3 |
| 2 | Sr. Manager (Min.), E-4 Grade | Rs.67,700/- to 1,12,100/- | - | - | - | 02 | 2 |
| 3 | Manager (Min.), E-3 Grade | Rs.67,700/- to 1,12,100/- | 01 | 01 | - | - | 2 |
| 4 | Dy. General Manager (Geology), E-5 Grade | Rs.78,800/- to 1,30,400/- | - | - | - | 01 | 1 |
| 5 | Manager (Persnl.), E-3 Grade | Rs.67,700/- to 1,12,100/- | 01 | - | - | 02(1-W) | 3 |
| 6 | Manager (Fin.), E-3 Grade | Rs.67,700/- to 1,12,100/- | - | - | 01 | 03(1-W) | 4 |
| 7 | Dy. Manager (Fin.), E-2 Grade | Rs.67,700/- to 1,12,100/- | 02(1-W) | 01 | - | 01 | 4 |
| 8 | Dy. Manager (Civil), E-2 Grade | Rs.67,700/- to 1,12,100/- | - | 01(W) | - | - | 1 |
| 9 | Sr. Manager (Mech.), E-4 Grade | Rs.67,700/- to 1,12,100/- | - | - | - | 01 | 1 |
| 10 | Manager (Mech.), E-3 Grade | Rs.67,700/- to 1,12,100/- | - | - | - | 01 | 1 |
| 11 | Dy. General Manager (Electrical), E-5 Grade | Rs.78,800/- to 1,30,400/- | - | - | - | 01 | 1 |
| 12 | Sr. Manager (Electrical), E-4 Grade | Rs.67,700/- to 1,12,100/- | - | - | 01 | 01 | 2 |
| 13 | Manager (Electrical), E-3 Grade | Rs.67,700/- to 1,12,100/- | - | 01 | - | 01 | 2 |
| 14 | Sr. Manager (Security), E-4 Grade | Rs.67,700/- to 1,12,100/- | - | - | - | 01 | 1 |

Interested eligible candidates are requested to download the application format from OMC website: **www.omcltd.in** and submit the same duly filled in & signed along with attested copies of Certificates/ Testimonials , experience certificate in support of their eligibility by **Speed Post /Courier** in a cover superscribed **"APPLICATION FOR THE POST OF ____________" so as to reach the General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 20.02.2019 positively.** Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)

**Odisha State Health & Family Welfare Society**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha),**
**Phone/Fax: 0674- 2392480/79**

**Advt. No . 01/19** **NOTICE** **Date: 31/01/2019**

**Ref.: Advt. No. 51/18 dt. 27.12.18.**

**No.832-E:-** The advertisement for the position of Management Consultant - (IT EVIN) made vide Advt. No. 51/18 dt. 27.12.18, published in “The Samaja” (all Odisha editions), “The Dharitri” (all Odisha editions) and “The New Indian Express” (Odisha edition only) is hereby cancelled as no candidate found suitable for the said post.

Sd./-
Mission Director
NHM, Odisha

10084/11/0077/1819

ZILLA SWASTHYA SAMITI, KALAHANDI
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
**E-mail: dpmukalahandi@gmail.com,**
**Phone: 06670-330998**

**Advt. No: 167** **Date: 28.01.2019**

**NOTICE INVITING BID**
**FOR EQUIPMENT, AIDS & DRUGS FOR DEIC (RBSK) O/O CDM&PHO, KALAHANDI**

**No.830-E:-** Bids are invited from eligible firms/company/ agency/suppliers/distributors to supply the Equipments, Aids & Drugs to DEIC, RBSK KALAHANDI. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.kalahandi.nic.in. The last date of submission of bid is on or before 15.02.2019 by 04 PM to the O/o- CDM&PHO, Kalahandi through Speed Post/Regd. Post/ Courier only. The undersigned reserves the right to cancel any or all the bids without assigning any reason thereof.

**Sd./- Chief District Medical & Public Health Officer, Kalahandi**

10076/11/0020/1819

**नालको NALCO**
National Aluminium Company Limited
(A Government of India Enterprise)
NALCO Bhawan, P/1, Nayapalli, Bhubaneswar - 751 013, Odisha
(CIN : L27203OR1981GOI000920)
A NAVRATNA COMPANY

**NOTICE**

Notice is hereby given pursuant to Regulation 29 and 47 of the SEBI (Listing Obligations and Disclosure Requirements) Regulations, 2015, that a meeting of the Board of Directors of the Company will be held on Friday, the 8th February, 2019 to consider inter-alia the Unaudited Financial Results (standalone) for the quarter and nine-months ended 31st December, 2018.

Information in this regard is also available on the website of the Company i.e. www.nalcoindia.com and on the website of the Stock Exchanges i.e. www.bseindia.com and www.nseindia.com.

For National Aluminium Company Ltd.
sd/-
(N. K. MOHANTY)
COMPANY SECRETARY & COMPLIANCE OFFICER

Place : Bhubaneswar
Date: 29.01.2019

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika କାରିଗର ସହାୟତା କେନ୍ଦ୍ର, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର

**ବିଜ୍ଞାପନ**

ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଉଦୟପୁର, ରାଜସ୍ଥାନ ଠାରେ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଅନିବାର୍ଯ୍ୟ କାରଣ ବଶତଃ ଘୁଞ୍ଚାଇ ଦିଆଯାଇଛି। ଧରିତ୍ରୀ ଓ ସମାଜରେ ପୂର୍ବ ପ୍ରକାଶିତ ତାରିଖରେ ନହୋଇ ଏହା **୦୮/୦୨/୧୯ ଠାରୁ ୧୭/୦୨/୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।** ଏହା ସହିତ **ହାଲ୍, ସୁନାବେଡ଼ା ଠାରେ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ୦୮/୦୨/୧୯ ଠାରୁ ୧୭/୦୨/୧୯ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଦର୍ଶନୀରେ** ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୦୨/୦୨/୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା** ପୃଥକ ପୃଥକ ଭାବରେ ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ।

ସ୍ୱା/-
ପରିଚାଳନା ନିର୍ଦ୍ଦେଶକ

# ଶ୍ରୀସନ୍ଥଙ୍କ ଆଚରଣ ଠିକ୍ ନ ଥିଲା: ସୁପ୍ରିମ୍‌କୋର୍ଟ

ସ୍ପଟ୍ ଫିକ୍ସିଂ ମାମଲା



ନୂଆଦିଲ୍ଲୀ,୩୦।୧(ପି.ଟି.)

ସ୍ପଟ୍ ଫିକ୍ସିଂ ମାମଲାରେ ଆଜୀବନ ବାସନ୍ଦର ସମ୍ମୁଖୀନ ହୋଇଥିବା ପୂର୍ବତନ ଦ୍ରୁତ ବୋଲର ଏସ୍. ଶ୍ରୀସନ୍ଥଙ୍କ ଭୂମିକାକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ପୂରା ଘଟଣାକ୍ରମରେ ଶ୍ରୀସନ୍ଥଙ୍କ ଆଚରଣ ଠିକ୍ ନ ଥିଲା ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୧୩ ସଂସ୍କରଣର ଏକ ମ୍ୟାଚ୍‌ରେ ଶ୍ରୀସନ୍ଥଙ୍କୁ ସ୍ପଟ୍ ଫିକ୍ସିଂ କରିବା ନେଇ ପ୍ରସ୍ତାବ ଦିଆଯାଇଥିଲା। ତେବେ ଏ ନେଇ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ କାହିଁକି ଅବଗତ କରାଇ ନ ଥିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟରେ ଶ୍ରୀସନ୍ଥଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସଲମାନ ଖୁର୍ସିଦ୍ ପକ୍ଷ ରଖିଥିଲେ। ୨୦୧୩ ମେ'ରେ ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ଓ କିଙ୍ଗ୍ସ ଏକାଦଶ ପଞ୍ଜାବ ମଧ୍ୟରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍ ଅବସରରେ ସ୍ପଟ୍ ଫିକ୍ସିଂ ହୋଇଥିବାର ଏବଂ ଶ୍ରୀସନ୍ଥ କାହାଠାରୁ ଅର୍ଥ ଗ୍ରହଣ କରିଥିବାର କୌଣସି ପ୍ରମାଣ ନାହିଁ ବୋଲି ଖୁର୍ସିଦ କହିଛନ୍ତି। ତେବେ ସଙ୍ଗେସଙ୍ଗେ ଏ ସଂକ୍ରାନ୍ତରେ ବିସିସିଆଇକୁ କାହିଁକି ଜଣାଇ ନ ଥିଲ ବୋଲି କୋର୍ଟ ପଚାରିଥିଲେ। ଶୁଣାଣି ଅବସରରେ ଅଭିଯୁକ୍ତ ବୁକିଙ୍କ ସହିତ ଶ୍ରୀସନ୍ଥ ଟେଲିଫୋନ୍‌ରେ କଥା ହେବା ସନ୍ଦର୍ଭରେ ସୁପ୍ରିମକୋର୍ଟ ଖୁର୍ସିଦଙ୍କୁ ଏନେଇ ପ୍ରଶ୍ନ ପଚାରିଥିଲେ।

ଖୁର୍ସିଦ ଶ୍ରୀସନ୍ଥଙ୍କ ପକ୍ଷ ରଖି କହିଥିଲେ ଯେ, ସେ ଗୋଟିଏ ଓଭରରେ ୧୪ ରନ ବ୍ୟୟ କରିବାର ଥିଲା। କିନ୍ତୁ ସେ ୧୩ ରନ ଦେଇଥିଲେ। ଯେତେବେଳେ କି ସେ ବିଶ୍ୱର ଦୁଇ ବିପଜ୍ଜନକ ବ୍ୟାଟ୍ସମ୍ୟାନ ଆଡାମ ଗିଲକ୍ରୀଷ୍ଟ ଓ ଶନ୍ ମାର୍ଶଙ୍କୁ ବୋଲିଂ କରିଥିଲେ। ଟେଲିଫୋନ ରେକର୍ଡରୁ ସ୍ପଟ ଫିକ୍ସିଂ ହୋଇଥିବା କୌଣସି ପ୍ରମାଣ ମିଳିନାହିଁ। ଦିଲ୍ଲୀ ପୋଲିସ ତରଫରୁ ଦିଆଯାଇଥିବା ପ୍ରମାଣ ତଥା ଦସ୍ତାବିଜକୁ ତଳ କୋର୍ଟ ଗ୍ରହଣ କରି ନ ଥିଲେ ବୋଲି ଖୁର୍ସିଦ୍ କହିଛନ୍ତି। ଅତିକମ୍‌ରେ ସମ୍ମାନ ଫେରିପାଇବାକୁ ମୁଁ ଚାହୁଁଛି। ମୋର ପେସାଦାର କ୍ୟାରିୟର ନଷ୍ଟ ହେଉଛି ବୋଲି ଶ୍ରୀସନ୍ଥ କହୁଥିବା ଖୁର୍ସିଦ ନ୍ୟାୟାଳୟଙ୍କୁ ଅବଗତ କରାଇଥିଲେ। ଅପରପକ୍ଷରେ କ୍ରିକେଟ ପ୍ରାଶାସକ କମିଟି (ସିଓଏ) ତରଫରୁ ବରିଷ୍ଠ ଓକିଲ ପରାଗ ତ୍ରିପାଠୀ ପକ୍ଷ ରଖିଥିଲେ ଓ ଟେଲିଫୋନ୍ ରେକର୍ଡର ବୈଧତା ଓ ସତ୍ୟତା ନେଇ ପ୍ରଶ୍ନ ଉଠାଇଥିଲେ। ଫେବୃୟାରୀ ୨୦ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିରେ ନିଜ ତଥ୍ୟ ରଖିବାକୁ ତ୍ରିପାଠୀଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୧୫ରେ ଏକ ନିମ୍ନ ଅଦାଲତ ୩୫ ବର୍ଷୀୟ ଶ୍ରୀସନ୍ଥଙ୍କୁ ଦୋଷମୁକ୍ତ କରିଥିଲେ। ତେବେ ଏହାପରେ କେରଳ ହାଇକୋର୍ଟ ଏହାକୁ ଖାରଜ କରି ପୁଣି ଥରେ ବାସନ୍ଦାଦେଶ ଲାଗୁ କରିଥିଲେ। ଫଳରେ ହାଇକୋର୍ଟଙ୍କ ରାୟ ବିରୋଧରେ ଶ୍ରୀସନ୍ଥ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ। ଉଲ୍ଲେଖଥାଉ କି, ୨୦୧୩ ଆଇପିଏଲ୍ ଖେଳାଯିବା ଅବସରରେ ସ୍ପଟ ଫିକ୍ସିଂ ଅଭିଯୋଗରେ ଦିଲ୍ଲୀ ପୋଲିସ ଶ୍ରୀସନ୍ଥଙ୍କ ସମେତ ଅଜିତ ଚାଣ୍ଡିଲା ଓ ଅଙ୍କିତ୍ ଚଭନ୍‌ଙ୍କୁ ଗିରଫ କରିଥିଲା। ୨୦୧୫ ଜୁଲାଇରେ ଏକ ନିମ୍ନ ଅଦାଲତ ଏହି ୩ କ୍ରିକେଟରଙ୍କ ସମେତ ଏହି ମାମଲାରେ ୩୬ଜଣ ଅଭିଯୁକ୍ତଙ୍କୁ ଦୋଷମୁକ୍ତ ବୋଲି ରାୟ ଦେଇଥିଲେ। ଏହା ସତ୍ତ୍ୱେ ବିସିସିଆଇ ଶ୍ରୀସନ୍ଥଙ୍କ ଉପରୁ ବାସନ୍ଦ ଉଠାଇ ନ ଥିଲା।


## D.D.C.E. UTKAL UNIVERSITY BHUBANESWAR-751007

UTKAL UNIVERSITY D.D.C.E. EDUCATION FOR ALL — Advt-8

### TENDER NOTICE

Sealed offers are invited for DDCE, Utkal University from reputed firms for the following:

A. AMC for Air Conditioner.
B. Pest Control-Anti Termite Treatment.
C. Manpower Supply.

For more information, details of terms & conditions, date lines and offer formats please visit our website www.ddceutkal.ac.in. (The last date for submission of tender by person/post is on 14.02.2019 (till 5.00 P.M)

DIRECTOR

## GOVERNMENT OF ODISHA
## HOME (ELECTIONS) DEPARTMENT
### TENDER CALL NOTICE
### CORRIGENDUM / ADDENDUM

File No. VE (A) -07/2018 /Elec. Dated : 30.01.2019

No. 366-D: The last date for submission of Bids - 07.02.2019 (02.30 PM) and opening of Eligibility and Technical Bid is 07.02.2019 (03.00 PM). For details please visit CEO website www.ceoorissa.nic.in and Government of Odisha website www.odisha.gov.in

12001/11/0030/1819 — Sd./- Chief Electoral Officer, Odisha, Bhubaneswar

OFFICE OF THE PRINCIPAL
## JANATA COLLEGE, BOINDA, DIST- ANGUL

No. 01 Dt. 31.01.2019

### QUOTATION CALL NOTICE

Sealed quotations are invited from registered firms/ authorized dealers having valid GST, PAN and Income Tax clearance for procurement of Hostel furniture, Water Purifier with Cooler, Desktop Computers, Laboratory Equipment, Sports Equipment, First-Aid Box, Fire Extinguisher and Dustbin from Assistance for non-civil expenses under OHEPEE, Department of Higher Education, Govt. of Odisha. Details specifications, terms and conditions are available in the college website: **www.janatacollegeboinda.org.in**.

The quotations should reach the office of the undersigned on or before 20.02.2019 through Regd. Post/Speed Post. The authority reserves the right to reject or cancel any or all quotation without assigning any reason thereof.

**Janata College, Boinda**
**Mob: 9439124676** — **Principal**

See **Career Appointment** on every **Wednesday & Saturday**

## GOVT. OF ODISHA
## OFFICE OF THE SUPERINTENDING ENGINEER
## NORTH EASTERN RURAL WORKS CIRCLE, KEONJHAR

Tel. 06766-258301(O), eMail: se_nerwkjr@rediffmail.com
"e" Procurement Notice for Road Works

No.1528-O:- Identification No. Road Online NCB No.253
No. 421 / Date:28-01-2019

1. Name of the work : Road Works under OMBADC in the District of Keonjhar.
2. Estimated Cost : As per Annexure in NIT.
3. Class of Contractor (Eligible) : As per Annexure in NIT.
4. Period of Completion : As per Annexure in NIT.
5. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.253 | Dt.31.01.19 at 11.00 A.M. | Dt.14.02.19 up to 3.00 P.M. | Dt.13.02.19 up to 3.00 P.M. | Dt.15.02.19 at 11.00 A.M. | Dt.18.02.19 at 11.00 A.M. |

• Further details can be seen from the website: www.tendersorissa.gov.in.

25048/11/0046/1819 — Sd./- Superintending Engineer, N.E.R.W. Circle, Keonjhar

## OFFICE OF THE SUPERINTENDING ENGINEER
## RURAL WORKS CIRCLE, BERHAMPUR

(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287, E-Mail / E-Despatch

No. 1529-O

### NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender /38-2018-19/BPR

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 38- 2018 -19 / BPR | Bridge Works under BSY | 04 Nos. | From Rs. 121.25 lakhs to Rs. 350.53 Lakhs | "B" Class, "A" Class or "Special" Class as applicable | 10 (Ten), 11 (Eleven) & 15 (Fifteen) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/38-2018-19/ BPR | 04.02.2019 at 10.00 A.M. | 18.02.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: - www.tendersodisha.gov.in

25071/11/0055/1819 — Sd/-Superintending Engineer, R.W.Circle, Berhampur

## GOVERNMENT OF ODISHA, OFFICE OF THE SUPERINTENDENDING ENGINEER
## CENTRAL CIRCLE, RURAL WORKS, BHUBANESWAR

No. 258 / Date: 28.01.2019

No. 1531-O

### "e" Procurement Notice for PMGSY-II (Batch-I) Works for the year 2018-19

1. Name of the work : PMGSY-II (Batch-I) Package for the year 2018-19
2. Total No. of packages : 59 Nos.
3. Estimated Cost of the Package : Varies from Rs. 60.20 Lakhs to Rs. 918.90 lakhs
4. Class of Contractor
   a) Estimated cost more than Rs. 40.00 lakhs upto Rs. 3.00 crores : B Class & A Class (of Odisha PWD) or relevant class of other licensing authorities
   b) Estimated cost more than Rs. 3.00 crores upto Rs. 6.00 crores : A Class & Special class (of Odisha PWD) or relevant class of other licensing authorities
   c) Estimated cost more than Rs. 6.00 crores & upto Rs. 15.00 crores : Special class & Super class (of Odisha PWD) or relevant class of other licensing authorities
5. Period of Completion : 09 (Nine) calendar months for the works costing less than Rs. 3.00 crores and 11 (eleven) calendar months for the work costing more than Rs. 3.00 crores
6. Offered rates by bidder : The offered rate by the contractor shall be excluding GST.
7. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & time of submission of original financial instrument along with affidavit regarding correctness of information | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Central Circle, Rural Works, Bhubaneswar | Tender-Online- C.C. - 03 of 2019 | 07.02.19 at 11.00AM | 27.02.19 upto 5.00PM | 23.02.19 upto 3.00PM | 28.02.2019 to 02.03.2019 upto 5.00PM (During office hour) | 06.03.19 at 11.00AM | 16.03.19 at 11.00AM |

Further details can be seen from the website www.pmgsytenders.gov.in.

25082/11/0030/1819 — *Sd./- Superintending Engineer, Central Circle, Rural Works, Bhubaneswar*

## Government of Odisha
## Department of Women & Child Development and Mission Shakti

**NOTICE**

**No. 1522 / WCDMS, Date: 29.01.2019**

No.69-g: In pursuance to this Department's Advertisement for the Post of District Project Co-ordinator (DPC), MAMATA (during the month of October, 2018), the list of eligible Candidates at (Annexure-A) and list of ineligible candidates along with grounds of rejection at (Annexure-B) have been uploaded in the Department Website i.e. **http://www.wcdodisha.gov.in.**

The applicants concerned may visit the department website to know the status of their applications. The candidates, whose name appear in the ineligible list on ground of age/ qualification/ experience/ computer proficiency/ photograph etc., may file their objection through E-mail to odishamamata@gmail.com and dirwcd.or@nic.in in support of their eligibility within 10 days from publication of this notice positively, failing which the applications will be summarily rejected. The eligible candidates may keep in touch with this department website for further notice.

33001/11/0028/1819 — Sd./- Director, ICDS & Social Welfare

## ODISHA LIFT IRRIGATION CORPORATION LIMITED
(A Government of Odisha Undertaking)

OFFICE OF THE EXECUTIVE ENGINEER, L. I. DIVISION, SAMBALPUR CAMP AT L.I. SUB-DIVISION OFFICE, JHARSUGUDA
e-mail I.D - eeolicsbp@gmail.com

No. CAD-1342

**e-Procurement Notice for Jharsuguda District**
**Identification No. EEOLICSBP-17/18-19 Dt.30.01.2019**

| | | | |
|---|---|---|---|
| 01 | Name of work | | Installation & Improvement of 52 nos. LIPs in DMF Grant under Jharsuguda District |
| 02 | Estimated cost | | Rs.03.00 lakhs to Rs.43.00 lakhs |
| 03 | Period of completion | | 90 to 120 days |
| 04 | Date & Time of availability of bid document in the portal | | From 10.00 Hrs. of 04.02.2019 to 17.00 Hrs. of 13.02.2019. |
| 05 | Date & Time of opening of bids | | 11.00 Hrs. of 14.02.2019 |
| 06 | Name and Address of the officer inviting bid | | Executive Engineer, L.I. Division, Sambalpur Camp at L.I. Sub-Division, Jharsuguda |

Further details can be seen from the website www.tendersorissa.gov.in

32308/11/0025/1819 — Sd./- Executive Engineer, L.I. Division, Sambalpur

## THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

### NOTICE INVITING TENDER NO.01/OMC/C/CT/2019

No. CAD-1341 : Tender from the registered Civil contractors are invited having registration of PF, PAN and GST for the below noted works.

| Sl. No. | Name of the works | Estimated Cost (In Lakhs) | Time period of the work | Class of Contractor | E.M.D in D.D. (in Rs.) | Cost of Bid document (Rs.) |
|---|---|---|---|---|---|---|
| 1 | Development of settling pond near back side Sukurangi U.P.School at Sukurangi Mines in the district of Jajpur. | 4.26 | One month | D & C | 4260.00 | 2000.00 + 18% GST |
| 2 | Renovation to compound wall near gate no.1 of 'D' Quarry, pump shed & duty room of 'F' Quarry and providing transparent sheet to toilet blocks of South Kaliapani Mines in the district of Jajpur. | 3.46 | One month | D & C | 3460.00 | 2000.00 + 18% GST |
| 3 | Sinking of one no of tube well inside parking yard in the district of Jajpur. | 2.15 | One month | D & C | 2150.00 | 2000.00 + 18% GST |
| 4 | Inside & outside painting to Central Hospital at Central Township, Kaliapani in the district of Jajpur. | 4.46 | One month | D & C | 4460.00 | 2000.00 + 18% GST |
| 5 | Construction of kitchen near community centre for OISF personnel at Central Township, Kaliapani in the district of Jajpur. | 4.47 | One month | D & C | 4470.00 | 2000.00 + 18% GST |
| 6 | Repairing to qtr no.D/2, D/3 & C/8 and 6nos. of E-type qtrs(E/159, E/94, E/106, E/99, E/107, E/113) at Central Township, Kaliapani in the district of Jajpur. | 3.99 | One month | D & C | 3990.00 | 2000.00 + 18% GST |

01. Date & time of selling of bids: - From dt.04.02.2019 to dt.13.02.2019 up to 3.00PM.
02. Last date and time of submission of bids at allocated Tender Box:-Dt.13.02.2019 up to 5.00PM.
03. Date & time of opening of bid: - Dt.14.02.2019 at 11.00 AM.
04. For the details you may refer D.T.C.N.
05. Tender inviting authority: Sr. Manager (Civil), OMC, Kaliapani.
The Odisha Mining Corporation Ltd. reserves the right to reject any or all tenders without assigning any reason thereof.

Sd/-29.01.19
30005/11/0170/1819 — Sr.Manager (Civil), Kaliapani

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର– ୨୦୧୮ ପାଇଁ ମନୋନୟନ ଦରଖାସ୍ତ ଆହ୍ୱାନ

No. 11-TT

No. 970/ SYS., SYS-SPW-AWARD-0001/2019 — Dated : 29.01.2019

କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା, ଭୁବନେଶ୍ୱର ରାଜ୍ୟରେ କ୍ରୀଡ଼ାର ବିକାଶ, ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷ, କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କ୍ରୀଡା ସାମ୍ବାଦିକଙ୍କୁ ୨୦୧୮ ମସିହା ପାଇଁ ନିମ୍ନଲିଖିତ ବିଭାଗମାନଙ୍କରେ ସମ୍ମାନଜନକ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ପ୍ରଦାନ ନିମନ୍ତେ ମନୋନୟନ / ଦରଖାସ୍ତ ଆହ୍ୱାନ କରୁଛନ୍ତି।

୦୧. ରାଜ୍ୟରେ କ୍ରୀଡାର ବିକାଶ କ୍ଷେତ୍ରରେ ଆଜୀବନ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର (Biju Patnaik Sports Award for Lifetime Achievement in Promotion of Sports & Games.)
୦୨. ୨୦୧୮ ମସିହାରେ (ତା ୦୧.୦୧.୨୦୧୮ ରିଖ ରୁ ତା ୩୧.୧୨.୨୦୧୮ ରିଖ ମଧ୍ୟରେ) ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବା ନିମନ୍ତେ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡାବିତ୍ ସମ୍ମାନ (Biju Patnaik Sports Award for Outstanding Performance in Sports & Games) for the year 2018.
୦୩. କ୍ରୀଡା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଉପଲବ୍ଧି ପାଇଁ ବିଜୁ ପଟ୍ଟନାୟକ କ୍ରୀଡା ପ୍ରଶିକ୍ଷକ ପୁରସ୍କାର (Biju Patnaik Sports Award for Excellence in Coaching).
୦୪. କ୍ରୀଡାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବୋତ୍କୃଷ୍ଟ ଅବଦାନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର (Biju Patnaik Sports Award for Best Contribution to Promotion of Sports & Games).
୦୫. କ୍ରୀଡା ସାମ୍ବାଦିକତା କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଉପଲବ୍ଧ ପାଇଁ ବିଜୁ ପଟ୍ଟନାୟକ କ୍ରୀଡା ସାମ୍ବାଦିକ ପୁରସ୍କାର (Biju Patnaik Sports Award for Excellence in Sports Journalism).

ଏ ସମ୍ପର୍କିତ ବିଶେଷ ବିବରଣୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡା ଅଧିକାରୀ, ସମସ୍ତ ରାଜ୍ୟସ୍ତରୀୟ କ୍ରୀଡା ସଂଘ, ଓଡ଼ିଶା କ୍ରୀଡା ପରିଷଦ, ସତ୍ୟବ୍ରତ ଷ୍ଟାଡିୟମ, କଟକ, ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ, ନୟାପଲ୍ଲୀ, ସି–୧, ଭୁବନେଶ୍ୱର–୧୨ରେ ସମସ୍ତ କାର୍ଯ୍ୟ ଦିବସମାନଙ୍କରେ ମିଳିପାରିବ। ଏତଦ୍‌ବ୍ୟତୀତ ଏହି ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ଯୋଜନାର ସରକାରୀ ସଂକଳ୍ପ, ମନୋନୟନ ସଂକ୍ରାନ୍ତୀୟ ଯୋଗ୍ୟତା ବିଭିନ୍ନ ବିଭାଗର କ୍ରୀଡା ପୁରସ୍କାର ପାଇଁ ନିର୍ଦ୍ଧାରିତ ଫର୍ମ ଇତ୍ୟାଦିର ବିବରଣୀ କ୍ରୀଡା ଓ ଯୁବସେବା ବିଭାଗର ୱେବସାଇଟ୍ www.dsysodisha.gov.inରେ ମଧ୍ୟ ଉପଲବ୍ଧ ଅଟେ।

ଏହି ପୁରସ୍କାର ନିମନ୍ତେ ମନୋନୟନ ଦରଖାସ୍ତ / ପ୍ରସ୍ତାବ/ସୁପାରିସ, ବ୍ୟକ୍ତି ବିଶେଷ, ସମସ୍ତ ରାଜ୍ୟସ୍ତରୀୟ କ୍ରୀଡା ସଂଘମାନେ ନିର୍ଦ୍ଧାରିତ ଫର୍ମରେ ତା ୩୧.୦୩.୨୦୧୯ରିଖ ମଧ୍ୟରେ କମିଶନର ତଥା ଶାସନ ସଚିବ, କ୍ରୀଡା ଓ ଯୁବସେବା ବିଭାଗ, ଓଡ଼ିଶା, ସି–୧, ନୟାପଲ୍ଲୀ, ଭୁବନେଶ୍ୱର–୧୨ରେ ଦାଖଲ କରିବାକୁ ଅନୁରୋଧ।

29001/11/0076/1819 — ସ୍ୱା./– କମିଶନର ତଥା ଶାସନ ସଚିବ

## Government of Odisha
## Social Security & Empowerment of PwDs Department
SIDR Building, Capital Hospital Campus, Unit-6, Bhubaneswar-751001

**OPEN TENDER**
**for Outsourcing of Manpower**

**No. 877 Date: 29.01.2019**

No.19-gg:- The tender aims to approve successful bidder/ bidders that will be responsible for outsourcing of manpower for its ANAND HUB at Bhubaneswar under ABADAN Scheme. The details of scope of work, eligibility criteria and submission of details can be downloaded from website http://www.ssepd.gov.in.

1. Availability of tender document: SSEPD website www.ssepd.gov.in
2. Date and time for submission of the tender documents: By speed post/ Registered post / courier/ hand in all working days up to 1:00 PM of 11/02/2019.

This tender does not entail any commitment on the part of SSEPD Department, Govt. of Odisha either financial or otherwise. SSEPD Department, Govt. of Odisha reserves the right to accept or reject any or all tenders without incurring any obligation to inform the affected applicant/s of the grounds. The tenders will be evaluated based on the information provided.

46001/11/0037/1819 — Sd./- Director, SSEPD, Odisha

## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Executive Engineer
## Padampur Investigation Division, Padampur

1196-A

Pin-768036, Email: executiveengineerpid@gmail.com

**Government of Odisha "e" Procurement Notice**

Bid Identification No.- EEPID-02/2018-19 (Online) dated 30.01.2019

| | | |
|---|---|---|
| 1 | Nature of work | Pre-construction Survey Works for design of earth dam. |
| 2 | No. of works | 02 (Two) Nos. |
| 3 | Estimated Cost | Rs. 28.56 Lakhs. |
| 4 | Period of Completion | As per DTCN |
| 5 | Date & Time of availability of bid document in the portal | 04.02.2019 at 10:00 AM to 18.02.2019 upto 05.00 PM |
| 6 | Last date/time for receipt of bid in the portal | 18.02.2019 upto 05:00 PM |
| 7 | Date of opening of Bid | 19.02.2019 at 11AM |
| 8 | Name & Address of the Officer Inviting Bid | Executive Engineer, Padampur Investigation Division, Padampur, PO- Rajborasambar, Dist.- Bargarh, PIN- 768036. |

Further details can be seen from the e-Procurement Portal https://tendersodisha.gov.in

32086/11/0005/1819 — *Sd./- Executive Engineer, Padampur Investigation Division, Padampur*

OFFICE OF THE PRINCIPAL
## UTKAL SANGEET MAHAVIDYALAYA, BHUBANESWAR
Sachivalaya Marg, Unit-IV, Bhubaneswar, Pin-751001, E-mail: principalusm@gmail.com, Website: www.usmodisha.com, Phone No.: 0674-2503956 & 2974105

**No. 142/ USM., dated 29.01.2019**

### TENDER CALL NOTICE

No.41-RR:- Sealed tenders are invited from reputed and registered Event Management firms having GSTN & up to date GST Clearance Certificate with five years working experience for necessary arrangements relating to the organization of Jayadev Samaroha, 2019 (USM Annual Fest.) by Utkal Sangeet Mahavidyalaya, BBSR, scheduled to be conducted from 17.02.2019 to 20.02.2019 (The Items & its break-up is available in the USM Office & in the USM Website i.e. www.usmodisha.com). Interested Event Management firms are intimated to submit their tenders latest by 11.02.2019 and it will be opened on 12.02.2019 at 12 Noon.

The Principal reserves the right to accept or reject any tender without assigning any reason thereof.

Sd./- (Shri Bijay Kumar Nayak, I.A.S.)
PRINCIPAL,
Utkal Sangeet Mahavidyalaya, Bhubaneswar

03011/11/0004/1819

## ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ, ସୁନ୍ଦରଗଡ଼
## DISTRICT MINERAL FOUNDATION, SUNDARGARH

(1st Floor, DMF Office), District Rural Development Agency
Email : dmfsundergarh@gmail.com, Sundargarh- 770001, Tel/Fax No. : 06622-273846

Letter No. 88 / (DMF) Dated : 20.01.2019

### TENDER CALL NOTICE
Bid Indentification No.- SNG-DMF-13/2018-19

| | | | |
|---|---|---|---|
| 1 | The Collector, Sundargarh on behalf of Governor of Odisha inviting percentage rate bid in single cover system in OFF-LINE mode from eligible contractors with valid licenses for Building Works as detailed in DTCN (For details visit www.sundergarh.nic.in) | | |
| 2 | Nature of Works | : | Building |
| 3 | Number of Works | : | 03 Numbers |
| 4 | Tender (Bid) Cost | : | Rs. 6,000 and Rs. 10,000/- |
| 5 | Tender Value | : | Rs. 47.05 Lakhs to Rs. 76.79 Lakhs. See the details in Tender Call Notice available in (www.sundergarh.nic.in) |
| 6 | Places and block where works will be executed | : | Hemgir block of Sundargarh District. See the details in Tender Call Notice available in (www.sundergarh.nic.in) |
| 7 | Class of Contractor | : | "B" & "A" |
| 8 | Availability of bid document in the website | : | From 31.01.2019 (11.00 A.M.) to 14.02.2019 (5.00 P.M.) |
| 9 | Mode of Receipt of Bids | : | Through Registered Post / Speed Post (Indian Post Offices) only. |
| 10 | Date of opening of Bid | : | Date : 15.02.2019 at 11.00 A.M. |
| 11 | The bidders have to participate in OFF-LINE bidding only. Further details can be seen from the Sundargarh District website (www.sundergarh.nic.in). Any addendum / corrigendum/ cancellation of tender can also be seen in the said website. | | |

Sd./- Collector & Chairperson
DMF, Sundargarh

ଧରିତ୍ରୀ
DHARITRI
ଗୁରୁବାର, ୩୧ ଜାନୁୟାରୀ, ୨୦୧୯



❝ ଭାରତ ବିପକ୍ଷ ଦିନିକିଆ ସିରିଜରେ ଆମ ବୋଲରମାନେ ମ୍ୟାଚ୍ ମଧ୍ୟଭାଗରେ ଉଇକେଟ୍ ଅକ୍ତିଆର କରିବାରେ ବିଫଳ ହେଲେ, ଯାହା ଆମକୁ ମହଙ୍ଗା ପଡ଼ିଲା ।
– ମିଚେଲ ସାଣ୍ଟନର, ନ୍ୟୁଜିଲାଣ୍ଡ ସ୍ପିନର



❝ ବିରାଟ ଓ ରୋହିତ୍ ଯେଉଁଭଳି ଉଚ୍ଚସ୍ତରୀୟ ଫିଟ୍‌ନେସ ବଜାୟ ରଖିଛନ୍ତି ଆମେ ସେହିଭଳି ଫିଟ୍ ରହିବାକୁ ଚାହୁଁ ।
– ଶୁବମନ ଗିଲ୍, ଯୁବ ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ଭାରତର ଲଗାତର ୨ୟ ବିଜୟ

ଜାକର୍ତ୍ତା, ୩୦।୧(ପି.ଟି.)- ଇଣ୍ଡୋନେସିଆ ଗସ୍ତରେ ଥିବା ଭାରତୀୟ ମହିଳା ଫୁଟ୍‌ବଲ ଟିମ୍ ଲଗାତର ୨ୟ ବିଜୟ ହାସଲ କରିଛି। ବୁଧବାର ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ଭାରତ ୨-୦ ଗୋଲରେ ଜିତିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭାରତ ପକ୍ଷରୁ ସଞ୍ଜୁ ପ୍ରଥମ ଗୋଲସ୍କୋର କରିଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍ ସମାପ୍ତ ହେବାର ଠିକ୍ ପୂର୍ବରୁ ଡାନ୍‌ଗମେଇ ଗ୍ରେସ୍ ଆଉ ଏକ ଗୋଲ କରି ଭାରତକୁ ୨-୦ ଗୋଲରେ ବିଜୟୀ କରାଇଥିଲେ। ଏଥିପୂର୍ବରୁ ରବିବାର ଖେଳାଯାଇଥିବା ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲାକୁ ଭାରତ ୩-୦ ଗୋଲରେ ବିଜୟୀ ହୋଇଥିଲା।

### ନ୍ୟୁଜିଲାଣ୍ଡ ଟି୨୦ ଦଳ ଘୋଷିତ

ଅକ୍‌ଲାଣ୍ଡ,୩୦।୧: ଭାରତୀୟ ଦଳ ବିପକ୍ଷ ଆଗାମୀ ଟି୨୦ ସିରିଜ୍ ଲାଗି ନ୍ୟୁଜିଲାଣ୍ଡ ଦଳ ବୁଧବାର ଘୋଷଣା ହୋଇଛି। ଏହି ଦଳରେ ଦୁଇ ନୂଆ ମୁହଁ ସ୍ଥାନ ପାଇଛନ୍ତି। ବ୍ୟାଟିଂ ଅଲ୍‌ରାଉଣ୍ଡର ଡାର୍ଲି ମିଚେଲ ଓ ପେସର ବ୍ଲେୟର ଟିକନରଙ୍କୁ ପ୍ରଥମ ଥର ପାଇଁ ଜାତୀୟ ଦଳରେ ସ୍ଥାନ ମିଳିଛି। ମିଚେଲଙ୍କୁ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଲାଗି ଦଳରେ ରଖାଯାଇଥିବାବେଳେ ଟିକନର କେବଳ ଅନ୍ତିମ ମୁକାବିଲାରେ ଲୋକି ଫର୍ଗୁସନଙ୍କ ସ୍ଥାନ ନେବେ। କେନ୍ ୱିଲିୟମସନ ଦଳର ନେତୃତ୍ୱ ନେବେ। **ନ୍ୟୁଜିଲାଣ୍ଡ ଟି୨୦ ଦଳ:** କେନ୍ ୱିଲିୟମସନ(ଅଧିନାୟକ), କଲିନ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ (ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍ ପାଇଁ), ମାର୍ଟିନ ଗୁପ୍‌ଟିଲ, ସ୍କଟ୍ କୁଗଲେଜିନ, ଡାର୍ଲି ମିଚେଲ, କଲିନ ମୁନ୍‌ରୋ, ମିଚେଲ ସାଣ୍ଟନର, ଟିମ୍ ସେଫର୍ଟ (ଉଇକେଟକିପର), ଇଶ ସୋଧି, ଟିମ୍ ସୌଦି, ରସ୍ ଟେଲର, ବ୍ଲେୟର ଟିକନର (୩ୟ ମ୍ୟାଚ୍ ଲାଗି)।

### ଭାରତ ଏ' ଦଳରେ ରାହୁଲ

ମୁମ୍ବାଇ,୩୦।୧: ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲଙ୍କୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦିନିକିଆ ସିରିଜ୍‌ର ମଧ୍ୟରେ ସୁଯୋଗ ଦିଆଯିବା ପରେ ତାଙ୍କୁ ୪ ଦିନିଆ ଦଳରେ ମଧ ସାମିଲ କରାଯାଇଛି। ୧୩ ତାରିଖରୁ ଖେଳାଯିବାକୁ ଥିବା ୪ ଦିନିଆ ମ୍ୟାଚ୍ ଲାଗି ଘୋଷିତ ଭାରତ ଏ' ଦଳରେ ରାହୁଲଙ୍କୁ ସ୍ଥାନ ଦିଆଯାଇଛି। ଅଙ୍କିତ ବାୱ୍ନେଙ୍କ ଘୋଷିତ ୧୪ ଜଣିଆ ଦଳର ନେତୃତ୍ୱ ନେବେ। ପ୍ରିୟଙ୍କ ପାଞ୍ଚଲ ଓ ଅଭିମନ୍ୟୁ ଈଶ୍ୱରନ ଦଳରେ ବ୍ୟାଟ୍ସମ୍ୟାନ ଭାବେ ସ୍ଥାନ ପାଇଛନ୍ତି। ଆନ୍ଧ୍ର ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକାର ଭରତ ଓ ଅଲରାଉଣ୍ଡର ଜଲଜ ସକ୍ସେନାଙ୍କୁ ଦଳରେ ସାମିଲ କରାଯାଇଛି। ଦଳରେ ସ୍ପିନର ଭାବେ ମୟଙ୍କ ମାର୍କଣ୍ଡେ ଓ ଶାହାବାଜ ନଦିମ ସ୍ଥାନ ପାଇଥିବାବେଳେ ଦ୍ରୁତ ବୋଲରଙ୍କ ବିଭାଗ ନବଦୀପ ସାଇନି, ଶାର୍ଦ୍ଦୁଳ ଠାକୁର, ଅଭେଷ ଖାଁ ଓ ବରୁନ ଆରୋନ ଦଳରେ ରହିଛନ୍ତି।
**ଭାରତୀୟ ଏ' ଦଳ:** ଅଙ୍କିତ ବାୱ୍ନେ (ଅଧିନାୟକ), ଲୋକେଶ ରାହୁଲ, ପ୍ରିୟଙ୍କ ପାଞ୍ଚଲ, ରିକି ଭୁଇ, ସିଦ୍ଧେଶ ଲାଡ, କେ. ଏସ୍. ଭରତ (ଉଇକେଟକିପର), ଜଲଜ ସକ୍ସେନା, ଶାହବାଜ ନଦୀମ, ମୟଙ୍କ ମାର୍କଣ୍ଡେ, ନବଦୀପ ସାଇନି, ଶାର୍ଦ୍ଦୁଳ ଠାକୁର ଓ ଅଭେଶ ଖାଁ ଓ ବରୁନ ଆରୋନ।

# ରୋହିତଙ୍କ ଉପରେ ନଜର

ହାମିଲଟନ, ୩୦।୧(ପି.ଟି.)

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଗୁରୁବାର ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଚତୁର୍ଥ ଦିନିକିଆ ମ୍ୟାଚ୍ ଖେଳାଯିବ। ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ଫଳରେ ୨୦୦ତମ ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଥିବା କାମଚଳା ଅଧିନାୟକ ରୋହିତ ଶର୍ମାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୩-୦ରେ ଅଗ୍ରଣୀ ହେବା ସହ ଭାରତ ଆଗୁଆ ସିରିଜ୍ ହାତେଇ ନେଇଛି। ଫଳରେ ରୋହିତ୍‌ଙ୍କ ନେତୃତ୍ୱରେ ଭାରତ ଏହି ବିଜୟଧାରା ବଜାୟ ଲକ୍ଷ୍ୟରେ ରହିଛି। କାମଚଳା ଅଧିନାୟକ ଭାବେ ରୋହିତଙ୍କ ରେକର୍ଡ ଜବରଦସ୍ତ ରହିଛି। ଦିନିକିଆ ଫର୍ମାଟରେ ୩ଟି ଦ୍ୱିଶତକ ହାସଲ କରିଥିବା ରୋହିତ୍ ସେଡନ୍ ପାର୍କର ଏହି ବ୍ୟାଟିଂ ଫ୍ରେଣ୍ଡଲି ଉଇକେଟ ପୁଣି କମାଲ କରିବେ ବୋଲି ଆଶା କରାଯାଉଛି। ୪-୦ରେ ଅଗ୍ରଣୀ ହେଲେ ଭାରତ ସବୁ ଫର୍ମାଟ ଦୃଷ୍ଟିକୋଣରୁ ୫୨ ବର୍ଷ ମଧ୍ୟରେ ସର୍ବବୃହତ୍ ସିରିଜ ବିଜୟ ହାସଲ କରିବ। ୧୯୭୬ରେ ନ୍ୟୁଜିଲାଣ୍ଡ ଗସ୍ତ କରିବା ପରଠାରୁ ଭାରତ ପାଇଁ ଏହା ସର୍ବବୃହତ୍ ସିରିଜ ବିଜୟ ସାବ୍ୟସ୍ତ ହେବ।

ସିରିଜର ବାକି ଦୁଇଟି ମ୍ୟାଚ୍‌ରେ ଭାରତ ତା'ର ବେଞ୍ଚ୍ ଷ୍ଟ୍ରେନ୍ଥକୁ ପରୀକ୍ଷା କରିବ। ଯୁବ ଖେଳାଳିମାନେ ମ୍ୟାଚ୍‌ର ଭିନ୍ନ ଭିନ୍ନ ସ୍ଥିତି ଅନୁଭବ କରିବା ସହ ଅଭିଜ୍ଞତା ହାସଲ କରିବେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଆଘାତ ସମସ୍ୟା ସେତେଟା ଗୁରୁତର ନୁହଁ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ତାଙ୍କ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ନେଇ ସେତେଟା ବ୍ୟସ୍ତ ହେବାର ନାହିଁ। ତେବେ ଗୁରୁବାର ଟସ୍ ପଡିବା ପୂର୍ବରୁ ସେ ଖେଳିବେ କି ନା ତାହା ଜଣାପଡିବ। ଧୋନୀ ଖେଳିଲେ ଦଳୀୟ ସଂଯୋଜନାରେ କୌଣସି ପରିବର୍ତ୍ତନ ହେବ ନାହିଁ। କାରଣ ସେ କୋହଲିଙ୍କ ସ୍ଥାନରେ ଖେଳିବେ। କୋହଲିଙ୍କୁ ଦୁଇଟି ଦିନିକିଆରୁ ବିଶ୍ରାମ ଦିଆଯାଇଛି। ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଶୁବମନ ଗିଲ ଏହି ମ୍ୟାଚ୍‌ରେ ପଦାର୍ପଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୧୯ ବର୍ଷୀୟ ଶୁବମନ କୋହଲିଙ୍କ ଭଳି ଶଟ୍ ଖେଳୁଥିବା କୁହାଯାଉଛି। ୧୯ ବର୍ଷରେ ଶୁବମନଙ୍କର ମୁଁ ୧୦ ପ୍ରତିଶତ ଖେଳୁ ନ ଥିଲି ବୋଲି କୋହଲି ଭାରତର ସିରିଜ ବିଜୟ ପରେ କହିଥିଲେ। ଫଳରେ ଏହି ଯୁବ ବ୍ୟାଟ୍ସମ୍ୟାନଙ୍କୁ ନେଇ ପ୍ରଶଂସକଙ୍କ ଉତ୍ସୁକତା ବଢିବାରେ ଲାଗିଛି। କୋଚ୍ ରବି ଶାସ୍ତ୍ରୀ ଓ ରୋହିତ ଶୁବମନଙ୍କୁ ୪ ନମ୍ବରରେ ବ୍ୟାଟିଂ କରିବାକୁ ସୁଯୋଗ ଦେଇପାରନ୍ତି। ଯଦିଓ ଏହି କ୍ରମରେ ଅମ୍ବାତି ରାୟୁଡୁ ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ଯଦି ଧୋନୀ ଓ ଗିଲ୍ ଖେଳନ୍ତି ତେବେ ଦୀନେଶ କାର୍ତ୍ତିକଙ୍କୁ ବିଶ୍ରାମ ଦିଆଯାଇ ପାରେ।

ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ଭାରତୀୟ ବୋଲିଂ ବିଭାଗକୁ ଦୃଢ କରିଛନ୍ତି। ୩ଟି ମ୍ୟାଚ୍‌ରୁ କୁଲଦୀପ ୮ ଓ ଚହଲ ୬ଟି ଉଇକେଟ ହାସଲ କରିଛନ୍ତି। ଦୁଇ ବୋଲର ମୋଟ ଉପରେ ୧୪ଟି ଉଇକେଟ ହାସଲ କରିଛନ୍ତି। କ୍ରମାଗତ ଭାବେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ତାରକା ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଇପାରେ। ସେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜଠାରୁ କ୍ରମାଗତ ଭାବେ ଖେଳି ଆସୁଛନ୍ତି। ସାମିଙ୍କୁ ବିଶ୍ରାମ ଦିଆଗଲେ ଖଲିଲ ଅହମ୍ମଦ କିମ୍ବା ମହମ୍ମଦ ସିରାଜଙ୍କୁ ପୁଣି ସୁଯୋଗ ମିଳିପାରେ। ଫଳରେ ବିଶ୍ୱକପ୍ ପାଇଁ ଜଣେ ରିଜର୍ଭ ପେସ୍ ବୋଲରଙ୍କର ଚୟନ ହୋଇପାରିବ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ସମସ୍ୟାରେ ରହିଛି। ଅଧିନାୟକ କେନ୍ ୱିଲିୟମସନ ଏକଥା ସ୍ୱୀକାର କରିଛନ୍ତି। ଭାରତ ଆମକୁ ସବୁ ବିଭାଗରେ ପରାସ୍ତ କରିଛି ବୋଲି ସେ କହିଛନ୍ତି। କୁଲଦୀପ ଓ ଚହଲଙ୍କୁ ସମ୍ମୁଖୀନ ହେବାରେ ଘରୋଇ ବ୍ୟାଟ୍ସମ୍ୟାନ ବିଫଳ ହୋଇଛନ୍ତି। ୱିଲିୟମସନ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର ହାସଲ କରିପାରି ନାହାନ୍ତି। ସେ ଏପର୍ଯନ୍ତ ୩ଟି ମ୍ୟାଚ୍‌ରୁ ୬୪, ୨୦ ଓ ୨୮ ରନ ସଂଗ୍ରହ କରିଛନ୍ତି। ମାର୍ଟିନ ଗୁପ୍ଟିଲ ବେଶ୍ ବିପଜ୍ଜନକ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସଫଳ ହୋଇ ପାରିନାହାନ୍ତି। ଟମ୍ ଲାଥମ ଓ ରସ ଟେଲର ବେଳେ ବେଳେ ଭଲ ପ୍ରଦର୍ଶନ କରିଛନ୍ତି।

**ଆଜି ଚତୁର୍ଥ ଦିନିକିଆ**
- ସମୟ: ସକାଳ ୭.୩୦
- ସ୍ଥାନ: ହାମିଲଟନ
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଯୁବ ଖେଳାଳିଙ୍କ ପାଇଁ ସୁଯୋଗ

ମହିନ୍ଦର ଅମରନାଥ

ଅଷ୍ଟ୍ରେଲିଆକୁ ହରାଇବା ଭାରତୀୟ କ୍ରିକେଟ ଦଳ ପାଇଁ ଏକ ବଡ଼ ଉପଲବ୍ଧି ଥିଲା। କିନ୍ତୁ ଘରୋଇ ନ୍ୟୁଜିଲାଣ୍ଡକୁ ହରାଇବା ଆହୁରି ଏକ ବଡ଼ ସଫଳତା ବୋଲି ମୁଁ ଭାବୁଛି। କାରଣ ୨୦୦୯ ପରଠାରୁ ଭାରତ ନ୍ୟୁଜିଲାଣ୍ଡ ମାଟିରେ ଗୋଟିଏ ହେଲେ ବି ଦିନିକିଆ ମ୍ୟାଚ୍ ଜିତିପାରି ନଥିଲା। ବିରାଟ କୋହଲି ପୁଣି ଥରେ ଅଧିନାୟକ ଭାବେ ଦଳକୁ ନିଜ ନେତୃତ୍ୱ ଓ ପ୍ରଦର୍ଶନ ବଳରେ ଜିତାଇବାରେ ସକ୍ଷମ ହୋଇଛନ୍ତି।

ଟିମ୍ ଇଣ୍ଡିଆର କମ୍ବିନେଶନ ଅତ୍ୟନ୍ତ ଚମତ୍କାର। ବିଶ୍ୱ କ୍ରିକେଟରରେ, ଭାରତ ନିକଟରେ ବୋଲରଙ୍କୁ ନେଇ ବିବିଧତା ରହିଛି। ବିଭିନ୍ନ ଦଳ ଓ ଭିନ୍ନ ଭିନ୍ନ ପରିସ୍ଥିତିରେ ଭାରତ ଏହି ବୋଲରମାନଙ୍କୁ ବ୍ୟବହାର କରିପାରିବ। ଭାରତୀୟ ବୋଲିଂ ଲାଇନ୍‌କୁ ସୁଦୃଢ଼ କରିଛନ୍ତି ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ। ଏହି ଦୁଇ ସ୍ପିନରଙ୍କ ବୋଲିଂ ଶୈଳୀ ଭିନ୍ନ ପ୍ରକାର ହୋଇଥିବାର ଦଳ ଏହାର ଫାଇଦା ଉଠାଇପାରୁଛି। ବର୍ତ୍ତମାନ ଏହି ଦୁଇଜଣଙ୍କ ଭଳି ସ୍ପିନର ବିଶ୍ୱରେ କେଉଁଠାରେ ମିଳିବେ ନାହିଁ। ଏହା ଭାରତ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି।

ବର୍ତ୍ତମାନ ଭାତରୀୟ ଦଳ ଅତ୍ୟନ୍ତ ସୁଦୃଢ଼ ମନେହେଉଛି। ୮୦ ଓ ୯୦ ଦଶକର ୱେଷ୍ଟଇଣ୍ଡିଜ ଦଳ ଭଳି ଭାରତ ଏବେ ପୂରା ଆତ୍ମବିଶ୍ୱାସର ସହ ଖେଳୁଛି। ଏବେ ଭାରତକୁ ନେଇ ବିଶ୍ୱର ଅନ୍ୟ ଦଳଗୁଡିକ ବେଶ୍ ଚିନ୍ତିତ ରହୁଛନ୍ତି। ମୋଟାମୋଟି ଉପରେ ଆଗାମୀ ବିଶ୍ୱକପ୍ ପାଇଁ ଭାରତର ପ୍ରସ୍ତୁତି ଅତ୍ୟନ୍ତ ସୁନ୍ଦର ବୋଲି କୁହାଯାଇପାରେ। କେତେଜଣ ଖେଳାଳିଙ୍କୁ ନେଇ ଭାରତ ପରୀକ୍ଷା ନିରୀକ୍ଷା କରିଛି ଓ ସେମାନେ ସଫଳ ହୋଇଛନ୍ତି। ତେଣୁ ବିଶ୍ୱକପ୍ ପାଇଁ ଦଳ ଚୟନ କରିବା ବେଳେ ଚୟନକର୍ତ୍ତାମାନେ ନିଶ୍ଚିତ ଭାବେ ସମସ୍ୟାରେ ପଡିବେ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜ ପରେ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ କେତୋଟି ମାସ ରହିବ। ପୁଣି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ମଧ୍ୟ ଖେଳାଯିବ। ତେବେ ବିଶ୍ୱକପ୍ ଦଳ ଚୟନ ବେଳେ ଆଇପିଏଲ୍ ପ୍ରଦର୍ଶନକୁ ମାପକାଠି ରୂପେ ବ୍ୟବହାର କରାଯିବା ଠିକ୍ ହେବ ନାହିଁ। ଆନ୍ତର୍ଜାତିକ କ୍ରିକେଟରେ ପ୍ରଦର୍ଶନକୁ ଭିତ୍ତିକରି ବିଶ୍ୱକପ ଦଳ ଚୟନ କରାଯିବା ଉଚିତ୍ ହେବ।

ଚଳିତ ସିରିଜର ଅନ୍ତିମ ଦୁଇଟି ଦିନିକିଆ ଓ ଟି୨୦ ସିରିଜରୁ କୋହଲିଙ୍କୁ ବିଶ୍ରାମ ଦେବା ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ଓ ଏହା ନିଶ୍ଚିତ ଭାବେ ଏକ ଚତୁର ନିଷ୍ପତ୍ତି। କୋହଲି ଗତକେତେ ମାସ ହେବ ସବୁ ଫର୍ମାଟରେ ଖେଳିଆସୁଛନ୍ତି। ପୁଣି ତାଙ୍କ ଅନୁପସ୍ଥିତିରେ ଅନ୍ୟ ଯୁବ ଖେଳାଳିମାନଙ୍କ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି ହୋଇ ପାରିବ। କୋହଲିଙ୍କ ଅନୁପସ୍ଥିତିରେ ଭାରତ ସିରିଜ୍‌ରେ କ୍ଲିନ୍ ସୁଇପ୍ କରିପାରିବ ନାହିଁ ବୋଲି ଘରୋଇ ଦଳ ଚିନ୍ତା କରୁଥିବ। ତେବେ ଭାରତ ସିରିଜ ଜିତିସାରିଛି। ଅତିକମ୍‌ରେ ଭାରତ ୩-୨ରେ ସିରିଜ ଜିତିବା ଏକ ପ୍ରକାର ନିଶ୍ଚିତ ହୋଇ ସାରିଛି। (ଗେମ୍ ପ୍ଲାନ୍)






ଫ୍ରାନ୍ସ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ମନୋନୀତ ଭାରତୀୟ ଜୁନିୟର ମହିଳା ହକି ଦଳ।

# ଭାରତୀୟ ଦଳରେ ଓଡ଼ିଶାର ୪

**ଜୁନିୟର ମହିଳା ହକି**

ଭୁବନେଶ୍ୱର, ୩୦।୧(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ଜୁନିୟର ମହିଳା ହକି ଦଳ ଫ୍ରାନ୍ସ ବିପକ୍ଷରେ ଫେବୃୟାରୀ ୮ରୁ ୧୩ ପର୍ଯ୍ୟନ୍ତ ୪ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ମ୍ୟାଚ ଗୁଡ଼ିକ ଉତ୍ତର ପ୍ରଦେଶର ଲକ୍ଷ୍ନୌ ଓ ଗୋରଖପୁରଠାରେ ଖେଳାଯିବ। ଏହି ସିରିଜ ପାଇଁ ବୁଧବାର ଘୋଷିତ ଭାରତୀୟ ଦଳରେ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଫିଲିସିଆ ଟପ୍ପୋ, ମିଡ୍‌ଫିଲ୍ଡର ମାରିଆନା କୁଜୁର, ଫରୱାର୍ଡ ଜିୱନ କିଶୋରୀ ଟପ୍ପୋ ଏବଂ ଆଜମିନା କୁଜୁର।
ହକି ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଖେଳାଳି ତାଲିକା ଅନୁସାରେ ସାଲିମା ଟେଟେ ଭାରତୀୟ ଦଳର ନେତୃତ୍ୱ ନେବେ ଏବଂ ଲାଲରେମସିଆମି ଉପଅଧିନାୟିକା ଦାୟିତ୍ୱ ତୁଲାଇବେ। ସିରିଜର ପ୍ରଥମ ୨ଟି ମ୍ୟାଚ ଫେବୃୟାରୀ ୮ ଓ ୯ ତାରିଖରେ ଲକ୍ଷ୍ନୌରେ ଖେଳାଯିବ। ତୃତୀୟ ମ୍ୟାଚ ୧୧ରେ ଗୋରଖପୁରରେ ଏବଂ ୪ର୍ଥ ମ୍ୟାଚ ୧୩ ତାରିଖରେ ଲକ୍ଷ୍ନୌରେ ଅନୁଷ୍ଠିତ ହେବ। "ଫ୍ରାନ୍ସ ବିପକ୍ଷ ମ୍ୟାଚ ଗୁଡ଼ିକ ଆମ ଖେଳାଳିଙ୍କୁ ଫିଟ୍ ରଖିବାରେ ସହାୟକ ହେବ ଏବଂ ବିଭିନ୍ନ ସ୍ଥାନରେ ଖେଳିବାର ଅଭିଜ୍ଞତା ଆଣିବ। ଆଗକୁ ମହିଳା ଜୁନିୟର ଏସିଆ କପ୍ ଆସୁଥିବାରୁ ଏହି ସିରିଜ ଖେଳି ଖେଳାଳିମାନେ ଆଗାମୀ ଦିନରେ ଆସୁଥିବା ବଡ଼ ଚ୍ୟାଲେଞ୍ଜ ପାଇଁ ନିଜକୁ ପ୍ରସ୍ତୁତ କରି ପାରିବେ ବୋଲି କୋଚ୍ ବଳଜୀତ ସିଂ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**
ଗୋଲକିପର: ବିଚୁ ଦେବୀ ଖାରିବାମ୍, ଖୁସ୍‌ବୁ। ଡିଫେଣ୍ଡର: ଫିଲିସିଆ ଟପ୍ପୋ, ଗଗନଦୀପ କୌର, ସାଲିମା ଟେଟେ(ଅଧିନାୟିକା), ପ୍ରିୟଙ୍କା, ସୁମଦ ଦେବୀ ଥୁଡବାମ୍, ଈଶିକା ଚୌଧାରୀ। ମିଡ୍‌ଫିଲ୍ଡର: ମହିମା ଚୌଧାରୀ, ପ୍ରଭଲେନ କୌର, ମାରିଆନା କୁଜୁର, ରୀତ୍, ବଳଜୀତ କୌର, ପ୍ରୀତି। ଫରୱାର୍ଡ: ଲାଲରେମସିଆମି, ଶର୍ମିଳା ଦେବୀ, ମୁମତାଜ ଖାଁ, ଜିୱନ କିଶୋରୀ ଟପ୍ପୋ, ଆଜମିନା କୁଜୁର, ଜ୍ୟୋତି।

# ଆଇ-ଲିଗ୍ ଫୁଟବଲ ଆରୋଜ୍-ନେରୋକା ମ୍ୟାଚ ଶୁକ୍ରବାର

ଭୁବନେଶ୍ୱର, ୩୦।୧(କ୍ରୀଡ଼ା ପ୍ରତିନିଧି)

ଚଳିତ ଆଇ ଲିଗ୍ ଫୁଟବଲର ଏକ ମ୍ୟାଚ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମକୁ ଘରୋଇ ପଡ଼ିଆଭାବେ ବ୍ୟବହାର କରୁଥିବା ଇଣ୍ଡିଆନ ଆରୋଜ ଏହି ମ୍ୟାଚରେ ନେରୋକା ଏଫସିକୁ ଭେଟିବ। ଏହି ମ୍ୟାଚ ପୂର୍ବରୁ ଗୁରୁବାର ନେରୋକା ଦଳ ଅପରାହ୍ନ ୨ଟା ଏବଂ ଆରୋଜ ଅପରାହ୍ନ ୪ଟାରେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିବ। ଏହାକୁ ମିଶାଇ ଇଣ୍ଡିଆନ ଆରୋଜ କ୍ରମାଗତ ୪ଟି ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳିବା କାର୍ଯ୍ୟକ୍ରମ ରହିଛି। ଦଳ ୫ ତାରିଖରେ ମିନର୍ଭା ପଞ୍ଜାବ, ୮ରେ ଚେନ୍ନାଇ ସିଟି ଏବଂ ୨୪ରେ ରିୟଲ କଶ୍ମୀର ସହିତ ଖେଳିବ। ସମସ୍ତ ମ୍ୟାଚ ଅପରାହ୍ନ ୨ଟାରେ ଖେଳାଯିବ। ବୁଧବାର ସୁଦ୍ଧା ଇଣ୍ଡିଆନ ଆରୋଜ ୧୪ଟି ମ୍ୟାଚ ଖେଳି ୪ ବିଜୟ, ୧ ଡ୍ର, ୯ ପରାଜୟ ସହ ୧୩ ପଏଣ୍ଟ ପାଇ ଟେବୁଲର ୮ମ ସ୍ଥାନରେ ରହିଛି। ଦଳ ୯ଟି ଗୋଲ ଦେଇଥିବାବେଳେ ୧୮ ଗୋଲ ବରଣ କରିଛି। ତେଣୁ ଗୋଲ ସ୍କୋରିଂରେ ଦଳ ଦୁର୍ବଳ ରହିଥିବା ପରିସଂଖ୍ୟାନରୁ ଜଣା ପଡୁଛି। ଅନ୍ୟପକ୍ଷରେ ନେରୋକା ୧୪ଟି ମ୍ୟାଚ ଖେଳି ୬ ବିଜୟ, ୪ ଡ୍ର ଏବଂ ୪ ପରାଜୟ ସହିତ ୨୨ ପଏଣ୍ଟ ପାଇ ୫ମ ସ୍ଥାନ ଅଧିକାର କରିଛି। ଦଳ ୧୭ ଗୋଲ ଦେଇଥିବାବେଳେ ୧୩ ଗୋଲ ବରଣ କରିଛି। ତେଣୁ ନେରୋକାକୁ ଟକ୍କର ଦେବାକୁ ହେଲେ ଇଣ୍ଡିଆନ ଆରୋଜକୁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ପଡ଼ିବ। ଚେନ୍ନାଇ ସିଟି ୩୦, ଚର୍ଚ୍ଚିଲ ବ୍ରଦର୍ସ ୨୮ ଓ ରିୟଲ କଶ୍ମୀର ୨୮ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷ ୩ ସ୍ଥାନ ଅଧିକାର କରିଛନ୍ତି।

# ଟପ୍ସରେ ସାମିଲ ହେଲେ ଓଡ଼ିଆ ପାରା ଆଥ୍‌ଲେଟ୍ ଜୟନ୍ତୀ

ନୂଆଦିଲ୍ଲୀ, ୩୦।୧(ପି.ଟି.)

ପାରା-କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ଯାଇ ବୁଧବାର ୧୨ଜଣ ପାରା ଆଥ୍‌ଲେଟ୍‌ଙ୍କୁ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ରେ ସାମିଲ କରାଯାଇଛି। ଯେଉଁଥିରେ ଦୁଇଥର ଏସିଆନ୍ ସ୍ୱର୍ଣ୍ଣ ପଦକ ବିଜୟୀ ହାଇଜମ୍ପର ଶରଦ କୁମାର ରହିଛନ୍ତି। ସେହିଭଳି ଓଡ଼ିଶା (ସାକ୍ଷୀଗୋପାଳ)ର ଟ୍ରାକ୍ ଆଣ୍ଡ ଫିଲ୍ଡ ପାରା ଆଥ୍‌ଲେଟ୍ ଜୟନ୍ତୀ ବେହେରା ମଧ୍ୟ ଏହି ୧୨ଜଣିଆ ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ପାରା-ଆଥ୍‌ଲେଟିକ୍ସ, ପାରା-ଶୁଟିଂ, ପାରା-ସୁଇମିଂ ଓ ପାରା-ପାୱାରଲିଫ୍ଟିଙ୍ଗ ୪ଟି କ୍ରୀଡ଼ା ବିଭାଗର ସମୀକ୍ଷା କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୦ ଟୋକିଓ ଅଲିମ୍ପିକକୁ ଲକ୍ଷ୍ୟରେ ରଖି ଏହି ଆଥ୍‌ଲେଟ୍‌ମାନଙ୍କୁ ଟପ୍ସ ପାଇଁ ଚୟନ କରାଯାଇଛି ବୋଲି ସାଇ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ବର୍ତ୍ତମାନର ବିଶ୍ୱ ର୍ୟାଙ୍କିଙ୍ଗ୍ ଓ ନିକଟ ଅତୀତର ପ୍ରଦର୍ଶନକୁ ଲକ୍ଷ୍ୟ ରଖି ପାରା-ଆଥ୍‌ଲେଟ୍‌ମାନଙ୍କୁ ଚୟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଟପ୍ସରେ ସାମିଲ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ଅଲିମ୍ପିକ ପୂର୍ବ ପ୍ରସ୍ତୁତି ପାଇଁ ଆର୍ଥିକ ସହୟତା ପ୍ରଦାନ କରାଯାଇଥାଏ।
**ଟପ୍ସରେ ସାମିଲ ହୋଇଥିବା ୧୨ ପାରା-କ୍ରୀଡ଼ାବିତ୍:** ଶରଦ କୁମାର (ପୁରୁଷ ହାଇଜମ୍ପ), ବରୁଣ ଭଟି (ପୁରୁଷ ହାଇଜମ୍ପ), ସନ୍ଦୀପ ଚୌଧାରୀ, ସୁମିତ୍, ସୁନ୍ଦର ସିଂ ଗୁରଜାର, ରିଙ୍କୁ (ସମସ୍ତେ ପୁରୁଷ ଜାଭେଲିନ୍ ଥ୍ରୋ), ଅମିତ୍ ସରୋହା (ପୁରୁଷ କ୍ଲବ ଥ୍ରୋ), ବୀରେନ୍ଦର (ପୁରୁଷ ଶଟ୍‌ପୁଟ୍), ଜୟନ୍ତୀ ବେହେରା (ମହିଳା ୪୦୦ ମିଟର), ମନିଷ ନରୱାଲ, ସିଂହରାଜ (ଉଭୟ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଓ ୫୦ ମିଟର ମିକ୍ସଡ୍ ପିସ୍ତଲ), ଦୀପେନ୍ଦର (ପୁରୁଷ ୧୦ ମିଟର ପିସ୍ତଲ)।

# ନାଗପୁର କରିମ ସ୍ପୋର୍ଟ୍ସ ବିଜୟୀ

**ସର୍ବଭାରତୀୟ ଲାଲମଣି କ୍ରିକେଟ**

ସୋନପୁର,୩୦।୧(ନି.ପ୍ର.)

ସ୍ଥାନୀୟ ଗାନ୍ଧୀ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଲାଲମନି କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ କରିମ ସ୍ପୋର୍ଟ୍ସ ନାଗପୁର ୮ ଉଇକେଟ୍‌ରେ ବିଜୟ ଲାଭ କରିଛି। ଟୁର୍ନାମେଣ୍ଟର ପଞ୍ଚମ ଦିବସରେ କରିମ ସ୍ପୋର୍ଟ୍ସ (ନାଗପୁର) ଓ ହଲଦ୍ୱାନୀ କ୍ରିକେଟର୍ସ (ଉତ୍ତରାଖଣ୍ଡ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉତ୍ତରାଖଣ୍ଡ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬.୪ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ୍ କରିବାକୁ ସମର୍ଥ ହୋଇଥିଲା। ପ୍ରଭାକର ନୈନୱାଲା ୧୮ ବଲରୁ ସର୍ବାଧିକ ୨୬ ରନ କରିଥିଲେ। କରିମ ସ୍ପୋର୍ଟ୍ସ ପକ୍ଷରୁ କାର୍ତ୍ତିକ ନାଇଡୁ ଚମତ୍କାର ବୋଲିଂ କରି ଏକ ହ୍ୟାଟ୍ରିକ୍ ସହ ମାତ୍ର ୮ ରନ୍‌ରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ୮୧ ରନ୍‌ର ବିଜୟ ଲକ୍ଷ୍ୟକୁ କରିମ ସ୍ପୋର୍ଟ୍ସ ଦଳ ୮.୧ ଓଭରରେ ୩ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ରବିନ ସିଂ ୧୭ ବଲରୁ ୩୮ ଓ ବୈଭବ ଚାନ୍ଦେକର ୧୯ ବଲରୁ ୨୯ ରନ୍ ସଂଗ୍ରହ କରିଥିଲେ। ହଲଦ୍ୱାନୀ କ୍ରିକେଟର୍ସ ପକ୍ଷରୁ ପୃଥ୍ୱୀ ଗାଇରା ଓ ଦେବେନ୍ଦ୍ର କୁଅଁର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଟି୧୦ ମ୍ୟାଚ୍‌ରେ ହଲଦ୍ୱାନୀ କ୍ରିକେଟର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୦୧ ରନ୍ କରିଥିଲା। ଦଳ ପକ୍ଷରୁ ଦେବେନ୍ଦ୍ର କୁଅଁର ୨୨ ବଲରୁ ୪୭ ଓ ସୌରଭ ରାୱତ ୧୫ ବଲରୁ ୨୯ ରନ୍ ସଂଗ୍ରହ କରିଥିଲେ। କରିମ ସ୍ପୋର୍ଟ୍ସ ପକ୍ଷରୁ ବୈଭବ ଚାନ୍ଦେକର ୨ଟି ଓ ଆଶୁତୋଷ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଟି୨୦ ମ୍ୟାଚ୍‌ରେ କରିମ ସ୍ପୋର୍ଟ୍ସ ବୋନସ ୯ ପଏଣ୍ଟ ପାଇଥିବାରୁ ଦଳର ଇନିଂସ ୯ ରନରୁ ଆରମ୍ଭ ହୋଇଥିଲା ଓ ବିଜୟ ଲକ୍ଷ୍ୟକୁ କରିମ ସ୍ପୋର୍ଟ୍ସ ୬ ଓଭରରେ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଦଳ ପକ୍ଷରୁ ରବିନ ସିଂହ ୧୨ ବଲରୁ ଧୂଆଁଧାର ୩୫, ବୈଭବ ଲାଣ୍ଡେ ୧୨ ବଲରୁ ୨୧ ଓ ବୈଭବ ଚୌକ୍‌ସି ୧୨ ବଲରୁ ଅପରାଜିତ ୨୯ ରନ୍ ସଂଗ୍ରହ କରିଥିଲେ। କରିମ ସ୍ପୋର୍ଟ୍ସର କାର୍ତ୍ତିକ ନାଇଡୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ରାଜେଶ ମଲ୍ଲିକ ଓ ରୂପେଶ ଅଗ୍ରୱାଲା। ମ୍ୟାଚ୍ ପରିଚାଳନା କରିଥିଲେ ସମୀର ପାଣିଗ୍ରାହୀ ଓ ସଚ୍ଚିଦାନନ୍ଦ ପଣ୍ଡା। ସ୍କୋରର ଥିଲେ ରାଜେଶ ଅଗ୍ରୱାଲା। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶନୀ ମିଶ୍ର, ଅଚ୍ୟୁତ ମିଶ୍ର ଓ ବି.ଏସ୍. ରାଓ। ଗୁରୁବାର କରିମ୍ ସ୍ପୋର୍ଟ୍ସ ନାଗପୁର ଓ ସେରସା ରେଲୱେ ଆଦ୍ରା(ପଶ୍ଚିମବଙ୍ଗ) ମଧ୍ୟରେ ମ୍ୟାଚ୍ ହେବ।




କରିମ୍ ସ୍ପୋର୍ଟ୍ସର କାର୍ତ୍ତିକ ନାଇଡୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

▪ ଆନ୍ତଃ ଜିଲା ବିମ୍ବାଧର ସାହୁ ମେମୋରିଆଲ କ୍ରିକେଟ

# ଭଦ୍ରକ ସୂର୍ଯ୍ୟଶିଖା ଫାଇନାଲରେ

ଭଣ୍ଡାରିପୋଖରୀ, ୩୦।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ଡାକ୍ତରଖାନା ଖେଳପଡ଼ିଆରେ ଚାଲିଥିବା ଆନ୍ତଃଜିଲା ବିମ୍ବାଧର ସାହୁ ମେମୋରିଆଲ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୟୁନିୟନ ସ୍ପୋର୍ଟିଂକୁ ହରାଇ ଭଦ୍ରକ ସୂର୍ଯ୍ୟଶିଖା କ୍ଲବ ଫାଇନାଲରେ ପ୍ରବେଶ କରିଛି। ୟୁନିୟନ ସ୍ପୋର୍ଟିଂ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଦଳ ତରଫରୁ ଅନୁରାଗ କନୋଜିଆ ୫୦ ରନ୍ ଓ ବିନାୟକ ସାହୁ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସଞ୍ଜୟ ଜେନା ଓ ଶୁଭମ୍ ନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୂର୍ଯ୍ୟଶିଖା ୨୩.୧ ଓଭରରେ ୬ ଉଇକେଟ ହରାଇ ୧୬୫ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭମ୍ ନାୟକ ୪୯ ରନ୍ କରି ନଟ୍‌ଆଉଟ, ସରୋଜ ବେହେରା ୪୦ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ସୂର୍ଯ୍ୟନାରାୟଣ ବିଶ୍ୱାଳ ଓ ଅମ୍ବିକା ପ୍ରସାଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଶୁଭମ୍ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ପଣ୍ଡା, ଶରତ ଚନ୍ଦ୍ର ଜେନା ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ସୂର୍ଯ୍ୟଦୀପ୍ତ ସ୍ୱାଇଁ ଓ ବୁବୁନ ସାହୁ ସ୍କୋରର, ସୂର୍ଯ୍ୟକାନ୍ତ ଭାରତୀ ରେଫରି ଥିଲେ। ନରେନ୍ଦ୍ର ଜେନା ଓ ଦୀପକ ମଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୧ ତାରିଖରେ ଭଣ୍ଡାରିପୋଖରୀ ପ୍ରେସ୍ କ୍ଲବ ଓ ମଞ୍ଜୁରିରୋଡ ଭେଟେରାନ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ।




ସୂର୍ଯ୍ୟଶିଖା ଟିମ୍‌ର ଶୁଭମ୍ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଜାତୀୟ ରାଜପଥରେ ମାଜିଷ୍ଟ୍ରେଟ୍‌ଙ୍କ ତନଖି
### ୬୮ ଗାଡ଼ିରୁ ୧୪ ହଜାର ୩୧୦ ଟଙ୍କା ଜରିମାନା ଆଦାୟ

**ଚଣ୍ଡିଖୋଲ,୩୦।୧(ଡି.ଏନ୍.ଏ.):** ୫ ନଂ.(କ) ଜାତୀୟ ରାଜପଥର କୁନ୍ଦଳ ଛକ ନିକଟରେ ଚଣ୍ଡିଖୋଲ କୋର୍ଟର ବିଚାରପତି ନେହା ଅଗ୍ରୱାଲ ବୁଧବାର ଗାଡ଼ି ତନଖି କରିଥିଲେ। ତନଖି ସମୟରେ ୬୮ଟି ଗାଡ଼ିରୁ ୧୪ହଜାର ୩୧୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ତେବେ ବିଭିନ୍ନ ସମୟରେ ପରିବହନ ବିଭାଗ, ପୋଲିସ, ଟ୍ରାଫିକ୍ ଆଦି ଜାତୀୟ ରାଜପଥରେ ତନଖି କରି ଜରିମାନା ଆଦାୟ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲା ବେଳେ ମାଜିଷ୍ଟ୍ରେଟ୍‌ଙ୍କ ତନଖିରେ କିଛି ଭିନ୍ନ ଦେଖିବାକୁ ମିଳିଥିଲା। କୁନ୍ଦଳ ଛକ ନିକଟରେ ତନଖି ସମୟରେ ଶ୍ରୀରାମପୁର ଟୋଲ୍ ପ୍ଲାଜା ନିକଟରୁ କୁନ୍ଦଳ ପର୍ଯ୍ୟନ୍ତ, ଅପର ପାର୍ଶ୍ୱରେ ଭାକୁଡ଼ ଛକ ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଠିଆ ହୋଇ ରହିବା ପରିବହନ ବିଭାଗର ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାତୀୟ ରାଜପଥ ଉପରେ ଯାଉଥିବା ଗାଡ଼ିଗୁଡ଼ିକର କାଗଜ ପତ୍ର ଠିକ୍ ନ ଥିବାରୁ ତନଖି ସ୍ଥାନକୁ ନ ଯାଇ ଦୂରରେ ରହିବା ସାଧାରଣରେ ଆଲୋଚନା ହୋଇଥିଲା। ଦୈନିକ ପରିବହନ ବିଭାଗ ତରଫରୁ ଯଦି ତନଖି କରାଯାଆନ୍ତା ତେବେ ଗାଡ଼ିଗୁଡ଼ିକ ବିନା କାଗଜପତ୍ରରେ ଯାତାୟତ କରନ୍ତା ନାହିଁ ବୋଲି ଆଲୋଚନା ଜୋର ଧରିଛି। ଗାଡ଼ି ଯାଞ୍ଚ ସମୟରେ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ଏସ୍‌ଆଇ ଅନିତା ସାହୁ ଓ ନାରାୟଣ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ପୋଲିସ ମାଜିଷ୍ଟ୍ରେଟ୍‌ଙ୍କୁ ସହାୟତା କରିଥିଲେ।

### ମାଙ୍କଡା ଖାଦାନ ଉପରେ ଚଢ଼ାଉ, ୨ କୋର୍ଟ ଚାଲାଣ

**ଛତିଆ,୩୦।୧(ଡି.ଏନ.ଏ.):** ବୈରୀ ପୋଲିସ୍ ବେଆଇନ ଭାବେ ଚାଲୁଥିବା ମାଙ୍କଡା ପଥର ଖାଦାନ ଉପରେ ମଙ୍ଗଳବାର ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିବା ସହ ଏକ ପାୱାର ଟିଲର ଜବତ କରିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ଝାଟିଆ ଗ୍ରାମର ରବି ସାଇୟାଁ ଓ ବଗଉ ଆଦିବାସୀ ସାହିର ଜଗନ୍ ସିଂ। ଏ ନେଇ ଏକ ମାମଲା (୧୦/୧୯) ରୁଜୁ କରାଯାଇଛି। ପ୍ରକାଶ ଯେ, ବୈରୀ ପଞ୍ଚାୟତ ଝାଟିଆ ଆଦିବାସୀ ସାହି ନିକଟରେ ଥିବା ପୁରୁଣା ମାଙ୍କଡା ଖାଦାନରେ ମଙ୍ଗଳବାର ରାତିରେ ମାଙ୍କଡା ପଥର କଟାଯାଉଥିବା ଖବରପାଇ ବୈରୀ ଥାନାଧିକାରୀ ନିରଞ୍ଜନ ଶବର ସଦଳବଳ ଚଢ଼ାଉ କରିଥିଲେ।

■ ବିଞ୍ଝାରପୁର ପଞ୍ଚାୟତ ସମିତିର ୫ମ ବୈଠକ

# ବିଭିନ୍ନ ଯୋଜନାରେ ଦୁର୍ନୀତିକୁ ନେଇ ହଟ୍ଟଗୋଳ

**ବିଞ୍ଝାରପୁର,୩୦।୧(ଡି.ଏନ.ଏ)**

ବିଞ୍ଝାରପୁର ପଞ୍ଚାୟତ ସମିତିର ପଞ୍ଚମ ବୈଠକ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଡିଓ ଦାମୋଦର ଖୁଣ୍ଟିଆ, ଏମ୍‌ପି ପ୍ରତିନିଧି ଓସିଉଲ୍ଲା ଖାଁଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଡିଓ ଦାମୋଦର ଖୁଣ୍ଟିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବ୍ଲକରେ ବିଭିନ୍ନ ଯୋଜନାରେ ହୋଇଥିବା ଦୁର୍ନୀତିକୁ ନେଇ କେତେକ ପଞ୍ଚାୟତ ପ୍ରତିନିଧି ପ୍ରଶ୍ନ କରିବା ସହ ଏହାକୁ ନେଇ ସରଗରମ ଆଲୋଚନା ହୋଇଥିଲା। ବିଶେଷ କରି ବ୍ଲକରେ କାର୍ଯ୍ୟ କରୁଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା ଫେଲ ମାରିଛି ବୋଲି ଅଧିକାଂଶ ପଞ୍ଚାୟତ ପ୍ରତିନିଧି ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ଅପାରଗତା ପାଇଁ ଯୋଜନା ଫଳପ୍ରଦ ହୋଇପାରୁ ନ ଥିବା ଗୃହରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଅଭିଯୋଗ ଉଠାଇ ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀଙ୍କୁ ଦାୟୀ କରିଥିଲେ। ଫତେପୁର ପଞ୍ଚାୟତ ସମିତିସଭ୍ୟ ଖଗେଶ୍ୱର ସାହୁ କରିଥିବା ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଖେଳାଣା ସାମଗ୍ରୀ କିଣିବା ପାଇଁ ସରକାର ୨୫ଶହ ଟଙ୍କା ପ୍ରତି କେନ୍ଦ୍ରକୁ ଦେଇଛନ୍ତି। ମାତ୍ର ସିଡିପିଓ ମାତ୍ର ୪ଶହରୁ ୫ଶହ ଟଙ୍କାର ଖେଳଣା ସାମଗ୍ରୀ ଅଙ୍ଗନୱାଡିକୁ ଯୋଗାଇ ଦେଇ ୨୫ଶହ ଟଙ୍କା ଅଙ୍ଗନୱାଡି କର୍ମୀଙ୍କଠାରୁ ଆଦାୟ କରିଛନ୍ତି। ଏହାକୁ କିଛି ଅଙ୍ଗନୱାଡି କେନ୍ଦ୍ର ବିରୋଧ କରିବାରୁ ସିଡିପିଓ ତାଙ୍କୁ ଅଡିଟ୍‌ର ଧମକ ଦେଉଥିବା ଫତେପୁର ସମିତିସଭ୍ୟ ଖଗେଶ୍ୱର ସାହୁ ଅଭିଯୋଗ କରିଥିଲେ। ସେହିପରି ବରପଦା ସରପଞ୍ଚ ମନ୍ଦାକିନି ଧଳଙ୍କ ଅଭିଯୋଗ ଅନୁଯାୟୀ, ବରପଦା ସମେତ ସ୍ଥାନୀୟ କେତେକ ଅଞ୍ଚଳରେ ସମନ୍ୱୟ ଶିଶୁ ବିକାଶ ଯୋଜନାରେ ଶିଶୁ ଓ ଗର୍ଭବତୀଙ୍କୁ ଯୋଗାଇ ଦିଆଯାଉଥିବା ଛତୁଆରେ ପୋକ ବାହାରୁଥିବା ବେଳେ ଅନାବଶ୍ୟକ ଦ୍ରବ୍ୟ ମିଶ୍ରଣ କରାଯାଉଛି ବୋଲି କହିଥିଲେ। ସ୍ୱୟଂସହାୟକ ଗୋଷ୍ଠୀଗୁଡିକୁସମନ୍ୱିତ ଶିଶୁ ବିକାଶ ଯୋଜନା ଜରିଆରେ ଯୋଗାଇ ଦିଆଯାଉଥିବା ଅର୍ଥକୁ ମହିଳାମାନେ ନିଜ ମଧ୍ୟରେ ବାଣ୍ଟି ନେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ମଧ୍ୟ ସେମାନଙ୍କଠାରୁ ଲାଞ୍ଚ ନେଇ ପରୋକ୍ଷରେ ସହଯୋଗ କରୁଥିବା ଜରୀ ପଞ୍ଚାୟତର ସମିତି ସଭ୍ୟ ଭୂବନାନନ୍ଦ ସାମଲ ଅଭିଯୋଗ କରିଥିଲେ। ବ୍ଲକର ଅଧିକାଂଶ ଅଙ୍ଗନୱାଡି ଗୃହ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ପ୍ରତିଥର ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି, ମାତ୍ର କୌଣସି କାର୍ଯ୍ୟ କରାଯାଉ ନାହିଁ ବୋଲି ରଣପୁର ସରପଞ୍ଚ ଅଟଳବିହାରୀ ନାୟକ ଅଭିଯୋଗ କରିଥିଲେ। ତେବେ ସମନ୍ୱୟ ଶିଶୁ ବିକାଶ ପ୍ରକଳ୍ପ ଉପରେ ହୋଇଥିବା ଏହି ସବୁ ସଙ୍ଗୀନ ଅଭିଯୋଗର ଯଥାର୍ଥ ଉତ୍ତର ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀ ଦେଇପାରି ନ ଥିଲେ। ଯାହାକୁ ନେଇ ବୈଠକରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି କାଳିଆ ଯୋଜନା, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଯୋଗାଣ, ବିଦ୍ୟୁତ୍ ଆଦି ବିଭାଗର ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପରିମଳ ଓ ପାନୀୟ ଜଳ ଯୋଗାଣରେ ବିଭିନ୍ନ ପଞ୍ଚାୟତରେ ତ୍ରୁଟିପୂର୍ଣ୍ଣ ନିଷ୍ପତିକୁ ନେଇ କଲ୍ୟାଣପୁର ସରପଞ୍ଚ ସୁନିତା ନାୟକ, ଆଉଁରୀ ସରପଞ୍ଚ ସମରେନ୍ଦ୍ର ସାହୁ, କଏଣା ରଘୁନାଥପୁର ସମିତିସଭ୍ୟ ପ୍ରତିନିଧି ମାନସ ଦାସ ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ସେହିପରି ଚଳିତ ଆର୍ଥିକ ବର୍ଷରେ ୬କୋଟି ଟଙ୍କାର ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହଯାଇଛି। ସେହିପରି ଲଗାଣ ବର୍ଷା ଓ ବାତ୍ୟାରେ ଚାଷୀ ଇନପୁଟ୍ ସବସିଡି ପାଇ ନାହିଁ। ଲୋକେ ଘରଭଙ୍ଗା ଅର୍ଥ ପାଇନାହାନ୍ତି। ଏସବୁ ଦିଗ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜରୀ ସମିତି ସଭ୍ୟ ଭୂବନାନନ୍ଦ ସାମଲ, ରଣପୁର ସରପଞ୍ଚ ଅଟଳ ବିହାରୀ ନାୟକ, ମାଁସଡା ସରପଞ୍ଚ ରାମଚନ୍ଦ୍ର ବେହେରା ପ୍ରମୁଖ ଅଭିଯୋଗ ଉଠାଇଥିଲେ । ତେବେ ସରକାରଙ୍କ ବିଭିନ୍ନ ଯୋଜନାରେ ବାଧକ ସାଜୁଥିବା ପ୍ରଶାସନିକ ଅଧିକାରୀଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ। ସରକାରୀ କର୍ମଚାରୀଙ୍କ ଢିଲାପଣକୁ ନେଇ ବିଧାୟିକା ମଲ୍ଲିକ ବିରକ୍ତି ପ୍ରକାଶ କରିଥିଲେ। ସମସ୍ତ ସରକାରୀ ଯୋଜନା ଉପଯୁକ୍ତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ମଲ୍ଲିକ ସମନ୍ୱୟ ଶିଶୁ ବିକାଶ ଯୋଜନା ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ଅଧିକାରୀ ଶୁଭାଙ୍ଗୀ ରାୟ, ଏବିଇଓ ଅର୍ଣ୍ଣଦାପ୍ରସାଦ ରଣା, ଜଳସମ୍ପଦ ବିଭାଗ ଏସ୍‌ଡିଓ ଏସ୍‌ଏସ୍ ଭୂୟାଁ, ପୋଲିସ କର୍ମଚାରୀ ଯୁଧିଷ୍ଠିର ମଲ୍ଲିକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ବିଧାୟିକା ଓ ଅନ୍ୟମାନେ।

### ମହିଳାଙ୍କ ଗଳା କାଟି ଲୁଟ୍ ଉଦ୍ୟମ

**ବିଞ୍ଝାରପୁର,୩୦।୧(ଡି.ଏନ.ଏ)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ବରପଦା ପଞ୍ଚାୟତର ବିଦାପଡା ଗ୍ରାମର ଜଣେ ମହିଳାଙ୍କ ବେକରେ ଛୁରୀ ଲଗାଇ ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରୁଥିବା ବେଳେ ମହିଳା ଜଣକ ପ୍ରତିବାଦ କରିବାରୁ ସେମାନେ ମହିଳାଙ୍କ ଗଳା କାଟିଦେବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଫଳରେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବର ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ବିଦାପଡା ଗ୍ରାମର ଜୟନ୍ତ ନାୟକଙ୍କ ସ୍ତ୍ରୀ ତିଳୋତ୍ତମା ଘରେ ଏକୁଟିଆ ବସିଥିବା ବେଳେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଘରେ ପଶି ହଠାତ୍ ତାଙ୍କ ବେକରେ ଛୁରୀ ଲଗାଇ ସୁନା ଅଳଙ୍କାର ଲୁଟ୍ ପାଇଁ ଉଦ୍ୟମ କରିଥିଲେ। ତିଳଉତ୍ତମା ପାଟି କରିବାରୁ ଦୁର୍ବୃତ୍ତମାନେ ଲୁଟ୍ କରିବାରେ ବିଫଳ ହୋଇଥିଲେ। ମାତ୍ର ତାଙ୍କ ଗଳାକୁ କାଟି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତିଳୋତ୍ତମାଙ୍କୁ ଉଦ୍ଧାର କରି ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଭିଯୋଗ ପାଇ ବିଞ୍ଝାରପୁର ପୋଲିସ ଏକ ଲୁଟ ଓ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସେହିପରି ଅନ୍ୟ ଏକ ଘଟଣାରେ ଚିକଣା ପଞ୍ଚାୟତରେ ମଧ୍ୟ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ଚେନ୍ ଲୁଟ୍ କରିଥିବା ଜଣାପଡିଛି।

■ ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ଛାତ୍ରୀ ଆହତ

## ୬ ଘଣ୍ଟା ରାସ୍ତା ଅବରୋଧ କଲେ ଅଭିଭାବକ, ଛାତ୍ରୀଛାତ୍ର

**ବିରଜାକ୍ଷେତ୍ର,୩୦।୧(ଡି.ଏନ୍.ଏ.)**

ଯାଜପୁର ଥାନା ଅନ୍ତର୍ଗତ ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ଶିବଦାସପୁରଠାରେ ଥିବା ବିରଜା ବାଳିକା ପ୍ରାଥମିକ ବିଦ୍ୟାଳୟ ଛାତରୁ ବୁଧବାର ପ୍ଲାଷ୍ଟର ଖସି ଛାତ୍ରୀଙ୍କ ଗୋଡ଼ରେ ପଡ଼ିବା ଫଳରେ ଆହତ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଅଞ୍ଚଳର ପ୍ରିୟା ଜେନା। ସେ ପ୍ରଥମ ଶ୍ରେଣୀରେ ପଢ଼ନ୍ତି। ଏହି ଘଟଣାକୁ ପ୍ରତିବାଦ କରି ଅଭିଭାବକ ଓ ଛାତ୍ରୀଛାତ୍ର ୬ ଘଣ୍ଟା ଧରି ସ୍ଥାନୀୟ ଗ୍ରାମ୍ୟ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଯାଜପୁର ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋରୁ ନିବୃତ୍ତ ହେବା ପାଇଁ ବୁଝାଶୁଝା କରିଥିଲେ। ମାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ନ ଆସିବା ପର୍ଯ୍ୟନ୍ତ ରାସ୍ତା ଅବରୋଧରୁ ହଟିବେ ନାହିଁ ବୋଲି ଅଭିଭାବକ ପ୍ରକାଶ କରିଥିଲେ। ଦୀର୍ଘ ୬ ଘଣ୍ଟା ପରେ ଦଶରଥପୁର ବ୍ଲକ ଶିକ୍ଷାଧିକାରୀ ଓ ଜିଲା ସର୍ବଶିକ୍ଷା ଅଭିଯାନ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟାଳୟକୁ ଦେଖିବା ସହ ତୁରନ୍ତ ମରାମତି କରାଯାଇ ସମ୍ପୂର୍ଣ୍ଣଭାବେ ବିପଦମୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଯାଜପୁର ଜିଲାରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ବିପଦପୂର୍ଣ୍ଣ ବିଦ୍ୟାଳୟରେ କୋମଳମତୀ ପିଲାଙ୍କୁ ଶିକ୍ଷାଦାନ କରାଯାଉଥିବା ଦେଖାଯାଇଛି। ୧୯୩୬ରେ ସ୍ଥାପିତ ଏହି ବିଦ୍ୟାଳୟରେ ପରବର୍ତ୍ତୀ ସମୟରେ କୋଠା ଘର ନିର୍ମାଣ କରାଯାଇଛି। ୧ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୫ରୁ ଊର୍ଦ୍ଧ୍ୱ ପିଲା ପାଠ ପଢ଼ିବା ପାଇଁ ୨ଟି କୋଠରି ନିର୍ମାଣ କରାଯାଇଛି। ୨ଜଣ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ବିଦ୍ୟାଳୟ ଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ୨୦୧୨ରୁ ପ୍ରଧାନ ଶିକ୍ଷୟିତ୍ରୀ ବିଭାଗୀୟ ଶିକ୍ଷା ଅଧିକାରୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଓ ଶିକ୍ଷା କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା କୁହାଯାଉଛି। ଫଳରେ ବୁଧବାର ଏଭଳି ଘଟଣା ଘଟିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିବାବେଳେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବାରମ୍ବାର ଦାବି ସତ୍ତ୍ୱେ ଗୃହ ମରାମତି କରାଯାଇ ନ ଥିବାରୁ ଅଘଟଣ ଘଟୁଛି ବୋଲି ଅଭିଭାବକମାନେ କହିଥିଲେ।



ଛାତ୍ରୀଛାତ୍ର ଓ ଅଭିଭାବକ ରାସ୍ତା ଅବରୋଧ କରିଛନ୍ତି।

### କଳିଙ୍ଗନଗର ଶିଳ୍ପାଞ୍ଚଳରେ ନିଯୁକ୍ତି ଦାବି : ଏଡିଏମ୍‌ଙ୍କୁ ଦାବିପତ୍ର

**ଯାଜପୁରରୋଡ/କଳିଙ୍ଗନଗର, ୩୦।୧(ନି.ପ୍ର.)**

ସୁକିନ୍ଦା ନିର୍ବାଚନମଣ୍ଡଳୀରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଅବସ୍ଥିତ। କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ବହୁ ଆଦିବାସୀ ଗାଁ ବିସ୍ଥାପିତ ହେବା ସହ ଅନ୍ୟ ଗାଁ ମଧ୍ୟ ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ ଥଇଥାନ ପାଇଁ ବିଭିନ୍ନ କଳକାରଖାନାରେ ସ୍ଥାୟୀ ନିଯୁକ୍ତି ଦେବାକୁ ନିୟମ ଥିଲେ ମଧ୍ୟ ଶିଳ୍ପାଞ୍ଚଳର କର୍ତ୍ତୃପକ୍ଷ ସୁକିନ୍ଦା ନିର୍ବାଚନମଣ୍ଡଳୀର ୬୦୦ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେଉ ନ ଥିବା କୁହାଯାଉଛି। ସେମାନଙ୍କୁ କେବଳ ଠିକାଦାରଙ୍କ ପାଖରେ ନିଯୁକ୍ତି ଦିଆଯାଇ ପୁଣି ଛଟେଇ କରାଯାଉଛି। ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପାଇଁ ସୁକିନ୍ଦା ନିର୍ବାଚନମଣ୍ଡଳୀର କଂଗ୍ରେସ କମିଟି ସଭାପତି କୃପାସିନ୍ଧୁ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କୁ ନିଯୁକ୍ତି ନ ମିଳିଲେ ଭବିଷ୍ୟତରେ ଭୟାବହ ଆନ୍ଦୋଳନ ହେବ ବୋଲି ସଭାପତି ସାମନ୍ତରାୟ ସୂଚନା ଦେଇଛନ୍ତି।

## ଅନ୍ତଃରାଷ୍ଟ୍ରୀୟ ଆଲୋଚନାଚକ୍ର ଉଦ୍‌ଯାପିତ

**ବିରଜାକ୍ଷେତ୍ର,୩୦।୧(ଡି.ଏନ୍.ଏ)**

ଓଡ଼ିଶାରେ ପ୍ରଥମଥର ପାଇଁ ମହାବିଦ୍ୟାଳୟସ୍ତରରେ ଅନ୍ତଃରାଷ୍ଟ୍ରୀୟ ଆଲୋଚନାଚକ୍ର ଯାଜପୁର ସହରର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜୈବ ବିବିଧତା ଓ ଏହାର ଧାରଣୀୟ ବିକାଶର ସୁରକ୍ଷା ନେଇ ଚାଲିଥିବା ଦୁଇଦିନିଆ ଆଲୋଚନାଚକ୍ର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ଦିବସରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ପ୍ରଶାନ୍ତ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜୈବ ବିବିଧତା ସାରା ବିଶ୍ୱପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପାଲଟିଛି। ଏଥିପାଇଁ ପରିବେଶ ସନ୍ତୁଳନ ରକ୍ଷା ହେଇପାରୁ ନ ଥିବାରୁ ପରିବେଶ ଓ ଜଳବାୟୁରେ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି। ତେଣୁ ସମସ୍ତେ ସଚେତନ ହୋଇ ଜୈବ ବିବିଧତା ସୁରକ୍ଷା ପାଇଁ ଚିନ୍ତା କରିବାର ସମୟ ଆସିଛି ବୋଲି କହିଥିଲେ। ଏହି ଅବସରରେ ପେପର ଓ ପୋଷ୍ଟର ଉପସ୍ଥାପନାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଭାରତୀୟ ଜଳବାୟୁ କଂଗ୍ରେସ ସଭାପତି ଏସ୍.କେ. ସାମନ୍ତରାୟ, ହରିଦ୍ୱାର ଏପିଏଏସ୍‌ଆଇର ସଭାପତି ପ୍ରଫେସର ପୁରୁଷୋତ୍ତମ କୌଶିକ, ନେପାଳ ସରକାରଙ୍କ ପରିବେଶ ବୈଜ୍ଞାନିକ ପ୍ରକାଶ ଗଉଡ଼େଲ, ପର୍ତ୍ତୁଗାଲ ୟୁନିଭରସିଟିର ଖଦାନନ୍ଦ ପାଡେଲ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ରଞ୍ଜନ ମହାପାତ୍ର, ମଣିପୁର ବୈଜ୍ଞାନିକ ପ୍ରକାଶ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଜୈବ ବିବିଧତା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍କଳ ୟୁନିଭରସିଟି, କୋରାପୁଟ ସେଣ୍ଟ୍ରାଲ ୟୁନିଭରସିଟି, ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଆସିଥିବା ଜୀବ ବିଜ୍ଞାନ ବିଭାଗର ୩୨ଜଣ ରିସର୍ଚ୍ଚ ଛାତ୍ରୀଛାତ୍ର ଜୈବ ବିବିଧତା ଉପରେ ନିଜର ମତ ରଖିଥିଲେ। ଉଦ୍‌ଯାପନ ଦିବସରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଜର୍ମାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋମା ଥେରାପିର ଉଲଚିଚ ବର୍ଗ ହୋମା ଥେରାପି ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ପ୍ରୋଜେକ୍ଟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ପ୍ରଫେସର ଶାରଦା ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଫେସର ବିଶ୍ୱଜିତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

■ ପଞ୍ଚାୟତକୁ ଗଡ଼ିଲା ମିଶନ ଶକ୍ତି ରଥ

## ମହିଳାଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ କରିବ ସଚେତନ

**ରସୁଲପୁର,୩୦।୧(ଡିଏନଏ)**

ରସୁଲପୁର ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରୁ ବୁଧବାର ମିଶନଶକ୍ତି ରଥ ପଞ୍ଚାୟତକୁ ଗଡିଛି। ପ୍ରକଳ୍ପ ଅଧିକାରିଣୀ ସରିତା ନାୟକ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ବ୍ଲକ ଅଧୀନ ୨୮ଟି ପଞ୍ଚାୟତକୁ ବୁଲିବ। ପ୍ରତ୍ୟେକ ପଞ୍ଚାୟତକୁ ୨ରୁ ୩ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି। କ୍ଲଷ୍ଟର ଅଧୀନରେ ଥିବା ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ସଚେତନ କରାଯିବ। ନାରୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ନାୟକ ପ୍ରକାଶ କରିଛନ୍ତି। ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ସୁମିତ୍ରା ସାହୁଙ୍କ ନେତୃତ୍ୱରେ ସଚେତନତା ରଥ ବିଭିନ୍ନ ପଞ୍ଚାୟତ ପରିକ୍ରମା କରୁଛି। ନାରୀଙ୍କୁ ସାମାଜିକ, ଅର୍ଥନୈତିକ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଯିବ। ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ସରକାରୀ ଯୋଜନାର ସଦ୍‌ବ୍ୟବହାର କରିବା ପାଇଁ ନାରୀ ଶିକ୍ଷାହାରରେ ବୃଦ୍ଧି ଘଟାଇବା, ମା'ମାନେ ନିଜର ଓ ଛୁଆଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଆଦି ଦିଗରେ ସଚେତନ କରାଯିବ। ଏ ସବୁ କ୍ଷେତ୍ରରେ ମହିଳାଙ୍କର ଉନ୍ନତି ଘଟି ପାରିଲେ ସେମାନେ ସମାଜର ଆଗଧାଡିରେ ଗଣା ହୋଇପାରିବେ ବୋଲି ବୈଷୟିକ ଅଧିକାରୀ ଶଶିକାନ୍ତ ମଳିକ, ଗଜେନ୍ଦ୍ର ରାଓ, ପ୍ରକଳ୍ପ ସୁପରଭାଇଜର ଚମ୍ପାବତୀ ବେହେରା ପ୍ରମୁଖ ମତ ରଖିଛନ୍ତି। ଏହି ଅବସରରେ ମହିଳାଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ଘଟାଇବା ପାଇଁ ରଙ୍ଗୋଲି, ହୁଳହୁଳି, ଝୋଟି, ଚିତା, ମ୍ୟୁଜିକ୍ ଚେୟାର ପ୍ରମୁଖ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ମାସାଧିକକାଳ ଧରି ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ପ୍ରକଳ୍ପ ଅଧିକାରୀ ପତାକା ଦେଖାଇ ରଥକୁ ଶୁଭାରମ୍ଭ କରୁଛନ୍ତି।

■ ଚାଷୀଙ୍କ ପାଇଁ ପାଣି ପଞ୍ଚାୟତ ପକ୍ଷ ମୂଲ୍ୟହୀନ

# ପ୍ରକଳ୍ପ ମାଳମାଳ, ଜମିକୁ ମିଳୁନି ପାଣି

**ରସୁଲପୁର,୩୦।୧(ଡିଏନଏ)**

ଜାନୁୟାରୀ ୧୬ରୁ ୩୦ତାରିଖିକୁ ପାଣି ପଞ୍ଚାୟତ ପକ୍ଷ ଭାବେ ପାଳନ ହେଉଛି। ଚାଷ ଜମିକୁ ଜଳର ସୁପରିଚାଳନା ଦିଗରେ ପାଣି ପଞ୍ଚାୟତର ପ୍ରମୁଖ ଭୂମିକା ରହିଛି। ଚାଷୀଙ୍କୁ ସଚେତନ କରାଇବା, କ୍ଷେତକୁ ପାଣି ଯୋଗାଇବା ଦିଗରେ ରହିଥିବା ସମସ୍ୟା ଓ ତାର ନିରାକରଣର ବନ୍ଦୋବସ୍ତ କରିବା ପାଣି ପଞ୍ଚାୟତ ପକ୍ଷର ମୂଳ ଲକ୍ଷ୍ୟ। ହେଲେ ଏହି ବ୍ଲକର ଚାଷୀଙ୍କ ପାଇଁ ଏହା ମୂଲ୍ୟହୀନ ହୋଇପଡିଛି। ଉକ୍ତ କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକରେ ପାଳନ ହେଉଥିବା ବେଳେ ଏହି ବ୍ଲକରେ ତାହା କେବଳ କାଗଜକଲମରେ ସୀମିତ ହୋଇରହିଛି। ବିଭାଗ ପକ୍ଷରୁ ମାଳ ମାଳ ପ୍ରକଳ୍ପ ନିର୍ମାଣ ହୋଇଛି। ହେଲେ ଚାଷ ଜମିକୁ ପାଣି ମିଳୁନାହିଁ। ଚାଷୀଙ୍କୁ ପ୍ରକୃତି ଉପରେ ନିର୍ଭର କରିବାକୁ ପଡୁଛି। ପାଣି ଅଭାବରୁ ଖରାଦିନିଆ ଫସଲ ଚାଷ ହୋଇପାରୁ ନାହିଁ। ଏ ଦିଗରେ ଚାଷୀକୂଳକୁ କ୍ଷତି ସହିବାକୁ ପଡୁଛି। କୋଟିକୋଟି ସରକାରୀ ଅର୍ଥ କେବଳ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ପାଣ୍ଠି ବୃଦ୍ଧିରେ ସହାୟକ ହେଉଛି ବୋଲି ଚର୍ଚ୍ଚା ହେଉଛି। ରସୁଲପୁର ବ୍ଲକ ଅଞ୍ଚଳରେ ୧୨ହଜାର ହେକ୍ଟର ଚାଷ ଜମି ରହିଛି। ଅନ୍ୟୁନ୍ ୧୦ହଜାର ହେକ୍ଟର ଜମିରେ ନିୟମିତ ଚାଷ ହେଉଛି। ପାଣିପାଗର ଦ୍ରୁତ ପରିବର୍ତ୍ତନ ଚାଷୀଙ୍କୁ ଜଳସେଚନ ଅଭାବ ପରିଲକ୍ଷିତ ହେଉଛି। ଏହି ବ୍ଲକରେ ଚାଷ ଜମିକୁ ଜଳସେଚିତ କରିବା ପାଇଁ ସରକାରୀସ୍ତରରେ ବହୁ ଯୋଜନା ହାତକୁ ନିଆଯାଇଛି। ବ୍ଲକ ଅଧୀନସ୍ଥ ୨୮ ପଞ୍ଚାୟତରୁ ୨୭ଟି ପଞ୍ଚାୟତ ବ୍ରାହ୍ମଣୀ ଓ ଖରସୁଆଁ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଏହାଛଡା ବ୍ଲକ ଅଞ୍ଚଳ ଦେଇ ଦୁଧେଇ, ଗୁଡିପାଣିଆ, ରସୁଣା, ବଗଖିଡା ନାଳ, ଦପାନାଳ ଭଳି କେନାଲ ରହିଛି। ଏଥିସହ ମୂଳ ଖରସ୍ରୋତା ନଦୀ ବି ଶୁଷ୍କ ଅବସ୍ଥାରେ ପଡିରହିଛି। ଏ ସବୁର ପୁନରୁଦ୍ଧାର ପାଇଁ ଜଳସମ୍ପଦ ଅଧୀନରେ ଥିବା ଡ୍ରେନେଜ୍ ବିଭାଗ ପକ୍ଷରୁ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ୨୦୧୫ରୁ ୨୦୧୭ ମସିହା ଯାଏଁ ଉଠା ଜଳସଚେନ ପକ୍ଷରୁ ପାଣି ପଞ୍ଚାୟତ ଗଠନ କରାଯାଇ ବିଭିନ୍ନ ପଞ୍ଚାୟତରେ ଏକାଧିକ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି । ଚାଷ ଜମିରେ ପାଣି ପାଇପ୍ ବିଛା ଯାଇଛି। କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କେନାଲର ଠାଏ ଠାଏ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛି। ପାଣିକୁ ରୋକାଯାଇ ଖରା ଦିନରେ ଡ୍ୟାମ୍‌ରୁ ଚାଷ ଜମିରେ ପାଣି ମଡାଯିବାର ବ୍ୟୟବହୁଳ ପ୍ରକଳ୍ପ ନିର୍ମାଣ ହୋଇଛି। ଜଳଛାୟା ବିଭାଗ ପକ୍ଷରୁ ଜଳର ସୁପରିଚାଳନା ପାଇଁ ପ୍ରଧାନମନ୍ତ୍ରୀ ସିଞ୍ଚାଇ ଯୋଜନାରେ କୋଟିକୋଟି ଟଙ୍କା ବ୍ୟୟ ହୋଇଛି। ବିଭିନ୍ନ ସ୍ଥାନରେ ପୋଖରୀ ଖୋଳାଯାଇଛି। ଡ୍ୟାମ୍ ନିର୍ମାଣ ହୋଇଛି। ହେଲେ ଚାଷୀଙ୍କୁ ଏହାର ସୁଫଳ ମିଳି ପାରୁନାହିଁ। ତେଣେ ମେଗା ଉଠା ଜଳସେଚନ ବିଭାଗ ପକ୍ଷରୁ ଏହି ବ୍ଲକର ଗନ୍ଧଣ ପଞ୍ଚାୟତର ତୁଳସୀପୁରଠାରେ ଏକ ମେଗା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁଛି। ପାଟିଆ ନଦୀରୁ ପାଣି ଉଠାଯାଇ ଚାଷ ଜମିକୁ ଜଳସେଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅବଧି ପୂରିବା ସତ୍ତ୍ୱେ ବି କାମ ଅଧାପନ୍ତରିଆ ହୋଇରହିଛି। ଏହି ପ୍ରକଳ୍ପରୁ ଜନସାଧାରଣଙ୍କୁ କେତେ ସୁବିଧା ମିଳିପାରିବ ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହେଲେ ସରକାରୀ କାଗଜ କଲମରେ ପ୍ରକଳ୍ପ ଶେଷ ହେବା ସହ ଶହଶହ ଏକର ଚାଷ ଜମିକୁ ପାଣି ଯୋଗାଇ ଦିଆଯାଉଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଉଛି। ଖରାଦିନ ଆରମ୍ଭ ନ ହେଉଣୁ ଡ୍ୟାମ୍‌ରେ ପାଣି ନାହିଁ। ପାଣି ପଞ୍ଚାୟତ ପ୍ରକଳ୍ପଗୁଡିକ ନିର୍ମାଣ ହୋଇ ହସ୍ତାନ୍ତର ହେବା ପରଠାରୁ ଅକାମୀ ହୋଇ ପଡିରହିଛି । ମୂଳ ଖରସ୍ରୋତର ଉପର ମୁଣ୍ଡରେ ସ୍ଲୁଇସ୍ ଗେଟ୍ ସ୍ଥାପନ ହୋଇପାରୁ ନ ଥିବାରୁ ଚାଷୀଙ୍କୁ ଜଳ ସଙ୍କଟର ସମ୍ମୁଖୀନ ହେବାକୁ ପଡୁଛି। ଚାଷ ଜମିକୁ ଜଳସେଚନ କରିବା ପାଇଁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି ସତ ତାର ସୁଫଳ ଚାଷୀଙ୍କୁ ମିଳିପାରୁ ନାହିଁ । ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଏସବୁ ସମୀକ୍ଷା କରାଯିବାର ସରକାରୀ ନିୟମ ରହିଛି। ହେଲେ ଏଠାରେ ସେଭଳି କିଛି ଘଟି ନାହିଁ। ଏହି ଅଞ୍ଚଳର ଚାଷୀଙ୍କୁ ପାଣି ପଞ୍ଚାୟତ ପକ୍ଷର ଉଦ୍ଦେଶ୍ୟ ସମ୍ପର୍କରେ ଜାଣିବାର ସୁଯୋଗ ମିଳିପାରୁ ନାହିଁ। ଏହି କାର୍ଯ୍ୟକ୍ରମକୁ ବିଭାଗୀୟସ୍ତରରେ କରା ନ ଯାଇ ପଞ୍ଚାୟତସ୍ତରରେ ପାଳନ କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ଦିଗରେ ଉଠା ଜଳସେଚନର ବିଭାଗୀୟ ଅଧିକାରୀ ଶେଷଦେବ ମହାଳିକଙ୍କୁ ପଚାରିବାରୁ, ପ୍ରକଳ୍ପଗୁଡିକ ନିର୍ମାଣ ପରେ କମିଟିକୁ ହସ୍ତାନ୍ତର କରାଯାଇଛି । ପୂର୍ବରୁ ନିର୍ମିତ ପ୍ରକଳ୍ପଗୁଡିକରେ ରହିଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରିବା ପାଇଁ ନୂଆ ନିୟମ ଆସିଛି। ଏହାଦ୍ୱାରା ଚାଷୀଙ୍କୁ ଅଧିକ ଲାଭ ମିଳିପାରିବ ବୋଲି ମତ ରଖିଛନ୍ତି।



**ରସୁଲପୁର ବ୍ଲକ**
- ■ କାଗଜ କଲମରେ ସୀମିତ ପାଣି ପଞ୍ଚାୟତ ପକ୍ଷ
- ■ ଖରାଦିନ ଆରମ୍ଭ ନ ହେଉଣୁ ଡ୍ୟାମରେ ନାହିଁ ପାଣି



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପିତା, ମାତା ଓ ଗୁରୁଜନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି। - ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ପଚ୍ଛିକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

**କୋରେଇ,୩୦।୧(ସ୍ୱ.ପ୍ର.):** ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା, ଉତ୍ତମ ପରିବେଶ ଓ ସ୍ୱଚ୍ଛତା ପାଇଁ କୋରେଇ ବ୍ଲକ ଅନ୍ତର୍ଗତ ପଚ୍ଛିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)କୁ ବୁଧବାର ରାଜ୍ୟ ମିଶନ କାୟାକଳ୍ପ ପୁରସ୍କାର ମିଳିଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ୨୪ ଜାନୁୟାରୀ ୨୦୧୯ରେ ଭୁବନେଶ୍ୱରଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନରଙ୍କ ଅଧକ୍ଷତାରେ ଗଠିତ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଜିଲାର ଏକମାତ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପ୍ରଥମ ଶ୍ରେଣୀର ମାନ୍ୟତା ପାଇଥିବାରୁ ସ୍ଥାନୀୟ ବିଧାୟକ ଆକାଶ ଦାସନାୟକ, ରୋଗୀ କଲ୍ୟାଣ ସମିତି ଅଧକ୍ଷ ତଥା ଜିଲାପରିଷଦ ଉପାଧକ୍ଷା ଅମୂଲ୍ୟବାଳା ପାତ୍ର ରାଜ୍ୟ ମିଶନ କାୟାକଳ୍ପକୁ କୃତଜ୍ଞତା ଜଣାଇଛନ୍ତି। ଜିଲାପରିଷଦ ଉପାଧକ୍ଷାଙ୍କ ପ୍ରତିନିଧି ସତ୍ୟବ୍ରତ ପାତ୍ରଙ୍କ ପ୍ରତ୍ୟକ୍ଷ ସହଯୋଗ ଫଳରେ ଏହାର ପରିବେଶ ଓ ସ୍ୱଚ୍ଛତାରେ ବିକାଶ ହୋଇପାରିଥିବାରୁ ପୁରସ୍କାର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗ୍ୟ ବିବେଚିତ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମୂଲ୍ୟ କୁମାର ନାୟକ ପ୍ରକାଶ କରିଛନ୍ତି।

### ଚୋରା ମଦ ବିକ୍ରି ଅଭିଯୋଗ: ଜଣେ କୋର୍ଟ ଚାଲାଣ

**କୋରେଇ,୩୦।୧(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ଚାନ୍ଦପୁର ଛକଠାରେ ଏକ ପାନ ଦୋକାନରେ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧୦ ବୋତଲ ବିଦେଶୀ ମଦ ଜବତ କରିଛି। ଅଭିଯୁକ୍ତ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ବାଙ୍କସାହି ଗ୍ରାମର ଧନେଶ୍ୱର ସାହୁ। ଏ ନେଇ ଏକ ମାମଲା (୧୬/୧୦) ରୁଜୁ କରାଯାଇଥିବା ତଦନ୍ତ ଅଧିକାରୀ ପୁଷ୍ପଲତା ବେହେରା କହିଛନ୍ତି।

### କୁଷ୍ଠ ସଚେତନତା ପାଇଁ ଶପଥପାଠ

**ଯାଜପୁରରୋଡ,୩୦।୧(ନି.ପ୍ର.):** ବ୍ୟାସନଗର ପୌରପରିଷଦ ପକ୍ଷରୁ ବୁଧବାର ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରପରିଷଦର ସହକାରୀ ଯନ୍ତ୍ରୀ ପଦ୍ମନାଭ ମହାପାତ୍ର ଅଧକ୍ଷତା କରିଥିଲେ। ପୌରପରିଷଦ କର୍ମଚାରୀ ଉପସ୍ଥିତ ରହି କୁଷ୍ଠ ରୋଗ ନିରାକରଣ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ଆଣିବାକୁ ଶପଥ କରିଥିଲେ। କୁଷ୍ଠ ରୋଗର ଲକ୍ଷଣ ଜାଣିଲେ ସଂଗେ ସଂଗେ ପୌରପରିଷଦ ପକ୍ଷରୁ ରୋଗୀକୁ ଚିକିତ୍ସା କରାଯିବ। ବ୍ୟାସନଗର ସହରକୁ ଏକ କୁଷ୍ଠମୁକ୍ତ ସହର କରାଯିବ ବୋଲି କର୍ମଚାରୀମାନେ ଶପଥ ନେଇଥିଲେ।

### ଗଙ୍ଗାଧରପୁର କ୍ରିକେଟ ଟୁର୍ନାମେଣ୍ଟ, ସମ୍ପାରୁ ବିଜୟୀ

**ଧର୍ମଶାଳା, ୩୦।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ପତିତପାବନ ହାଇସ୍କୁଲ ଖେଳପଡ଼ିଆ ତୃତୀୟ ବାର୍ଷିକ ଗଙ୍ଗାଧରପୁର କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଏହି ଅବସରରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ପାରୁ ଦଳ ୧୮୨ ରନ୍‌ରେ ନିହଲ ପ୍ରସାଦ ଦଳକୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ସମ୍ପାରୁ ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ଉଇକେଟ୍ ହରାଇ ୩୬୭ରନ୍ ସଂଗ୍ରହ କରିଥିଲା। ଜବାବରେ ନିହଲପ୍ରସାଦ ଦଳ ୧୮ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦେବାନନ୍ଦ ରାଉଳ ଓ ମୃତ୍ୟୁଞ୍ଜୟ ବରାଳ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ପୂର୍ବତନ ଜିଲା ପରିଷଦସଭ୍ୟ ବି.କେ ପରିଡା ଯୋଗଦେଇ ସମ୍ପାରୁ ଦଳର ରଞ୍ଜିତ ବରାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

### ବନ୍ଧୁମିଳନ, ଚିନ୍ତନ ବୈଠକ

**ଛତିଆ,୩୦।୧(ଡି.ଏନ.ଏ.):** ଛତିଆସ୍ଥିତ ଐତିହାସିକ ଅମରାବତୀ ପୀଠରେ ବୁଧବାର ଛତିଆ ଅଞ୍ଚଳର ଯୁବ ସାମାଜିକ କର୍ମୀ ଅମରେଶ ନନ୍ଦଙ୍କ ନେତୃତ୍ୱରେ ଏକ ବନ୍ଧୁମିଳନ ଓ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ସମାଜର ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ଅବହେଳିତ ସାଧାରଣ ଲୋକଙ୍କୁ ଥଇଥାନ କରିବା ଲକ୍ଷ୍ୟରେ ବନ୍ଧୁମିଳନ ଓ ଚିନ୍ତନ ବୈଠକ କରାଯାଇଥିଲା। ଏହି ବୈଠକରେ ନିରଞ୍ଜନ ରାଉଳ, ବ୍ରହ୍ମାନନ୍ଦ ନାୟକ, କପିଳ ପୃଷ୍ଟି, ମନୋଜ ନନ୍ଦ, ରମେଶ ସାହୁ, ରୀନା ବେହେରା, ଅମୀନ ମହାନ୍ତି, ନମିତା ମହାରଣା, ଶତ୍ରୁଘ୍ନ ମଲ୍ଲିକ୍, ଦେବବ୍ରତ ସ୍ୱାଇଁ, ଇନ୍ଦ୍ରମଣି ବେହେରା ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସଂଗଠନକୁ ଆହୁରି ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ।

■ ବରୀ ନିର୍ବାଚନ ମଣ୍ଡଳୀରେ ପରିବର୍ତ୍ତନ ସମାବେଶ

# ‘ସରକାର ଗଢ଼ିବାକୁ ଥରେ ସୁଯୋଗ ଦିଅ’

**ବରୀ/ରତ୍ନଗିରି, ୩୦।୧(ସ୍ୱ.ପ୍ର./ଡିଏନ୍‌ଏ)**

ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ବିଧାୟକ ପ୍ରାର୍ଥୀ ଘୋଷଣା



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଞ୍ଚରେ ସ୍ୱାଗତ କରାଯାଉଛି।

ରାଜ୍ୟରେ ୧୯ବର୍ଷ ଶାସନରେ ନବୀନ ସରକାର ବିକାଶ କରିନାହାନ୍ତି। କେନ୍ଦ୍ର ସରକାର ଲକ୍ଷାଧିକ ଟଙ୍କାର ଅନୁଦାନ ଦେଉଛନ୍ତି, ହେଲେ ତାକୁ ଖର୍ଚ୍ଚ କରିବାରେ ରାଜ୍ୟ ସରକାର ପଛଘୁଞ୍ଚା ଦେଉଛନ୍ତି। ଭାଜପା କ୍ଷମତାକୁ ଆସିଲେ ରାଜ୍ୟର ବିକାଶ ସମ୍ଭବ ହେବ। ତେଣୁ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାକୁ ଥରେ ସୁଯୋଗ ଦେବା ପାଇଁ କେନ୍ଦ୍ର ପେଟ୍ରୋଲିୟମ, ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିବେଦନ କରିଛନ୍ତି। ବୁଧବାର ବରୀ ନିର୍ବାଚନ ମଣ୍ଡଳୀର ଧାରପୁର ହୋରି ପଡ଼ିଆରେ ଅନୁଷ୍ଠିତ ଭାଜପାର ପରିବର୍ତ୍ତନ ସମାବେଶରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇ ଆହୁରି କହିଥିଲେ ଯେ, ରାଜ୍ୟରେ ବିଜେଡି ଓ କଂଗ୍ରେସ ମିଶି ଲୁଟ୍ କରୁଛନ୍ତି। ଚିଟଫଣ୍ଡ ଓ ଖଣିରେ ଏହି ଦୁଇ ଦଳର ନେତୃବର୍ଗ ସାଧାରଣ ଲୋକଙ୍କ ଅର୍ଥକୁ ଲୁଟି ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓଡିଶାରେ ଫଳପ୍ରଦ ହେଉନାହିଁ। ପ୍ରକୃତ ହିତାଧିକାରୀଙ୍କ ପାଖରେ ଏହି ଯୋଜନା ପହଞ୍ଚି ପାରୁନାହିଁ। ଓଡିଶାକୁ ୧୩ ଲକ୍ଷ ଘର ଆବଣ୍ଟିତ ହୋଇଥିବାବେଳେ ଯାଜପୁର ଜିଲାରେ ୬୩ହଜାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ମିଳିଛି। ଶାସକ ଦଳର କୁଜିନେତାମାନେ ହାତ ଚିକ୍କଣ କରି ଦଳୀୟ ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ବାଣ୍ଟୁଛନ୍ତି। ବରୀରେ କୃଷିଋଣ ସୁଝି ନ ପାରି ଚାଷୀ ଆତ୍ମହତ୍ୟା କରୁଥିବା ନଜିର ରହିଛି। ଜଳସେଚନ ସୁବିଧା ଓ ସରକାରୀ ଯୋଜନା ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବା ସ୍ପଷ୍ଟ ଜଣାପଡିଛି। ଚାଷୀ ଅଭାବି ଧାନ ବିକ୍ରିର ଶିକାର ହେଉଛି। କେନ୍ଦ୍ର କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଦେଉଥିଲାବେଳେ ରାଜ୍ୟ ସରକାର ମଧ୍ୟସ୍ଥିଙ୍କ ଜରିଆରେ କୁଇଣ୍ଟାଲ ପିଛା ୧୨୦୦ ଟଙ୍କାରେ ଧାନ କିଣୁଛି। ସିଧା ୫୦୦ ଟଙ୍କା ଲୁଟ୍ କରାଯାଉଛି। ବରୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଓଡିଶାର କୋଇଲାରେ ଭାରତ ବର୍ଷ ଆଲୋକିତ ହେଉଥିଲାବେଳେ ବରୀ ଅଞ୍ଚଳରେ ବିଦ୍ୟୁତ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସ୍କୁଲ ଛାତ୍ରୀ ଗର୍ଭବତୀ ହେଉଛନ୍ତି। ପିପିଲିର ବେବିନାଙ୍କୁ ଗଣବଳାତ୍କାର କରାଯାଇ ଦୋଷୀଙ୍କୁ ଛାଡି ଦିଆଯାଉଛି। ଏଭଳି ସରକାର ଶାସନରେ ରହିବାର ଆଉ ଅଧିକାର ନାହିଁ। ଆଗାମୀ ୨୦୧୯ ନିର୍ବାଚନରେ ଏ ସରକାରକୁ ତଡ଼ିଦେଇ ଭାଜପା ଉପରେ ଭରସା ରଖିବାକୁ ସେ ଆହ୍ୱାନ କରିଥିଲେ। ସଭାରେ ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ବରୀ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାରୁ ବିଧାୟକ ପ୍ରାର୍ଥୀ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଘୋଷଣା କରିଥିଲେ। ଜିଲା ସଭାପତି ଗୌତମ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ଭାଜପା ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକ, ବରୀ ବ୍ଲକ ଅଧକ୍ଷା ସୁନନ୍ଦା ଦାସ, ପୂର୍ବତନ ଜିଲାପରିଷଦ ଦେବେନ୍ଦ୍ର ଦାସ, ଜିଲା ପରିଷଦ ସଦସ୍ୟ ରଞ୍ଜିତା ସାମଲ ଓ ଚତୁର୍ଭୁଜ ଦ୍ୱିବେଦୀ ସରପଞ୍ଚ ବିଜୟ ସାହାଣୀ, ଯୁବନେତା ସୁରଜ ସାମଲ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ସମାବେଶରେ ବିଜେଡି ଛାଡି ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ସାମଲ, ଗଗନ ମହାପାତ୍ର, ନିର୍ମଳ ଚନ୍ଦ୍ର ରାଉତ, ବିଷ୍ଣୁ ମଲିକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଶ୍ରୀକାନ୍ତ ମଲ୍ଲିକ ଭାଜପାରେ ଯୋଗଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ସେମାନଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଏ ସମ୍ପର୍କରେ ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର କୁହନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିୟମିତ ଭାବେ ମିଛ କହି ଚାଲିଛନ୍ତି। ଏଥିରେ ଯାଜପୁର ଜିଲାରେ କୌଣସି ପ୍ରଭାବ ପଡିବ ନାହିଁ। ମୁଖ୍ୟମନ୍ତ୍ରୀ ଗରିବ ଲୋକଙ୍କ ଉନ୍ନତି ପାଇଁ ତଥା ଜିଲାର ବିକାଶ ପାଇଁ ଅନେକ ଲୋକହିତକର ଯୋଜନା ପ୍ରଣୟନ କରିଛନ୍ତି । ଯାହାକି ସଫଳ ଭାବେ କାର୍ଯ୍ୟକାରୀ କରାଯାଉଛି। ତେଣୁ ଜିଲାର କୌଣସି ସ୍ଥାନରେ ପଦ୍ମ ଫୁଟିବାର ସମ୍ଭାବନା ନାହିଁ ।

## ଏପାଖ/ସେପାଖ

**► ସମାବେଶରେ ପୂର୍ବତନ ଜିଲା ସଭାପତି ଅନୁପସ୍ଥିତ**

ଧାରପୁର ହୋରି ପଡ଼ିଆରେ ଅନୁଷ୍ଠିତ ଭାଜପାର ପରିବର୍ତ୍ତନ ସମାବେଶରେ ଯାଜପୁରର ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ ପଛୁଆବର୍ଗ ମୋର୍ଚ୍ଚାର ଉପସଭାପତି ଆଶୁତୋଷ ପରିଡା ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପରିଡାଙ୍କ ଘର ବରୀ ବ୍ଲକରେ ହୋଇଥିଲାବେଳେ ପରିଡାଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ଚର୍ଚ୍ଚା ହୋଇଥିଲା।

**► କର୍ମୀଙ୍କ ବିଶୃଙ୍ଖଳାକୁ ତାଗିଦ୍ କଲେ ବିଶ୍ୱ**

ଏହି ପରିବର୍ତ୍ତନ ସମାବେଶରେ ମଞ୍ଚ ସମ୍ମୁଖରେ ପ୍ରେସ୍ ଗ୍ୟାଲେରୀ ରହିଥିଲା। ଗ୍ୟାଲେରୀରେ ଗଣମାଧ୍ୟମ ପ୍ରତିନିଧିମାନେ ବସିଥିଲେ। ଗ୍ୟାଲେରୀ ସମ୍ମୁଖରେ ଉପସ୍ଥିତ କର୍ମୀଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ବାଦ ସଂଗ୍ରହ ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମଞ୍ଚରେ ଉପସ୍ଥିତ ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକ କର୍ମୀଙ୍କୁ ନିରବ ରହିବା ପାଇଁ ତାଗିଦ୍ କରିଥିଲେ।

**► ଭାଜପାରେ ମିଶିଲେ ବିଜେଡି କର୍ମୀ**

ପରିବର୍ତ୍ତନ ସମାବେଶରେ ବୁଧବାର ୨୦ଜଣ ବିଜେଡି କର୍ମୀ ଭାଜପାରେ ଯୋଗଦାନ କରିଥିବା ଦେଖିବାକୁ ମିଳିଛି। ଏହି ସମାବେଶରେ ଯୋଗଦାନ କରିଥିବା ମୁଖ୍ୟଅତିଥି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦଳୀୟ ଟୋପି ପିନ୍ଧାଇ କର୍ମୀଙ୍କୁ ସ୍ୱାଗତ ଜଣାଇଥିଲେ। ପରିବର୍ତ୍ତନ ସ୍ରୋତରେ ସେମାନେ ଭାଜପାରେ ମିଶିଥିବା କୁହାଯାଇଛି।

■ ଯାଜପୁରରେ ଶହୀଦ ଦିବସ ପାଳିତ

## ‘ସମାଜ ପାଇଁ ବାପୁଜୀଙ୍କ ଅବଦାନ ଅତୁଳନୀୟ’

**ଯାଜପୁର ଅଫିସ,୩୦।୧**

ଜିଲା ପ୍ରଶାସନ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୁଧବାର ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଶହୀଦ ଦିବସ ପାଳିତ ହୋଇଯାଇଛି। ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀର ୧୫୦ବର୍ଷ ପୂର୍ତ୍ତି ଓ ମହାପ୍ରୟାଣ ଦିବସ ପାଳନ ଅବସରରେ ଆୟୋଜିତ ଏହି ଉତ୍ସବରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବ ସମାଜ ପାଇଁ ବାପୁଜୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହା ସହିତ ସତ୍ୟ, ଅହିଂସା, ସମାୟାନୁବର୍ତ୍ତିତା ଓ କାର୍ଯ୍ୟ ପ୍ରତି ତାଙ୍କ ଅନୁରକ୍ତି ସର୍ବଜନ ବିଦିତ। ଏହା ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରେରଣା ଦେଇ ଚାଲିଥିବ ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଜିଲା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ତଥା ଗାନ୍ଧୀ ମଣିଷ ଭାବେ ପରିଚିତ ନିଶିଥ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଯାଜପୁର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ୨ ମିନିଟ ନିରବତା ଅବଲମ୍ବନ କରିଥିଲେ । ଏହା ପୂର୍ବରୁ ଜିଲାସ୍କୁଲ ପଡିଆରୁ ଏକ ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାସ୍କୁଲ, ବାଳାଶ୍ରମ ଓ ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସାଧାରଣ ନାଗରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ୨୩ ବର୍ଷ ତଳର ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରୀଛାତ୍ର

**ଯାଜପୁର ଅଫିସ,୩୦।୧**

ଯାଜପୁର ଜିଲା ଖଣ୍ଡରା ରାମ ଲକ୍ଷ୍ମଣ ଉଚ୍ଚ ବିଦ୍ୟାପୀଠର ୧୯୯୬ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ରବିବାର ଖଣ୍ଡରା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଛାତ୍ରୀଛାତ୍ର ୨୩ ବର୍ଷର ସ୍ମୃତିକୁ ମନେପକାଇବା ସହିତ ରାଜ୍ୟ ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ପ୍ରଧାନଶିକ୍ଷକ ଦେବ ଦିବାକର ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଚନ୍ଦ୍ରମଣି ପଣ୍ଡା ମୁଖ୍ୟବକ୍ତା, ଶରତଚନ୍ଦ୍ର ରାଉତରାୟ, ଯଦୁମଣି ସାହୁ, ଗୋପାଳ ଚନ୍ଦ୍ର ସାହୁ, ଜଗନ୍ନାଥ ବେହେରା, ପ୍ରଫୁଲ୍ଲ ମହାପାତ୍ର, ନିତ୍ୟାନନ୍ଦ ମାଝି, ଭାଗୀରଥି ଦାସ, ଭକ୍ତହରି ସ୍ୱାଇଁ, ହରେକୃଷ୍ଣ ସ୍ୱାଇଁ ଓ ଦୀନବନ୍ଧୁ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମାଟ୍ରିକ ବ୍ୟାଚର ସଦସ୍ୟ ସୁଦାମ ଚରଣ ବିହାରା, ନାରାୟଣଚନ୍ଦ୍ର ସାହୁ, ଅଭିରାମ ବିହାରା, ଯଶୋବନ୍ତ ବିହାରା, ହରେକୃଷ୍ଣ ନାୟକ, ବିଶ୍ୱନାଥ ପଣ୍ଡା, ଉମାକାନ୍ତ ଜେନା, ଗୋପବନ୍ଧୁ ଜେନା ପ୍ରମୁଖ ସରଚାଳନା କରିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱାସ୍ଥ୍ୟମେଳା




ସ୍ୱାସ୍ଥ୍ୟମେଳାରେ ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**କଳିଙ୍ଗନଗର/ଢ଼ୁବୁରୀ, ୩୦।୧(ଡି.ଏନ୍.ଏ.)**

ବୁଧବାର କଳିଙ୍ଗନଗରର ଟାଟା ଷ୍ଟିଲ ପକ୍ଷରୁ ଢ଼ୁବୁରୀସ୍ଥିତ କପିଳେଶ୍ୱର ମହାବିଦ୍ୟାଳୟ ପରିସରରେ ବୁଧବାର ଦୁଇ ଦିନିଆ ସ୍ୱାସ୍ଥ୍ୟ ମେଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ସ୍ୱାସ୍ଥ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସହ ଦିବ୍ୟାଙ୍ଗ, ଛାତ୍ରୀଛାତ୍ର, ଅନାଥ ଶିଶୁ, ନବ ବିବାହିତ ଦମ୍ପତି, ଅଙ୍ଗନୱାଡ଼ି କର୍ମୀ ଓ ସ୍ଥାନୀୟ ବାସିନ୍ଦାଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟରେ ଟାଟା ଷ୍ଟିଲର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହକାରୀ ସଂସ୍ଥା ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା (ଟିଏସ୍‌ଆରଡିଏସ୍) ପକ୍ଷରୁ ମେଳାର ଆୟୋଜନ କରାଯାଇଛି। ଦୁଇଦିନ ଧରି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚ୍ଚେତନ କରିବା ଲକ୍ଷ୍ୟରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା, ପୁଷ୍ଟିକର ଖାଦ୍ୟ, ଦୌଡ଼, ଯୋଗ ଓ ଏହାର ଉପକାରିତା ସମ୍ପର୍କରେ ସୂଚନା, ରୋଗ ପରୀକ୍ଷା, ଶିଶୁ ଶୋ, ହାତଧୁଆ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଟାଟା ଷ୍ଟିଲର ସ୍ୱେଚ୍ଛାକୃତ ସେବା ଯୋଜନାର ଅଂଶ ଭାବେ ଏହି ନୂତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଟାଟା ଷ୍ଟିଲ କଳିଙ୍ଗନଗର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୧୮ ଜଣ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ତୁଳତୀ ପଞ୍ଚାୟତରେ ୱାର୍ଡ କମିଟି ବୈଠକ

**କୋରେଇ,୩୦।୧(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ତୁଳତୀ ପଞ୍ଚାୟତଠାରେ ବୁଧବାର ବିଜେଡିର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ବିଜୟ କୁମାର ରାଜ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ବିଜେଡି ଯୁବ ସମ୍ପାଦକ ପ୍ରୀତିରଞ୍ଜନ ସାହୁ, ବରିଷ୍ଠ ବିଜେଡି ନେତା, ସୁରେନ୍ଦ୍ର କୁମାର ମିଶ୍ର, ଜିଲା ସମ୍ପାଦକ ଅଥୟ କୁମାର ମହାନ୍ତି, ଯୁବ ନେତା ଚିତ୍ତରଞ୍ଜନ ନାୟକ, ଶିଶିର ସାହୁ, ଶରତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସାଙ୍ଗଠନିକ ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ନେଇ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନ ଓ ଜନହିତକାରୀ ଯୋଜନାରେ ଆକୃଷ୍ଟ ହୋଇ ତୁଳତୀ ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ନବୀନ ପଟ୍ଟନାୟକ ଜିନ୍ଦାବାଦ୍, ବିଜେଡି ଜିନ୍ଦାବାଦ୍ କହି ବିଜେଡିରେ ମିଶିଥିଲେ। ପରମାନନ୍ଦ ସାହୁ, ରବି ମଲ୍ଲିକ, ଚୁନି ଜେନା, କୁଳମଣି ଖଟୁଆ, ନିରଞ୍ଜନ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ଅଭିନ୍ନ ବିଶ୍ୱାଳ, ଅରୁଣ ସିଂହ, ମଣ୍ଟୁ ସିଂହ, ଅଭିନ୍ନ ଯେନାଙ୍କ ସମେତ ବହୁ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ସେଖ୍ ମୋନାବ୍ ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ।

■ ମା’ କାଳୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ସିଲିକନ୍ ଇଲେଭେନ୍ କ୍ରିକେଟ କ୍ଲବ ଚାମ୍ପିୟନ୍

**ବିରଜାକ୍ଷେତ୍ର,୩୦।୧(ଡି.ଏନ୍.ଏ.)**

ଯାଜପୁର ଥାନା ଦଶରଥପୁର ବ୍ଲକ ଅନ୍ତର୍ଗତ ଅକରପଡ଼ା ପଞ୍ଚାୟତ ଶ୍ରୀଧରପୁର ଗ୍ରାମର କଳାମାଟି ପଡ଼ିଆରେ ବିଜୟ କୁମାର ବିଶ୍ୱାଳଙ୍କ ପୃଷ୍ଠପୋଷକତାରେ ୩ ଦିନିଆ ମା’ କାଳୀ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସହଆୟୋଜକ ଆଫ୍ରିନ କମ୍ୟୁନିକେଶନ ଓ ସିଲିକନ ଇଲେଭେନ ଉଦ୍ୟମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ମହମ୍ମଦ ଫିରୋଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଶ୍ରୀଧରପୁର ସିଲିକନ ଇଲେଭେନ ଓ ଜଗନ୍ନାଥ ପ୍ରସାଦ କ୍ରିକେଟ୍ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶ୍ରୀଧରପୁର ସିଲିକନ ଇଲେଭେନ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ କାଳନ୍ଦୀ ଚରଣ ସାହୁଙ୍କ ସଭାପତିତ୍ୱରେ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସ୍ୱାଇଁ ମୁଖ୍ୟଅତିଥି ଓ ଅକରପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀଲ ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାରଭାବେ ବାସୁଦେବ ମହାଳିକ ଓ ମଣ୍ଟୁ ସେନାପତି ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଭାଷ୍ୟକାରଭାବେ କାଦିର ଖାନ୍ ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ୍ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

■ ତାମିଲନାଡୁରେ ଅର୍ଜୁନ ଦାଦନ ଖଟିବା ଘଟଣା

# ୨ଦିନ ପରେ ବି ମିଳିପାରିଲାନି ସହାୟତା

**ସୁକିନ୍ଦା, ୩୦।୧(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଦୁଧୁଯୋରୀ ପଞ୍ଚାୟତ ଅନ୍ତର୍ଗତ ବୋତଲଣ୍ଡା( ପୋବଳ)ଗ୍ରାମର ଆଦିବାସୀ ଯୁବକ ଅର୍ଜୁନ ସାମାନ ଏକ ବର୍ଷ ହେବ ତାମିଲନାଡୁରେ ଦାଦନ ଖଟୁଛନ୍ତି। ତାଙ୍କୁ ଫେରାଇ ଆଣିବା ସହ ଦୁଇ ନାବାଳିକା ଝିଅଙ୍କୁ ସହାୟତା ପାଇଁ ଡିଆର୍‌ଡିଏ ପ୍ରୋଜେକ୍ଟ ଡାଇରେକ୍ଟରିଙ୍କ ନିର୍ଦ୍ଦେଶକୁ ଦୁଇଦିନ ବିତିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ପରିବାର ସମେତ ଅର୍ଜୁନ ଏବେବି ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର କାଳିଆ ନାମକ ଠିକାଦାର ଅର୍ଜୁନଙ୍କୁ ଦୁଇ ହଜାର ଟଙ୍କାରେ ଦାଦନ ଖଟିବାକୁ ତାମିଲନାଡୁ ପଠାଇଥିଲେ। ସେଠାରେ ତାଙ୍କୁ ବହୁ ଅତ୍ୟାଚାର କରାଯାଉଥିବାବେଳେ କାମ ବାବଦକୁ ଅର୍ଥ ପ୍ରଦାନ କରାଯାଉ ନାହିଁ। ଫଳରେ ପରିବାରର ୬ ସଦସ୍ୟଙ୍କ ଭରଣପୋଷଣ କରିବା ଅସମ୍ଭବ ହୋଇପଡିଛି। ତେଣୁ ବାଧ୍ୟ ହୋଇ ଦୁଇ ନାବାଳିକା ଝିଅଙ୍କ ମଧ୍ୟରୁ ଜଣେ ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗାରେ ଛେଳି ଚରାଇବା କାମ କରୁଥିବାବେଳେ ଅନ୍ୟଜଣେ ସୁକିନ୍ଦା ବ୍ଲକର ମୁଣ୍ଡା କୂଳରେ ଆୟା କାମ କରୁଥିବା ସ୍ତ୍ରୀ ସରସ୍ୱତୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇଥିଲେ। ଏଥିସହ ଶ୍ରମ ଅଧିକାରୀ ଶିବ ଶଙ୍କର ମିଶ୍ରଙ୍କୁ ଭେଟି ମଧ୍ୟ ଅଭିଯୋଗ କରଥିଲେ। ହେଲେ ମଙ୍ଗଳବାର ଏକ ଟିମ୍‌କୁ ଘଟଣାର ତଦନ୍ତ କରିବାକୁ ମିଶ୍ରଙ୍କ ନିର୍ଦ୍ଦେଶକୁ ଇତି ମଧ୍ୟରେ ଦୁଇ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ଅପରପକ୍ଷେ ଶୁଣାଣିରେ ଦରଖାସ୍ତ ସଂଖ୍ୟା ୪୪୪/୧୯ରେ ପିଡି (ପ୍ରୋଜେକ୍ଟ ଡାଇରେକ୍ଟର) ବ୍ରଜଗୋପାଳ ଆଚାର୍ଯ୍ୟ ଏବଂ ସୁକିନ୍ଦା ବିଡ଼ିଓ ମଣି ପ୍ରସାଦ ମିଶ୍ର ସରସ୍ୱତୀଙ୍କ ୨ ନାବାଳିକା ଝିଅଙ୍କୁ ତୁରନ୍ତ ଜିଲା ପ୍ରଶାସନ ପକ୍ଷରୁ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବା ପାଇଁ ସମାଜ ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଶୁଣାଣିରେ ଦାଦାନ ଶ୍ରମିକଙ୍କ ପରିବାରକୁ ମିଳୁଥିବା ଅର୍ଥରାଶି ତୁରନ୍ତ ପ୍ରଦାନ କରିବାକୁ ଡିସିପିଓ( ଡିଷ୍ଟ୍ରିକ୍ଟ ଚାଇଲ୍ଡ ପ୍ରୋଟେକ୍‌ଶନ ଅଫିସର) ନିରଞ୍ଜନ କରଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଶ୍ରମ ଅଧିକାରୀଙ୍କୁ ତାମିଲନାଡୁରେ ଦାଦନ ଖଟୁଥିବା ଅର୍ଜୁନଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ। ଏ ସମ୍ପର୍କରେ ଶ୍ରମଧିକାରୀ ଶିବଶଙ୍କର ମିଶ୍ରଙ୍କୁ ପଚାରିବାରୁ ଏ ବାବଦରେ ଅଭିଯୋଗକାରୀଙ୍କ ଦରଖାସ୍ତ କାର୍ଯ୍ୟାଳୟର ଜଣେ ଅଧୀକାରୀଙ୍କ ନିକଟରେ ରହିଛି। ହେଲେ ଉକ୍ତ ଅଧିକାରୀଙ୍କ ସ୍ତ୍ରୀଙ୍କ ଦେହ ଖରାପ ହେବାରୁ ସେ ଏବେ ଛୁଟିରେ ଅଛନ୍ତି। ସେ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି। ସମାଜ ମଙ୍ଗଳ ଅଧିକାରୀଙ୍କୁ ପଚାରିବାରୁ ନିର୍ବାଚନ ସମ୍ପର୍କିତ କାମରେ ବ୍ୟସ୍ତ ରହୁଥିବାରୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରି ନାହାନ୍ତି । ତେବେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ଡିଷ୍ଟ୍ରିକ୍ଟ ଚାଇଲ୍ଡ ପ୍ରୋଟେକ୍‌ଶନ ଅଧିକାରୀଙ୍କ ମତାମତ ହସ୍ତାନ୍ତର ହୋଇପାରି ନାହିଁ।




ଅର୍ଜୁନଙ୍କ ପରିବାର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩୧ ଜାନୁୟାରୀ, ୨୦୧୯



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଅପହୃତା କଲେଜ ଛାତ୍ରୀ ଉଦ୍ଧାର

**ବୋଲଗଡ଼,୩୦।୧(ଡି.ଏନ.ଏ.):** ବୋଲଗଡ ଥାନା ଅଞ୍ଚଳରୁ ମଙ୍ଗଳବାର ଅପହୃତା ଜଣେ ଛାତ୍ରୀଙ୍କୁ ପିପିଲିରୁ ପୋଲିସ ଉଦ୍ଧାର କରିଛି। ପରୀକ୍ଷା ଦେଇ ସ୍କୁଟିରେ କଲେଜରୁ ଘରକୁ ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ମଙ୍ଗଳବାର ଅପରାହ୍ନରେ କାର୍ ଯୋଗେ ତାଙ୍କୁ ଅପହରଣ କରିନେଇଥିଲେ। ଛାତ୍ରୀଙ୍କ ପିତା ବୋଲଗଡ଼ ଥାନାରେ ଏ ନେଇ ଅଭିଯୋଗ କଲାପରେ ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଅନୁସନ୍ଧାନ କରି ପୁରୀ ଜିଲାର ଜନୈକ ବ୍ୟକ୍ତିଙ୍କ ଘରୁ ଛାତ୍ରୀଙ୍କୁ ଉଦ୍ଧାର କରିଛି। ପରେ ଛାତ୍ରୀଙ୍କ ଡାକ୍ତରୀମାଇନା କରାଯିବା ସହିତ କୋର୍ଟରେ ବୟାନ ରେକର୍ଡ ପରେ ତାଙ୍କ ପିତାଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି ।

### ବିଦ୍ୟାଳୟରୁ ତାଲା ଖୋଲିଲା

**ଦଶପଲ୍ଲା,୩୦।୧(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ପ୍ରତିବାଦରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ । ତେବେ ବୁଧବାର ଶିକ୍ଷା ବିଭାଗ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ସ୍କୁଲ ଗେଟ୍‌ରୁ ତାଲା ଖୋଲାଯାଇଥିଲା। ବିଦ୍ୟାଳୟରେ ତାଲା ପଡିବା ପରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବୁଧବାର ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ବେହେରା ଏବଂ ଅତିରିକ୍ତ ଶିକ୍ଷା ଅଧିକାରୀ ବଟକୃଷ୍ଣ ପଣ୍ଡା ପ୍ରମୁଖ ଉକ୍ତ ବିଦ୍ୟାଳୟରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଦାବିଗୁଡିକ ଶୀଘ୍ର ପୂରଣ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଲୋକେ ବିଦ୍ୟାଳୟ ଗେଟ୍‌ରୁ ତାଲା ଖୋଲିଥିଲେ। ଗୁରୁବାରଠାରୁ ବିଦ୍ୟାଳୟ ସୁରୁଖୁରୁରେ ଚାଲିବ ବୋଲି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

### ନୂଆଗାଁ ମହାବିଦ୍ୟାଳୟରେ ଶହୀଦ୍ ଦିବସ ପାଳିତ




**ନୂଆଗାଁ,୩୦।୧(ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ମହାବିଦ୍ୟାଳୟ ପରିସର ମଧ୍ୟରେ ଏନ୍‌ଏସ୍‌ଏସ୍ ତରଫରୁ ବୁଧବାର ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦେଶର ସୁରକ୍ଷା ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ଶହୀଦମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଦେଶର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଆଗଭର ହେବା ପାଇଁ ନୂଆଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ । ନୂଆଗାଁ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଦିଲୀପ କୁମାର ସାହୁ , ଇଂଲିଶ ଅଧ୍ୟାପକ ମହେଶ୍ୱର ପ୍ରଧାନ ଶହୀଦମାନଙ୍କ ବୀରତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଦୀପ କୁମାର ଖଣ୍ଡୁଆଳ ସହଯୋଗ କରିଥିଲେ ।

### ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ



**ଭାପୁର,୩୦।୧(ଡି.ଏନ୍.ଏ.):** ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର ବାଘୁଆପଲ୍ଲୀ ବଜାରଠାରୁ ବଳଦିଆ ନୂଆଗାଁ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ ଉନ୍ନୟନ ବିଭାଗ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ପାଇଁ ୧୫ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ବୁଧବାର ଶିଳାନ୍ୟାସ ହୋଇଛି। ଏଥିରେ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ, ବାଇଗୁଣିଆ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର କୁମାର ପ୍ରଧାନ, ବସନ୍ତ କୁମାର ପଟ୍ଟନାୟକ, ବିଭାଗୀୟ ଏସ୍‌ଡିଓ ସନ୍ଦୀପ କୁମାର ଛୁଆଳସିଂହ ଓ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବରାଳ ଯୋଗଦେଇଥିଲେ।

## ■ ଦଇତାପତି ନିଯୋଗ

# ବିଭିନ୍ନ ପଦବୀ ଲାଗି ନିର୍ବାଚନ ଆଜି

■ସଭାପତି, କୋଷାଧ୍ୟକ୍ଷ ପଦବୀରେ ଜଣେ ପ୍ରାର୍ଥୀ
■କାର୍ଯ୍ୟକାରୀ କମିଟିରୁ ସୂର୍ଯ୍ୟନାରାୟଣଙ୍କ ଇସ୍ତଫା

**ପୁରୀ ଅଫିସ,୩୦।୧**

ଦଇତାପତି ନିଯୋଗରେ ଘଡ଼ିକେ ଘୋଡ଼ା ଛୁଟୁଛି। ପ୍ରଥମରୁ ନିଯୋଗରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରୁ ନିର୍ବାଚନକୁ ନେଇ ଟଣାଓଟରା ଚାଲିଥିଲା। ଶେଷରେ ଉଭୟ ପକ୍ଷ ସହମତିରେ ଗତ ୨୮ ତାରିଖରେ ନିର୍ବାଚନ ହୋଇଥିଲା। ନିର୍ବାଚନରେ ଦୁଇପକ୍ଷର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୧୫ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିଭିନ୍ନ ପଦପଦବୀରେ କିଏ ରହିବ ତାହା ବିଧିବଦ୍ଧ ଭାବେ ଚୂଡ଼ାନ୍ତ ହୋଇନାହିଁ। ଗୁରୁବାର ଏହି ୧୫ ଜଣିଆ କମିଟି ସଦସ୍ୟଙ୍କ ମଧ୍ୟରେ ନିର୍ବାଚନ ହୋଇ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଆଦି ନିର୍ବାଚିତ ହେବେ। ତେବେ ସଭାପତି ଏବଂ କୋଷାଧ୍ୟକ୍ଷ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ଆଗ୍ରହୀ ଅଛନ୍ତି। ତେଣୁ ସେମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ମନୋନୀତ ହେବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ଅପରପକ୍ଷରେ ନିଯୋଗ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବୁଧବାର ନବନିର୍ବାଚିତ କାର୍ଯ୍ୟକାରୀ କମିଟିରୁ ଇସ୍ତଫା ଦେଇଛନ୍ତି ସୂର୍ଯ୍ୟନାରାୟଣ ସ୍ୱାଇଁ ମହାପାତ୍ର। ସେ ତାଙ୍କ ଇସ୍ତଫାପତ୍ର ନିଯୋଗ ନିର୍ବାଚନ ଅଧିକାରୀ ଆଇନଜୀବୀ ଅନ୍ନଦା ଶଙ୍କର ଜେନାଙ୍କ ପାଖକୁ ପଠାଇଛନ୍ତି।

ସୂର୍ଯ୍ୟନାରାୟଣ ତାଙ୍କ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି ଯେ, ଦଇତାପତି ନିଯୋଗ ନିର୍ବାଚନରେ ସମସ୍ତ ଭାଗାରୀଙ୍କ ସଦିଚ୍ଛା, ସମର୍ଥନ ଭଲପାଇବା ଏବଂ ବିପୁଳ ପରିମାଣରେ ଭୋଟ ଦେଇ ତାଙ୍କୁ ଜିତାଇଥିବାରୁ ସେ ସମସ୍ତଙ୍କ ପାଖରେ ଚିର କୃତଜ୍ଞ। ହେଲେ ବ୍ୟକ୍ତିଗତ କାରଣ ଯୋଗୁ ସେ ୧୫ ଜଣିଆ କାର୍ଯ୍ୟକାରୀ କମିଟିରେ ନ ରହୁଥିବାରୁ ଇସ୍ତଫାପତ୍ର ଦେଇଛନ୍ତି। ତେବେ ତାଙ୍କ ଇସ୍ତଫାପତ୍ର ଗ୍ରହଣ ହୋଇଛି କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ।

ସୂଚନାଥାଉ କି, ଗତ ୨୮ ତାରିଖରେ ଦଇତାପତି ନିଯୋଗ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୧୫ଜଣ କାର୍ଯ୍ୟକାରିଣୀ କମିଟିକୁ ନିର୍ବାଚିତ ହୋଇଛନ୍ତି।

# ବିଶ୍ୱନାଥ ରଥ ଭାରତ ନାରିକେଳ ବିକାଶ ବୋର୍ଡ ଉପାଧ୍ୟକ୍ଷ



ଭାରତ ନାରିକେଳ ବିକାଶ ବୋର୍ଡ ଉପାଧ୍ୟକ୍ଷଙ୍କ ସହ ଦୁଇ ଅତିଥି।

**ପୁରୀ ଅଫିସ,୩୦।୧**

ବିଶିଷ୍ଟ ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଡ. ବିଶ୍ୱନାଥ ରଥ ଭାରତ ସରକାରଙ୍କ ନାରିକେଳ ବିକାଶ ବୋର୍ଡର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବୁଧବାର ଚେନ୍ନାଇରେ ବୋର୍ଡର କାର୍ଯ୍ୟକାରିଣୀ ବୈଠକରେ ଏହି ଫଳାଫଳ ଘୋଷଣା କରାଯାଇଛି। ୨୦୧୫ ମସିହାରୁ ଡ. ରଥ ନାରିକେଳ ବୋର୍ଡର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିଲେ। ପ୍ରଥମ ଓଡ଼ିଆ ଭାବେ ଏହି ସଫଳତା ପାଇଥିବା ଡ. ରଥ କହିଛନ୍ତି, ଓଡ଼ିଶା ତଥା ଭାରତରେ ନଡ଼ିଆ ଚାଷ ଓ ଚାଷୀମାନଙ୍କର ଉନ୍ନତି ପାଇଁ ସେ ଆଗକୁ ଅଧିକ ପ୍ରୟାସ କରିବେ। ଏହି ସଫଳତା ପାଇଁ ସେ ସମସ୍ତ ନଡ଼ିଆ ଚାଷୀ, କେନ୍ଦ୍ର କୃଷିମନ୍ତ୍ରୀ ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୮ଦଫା ଦାବି ନେଇ ଡାକ୍ତରଙ୍କ ଧାରଣା

**ପୁରୀ ଅଫିସ,୩୦।୧**



ଧାରଣାରତ ଡାକ୍ତରମାନେ।

୮ଦଫା ଦାବି ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ, ପୁରୀ ଜିଲା ଶାଖା ପକ୍ଷରୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାରଣା ଦିଆଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି, ଠିକା ଓ ଅସ୍ଥାୟୀ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି, ୨୦୧୮ ଓଏମ ଓ ଏଚଏସ କ୍ୟାଡର ରୁଲ ପ୍ରତ୍ୟାହାର, ଅବସର ବୟସ ସୀମା ୬୨ବର୍ଷକୁ ବୃଦ୍ଧିକୁ ବିରୋଧ, କାର୍ଯ୍ୟ ସମୟ ନିର୍ଘଣ୍ଟ, ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଛୁଟି ମଞ୍ଜୁର, ବଦଳି ନୀତି ପ୍ରଚଳନ ପ୍ରଭୃତି ରହିଛି। ଓମ୍‌ସାର ରାଜ୍ୟ ସମ୍ପାଦକ ଡା. ପବିତ୍ର ମୋହନ ମଲ୍ଲିକଙ୍କ ନେତୃତ୍ୱରେ ଏଡିଏମଓ (ମେଡିକାଲ) ଡା. ବ୍ରଜବନ୍ଧୁ ଦାଶ, ଏଡିଏମଓ (ପରିବାର କଲ୍ୟାଣ) ପର୍ଶୁରାମ ଚମ୍ପତିରାୟ, ଡା. ଅମିତ ପଣ୍ଡା, ଡା. ରବୀନ୍ଦ୍ର କୁମାର ଘଡାଇ, ଡା. ଆଶିଷ ମହାପାତ୍ରଙ୍କ ସମେତ ଶତାଧିକ ଡାକ୍ତର ମୁଖ୍ୟଚିକିତ୍ସାଳୟ ପରିସରରେ ପର୍ଯ୍ୟାୟକ୍ରମେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏହି ଅବସରରେ ଓମ୍‌ସାର ରାଜ୍ୟ ସମ୍ପାଦକ ମଲ୍ଲିକ କହିଲେ, ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଆସନ୍ତା ଫେବୃୟାରୀ ୧ ଓ ୨ରେ ସମସ୍ତ ଡାକ୍ତର ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା: ୨ ଲକ୍ଷ ଟଙ୍କାର ସହାୟତା

**ଖଣ୍ଡପଡ଼ା,୩୦।୧(ସ୍ୱ.ପ୍ର.)**

ଟ୍ରାକ୍ଟର ଧକ୍କାରେ ମୃତ୍ୟୁ ଘଟିଥିବା ଜଣେ ବୃଦ୍ଧଙ୍କ ପରିବାରକୁ ବୁଧବାର ୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ମୃତକ ହେଉଛନ୍ତି ପାଇକ ଢୋଲମରା ଗ୍ରାମର ଗୋପବନ୍ଧୁ ମହାନ୍ତି(୬୭)। ପ୍ରକାଶ ଯେ, ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ପଞ୍ଚାୟତର ଶରଧାପୁର ଗ୍ରାମ ନିକଟସ୍ଥ କୁଆରିଆଁ ନଦୀ ଉପରେ ବିଜୁ ସେତୁ ଯୋଜନା ଅନ୍ତର୍ଗତ ସେତୁ କାର୍ଯ୍ୟରେ ଗୋପବନ୍ଧୁ ନିୟୋଜିତ ଥିଲେ। ତେବେ ମଙ୍ଗଳବାର ଏକ ଟ୍ରାକ୍ଟର ଧକ୍କାରେ ତାଙ୍କର ଅକାଳ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଠିକା ସଂସ୍ଥା ଓ ଗ୍ରାମବାସୀଙ୍କ ମଧ୍ୟରେ ନିଷ୍ପତ୍ତି କ୍ରମେ ଠିକାଦାର ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ବାବଦରେ ୨ ଲକ୍ଷ ଟଙ୍କା ଦେଇଥିବା ଗ୍ରାମବାସୀଙ୍କଠାରୁ ପ୍ରକାଶ।

# ସାଇ ସାହାରା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୟାଗଡ଼ ଅଫିସ,୩୦।୧**

ନୟାଗଡ଼ ସହରରେ ଥିବା ସାଇ ସାହାରା ଆବାସିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ସସ୍ମିତା ପ୍ରଧାନଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଲେଙ୍କୁଡ଼ିପଡ଼ା ସରପଞ୍ଚ କୈଳାସ ଚନ୍ଦ୍ର ନାୟକ, ଶରତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ଦୁହିତା ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ଅଶୋକ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

# ଆମ୍ବପଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆଗାଁ, ୩୦।୧ (ଡି.ଏନ.ଏ.)**



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ନୟାଗଡ ଜିଲା ନୂଆଗାଁ ବ୍ଲକ ସିଙ୍ଗାରପଲୀ ପଞ୍ଚାୟତ ଆମ୍ବପଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି, ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍କୁଲର କୁନି କୁନି କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏହି ଉତ୍ସବରେ ଦଶପଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ, ସିଙ୍ଗାରପଲୀ ସରପଞ୍ଚ ସୁରଥ ପ୍ରଧାନ,ପ୍ରଦୀପ କୁମାର ସାହୁ , ରାଜ କିଶୋର ସାହୁ ,ସି, ଆର ସି ସି ବୃନ୍ଦାବନ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପୌରାଣିକ ଗୀତିନାଟ୍ୟ ଶ୍ରୀ ଗଣେଶ ମଞ୍ଚସ୍ଥ ହୋଇଥିଲା।

### ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୩୦।୧(ସ୍ୱ.ପ୍ର.)**

କଣ୍ଟିଲୋ ଫାଣ୍ଡି ପରିସରସ୍ଥ ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ୮ମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଉପଲକ୍ଷେ ମଙ୍ଗଳବାର ଅଧିବାସ ଓ ବୁଧବାର ହୋମଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଦୀ ଭାଗବତ କାର୍ଯ୍ୟକ୍ରମ ନୀଳମାଧବ ସଂକୀର୍ତ୍ତନ ମଣ୍ଡଳୀ ଓ ମା’ବରୁଣେଇ ମାତୃମଣ୍ଡଳୀ, ଫକୀର ଅତବୁଦ୍ଧିପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପୂଜାକର୍ମରେ ଫାଣ୍ଡି ଅଧିକାରୀ ରଘୁନାଥ ଷଡ଼ଙ୍ଗୀ ପୁରୋଧା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ସହକାରୀ ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ସାହୁ, ପୂର୍ବତନ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ଏବଂ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫ ଶିକ୍ଷକ ସମ୍ବର୍ଦ୍ଧିତ

**ଦଶପଲ୍ଲା, ୩୦।୧(ଡି.ଏନ.ଏ.):** ଦଶପଲ୍ଲା କୁଆଁରିଆ ଡ୍ୟାମଠାରେ ଗଣିଆ ହାଇସ୍କୁଲର ୧୯୮୪ ମସିହା ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ୫ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଶିକ୍ଷକମାନେ ହେଲେ ଶୁକଦେବ ମହାପାତ୍ର, ଅନ୍ତର୍ଯ୍ୟାମୀ ସାହୁ, ନରସିଂହ ବସ୍ତି, ନରସିଂହ ସାହୁ ଏବଂ ବିଜୟଲକ୍ଷ୍ମୀ ପଟ୍ଟନାୟକ। ପୁରାତନ ଛାତ୍ରୀଛାତ୍ରମାନେ ସ୍କୁଲ ଜୀବନର ସ୍ମୃତି ରୋମନ୍ଥନ କରିଥିଲେ। ଅକ୍ରୁର ପରିଡା, ସରୋଜ ସାହୁ, ଆନନ୍ଦ ବେହେରା, ମନୋଜ ମିଶ୍ରଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ସମ୍ବର୍ଦ୍ଧିତ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

# ସିଧାମୂଳାରେ ବିଜେଡି କର୍ମୀ ସମ୍ମିଳନୀ

**ଖଣ୍ଡପଡ଼ା,୩୦।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳାସ୍ଥିତ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଆବାହକତ୍ୱରେ ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଓ ଭାପୁର ବ୍ଲକର ୪୨ଟି ପଞ୍ଚାୟତ ସମେତ ନିକଟସ୍ଥ ବହୁ ନେତା ଓ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଚଳିତ ନିର୍ବାଚନରେ ବିଜେଡି ବିଜୟ ଲାଭ କଲେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ନିମନ୍ତେ ଆଗାମୀ ଦିନରେ ମଧ୍ୟ ଉଦ୍ୟମ ଜାରି ରହିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆର ସିଂ, ବରିଷ୍ଠ ସଂଗଠକ ସନ୍ତୋଷ କୁମାର ତ୍ରିପାଠୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସରପଞ୍ଚ ବୈକୁଣ୍ଠନାଥ ଗୋଛାୀ, ପୂର୍ବତନ ସରପଞ୍ଚ ସୁକାନ୍ତି ମହାରଣା, ପରମାନନ୍ଦ ସ୍ୱାଇଁ, ସମିତିସଭ୍ୟ ସଦାନନ୍ଦ ପ୍ରଧାନ, ସରପଞ୍ଚ ପ୍ରଦୀପ କର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଶ୍ରୀ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ରଜତ ଜୟନ୍ତୀ

**ବୋଲଗଡ଼,୩୦।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଦେଉଳିସ୍ଥିତ ଶ୍ରୀ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ ମହାବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରତିଷ୍ଠାତା ଭାଗୀରଥି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରଫେସର ହରିହର ହୋତା ମୁଖ୍ୟଅତିଥି ଓ ପରୀକ୍ଷା ନିୟନ୍ତ୍ରକ ମଧୁସୂଦନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡ଼ଙ୍ଗୀ, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଦୈତାରୀ ଦାଶ ସ୍ୱାଗତ ଅଭିଭାଷଣ ଓ ଅଧ୍ୟାପକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସ୍ମରଣିକା ‘ବ୍ରଜବନ’ ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଅସହାୟ ମହିଳା

**ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି**

**ଖଣ୍ଡପଡ଼ା,୩୦।୧(ସ୍ୱ.ପ୍ର.)**



ରାଶନକାର୍ଡରୁ ବଞ୍ଚିତ ଦୁଇ ମହିଳା।

ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଜନସାଧାରଣଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ପ୍ରଶାସନିକ ସ୍ଥାଣୁତା ଓ ଲୋକ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବରୁ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନା ଏବେ ବି ଅପହଞ୍ଚ ହୋଇପଡ଼ିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତସ୍ଥ ପଥରଗଣ୍ଡ ଗ୍ରାମର ଅସହାୟ ମହିଳା ଜହ୍ନ ସ୍ୱାଇଁ ହେଉଛନ୍ତି ଏହାର ଏକ ଜ୍ୱଳନ୍ତ ଉଦାହରଣ । ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇ ଦୁଃଖକଷ୍ଟରେ ଦିନ ବିତାଉଥିଲେ ମଧ୍ୟ ତାଙ୍କ ଗୁହାରୀ ଶୁଣିବାକୁ କେହି ନ ଥିବା ସେ ଅଭିଯୋଗ କରିଛନ୍ତି। ଏବେ ବି ତାଙ୍କ ପାଖରେ ରାଶନକାର୍ଡ ଖଣ୍ଡିଏ ନ ଥିବା ଘଟଣା ପ୍ରଶାସନିକ ସ୍ଥାଣୁତା ପ୍ରତି ନିର୍ଦ୍ଦେଶ କରୁଛି। ଉଲ୍ଲେଖଯୋଗ୍ୟ, ପ୍ରକୃତ ହିତାଧିକାରୀମାନେ ଜାତୀୟ ଖାଦ୍ୟସୁରକ୍ଷା ଯୋଜନାରୁ ବାଦ୍ ପଡିବା ପରେ ରାଜ୍ୟ ସରକାର ଲାଗୁ କରିଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ନିମନ୍ତେ ଅନେକ ଗରିବ ମହିଳା ଆଶା ରଖିଥିଲେ। ଜହ୍ନ ମଧ୍ୟ ଏହି ଆଶା ରଖି ଆବେଦନପତ୍ର ଗଡିଆସାହି ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଥିଲେ । ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷ ଏଭଳି ଆବେଦନପତ୍ରଗୁଡିକ ଗ୍ରହଣ କରିଥିଲେ ମଧ୍ୟ ହିତାଧିକାରୀ ତାଲିକାରେ ସେମାନଙ୍କ ନାମ ସ୍ଥାନ ପାଇ ନ ଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଯୋଜନାର ସଫଳ ରୂପାୟନ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ଯୋଗ୍ୟ ହିତାଧିକାରୀ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରି ନ ଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗଡିଆସାହି ସରପଞ୍ଚ ବିପିନ କୁମାର ସାମଲ କହିଥିଲେ ଯେ, ୬୦ଟି ପରିବାରର ୨୧୦ ଜଣଙ୍କ ଖାଦ୍ୟ ସୁରକ୍ଷା କାର୍ଡ ପାଇଁ ଲକ୍ଷ୍ୟ ରହିଥିବା ବେଳେ ଏଥିପାଇଁ ୧୫୦ ପରିବାରରୁ ପ୍ରାୟ ୪ଶହ ଜଣ ଆବେଦନ କରିଥିବାରୁ ଅବଶିଷ୍ଟ ହିତାଧିକାରୀମାନେ ବାଦ୍ ପଡ଼ିଛନ୍ତି । ତେବେ ଅନେକ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ଅଟନ୍ତି । ରାଜ୍ୟ ସରକାର ଅଧିକ ବ୍ୟବସ୍ଥା କଲେ ସମ୍ପୃକ୍ତ ହିତାଧିକାରୀମାନେ ଉପକୃତ ହୋଇ ପାରନ୍ତେ ବୋଲି ସେ ସୂଚନା ଦେଇଥିଲେ । ତେଣୁ ଗଡିଆସାହି ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନ ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।